# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୭/୨୦୨୫ (୧୮ ପୃଷ୍ଠା) | Bhubaneswar, Wednesday, December 17/2025 | Page 18 | ₹ 7.00

୫୨ଶ ଭାଗ ୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 24 | ମୂଲ୍ୟ ₹୭/-




**୧୦୦ କୋଟି ଦାବିକଲେ ସେଲିନା**

ସ୍ୱାମୀ ପିଟର ହଗ୍‌ଙ୍କଠାରୁ ଛାଡ଼ପତ୍ର ନେବାକୁ ଯାଉଥିବା ଅଭିନେତ୍ରୀ ସେଲିନା ଜେଟଲି କ୍ଷତିପୂରଣ ଭାବରେ ୧୦୦ କୋଟି ଏବଂ ମାସିକ ଭରଣପୋଷଣ ପାଇଁ ୧୦ ଲକ୍ଷ ଦାବି କରିଛନ୍ତି।

୦୨

୧୮

**ଅଭିଜ୍ଞ କୁଣ୍ଡୁଙ୍କ ଦ୍ୱିଶତକ**

ମାଲେସିଆ ବିପକ୍ଷ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ମ୍ୟାଚରେ ଅପରାଜିତ ଦ୍ୱିଶତକ ହାସଲ କରିଛନ୍ତି ଭାରତର ଅଭିଜ୍ଞ କୁଣ୍ଡୁ।



# ୧ ଡଲାର=୯୧.୧୪ ଟଙ୍କା

ମୁମ୍ବାଇ,୧୬।୧୨



ଭାରତୀୟ ଟଙ୍କା ପୁଣି ଏହାର ସର୍ବକାଳୀନ ରେକର୍ଡ ଭାଙ୍ଗି ନୂଆ ସ୍ତରକୁ ଖସିଛି। ମଙ୍ଗଳବାର ଟ୍ରେଡିଂ ସେସନ୍‌ରେ ଡଲାର ତୁଳନାରେ ୨୩ ପଇସା ଦୁର୍ବଳ ହୋଇ ଏହାର ବିନିମୟ ମୂଲ୍ୟ ୯୧.୦୧ ପଇସାରେ ସ୍ଥିର ରହିଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଲଗାତର ଭାବେ ଭାରତୀୟ ପୁଞ୍ଜି ବଜାରରୁ ମୁହଁ ମୋଡ଼ିବା, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିରେ ବିଳମ୍ବ ଓ ଡଲାର କ୍ରମଶଃ ସବଳ ହେବା ଯୋଗୁ ଟଙ୍କାର ଏଭଳି ଅଧୋପତନ ଦେଖିବାକୁ ମିଳୁଛି ବୋଲି ଟ୍ରେଡ୍ ଏକ୍ସପର୍ଟମାନେ ମତ ଦେଇଛନ୍ତି।

କାରବାର ଆରମ୍ଭରେ ଟଙ୍କା ୩୬ ପଇସା ଦୁର୍ବଳ ହୋଇ ୯୧.୧୪ ସ୍ତରକୁ ଖସିଥିଲା, ଯାହାକି ଅଦ୍ୟାବଧି ସର୍ବକାଳୀନ ନିମ୍ନସ୍ତର। ପରେ ଏଥିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ମାତ୍ର ୫ ସେସନ୍‌ରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୧% ହ୍ରାସ ପାଇଥିବାବେଳେ ଆଗକୁ ଆହୁରି ଦୁର୍ବଳ ହୋଇପାରେ ବୋଲି କୁହାଯାଉଛି।

# ପ୍ରଦୂଷଣରୁ ସିରିଜ୍ ଦୁର୍ଘଟଣା: ୨୫ ମୃତ

**ଦେଶରେ ଦିନକୁ ଦିନ ବାୟୁ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି। ବିଶେଷକରି ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ(ଏନ୍‌ସିଆର୍)ରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଅତି ଚିନ୍ତାଜନକ ସ୍ତରକୁ ଖସିଆସିଛି। ଏହାର ପ୍ରଭାବ କେବଳ ସ୍ୱାସ୍ଥ୍ୟ ଉପରେ ପଡୁଛି ତାହା ନୁହେଁ, ଏଥିଯୋଗୁ ଧୂଆଁ ଓ ଧୂଳିର ବହଳ ଆସ୍ତରଣ ବାୟୁମଣ୍ଡଳକୁ ବିଷାକ୍ତ କରିଦେଇଛି। ଫଳରେ ସ୍ୱଳ୍ପ ଦୃଶ୍ୟମାନତା ଯୋଗୁ ୧୦୦ ମିଟର ଦୂରକୁ ମଧ୍ୟ ଦେଖିହେଉନାହିଁ। ଦିଲ୍ଲୀ ଆଖପାଖ ଅଞ୍ଚଳ ଓ ଉତ୍ତରପ୍ରଦେଶରେ ମଙ୍ଗଳବାର ଅନେକ ସ୍ଥାନରେ ସିରିଜ ଦୁର୍ଘଟଣା ଘଟି ୨୫ ଜଣଙ୍କ ଜୀବନ ଯାଇଛି। ଏହି ଦୁର୍ଘଟଣାଗୁଡ଼ିକରେ ୫୯ ଆହତ ହୋଇଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ସମ୍ପ୍ରତି ବାୟୁ ପ୍ରଦୂଷଣଜନିତ ଦୁର୍ଘଟଣା ମୃତ୍ୟୁ ରୋକିବା ଏକ ବଡ଼ ଆହ୍ୱାନ ରୂପେ ଉଭା ହୋଇଛି।**

ନୂଆଦିଲ୍ଲୀ/ମଥୁରା/ଲକ୍ଷ୍ନୌ,୧୬।୧୨(ପି.ଟି.)

ଘନ କୁହୁଡ଼ି ସାଙ୍ଗକୁ ବାୟୁ ପ୍ରଦୂଷଣଜନିତ ଧୂଳି ଓ ଧୂଆଁର ଆସ୍ତରଣ ମଙ୍ଗଳବାର ଭୋର ସମୟରେ ଉତ୍ତର ଭାରତର ଆକାଶକୁ ଆଚ୍ଛାଦିତ କରି ରଖିଥିବାବେଳେ ଯମୁନା ଏକ୍ସପ୍ରେସ୍‌ୱେରେ ସିରିଜ୍ ଦୁର୍ଘଟଣା ଘଟି ୧୩ ଜଣ ଜଳିଯାଇ ପ୍ରାଣ ହରାଇବା ସହ ଅନ୍ୟ ୪୩ ଜଣ ଆହତ ହୋଇଛନ୍ତି। ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନତା କମିଯିବାରୁ ଅଧିକ ଦୂରତା ପର୍ଯ୍ୟନ୍ତ ଦେଖାଯାଉ ନ ଥିଲା। ଫଳରେ ଏକ୍ସପ୍ରେସ୍‌ୱେର ଆଗ୍ରା-ନଏଡ଼ା ରାସ୍ତାରେ ଭୋର ୪ଟା ୩୦ ମିନିଟ୍ ସମୟରେ ୮ଟି ବସ୍ ଓ ୩ଟି ଛୋଟ ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ବଳଦେବ

## ୫୯ ଆହତ

ଥାନା ଅଞ୍ଚଳ ମଧ୍ୟରେ ଏହି ଦୁର୍ଘଟଣା ଘଟି କେତେକ ଗାଡ଼ି ଜଳିଯାଇଥିଲା। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ମଥୁରା ଏସ୍‌ପି ଶ୍ଲୋକ କୁମାର କହିଛନ୍ତି। ବସ୍ ଓ କାର୍‌ଗୁଡ଼ିକ ଜଳିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ସେଗୁଡ଼ିକୁ ରାସ୍ତାରୁ ହଟାଇବା ପାଇଁ କ୍ରେନ୍ ଡାକିବାକୁ ପଡ଼ିଥିଲା। ପରିବାର ଲୋକଙ୍କ ସୂଚନା ସହ ମେଳ କରିବା ପାଇଁ ମୃତଦେହଗୁଡ଼ିକର ଡିଏନ୍‌ଏ ସଂଗ୍ରହ କରାଯାଇଛି। ଏପର୍ଯ୍ୟନ୍ତ ୩ ମୃତଦେହ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରାଯାଇଛି। ମୃତଦେହର ପରିଚୟ ମିଳିବା ପରେ ସେଗୁଡ଼ିକର ଶେଷକୃତ୍ୟ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ଆହତମାନଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଥିବା ଜିଲାପାଳ ଚନ୍ଦ୍ରପ୍ରକାଶ ସିଂ କହିଛନ୍ତି। ଗୁରୁତର ଆହତଙ୍କୁ ଆଗ୍ରାର ଏସ୍‌ଏନ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଥିବାବେଳେ ଅନ୍ୟ କେତେଜଣଙ୍କୁ ଦିଲ୍ଲୀ ନିଆଯାଇଛି। ରାସ୍ତା ଦୁର୍ଘଟଣାର ତଦନ୍ତ କରି ୨ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ଜିଲାପାଳ ଅତିରିକ୍ତ ଜିଲାପାଳ ଅମରେଶ କୁମାରଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଗଠନ କରିଛନ୍ତି। ଜଣେ ଡ୍ରାଇଭରଙ୍କ ବିରୋଧରେ ବଳଦେବ ଥାନାରେ ମାମଲା ରୁଜୁ ହୋଇଛି। ସେହିପରି ୟୁପିର ବସ୍ତି ଏବଂ ଉନ୍ନାଓରେ ଦୁର୍ଘଟଣା ଘଟିବାରୁ ୪ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ମିରଟ୍ ଓ ବାରାବାଙ୍କିରେ ଦୁର୍ବଳ ଦୃଶ୍ୟମାନତା ଯୋଗୁ ଦୁର୍ଘଟଣା ଆଉ ୪ ଜଣଙ୍କ ଜୀବନ ନେଇଛି।

# ଆଇପିଏଲ୍ ଅକ୍ସନ: ୨୫.୨ କୋଟିରେ ଗଲେ କାମେରନ୍ ଗ୍ରୀନ୍



ଆବୁଧାବି,୧୬।୧୨(ପି.ଟି.)

ଆଗାମୀ ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍) ସିଜନ ଲାଗି ମଙ୍ଗଳବାର ମିନି ଅକ୍ସନ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟ୍ରେଲିଆର ଅଲ୍‌ରାଉଣ୍ଡର କାମେରନ୍ ଗ୍ରୀନ୍‌ଙ୍କୁ ୨୫.୨୦ କୋଟି ଟଙ୍କାରେ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର) କିଣିଛି। ଫଳରେ ସେ ଆଇପିଏଲ ଇତିହାସର ସବୁଠୁ ଦାମୀ ବିଦେଶୀ ଖେଳାଳି ହେବାର ଗୌରବ ହାସଲ କରିଛନ୍ତି। ଏହି ଅକ୍ସନରେ ଭାରତ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନ ଥିବା ତଥା ଅନ୍‌କ୍ୟାପ୍‌ଡ ଖେଳାଳିଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟପକ୍ଷରେ ଚଳିତ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ ସତ୍ତ୍ୱେ ପୃଥ୍ୱୀ ଶ'ଙ୍କ ଭଳି ଭାରତ ପାଇଁ ଖେଳିଥିବା ଖେଳାଳି ଅନ୍‌ସୋଲ୍ଡ ରହିଛନ୍ତି।

ପୂର୍ବରୁ ସବୁଠୁ ଦାମୀ ବିଦେଶୀ ଖେଳାଳି ହେବାର ରେକର୍ଡ ଅଷ୍ଟ୍ରେଲିଆର ବାମହାତୀ ପେସର ମିଚେଲ ଷ୍ଟାର୍କ(୨୪.୭୫ କୋଟି)ଙ୍କ ନାମରେ ଥିଲା। ତେବେ ଗ୍ରୀନ୍‌ଙ୍କୁ ଆଗାମୀ ସିଜନ୍ ଲାଗି ୧୮ କୋଟି ଟଙ୍କା ଦରମା ମିଳିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜିଆ ଖାଉଛି ମାଛକୁ**

# ସୁନା ପାଇଁ ମାଟି ଖୋଳୁଥିଲେ, ନିଜେ ପୋତି ହୋଇଗଲେ

କେନ୍ଦ୍ରାପଡ଼ା,୧୬।୧୨(ଜଗନ୍ନାଥ ଧଳ)

ଗୁଣିଆ କହିଥିଲେ, ଏହି ସ୍ଥାନରେ ମୂଲ୍ୟବାନ ମୂର୍ତ୍ତି ଓ ସୁନା ପୋତି ହୋଇରହିଛି। ତାକୁ ପାଇବାକୁ ହେଲେ ମାଟି ଖୋଳି ବାହାର କରିବାକୁ ପଡ଼ିବ। ଗୁଣିଆଙ୍କ ପରାମର୍ଶ ମୁତାବକ ଘର ମାଲିକ ସମ୍ପୃକ୍ତ ସ୍ଥାନକୁ କୋଦାଳ ଓ ଶାବଳ ଧରି ଖୋଳୁଥିବାବେଳେ ମାଟି ତଳେ ନିଜେ ପୋତିହୋଇ ପ୍ରାଣ ହରାଇଛନ୍ତି। କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ପାଳକଣା ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି।

ପାଳକଣାର ଜଗବନ୍ଧୁ ମହାରଣା (୩୨)ଙ୍କର ଗୁଣିଗାରେଡ଼ିରେ ବିଶ୍ୱାସକରି ଜୀବନ ଯାଇଛି। ଏହି ଘଟଣାରେ ଗୁଣିଆ ଫେରାର ହୋଇଯାଇଥିବା ବେଳେ ୨ଜଣଙ୍କୁ ଗ୍ରାମବାସୀ ଅଟକ ଅଛନ୍ତି। ଗାଁରେ ଉତ୍ତେଜନା ଲାଗି ରହିଛି। ସୂଚନା ଅନୁଯାୟୀ ଜଗବନ୍ଧୁଙ୍କ ଘରେ ସର୍ବଦା ଅଶାନ୍ତି ଲାଗି ରହୁଥିଲା। ଏ ନେଇ ସେ ଅସୁରେଶ୍ୱର ଅଞ୍ଚଳର ଜଣେ ଗୁଣିଆଙ୍କ ସହାୟତା ଲୋଡ଼ିଥିଲେ। ଗୁଣିଆ ଜଗବନ୍ଧୁଙ୍କ ଘର ମଧ୍ୟରେ ଏକ ଠାକୁର ମୂର୍ତ୍ତି ସହ ସୁନା ରହିଥିବା ସୂଚନା ଦେଇଥିଲେ। ଏହାକୁ ବାହାର କରିବା ପାଇଁ ଗତ ମାସେ ହେବ ପୂଜା, ହୋମଯଜ୍ଞ କରୁଥିଲେ। ସନ୍ଧ୍ୟାରେ ଘରେ ଦିଆଯାଇଥିବା ଚିହ୍ନଟ ସ୍ଥାନକୁ ଜଗବନ୍ଧୁ ଓ ୨ଜଣ ଲୋକ ଖୋଳିଥିଲେ। ପ୍ରାୟ ୧୦ ଫୁଟ ଖୋଳିବା ପରେ ଉପରୁ ଏକ ବଡ ଧରଣର ମାଟି ଅତଡ଼ା ଖସି ଜଗବନ୍ଧୁଙ୍କ ଉପରେ ପଡ଼ିଥିଲା। ମାଟି ବାହାରକରି ଜଗବନ୍ଧୁଙ୍କୁ ଉଦ୍ଧାର ସମୟରେ ପ୍ରାୟ ମୃତବତ୍ ପଡ଼ି ରହିଥିଲେ। ସିଏଚ୍‌ସିକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଆଇଆଇସି ପଦ୍ମାଳୟା ପ୍ରଧାନ କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ ଚାଲିଥିବାବେଳେ ଉତ୍ତେଜନା ହ୍ରାସ ପାଇଁ ଚେଷ୍ଟା ଜାରି ରହିଛି।

# ଏସ୍‌ଆଇଆର୍‌ରେ ମୃତ ଟିଏମ୍‌ସି କାଉନ୍‌ସିଲର ଶେଷକୃତ୍ୟ ଦାବିକଲେ

ହୁଗ୍‌ଲି,୧୬।୧୨

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରେ ମଙ୍ଗଳବାର ଚିଠା ତାଲିକା ପ୍ରକାଶ ପାଇଛି। ଉକ୍ତ ତାଲିକାରେ ହୁଗ୍‌ଲିର ତୃଣମୂଳ କଂଗ୍ରେସ (ଟିଏମ୍‌ସି) କାଉନ୍‌ସିଲର ସୂର୍ଯ୍ୟ ଦେ'ଙ୍କ ନାଁ ନ ଥିବା ଜଣାପଡ଼ିଛି। ଜିଲାର ଉତ୍ତର୍କୁନି ମ୍ୟୁନିସିପାଲିଟି ୧୮ ନମ୍ବର ୱାର୍ଡର କାଉନସିଲର ସୂର୍ଯ୍ୟଙ୍କ ନାଁ ମୃତ ବ୍ୟକ୍ତିଙ୍କ ତାଲିକାରେ ଥିବା ସେ ଦେଖିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହାର ଅଭିନବ ପ୍ରତିବାଦ ☞ପୃଷ୍ଠା-୪

# ଲକ୍ଷେ ଋଣ ନେଇଥିଲେ, ଶୁଝିବାକୁ କିଡ୍‌ନୀ ବିକିଲେ ଚାଷୀ

ମୁମ୍ବାଇ,୧୬।୧୨

କୃଷକଙ୍କ ଆୟ ବୃଦ୍ଧି ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାର ଅନେକ କଥା କହିଆସୁଛନ୍ତି। କିନ୍ତୁ ଏହାର ସତ୍ୟତା କେତେ ତାହା ମହାରାଷ୍ଟ୍ରର ଜଣେ ଚାଷୀଙ୍କ କ୍ଷେତ୍ରରେ ଧରାପଡ଼ିଯାଇଛି। ଚନ୍ଦ୍ରପୁର ଜିଲାର କୃଷକ ରୋଶନ ସଦାଶିବ କୁଡ଼େ ସାହୁକାରଙ୍କଠାରୁ ୧ ଲକ୍ଷ ଟଙ୍କା ଋଣ ନେଇ ଚକ୍ରବୃଦ୍ଧି ସୁଧ ଜାଲରେ ଏପରି ଛନ୍ଦି ହୋଇଗଲେ ଯେ ତାହା ୭୪ ଲକ୍ଷରେ ପହଞ୍ଚିଗଲା। ଏତେ ପରିମାଣର ଋଣ ଅର୍ଥ ପରିଶୋଧ କରିବା ପାଇଁ ଅକ୍ଷମ ରୋଶନଙ୍କୁ ଶେଷରେ କାମ୍ବୋଡିଆ



ସଦାଶିବ କୁଡ଼େ

ଯାଇ ନିଜ କିଡ୍‌ନୀ ବିକ୍ରି କରିବାକୁ ପଡ଼ିଛି। ଏଭଳି ସ୍ଥଳେ ନ୍ୟାୟ ନ ମିଳିଲେ ସେ ଓ ତାଙ୍କ ପରିବାର ରାଜଧାନୀ ମୁମ୍ବାଇରେ ଆତ୍ମହତ୍ୟା କରିବେ ବୋଲି ରୋଶନ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

ଚାଷରେ ଲଗାତର କ୍ଷତି ସହିଆସୁଥିବା ରୋଶନ ଗୋପାଳନ କରି ଏକ ଡେଏରି ବ୍ୟବସାୟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ଅନେକ ସାହୁକାରଙ୍କଠାରୁ ୧ ଲକ୍ଷ ଟଙ୍କା ଋଣ ନେଇଥିଲେ। କିନ୍ତୁ ଭାଗ୍ୟ ପୁଣି ଦାଉ ସାଧିଲା। ଦୁଗ୍ଧଜାତ ସାମଗ୍ରୀ ବ୍ୟବସାୟ ଆଗକୁ ବଢ଼ିବା ପୂର୍ବରୁ ତାଙ୍କ ଗୋରୁ ମରିଗଲେ। ରୋଶନ ଓ ତାଙ୍କ ପରିବାର ପାଖକୁ ସାହୁକାରମାନେ ଟଙ୍କା ଅସୁଲ ପାଇଁ ଧାଇଁବାରେ ଲାଗିଲେ। ପରିଶେଷରେ ସେ ନିଜ ଜମି, ଟ୍ରାକ୍ଟର ଓ ଗହଣା ବିକି ଋଣଜାଲରୁ ମୁକୁଳିବାକୁ ଉଦ୍ୟମ କଲେ। କିନ୍ତୁ ସେସବୁ ପର୍ଯ୍ୟାପ୍ତ ନ ଥିଲା। ଫଳରେ ଜଣେ ☞ପୃଷ୍ଠା-୪

# ଲାୟୋନେଲ ମେସିଙ୍କୁ ବନ୍‌ତାରାକୁ ସ୍ୱାଗତ କଲେ ଅନନ୍ତ ଅମ୍ବାନୀ

## ପବିତ୍ର ଭାରତୀୟ ପରମ୍ପରା ଓ ବନ୍ୟପ୍ରାଣୀଙ୍କ ସହ ଅବିସ୍ମରଣୀୟ ଅନୁଭୂତି ଲାଭ କଲେ ମେସି

**ଜାମନଗର:** ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନ୍ୟଜନ୍ତୁ ଉଦ୍ଧାର, ପୁନର୍ବାସ ଓ ସଂରକ୍ଷଣ କେନ୍ଦ୍ର 'ବନ୍‌ତାରା'କୁ ବିଶେଷ ଭାବେ ଗସ୍ତ କରିଛନ୍ତି ଫୁଟବଲ ତାରକା ଲାୟୋନେଲ ମେସି। ଏହି କେନ୍ଦ୍ରରେ, ସମସ୍ତ କାର୍ଯ୍ୟ ପାରମ୍ପରିକ ଭାବରେ ସନାତନ ଧର୍ମ ଅନୁଯାୟୀ ଆଶୀର୍ବାଦ ଲୋଡ଼ି ଆରମ୍ଭ ହୋଇଥାଏ, ଯାହା ପ୍ରକୃତି ପ୍ରତି ସମ୍ମାନ ଏବଂ ସମସ୍ତ ଜୀବଜନ୍ତୁଙ୍କ ପ୍ରତି ସମ୍ମାନ ଉପରେ ଗୁରୁତ୍ୱକୁ ଦର୍ଶାଇଥାଏ । ମେସିଙ୍କ ଗସ୍ତରେ ମଧ୍ୟ ଏହି ସାଂସ୍କୃତିକ ନୈତିକତା ପ୍ରତିଫଳିତ ହୋଇଥିଲା, ଯେତେବେଳେ ସେ ପାରମ୍ପରିକ ହିନ୍ଦୁ ରୀତିନୀତିରେ ଅଂଶଗ୍ରହଣ କରିଥିଲେ, ବନ୍ୟପ୍ରାଣୀଙ୍କୁ ବୁଲି ଦେଖିଥିଲେ ଏବଂ ସେମାନଙ୍କ ଯତ୍ନ ନେଉଥିବା ଏବଂ ସଂରକ୍ଷଣ ଦଳ ସହିତ କଥାବାର୍ତ୍ତା କରିଥିଲେ । ଏହି ଗସ୍ତ ସମୟରେ ତାଙ୍କର ଭାବ ବିନିମୟ ବିନମ୍ରତା ଏବଂ ମାନବିକ ମୂଲ୍ୟବୋଧକୁ ପ୍ରତିଫଳିତ କରିଥିଲା, ଯେଉଁଥିପାଇଁ ସେ ବ୍ୟାପକ ରୂପେ ପରିଚିତ । ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଉଭୟଙ୍କ ପ୍ରତିବଦ୍ଧତା କାରଣରୁ ଅନନ୍ତ ଅମ୍ବାନୀଙ୍କ ସହ ତାଙ୍କର ଘନିଷ୍ଠ ବନ୍ଧନ ଏବଂ ବନ୍ଧୁତା ସ୍ପଷ୍ଟ ରୂପେ ପରିଲକ୍ଷିତ ହୋଇଥିଲା ।

ଇଣ୍ଟର ମିଆମି ସାଥୀ ଖେଳାଳି ଲୁଇସ୍ ସୁଆରେଜ୍ ଏବଂ ରୋଡ୍ରିଗୋ ଡି ପଲଙ୍କ ସହ ମେସିଙ୍କୁ ଲୋକ ସଙ୍ଗୀତ, ଆଶୀର୍ବାଦ ଏବଂ ଉଦ୍ଦେଶ୍ୟର ଶୁଦ୍ଧତାର ପ୍ରତୀକସ୍ୱରୂପ ପୁଷ୍ପବୃଷ୍ଟି ଏବଂ ଏକ ଆନୁଷ୍ଠାନିକ ଆରତି ସହିତ ମହାନ୍ ପାରମ୍ପରିକ ଶୈଳୀରେ ସ୍ୱାଗତ କରାଯାଇଥିଲା । ଏହି ଫୁଟବଲ କିମ୍ବଦନ୍ତୀ ପୁରୁଷ ମନ୍ଦିରରେ ଅମ୍ବେ ମାତା ପୂଜା, ଗଣେଶ ପୂଜା, ହନୁମାନ ପୂଜା ଏବଂ ଶିବ ଅଭିଷେକ ସମେତ ଏକ ମହା ଆରତିରେ ଅଂଶଗ୍ରହଣ କରି ସମସ୍ତ ଜୀବଜନ୍ତୁଙ୍କ ପ୍ରତି ଭାରତର କାଳଜୟୀ ସମ୍ମାନର ନୈତିକତାକୁ ଦୃଷ୍ଟିରେ ରଖି ବିଶ୍ୱ ଶାନ୍ତି ଏବଂ ଏକତା ପାଇଁ ପ୍ରାର୍ଥନା କରିଥିଲେ ।



ସ୍ୱାଗତ ପରେ ମେସି ବନ୍‌ତାରାର ବିସ୍ତୃତ ସଂରକ୍ଷଣ ଇକୋସିଷ୍ଟମର ଏକ ଗାଇଡେଡ୍ ଟୁର୍ ଆରମ୍ଭ କରିଥିଲେ, ଯେଉଁଠାରେ ପୃଥିବୀର ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇଥିବା ବଣବିରାଡ଼ି, ହାତୀ, ତୃଣଭୋଜୀ, ସରୀସୃପ ଏବଂ ଛୋଟ ପଶୁଙ୍କର ଲାଳନପାଳନ କରାଯାଇଥାଏ । ସେ ଗ୍ରୀନ୍ ଏନର୍ଜି କମ୍ପ୍ଲେକ୍ସ ଏବଂ ବିଶ୍ୱର ସର୍ବବୃହତ୍ ବିଶୋଧନାଗାର କମ୍ପ୍ଲେକ୍ସ ମଧ୍ୟ ପରିଦର୍ଶନ କରିଥିଲେ, ଯାହାର ଆକାର ଓ ଦୂରଦୃଷ୍ଟି ଉପରେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ।

ସିଂହ, ଚିତାବାଘ, ବାଘ ଏବଂ ଅନ୍ୟାନ୍ୟ ବିଲୁପ୍ତପ୍ରାୟ ପ୍ରଜାତିର ଯତ୍ନ କେନ୍ଦ୍ରରେ, ମେସି ସମୃଦ୍ଧ, ପ୍ରାକୃତିକ ପରିବେଶରେ ସମୃଦ୍ଧ ପଶୁମାନଙ୍କୁ ବୁଲି ଦେଖିଥିଲେ, ଯେଉଁମାନଙ୍କ ମଧ୍ୟରୁ ଅନେକ କୌତୂହଳର ସହିତ ତାଙ୍କ ନିକଟକୁ ଆସିଥିଲେ । ଏହା ପରେ ସେ ତୃଣଭୋଜୀ ଯତ୍ନ କେନ୍ଦ୍ର ଏବଂ ସରୀସୃପ ଯତ୍ନ କେନ୍ଦ୍ର ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସା, ଅନୁକୂଳ ପୁଷ୍ଟିକର ଖାଦ୍ୟ, ଆଚରଣଗତ ତାଲିମ ଏବଂ ପଶୁପାଳନ ପ୍ରୋଟୋକଲ ଅଧୀନରେ ପଶୁମାନଙ୍କର ବୃଦ୍ଧି ଉପରେ ନଜର ରଖାଯାଇଥାଏ, ଯାହା ବନ୍ୟଜନ୍ତୁ କଲ୍ୟାଣରେ ବନ୍‌ତାରାର ବିଶ୍ୱସ୍ତରୀୟ ନେତୃତ୍ୱକୁ ପ୍ରତିଫଳିତ କରେ । ଏହି ଗସ୍ତ ସମୟରେ ସେ ମଲ୍ଟି ସ୍ପେସିଆଲିଟି ୱାଇଲ୍ଡ ଲାଇଫ୍ ହସ୍ପିଟାଲ ପରିଦର୍ଶନ କରିଥିଲେ, ରିଅଲ ଟାଇମ୍ କ୍ଲିନିକାଲ୍ ଏବଂ ସର୍ଜିକାଲ୍ ପ୍ରଣାଳୀର ସାକ୍ଷୀ ହୋଇଥିଲେ ଏବଂ ପରେ ଓକାପିସ୍, ଗଣ୍ଡା, ଜିରାଫ ଏବଂ ହାତୀମାନଙ୍କୁ ଖାଇବାକୁ ଦେଇଥିଲେ । ବିଶ୍ୱ ଦୃଷ୍ଟିକୋଣରୁ ସେ ଦେଶରେ ବନ୍ୟଜନ୍ତୁ ଯତ୍ନ ଏବଂ ସଂରକ୍ଷଣକୁ ଆଗକୁ ନେବା ପାଇଁ ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ମଧ୍ୟ ପ୍ରଶଂସା କରିଛନ୍ତି ।

ଅନାଥ ଏବଂ ଦୁର୍ବଳ ଛୋଟ ପଶୁମାନଙ୍କ ପାଇଁ ଉତ୍ସର୍ଗୀକୃତ ପୋଷ୍ୟ ଯତ୍ନ କେନ୍ଦ୍ରରେ, ମେସି ସେମାନଙ୍କର ବଞ୍ଚି ରହିବାର ସଂଘର୍ଷ ଯାତ୍ରା ବିଷୟରେ ଜାଣିଲେ । ଏକ ହୃଦୟସ୍ପର୍ଶୀ ଇଙ୍ଗିତ ସ୍ୱରୂପ, ଅନନ୍ତ ଅମ୍ବାନୀ ଏବଂ ରାଧିକା ଅମ୍ବାନୀ ଏକାଠି ଏକ ସିଂହଛୁଆକୁ "ଲାୟୋନେଲ" ଭାବେ ନାମକରଣ କରିଥିଲେ, ଫୁଟବଲ କିମ୍ବଦନ୍ତୀଙ୍କ



ସମ୍ମାନାର୍ଥେ ଦିଆଯାଇଥିବା ଏହି ନାମ ବର୍ତ୍ତମାନ ଆଶା ଏବଂ ନିରନ୍ତରତାକୁ ପ୍ରତିନିଧିତ୍ୱ କରୁଛି ।

ଏହି ଭ୍ରମଣର ମୁଖ୍ୟ ଆକର୍ଷଣ ଥିଲା ହାତୀ ଯତ୍ନ କେନ୍ଦ୍ରରେ, ଯେଉଁଠାରେ ମେସି ଦୁଇ ବର୍ଷ ପୂର୍ବେ କାଠ ଉଦ୍ୟୋଗର କଠିନ ପରିଶ୍ରମରୁ ଉଦ୍ଧାର ହୋଇଥିବା ଏକ ହାତୀଛୁଆ ମାଣିକଲାଲକୁ ଭେଟିଥିଲେ । ମେସି ମାଣିକଲାଲ ସହ ଅପ୍ରତ୍ୟାଶିତ ଭାବେ ଫୁଟବଲ ଖେଳିବା ଆରମ୍ଭ କରିଦେଇଥିଲେ, ଏକ ମୁହୂର୍ତ୍ତ ଯାହା କେନ୍ଦ୍ରରେ ଉପସ୍ଥିତ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା । ହାତୀଛୁଆ ମଧ୍ୟ ଉତ୍ସାହର ସହିତ ପ୍ରତିକ୍ରିୟା ଦେଇଥିଲା, ଯାହା ତା'ର ନିଜସ୍ୱ ଉଦୀୟମାନ ଦକ୍ଷତାକୁ ପ୍ରଦର୍ଶନ କରିଥିଲା । ଏହା ମେସିଙ୍କ ଭାରତ ଗସ୍ତର ଅନ୍ୟତମ ସ୍ମରଣୀୟ ମୁହୂର୍ତ୍ତ ଥିଲା।

ବନ୍‌ତାରା ପରିଦର୍ଶନ କରିବା ତଥା ପ୍ରାଣୀ ଓ ମାନବଜାତି ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବା ନିମନ୍ତେ ଅନନ୍ତ ଅମ୍ବାନୀ ମେସିଙ୍କୁ ଧନ୍ୟବାଦ ଦେଇଥିଲେ । ମେସି ସ୍ପାନିଶ୍ ଭାଷାରେ ତାହାର ଉତ୍ତର ଦେଇ କହିଥିଲେ, "ବନ୍‌ତାରା ଯାହା କରୁଛି ତାହା ପ୍ରକୃତରେ ସୁନ୍ଦର, ପ୍ରାଣୀଙ୍କ ସେବା, ସେମାନଙ୍କର ଯତ୍ନ, ସେମାନଙ୍କୁ ଉଦ୍ଧାର କରିବା ଏବଂ ଯତ୍ନ ନେବାର ଶୈଳୀ ପ୍ରକୃତରେ ପ୍ରେରଣାଦାୟକ । ଆମକୁ ଏଠାରେ ବହୁତ ଭଲ ଲାଗିଲା, ଗସ୍ତ ସମ୍ପୂର୍ଣ୍ଣ ଆରାମଦାୟକ ଥିଲା ଏବଂ ଏହା ଏପରି ଏକ ଅନୁଭୂତି ଥିଲା ଯାହା ଚିରଦିନ ଆମ ସହିତ ରହିବ । ଏହି ସାର୍ଥକ କାର୍ଯ୍ୟକୁ ପ୍ରେରଣା ଏବଂ ସମର୍ଥନ ଜାରି ରଖିବା ପାଇଁ ଆମେ ନିଶ୍ଚିତ ଭାବରେ ପୁନର୍ବାର ପରିଦର୍ଶନ କରିବୁ ।"

ଏହି ଗସ୍ତ ଶେଷ ହେବା ପରେ ମେସି ନାରିୟଲ୍ ଉତ୍ସର୍ଗ ଏବଂ ମଟ୍‌କା ଫୋଡ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଯାହା ସମ୍ଭାବନା ଏବଂ ଶୁଭ ଆରମ୍ଭର ପ୍ରତୀକ ଅଟେ । ଏହି ସମାରୋହ ଶାନ୍ତି ଏବଂ କଲ୍ୟାଣ ପାଇଁ ସ୍ଲୋଗାନ ସହିତ ସମାପ୍ତ ହୋଇଥିଲା, ଯାହା ମେସିଙ୍କ ଗ୍ଲୋବାଲ ଲିଗାସି ସହିତ ବନ୍‌ତାରା ମିଶନ୍‌ର ସମାନ ମୂଲ୍ୟବୋଧକୁ ସୂଚିତ କରିଥିଲା। ବିଶ୍ୱବ୍ୟାପୀ ସାମାଜିକ ହିତ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଶିଶୁ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଲିଓ ମେସି ଫାଉଣ୍ଡେସନର ନେତୃତ୍ୱ ନେଉଥିବା ମେସି ବନ୍‌ତାରାର ଲକ୍ଷ୍ୟ ସହ ଏକମତ ହେବା ସହ ଏବଂ ପ୍ରାଣୀଙ୍କ ପ୍ରତି ଦୟାଭାବ, ବିଜ୍ଞାନ ଆଧାରିତ ଯତ୍ନ ପ୍ରଦାନ କରିବାର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।

## ମୋଦିଙ୍କୁ ଇଥିଓପିଆର ସର୍ବୋଚ୍ଚ ସମ୍ମାନ

**ଅଦିସ୍ ଅବାବା, ୧୬।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ଇଥିଓପିଆର ସର୍ବୋଚ୍ଚ ସମ୍ମାନ 'ଦି ଗ୍ରେଟ୍ ଅନର ନିଶାନ ଅଫ୍ ଇଥିଓପିଆ'ରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ଗ୍ରହଣ କରିବାରେ ମୋଦି ବିଶ୍ୱର ପ୍ରଥମ ନେତା। ଆଦିସ୍ ଇଣ୍ଟରନ୍ୟାଶନାଲ କନ୍‌ଭେନ୍‌ଶନ ସେଣ୍ଟରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଇଥିଓପିଆ ପ୍ରଧାନମନ୍ତ୍ରୀ ଅବିୟ ଅହମଦ ଅଲି ତାଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରିଛନ୍ତି। ଭାରତ-ଇଥିଓପିଆ ସମ୍ପର୍କକୁ ମଜଭୁତ କରିବା ଦିଗରେ ମୋଦିଙ୍କ ଅସାଧାରଣ ଅବଦାନ ଏବଂ ଜଣେ ବିଶ୍ୱନେତା ଭାବେ ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ପାଇଁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀଙ୍କ ଇସ୍ତଫା

**କୋଲକାତା, ୧୬।୧୨**

ଫୁଟ୍‌ବଲ୍ ଷ୍ଟାର ଲିୟୋନେଲ ମେସିଙ୍କ କାର୍ଯ୍ୟକ୍ରମରେ ପରିଚାଳନାଗତ ତ୍ରୁଟିକୁ ନେଇ ସମାଲୋଚିତ ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ଅରୂପ ବିଶ୍ୱାସ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି। ତେବେ କ୍ୟାବିନେଟ ମନ୍ତ୍ରୀ ଭାବେ ସେ ଶକ୍ତି ବିଭାଗ ଦାୟିତ୍ୱରେ ରହିବେ। କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗକୁ ମୁଖ୍ୟମନ୍ତ୍ରୀ ସାମୟିକ ଭାବେ ନିଜ ହାତରେ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ମେସିଙ୍କ ଜିଓଏଟି କାର୍ଯ୍ୟକ୍ରମ ବେଳେ ତାଙ୍କୁ ଦେଖିବାର ସୁଯୋଗ ନ ପାଇ ପ୍ରଶଂସକମାନେ ଭଙ୍ଗାରୁଜା କରିଥିଲେ।

## ବଣ୍ଡାଇ ବିଚ୍ ଗୁଳିକାଣ୍ଡ ଶୁଟର ହାଇଦ୍ରାବାଦର

**ହାଇଦ୍ରାବାଦ, ୧୬।୧୨**

ଅଷ୍ଟ୍ରେଲିଆର ପ୍ରସିଦ୍ଧ ବଣ୍ଡାଇ ବିଚ୍‌ରେ ଗତ ରବିବାର ଗୁଳିକାଣ୍ଡରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣକାରୀ ୫୦ ବର୍ଷୀୟ ସାଜିଦ ଅକ୍ରମ ଏବଂ ତାଙ୍କ ପୁଅ ନଭିଦ ଆକ୍ରମଣ ଇହୁଦି ଉତ୍ସବ ସ୍ଥଳରେ ଆଖିବୁଜା ଗୁଳି ଚଳାଇଥିଲେ। ପୋଲିସ ଗୁଳିରେ ସାଜିଦ ନିହତ ହୋଇଥିବାବେଳେ ନଭିଦ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସାଜିଦ ହାଇଦ୍ରାବାଦର ମୂଳ ବାସିନ୍ଦା ବୋଲି ତେଲଙ୍ଗାନା ପୋଲିସ ମଙ୍ଗଳବାର କହିଛି। ୨୭ ବର୍ଷ ପୂର୍ବେ ସେ ଅଷ୍ଟ୍ରେଲିଆ ଯାଇ ସେଠାରେ ରହିଆସୁଥିଲେ। ହାଇଦ୍ରାବାଦରେ ଥିବା ତାଙ୍କ ପରିବାର ସହ ସୀମିତ ଯୋଗାଯୋଗ ଥିଲା।

## ପଶ୍ଚିମବଙ୍ଗ, ରାଜସ୍ଥାନରୁ ୧କୋଟି ବାଦ୍ ପଡ଼ିଲେ

**ଚିଠା ଭୋଟର ତାଲିକା**

**କୋଲକାତା/ଜୟପୁର, ୧୬।୧୨ (ପି.ଟି.)**

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ନିର୍ବାଚନ କମିଶନ (ଇସି) ମଙ୍ଗଳବାର ପଶ୍ଚିମବଙ୍ଗ ଓ ରାଜସ୍ଥାନର ଚିଠା ତାଲିକା ପ୍ରକାଶ କରିଛନ୍ତି। ବିଭିନ୍ନ କାରଣରୁ ୨ ରାଜ୍ୟରୁ ୧ କୋଟି ଲୋକଙ୍କ ନାମ ଭୋଟର ତାଲିକାରୁ କଟିଥିବା ଅଧିକାରୀମାନେ କହିଛନ୍ତି। କେତେଜଣ ଭୋଟରଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ କେତେଜଣ ସ୍ଥାୟୀ ଭାବେ ଅନ୍ୟତ୍ର ପଳାଇଛନ୍ତି ଏବଂ କେତେକ ଗଣନା ଫର୍ମ ଦାଖଲ କରିନାହାନ୍ତି। ଏସ୍‌ଆଇଆର୍ ପୂର୍ବରୁ ପଶ୍ଚିମବଙ୍ଗରେ ୭,୬୬,୩୭,୫୨୯ ଭୋଟର ଥିବାବେଳେ ଏବେ ୫୮,୨୦,୮୯୮ ଜଣଙ୍କ ନାଁ କଟିଯିବା ପରେ ଚିଠା ତାଲିକାରେ ୭,୦୮,୧୬,୬୩୧ ଭୋଟର ରହିଛନ୍ତି। ଆସନ୍ତାବର୍ଷ ପ୍ରଥମ ଭାଗରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଚିଠା ଭୋଟର ତାଲିକା ସହ ବୁଥ୍‌ୱାରି ନାଁ କଟିଥିବା ଭୋଟର ଏବଂ କଟିବାର କାରଣ ସମ୍ପର୍କରେ ସବିଶେଷ ତଥ୍ୟ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍, ନିର୍ବାଚନ କମିଶନଙ୍କ ଭୋଟର ପୋର୍ଟାଲ ଏବଂ ଇସିଆଇଏନ୍‌ଇଟି ଆପ୍ଲିକେଶନରେ ଉପଲବ୍ଧ। ରାଜସ୍ଥାନ ଚିଠା ତାଲିକାରୁ ପାଖାପାଖି ୪୨ ଲକ୍ଷ ଲୋକଙ୍କ ନାମ କଟିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନବୀନ ମହାଜନ କହିଛନ୍ତି। ରାଜ୍ୟର ୫.୪୬ କୋଟି ଭୋଟରଙ୍କ ମଧ୍ୟରୁ ୪୧.୭୯ ଲକ୍ଷ ଗଣନା ଫର୍ମ ଦାଖଲ କରି ନ ଥିଲେ। ସେମାନଙ୍କ ମଧ୍ୟରୁ ୮.୭୫ ଲକ୍ଷ ମୃତ ହୋଇଥିବାବେଳେ ୨୯.୬ ଲକ୍ଷ ସ୍ଥାନାନ୍ତର କିମ୍ବା ଅନୁପସ୍ଥିତ। ୩.୪୪ ଲକ୍ଷ ଭୋଟର ଏକାଧିକ ସ୍ଥାନରେ ଫର୍ମ ଦାଖଲ କରିଛନ୍ତି।




ଏମ୍‌ଜିଏନ୍‌ଆର୍‌ଇଜିଏ ନାଁ ବଦଳାଇବା ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ଲୋକ ସଭାରେ ଭିବି-ଜି ରାମ ଜି ବିଲ୍ ଆଗତ କରିଥିବାରୁ ଏହାର ପ୍ରତିବାଦରେ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଅନ୍ୟ ବିରୋଧୀ ଏମ୍‌ପିମାନେ ପାର୍ଲାମେଣ୍ଟ ପରିସରରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଧରି ବିକ୍ଷୋଭ କରୁଛନ୍ତି।

## ସୋନିଆ, ରାହୁଲଙ୍କ ବିରୋଧରେ ଇଡି ଚାର୍ଜଶିଟ୍ ଗ୍ରହଣ କଲେନି ଅଦାଲତ

**ନ୍ୟାଶନାଲ ହେରାଲ୍ଡ ମାମଲା**

**ନୂଆଦିଲ୍ଲୀ, ୧୬।୧୨**

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚାର୍ଜଶିଟ୍ ବିଚାର ପାଇଁ ଗ୍ରହଣ କରିବାକୁ ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ମଙ୍ଗଳବାର ମନା କରିଦେଇଛନ୍ତି। ଫଳରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି। ଇଡି ତଦନ୍ତ କୌଣସି ଏତଲା ଆଧାରରେ ନୁହେଁ, ଏକ ଘରୋଇ ଅଭିଯୋଗ ଉପରେ ବୋଲି ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗ୍‌ନେ କହିଛନ୍ତି। ବର୍ତ୍ତମାନ ସ୍ଥିତିରେ ଅଭିଯୁକ୍ତମାନେ ଏତଲା କପି ଗ୍ରହଣ କରିବାକୁ ହକ୍‌ଦାର ନୁହନ୍ତି ବୋଲି ଅଦାଲତ କହିଛନ୍ତି। ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଅଭିଯୋଗ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ସମନ ନିର୍ଦ୍ଦେଶ ଆଧାରରେ ଇଡି ତଦନ୍ତ କରିଥିଲା।

କଂଗ୍ରେସ ନେତୃତ୍ୱ ବିରୋଧରେ ଇଡି ତଦନ୍ତ ରାଜନୈତିକ ଉଦ୍ଦେଶ୍ୟମୂଳକ ଏବଂ ଆଇନତଃ ଭିତ୍ତିହୀନ ବୋଲି ଦଳ କହିଛି। ଇଡି କ୍ଷମତା ପରିସର ବାହାରେ ପଦକ୍ଷେପ ନେଇଥିବା କୋର୍ଟ ଜାଣିବାକୁ ପାଇଛନ୍ତି। ଶେଷରେ ସତ୍ୟ ପଦାକୁ ଆସିଛି ଓ ସରକାରଙ୍କ ବେଆଇନ କାର୍ଯ୍ୟ ପଦାରେ ପଡ଼ିଥିବା କଂଗ୍ରେସ କହିଛି।

## ଯୁଗ୍ମ ସଂସଦୀୟ କମିଟିକୁ ଗଲା ଉଚ୍ଚଶିକ୍ଷା ବିଲ୍

**ନୂଆଦିଲ୍ଲୀ, ୧୬।୧୨ (ପି.ଟି.)**

ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଏକ ୧୩ ଜଣିଆ ଆୟୋଗ ଗଠନ ନିମନ୍ତେ ଲୋକ ସଭାରେ ସରକାର ଆଣିଥିବା ବିଲ୍‌କୁ ମଙ୍ଗଳବାର ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପାଇଁ ଆଣିଥିବା ପ୍ରସ୍ତାବ ଧ୍ୱନି ମତରେ ଗୃହୀତ ହୋଇଥିଲା। ସଂସଦୀୟ ଯୁଗ୍ମ କମିଟିରେ ଲୋକ ସଭାରୁ ୨୧ ଏବଂ ରାଜ୍ୟ ସଭାରୁ ୧୦ ସଦସ୍ୟ ରହିବେ। ଆସନ୍ତାବର୍ଷ ବଜେଟ ଅଧିବେଶନ ପ୍ରଥମ ପର୍ଯ୍ୟାୟର ଶେଷଦିନ ସୁଦ୍ଧା କମିଟି ରିପୋର୍ଟ ପ୍ରଦାନ କରିବ।

# ଲୋକ ସଭାରେ ଆସିଲା ଭିବି-ଜି ରାମ ଜି ବିଲ୍

**ନୂଆଦିଲ୍ଲୀ, ୧୬।୧୨ (ପି.ଟି.)**

ଗ୍ରାମାଞ୍ଚଳ ଲୋକମାନଙ୍କୁ ନିଶ୍ଚିତ କର୍ମନିଯୁକ୍ତି ଯୋଗାଇବା ପାଇଁ ଉପା ସରକର ଅମଳରୁ ଚାଲିଆସୁଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆର୍‌ଇଜିଏ)ର ନାଁ ବଦଳାଇବାକୁ କେନ୍ଦ୍ର ସରକାର ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) (ଭିବି-ଜି ରାମ ଜି) ବିଲ୍, ୨୦୨୫ ଅଣାଯାଇଛି। ଲୋକ ସଭାରେ ମଙ୍ଗଳବାର ବିପକ୍ଷ ଦଳଗୁଡ଼ିକର ତୀବ୍ର ବିରୋଧ ମଧ୍ୟରେ ସରକାର ଏହି ବିଲ୍‌କୁ ଉପସ୍ଥାପନ କରିଛନ୍ତି। ବିଲ୍ ଉପସ୍ଥାପନ କରି କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଥିଲେ, ସରକାର ମହାତ୍ମା ଗାନ୍ଧୀଙ୍କ ଉପରେ ବିଶ୍ୱାସ କରିବା ସହ ତାଙ୍କ ନୀତିକୁ ଅନୁସରଣ କରୁଛନ୍ତି। ନରେନ୍ଦ୍ର ମୋଦିଙ୍କ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ପୂର୍ବ ସରକାର ଅପେକ୍ଷା ବହୁତ ଅଧିକ କରିଛନ୍ତି।

ବିରୋଧୀ ସଦସ୍ୟମାନେ ବିଲ୍‌କୁ ଦୃଢ଼ ବିରୋଧ କରିବା ସହ ଏହା ଉପରେ ଅଧିକ ଯାଞ୍ଚ ପାଇଁ ସଂସଦୀୟ କମିଟିକୁ ପଠାଇବା ପାଇଁ ଦାବି କରିଥିଲେ। ମହାତ୍ମା ଗାନ୍ଧୀଙ୍କ ନାମକୁ ଯୋଜନାରୁ କଟାଯିବାକୁ ନେଇ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନ୍ୟମାନେ ପ୍ରବଳ ବିରୋଧ କରିଥିଲେ। ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଚାଲିଆସି ମହାତ୍ମା ଗାନ୍ଧୀଙ୍କ ଫଟୋ ଧରି ପ୍ରତିବାଦ ଜଣାଇଥିଲେ।



ଶିବରାଜ ସିଂ ଚୌହାନ

ନୂଆ ବିଲ୍ ଅନୁଯାୟୀ, ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରର କାମ କରିବାକୁ ଚାହୁଁଥିବା ଅଣକୁଶଳୀ ଲୋକଙ୍କୁ ଗୋଟିଏ ଆର୍ଥିକ ବର୍ଷରେ ୧୨୫ ଦିନ ନିଶ୍ଚିତ କାମ ଯୋଗାଇ ଦିଆଯିବ। ଭିବି-ଜି ରାମ ଜି ଆଇନ କାର୍ଯ୍ୟକାରୀ ହେବାର ୬ ମାସ ମଧ୍ୟରେ ରାଜ୍ୟଗୁଡ଼ିକ ଏଥିରେ ଥିବା ବ୍ୟବସ୍ଥା ଅନୁଯାୟୀ ଯୋଜନା ଆଣିବେ। ଯୋଜନାର ଆର୍ଥିକ ଦାୟିତ୍ୱର ଏକ ବଡ଼ ଭାଗ ରାଜ୍ୟଗୁଡ଼ିକୁ ବହନ କରିବାକୁ ପଡ଼ିବ। ବିଲ୍ ଅନୁଯାୟୀ, କେନ୍ଦ୍ର ସରକାର ଯୋଜନାର ୬୦ ପ୍ରତିଶତ ବ୍ୟୟ ବହନ କରିବାକୁ ଥିବାବେଳେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ୪୦ ପ୍ରତିଶତ ଭରଣା କରିବେ। ଅନ୍ୟପକ୍ଷରେ ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର ଆଦି ହିମାଳୟାନ ରାଜ୍ୟଗୁଡ଼ିକ ଯୋଜନା ପାଣ୍ଠିର ୧୦ ପ୍ରତିଶତ ଦେବାକୁ ଥିବାବେଳେ କେନ୍ଦ୍ର ୯୦ ପ୍ରତିଶତ ଯୋଗାଇଦେବ। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବିତ ଆଇନ ଆଣିବାକୁ ସରକାର ଚାହୁଁଥିବା ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ କହିଛି। ଜଳସୁରକ୍ଷା, ଗ୍ରାମାଞ୍ଚଳର ମୁଖ୍ୟ ଭିତ୍ତିଭୂମି, ଜୀବିକା ସମ୍ପର୍କିତ ଭିତ୍ତିଭୂମି ଏବଂ ଭୀଷଣ ପାଗ ଜନିତ ସମସ୍ୟା ଦୂର ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଉପରେ ଏଥିରେ ଗୁରୁତ୍ୱ ଦିଆଯିବ।

ଏଭଳି ବିଲ୍ ଆଣି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଲୋକମାନେ ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରୁଥିବା ଅଭିଯୋଗ କରି ମଙ୍ଗଳବାର ବିରୋଧୀ ସଦସ୍ୟମାନେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରିଥିଲେ। କଂଗ୍ରେସ ଏମ୍‌ପି ପ୍ରିୟଙ୍କା, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଡିଏମ୍‌କେର ଟି.ଆର୍. ବାଲୁ, ଆର୍‌ଏସ୍‌ପିର ଏନ୍.କେ. ପ୍ରେମଚନ୍ଦ୍ରନ ଓ ଅନ୍ୟମାନେ ପାର୍ଲାମେଣ୍ଟ କମ୍ପ୍ଲେକ୍ସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭରେ ସାମିଲ ହୋଇଥିଲେ। ଗାନ୍ଧିଜୀଙ୍କ ପ୍ରତି ଅପମାନ ହିନ୍ଦୁସ୍ଥାନ ସହିବ ନାହିଁ ବୋଲି ସେମାନେ ସ୍ଲୋଗାନ ଦେବା ସହ ବିଲ୍‌କୁ ପ୍ରତ୍ୟାହାର କରିନେବାକୁ ଦାବି କରିଥିଲେ।

ସରକାର ଗ୍ରାମାଞ୍ଚଳ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ଏମ୍‌ଜିଏନ୍‌ଆର୍‌ଇଜିଏକୁ ଧ୍ୱଂସ କରିଦେବାକୁ ଉଦ୍ୟମ କରୁଥିବା ପ୍ରିୟଙ୍କା ଅଭିଯୋଗ କରିଛନ୍ତି। ପୂର୍ବର ଉପା ସରକାର ସମୟରେ ଏହି ଆଇନ କାର୍ଯ୍ୟକାରୀ ହୋଇଥିଲା। ନୂଆ ବିଲ୍ ଦେଶର ବହୁକୋଟି ଶ୍ରମିକଙ୍କ ବିରୋଧରେ ଅଣାଯାଇଛି। ଏହା ଗ୍ରାମସଭା ଓ ଗ୍ରାମ ପଞ୍ଚାୟତ ବିରୋଧୀ। ଏହାକୁ ତୁରନ୍ତ ଫେରାଇ ନିଆଯାଉ ବୋଲି ପ୍ରିୟଙ୍କା ଦାବି କରିଥିଲେ। ମହାତ୍ମା ଗାନ୍ଧୀ ଦେଶର ଆତ୍ମାକୁ ଜାଗ୍ରତ କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ସବୁଠୁ ବଡ଼ ଭୂମିକା ନେଇଥିଲେ। ଏବେ ଭାଜପା ପାଖରେ ଅନ୍ୟ କିଛି କରିବାକୁ ନ ଥିବାରୁ ସେମାନେ କେବଳ ନାଁ ବଦଳାଉଛନ୍ତି ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ତଥା ଲୋକ ସଭା ସଦସ୍ୟ ଅଖିଳେଶ ଯାଦବ କହିଛନ୍ତି।

### ଆଜି ଦେଶବ୍ୟାପୀ ବିକ୍ଷୋଭ କରିବ କଂଗ୍ରେସ

**ନୂଆଦିଲ୍ଲୀ, ୧୬।୧୨ (ପି.ଟି.)**

ଏମ୍‌ଜିଏନ୍‌ଆର୍‌ଇଜିଏ ନାଁ ବଦଳାଇବା ପାଇଁ କେନ୍ଦ୍ର ସରକାର ଆଣିଥିବା ଭିବି-ଜି ରାମ ଜି ବିଲ୍ ବିରୋଧରେ କଂଗ୍ରେସ ବୁଧବାର ଦେଶବ୍ୟାପୀ ବିକ୍ଷୋଭ କରିବାକୁ ଘୋଷଣା କରିଛି। ଅଧିକାରଭିତ୍ତିକ ଜନକଲ୍ୟାଣ ଯୋଜନାକୁ ଧ୍ୱଂସ କରିବା, ମହାତ୍ମା ଗାନ୍ଧୀ ଲିଗାସି, ଶ୍ରମିକଙ୍କ ଅଧିକାର ଓ ସଂଘୀୟ ଉତ୍ତରଦାୟିତ୍ୱ ଉପରେ ଆକ୍ରମଣ ପାଇଁ ଭାଜପା-ଆର୍‌ଏସ୍‌ଏସ୍ ଷଡ଼ଯନ୍ତ୍ର ଚଳାଇଥିବା କଂଗ୍ରେସ ଅଭିଯୋଗ କରିଛି। ସବୁ ଜିଲା ସଦର ମହକୁମାରେ ବିକ୍ଷୋଭର ଆୟୋଜନ କରିବାକୁ କଂଗ୍ରେସ ସାଧାରଣ ସମ୍ପାଦକ(ସଂଗଠନ) କେ.ସି. ବେଣୁଗୋପାଳ ସମସ୍ତ ରାଜ୍ୟ କଂଗ୍ରେସ ସଭାପତିଙ୍କୁ ପତ୍ର ଲେଖି ନିବେଦନ କରିଛନ୍ତି। କଂଗ୍ରେସ କର୍ମୀମାନେ ମହାତ୍ମା ଗାନ୍ଧୀଙ୍କ ଫଟୋ ଧରି ବିକ୍ଷୋଭ କରିବାକୁ କୁହାଯାଇଛି।

## ଜୋର୍ଡାନ ରାଜାଙ୍କ ସହ ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବ: ମୋଦି

**ଅମ୍ମନ, ୧୬।୧୨ (ପି.ଟି.)**

ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହ ଆଲୋଚନା ପୁନଃ ନବୀକରଣଯୋଗ୍ୟ ଶକ୍ତି, ଜଳ ପରିଚାଳନା, ଡିଜିଟାଲ ପରିବର୍ତ୍ତନ, ସାଂସ୍କୃତିକ ବିନିମୟ ଏବଂ ଐତିହ୍ୟ ସହଯୋଗ ଆଦି କ୍ଷେତ୍ରରେ ଭାରତ-ଜୋର୍ଡାନ ସହଭାଗିତାକୁ ଆହୁରି ସୁଦୃଢ଼ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ଅସାଧାରଣ ବନ୍ଧୁତ୍ୱ ପାଇଁ ରାଜା ଅବଦୁଲ୍ଲା ଦ୍ୱିତୀୟ ଏବଂ ଜୋର୍ଡାନ ଜନସାଧାରଣଙ୍କୁ ମୋଦି ଧନ୍ୟବାଦ ଜଣାଇବା ସହ ତାଙ୍କ ଜୋର୍ଡାନ ଗସ୍ତ ସଫଳ ହୋଇଥିବା କହିଛନ୍ତି। ସୋମବାର ପ୍ରତିନିଧି ସ୍ତରୀୟ ଆଲୋଚନା ପୂର୍ବରୁ ହୁସେଇନିୟା ପ୍ୟାଲେସ୍‌ରେ ମୋଦି ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହ ୱାନ୍-ଅନ୍-ୱାନ୍ ବୈଠକରେ ସାମିଲ ହୋଇଥିଲେ। ଏକ ମିଳିତ ବିବୃତିରେ ଉଭୟ ନେତା ଦୁଇ ଦେଶ ମଧ୍ୟରେ ଦୀର୍ଘସ୍ଥାୟୀ ସମ୍ପର୍କକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଜୋର୍ଡାନ କ୍ରାଉନ୍‌ପ୍ରିନ୍ସ ଅଲ୍ ହୁସେଇନ୍ ବିନ୍ ଅବଦୁଲ୍ଲା ଦ୍ୱିତୀୟ ନିଜେ କାର୍ ଚଳାଇ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜୋର୍ଡାନ ମ୍ୟୁଜିୟମ୍‌କୁ ନେଇଥିଲେ।

## ବିବିସି ବିରୋଧରେ ୧୦ ବିଲିୟନ ଡଲାରର ମାମଲା କଲେ ଟ୍ରମ୍ପ

**ୱାଶିଂଟନ, ୧୬।୧୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦୨୧ ରାଲି ଭାଷଣକୁ ବଦଳାଇ ପ୍ରକାଶ କରିଥିବାରୁ ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେଶନ (ବିବିସି) ବିରୋଧରେ ମାନହାନି ଏବଂ ଅସାଧୁ କାରବାର ନେଇ ସେ ସୋମବାର ଫ୍ଲୋରିଡାର ଏକ ଅଦାଲତରେ ୧୦ ବିଲିୟନ ଡଲାରର ମାମଲା ଦାଏର କରିଛନ୍ତି। ବିବିସି ତାଙ୍କ ଭାଷଣକୁ ମିଥ୍ୟା, ମାନହାନିକାରକ, ବିଭ୍ରାନ୍ତିକର ଏବଂ ଅପମାନଜନକ ଭାବେ ପ୍ରସାରିତ କରିଥିବା ଟ୍ରମ୍ପ୍ ୩୩ ପୃଷ୍ଠାର ମୋକଦ୍ଦମାରେ ଅଭିଯୋଗ କରିଛନ୍ତି। ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ହସ୍ତକ୍ଷେପ ଏବଂ ପ୍ରଭାବିତ କରିବା ପାଇଁ ଏହା ଏକ ନିର୍ଲଜ ପ୍ରୟାସ ବୋଲି ଟ୍ରମ୍ପ୍ ଅଭିଯୋଗ କରିଛନ୍ତି। ସେ ଯାହା କହିଥିଲେ, ତା'ର ଅର୍ଥକୁ ଭୁଲ୍ ଭାବେ ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ବିବିସି ଭାଷଣର ୨ଟି ସମ୍ପୂର୍ଣ୍ଣ ଭିନ୍ନ ଭାଗକୁ ଏକାଠି ଯୋଡ଼ିଥିଲା ବୋଲି ଟ୍ରମ୍ପ୍ କହିଛନ୍ତି।

## ଦିଲ୍ଲୀରେ ପହଞ୍ଚିଥିବା ଲୁଥ୍ରା ଭ୍ରାତା ଗିରଫ

**ଗୋଆ ନାଇଟ୍‌କ୍ଲବ୍ ଅଗ୍ନିକାଣ୍ଡ ଘଟଣା**

**ନୂଆଦିଲ୍ଲୀ, ୧୬।୧୨**

ଉତ୍ତର ଗୋଆର ଆର୍ପୋରାସ୍ଥିତ ବର୍ଚ ବାଏ ରୋମିଓ ଲେନ୍ ନାଇଟ୍ କ୍ଲବ୍‌ରେ ଗତ ୬ ତାରିଖ ରାତିରେ ନିଆଁଲାଗି ୨୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାର ମାତ୍ର ୯୦ ମିନିଟ୍ ପରେ ନାଇଟ୍ କ୍ଲବ୍ ମାଲିକ ଗୌରବ ଏବଂ ସୌରଭ ଲୁଥ୍ରା ଦେଶ ଛାଡ଼ି ଥାଇଲାଣ୍ଡର ଫୁକେଟ୍‌କୁ ପଳାଇଥିଲେ। ଥାଇ କର୍ତ୍ତୃପକ୍ଷ ବିଦା କରିଦେବା ପରେ ସେମାନେ ମଙ୍ଗଳବାର ଦିଲ୍ଲୀ ଏୟାରପୋର୍ଟରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଗୋଆ ପୋଲିସ ସେମାନଙ୍କୁ ଗିରଫ କରିଛି। ଦିଲ୍ଲୀ ବିମାନବନ୍ଦରରେ ଲୁଥ୍ରା ଭ୍ରାତାଙ୍କ ପ୍ରଥମ ଫଟୋ ଗୋଆ ପୋଲିସ ଛାଡ଼ିଛି। ସେମାନେ ଏୟାରପୋର୍ଟର ଟର୍ମିନାଲ ପାଖରେ ଛିଡ଼ାହୋଇଥିବା ଦେଖାଯାଇଛି। ପୋଲିସ ସେମାନଙ୍କୁ ଦିଲ୍ଲୀ କୋର୍ଟରେ ହାଜର କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ ଆବେଦନ କରିବ। ଲୁଥ୍ରା ଭ୍ରାତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବାକୁ ଦିଲ୍ଲୀ କୋର୍ଟ ମନା କରିଦେବା ପରେ ସେମାନଙ୍କୁ ଥାଇଲାଣ୍ଡରୁ ଫେରାଇ ଆଣିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଇଣ୍ଟରପୋଲ୍ ବ୍ଲୁ କର୍ନର ନୋଟିସ ଜାରି ହୋଇଥିଲା।



## ସାଟେଲାଇଟ୍ ନଜରରୁ ବର୍ତ୍ତିବା ପାଇଁ ନଡ଼ାପୋଡ଼ି ସମୟ ବଦଳାଇଛନ୍ତି ଚାଷୀ: ନାସା

**ୱାଶିଂଟନ, ୧୬।୧୨**

ଦିଲ୍ଲୀ ସମେତ ଉତ୍ତର ଭାରତରେ ବାୟୁ ପ୍ରଦୂଷଣ ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ନଡ଼ାପୋଡ଼ି ହୋଇଥିବାବେଳେ ଏହାକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏହା ସତ୍ତ୍ୱେ ନଡ଼ାପୋଡ଼ି କମିବା ପରିବର୍ତ୍ତେ ବଢ଼ିଚାଲିଛି। ନଡ଼ାପୋଡ଼ି ରୋକିବା ପାଇଁ ସାଟେଲାଇଟ୍ ଯୋଗେ ଏହା ଉପରେ ନଜର ରଖାଯାଉଥିଲା। ଏହା ଜାଣିପାରି ଚାଷୀ ନଡ଼ାପୋଡ଼ି ସମୟ ବଦଳାଇଦେଇଛନ୍ତି। ଫଳରେ ନଡ଼ାପୋଡ଼ିର ଦୃଶ୍ୟକୁ ସାଟେଲାଇଟ୍ ଧରିବା ସମ୍ଭବ ହେଉନାହିଁ ବୋଲି ନାସା କହିଛି।

ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଚାଷୀମାନେ ଧାନ ଅମଳ ପରେ ନଡ଼ା ପୋଡ଼ିଥାନ୍ତି। ତେଣୁ ଅନେକ ଦଶନ୍ଧି ଧରି ଏହି ସମୟରେ ଭାରତର ଗାଙ୍ଗେୟ ସମତଳ ଅଞ୍ଚଳରେ ଧୂଆଁ, ଧୂଳି ଆକାଶକୁ ଆଚ୍ଛାଦିତ କରି ରଖିଥିବା ଦେଖିବାକୁ ମିଳୁଥିଲା। ଏବେ ଫସଲ ଅମଳ ସମୟରେ ଏଥିରେ ବ୍ୟତିକ୍ରମ ଦେଖାଯାଇଛି। ଏହାର କାରଣ ଦୈନନ୍ଦିନ ନଡ଼ା ପୋଡ଼ି ସମୟ ବଦଳିଯାଇଥିବା ନାସା ପକ୍ଷରୁ ସୋମବାର ଜାରି ବିବୃତିରେ କୁହାଯାଇଛି। ନାସା ଗୋଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରର ବାୟୁମଣ୍ଡଳ ବିଜ୍ଞାନୀ ହିରେନ୍ ଜେଠୱା କହିଛନ୍ତି, ଗତ ଅକ୍ଟୋବର ଶେଷ ସପ୍ତାହରେ ନଡ଼ାପୋଡ଼ି ବଢ଼ିବାରୁ ମାସେ ହେଲା ଦିଲ୍ଲୀ ଓ ଅନ୍ୟ କେତେକ ସହରର ବାୟୁ ଗୁଣବତ୍ତା ଅଧିକ ଖରାପ ହୋଇଚାଲିଛି। ପ୍ରାୟ ଗୋଟିଏ ଦଶନ୍ଧି ହେଲା ଭାରତରେ ଷ୍ଟବଲ୍ ବର୍ନିଂ ଉପରେ ନଜର ରଖିବା ପାଇଁ ଜେଠୱା ସାଟେଲାଇଟ୍ ତଥ୍ୟକୁ ବ୍ୟବହାର କରୁଥିଲେ। ତାଙ୍କ କହିବା ଅନୁଯାୟୀ, ପୂର୍ବରୁ ସ୍ଥାନୀୟ ସମୟ ଅପରାହ୍ନ ୧ଟାରୁ ୨ଟା ମଧ୍ୟରେ ଚାଷୀ ନଡ଼ାରେ ନିଆଁ ଲଗାଉଥିଲେ। ଏବେ ଏହି ଢାଞ୍ଚା ବଦଳିଛି। କିଛି ବର୍ଷ ହେଲ ଅପରାହ୍ନ ୪ଟାରୁ ୬ଟା ମଧ୍ୟରେ ନଡ଼ା ପୋଡ଼ାଯାଉଛି। ବାୟୁ ଗୁଣବତ୍ତା ସୂଚକାଙ୍କ କିଛିଦିନ ହେଲା ୪୦୦ ଅତିକ୍ରମ କରିଛି। ଦିଲ୍ଲୀରେ ବାୟୁ ଗୁଣବତ୍ତା ଅଧିକ ଉତ୍କଟ ହେବାରୁ ଜିଆର୍‌ଏପିର ଚତୁର୍ଥ ପର୍ଯ୍ୟାୟ କଟକଣା ଲାଗୁ କରାଯାଇଛି। ବୈଧ ପଲ୍ୟୁଶନ ନିୟନ୍ତ୍ରଣ ସାର୍ଟିଫିକେଟ ନ ଥିବା ଗାଡ଼ିଗୁଡ଼ିକୁ ତେଲ ବିକ୍ରି ନ କରିବାକୁ ଦିଲ୍ଲୀ କର୍ତ୍ତୃପକ୍ଷ ମଙ୍ଗଳବାର ଘୋଷଣା କରିଛନ୍ତି।



ସେଲିନା ଜେଟଲି

## ୧୦୦ କୋଟି ଦାବିକଲେ ସେଲିନା

**ମୁମ୍ବାଇ**

ଅଭିନେତ୍ରୀ ସେଲିନା ଜେଟଲି ଖୁବ୍‌ଶୀଘ୍ର ସ୍ୱାମୀ ପିଟର ହଗଙ୍କଠାରୁ ଛାଡପତ୍ର ନେବାକୁ ଯାଉଛନ୍ତି। ନିକଟରେ ସେଲିନା ଅନ୍ଧେରିର ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ କୋର୍ଟରେ ହାଜର ହୋଇଥିଲେ। କୋର୍ଟ ଉଭୟ ପକ୍ଷଙ୍କୁ ଜାନୁଆରୀ ୨୭ ସୁଦ୍ଧା ଆୟ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନଭେମ୍ବରରେ ଅଭିନେତ୍ରୀଙ୍କ ଦ୍ୱାରା ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ ଅଧୀନରେ ଦାୟର କରାଯାଇଥିବା ମାମଲାର ପ୍ରଥମ ଶୁଣାଣି ସମୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା। ସେଲିନା ଜେଟଲି ସେମାନଙ୍କ ୧୫ ବର୍ଷର ବୈବାହିକ ଜୀବନ ମଧ୍ୟରେ ସ୍ୱାମୀଙ୍କ ନାଁରେ ଶାରୀରିକ ଏବଂ ମାନସିକ ଅଭିଯୋଗ କରିଛନ୍ତି। ସେ କ୍ଷତିପୂରଣ ଭାବରେ ୧୦୦ କୋଟି ଏବଂ ମାସିକ ଭରଣପୋଷଣ ପାଇଁ ୧୦ ଲକ୍ଷ ଦାବି କରିଛନ୍ତି। ଏହି ଦମ୍ପତି ୨୦୧୦ ମସିହାରେ ମୁମ୍ବାଇରେ ବିବାହ କରିଥିଲେ ଏବଂ ହଗଙ୍କ ବିଦେଶ କାର୍ଯ୍ୟ ସମୟରେ ମୁମ୍ବାଇ, ଦୁବାଇ, ସିଙ୍ଗାପୁର ଏବଂ ଅଷ୍ଟ୍ରିଆରେ ରହୁଥିଲେ। ହଗ୍ ଜଣେ ଅଷ୍ଟ୍ରିଆନ ହୋଟେଲ ବ୍ୟବସାୟୀ। ମୁମ୍ବାଇ କୋର୍ଟ ମଧ୍ୟବର୍ତ୍ତୀକାଳୀନ ସହାୟତା ବିଚାର କରିବା ପୂର୍ବରୁ ଉଭୟ ପକ୍ଷଙ୍କ ଆର୍ଥିକ ପରିସ୍ଥିତି ସ୍ପଷ୍ଟ କରିବାକୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୨୭ ତାରିଖରେ ହେବ।

# ଖୋର୍ଦ୍ଧାରେ ହେବ ଫାର୍ମା, ମେଡିକାଲ ଡିଭାଇସ୍ ପାର୍କ



କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ଅତିଥି ।

**ଭୁବନେଶ୍ୱର,୧୬।୧୨ (ଅନୁରାଧା ମହାରଣା)**

ଖୋର୍ଦ୍ଧାରେ ଗୋଟିଏ ଫାର୍ମା ପାର୍କ ତଥା ଏକ ମେଡିକାଲ ଡିଭାଇସେସ୍ ପାର୍କ ପ୍ରତିଷ୍ଠା କରାଯିବ। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେବା ସହ ଏ ନେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗୁଣାତ୍ମକ ଔଷଧ ଉତ୍ପାଦନ ଏବଂ ଚିକିତ୍ସା ପାଇଁ ଉନ୍ନତ ମାନର ଡିଭାଇସ୍ ପ୍ରସ୍ତୁତ କରି ଓଡ଼ିଶା ପୂର୍ବଭାରତର ଏକ ପ୍ରମୁଖ ଫାର୍ମାକେନ୍ଦ୍ର ଭାବେ ଉଭା ହେବା ସକାଶେ ପ୍ରସ୍ତୁତ ଅଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମୁଦାୟ ୬,୨୬୩ କୋଟି ଟଙ୍କାର ୪୫ଟି ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହା ରାଜ୍ୟରେ ସମୁଦାୟ ୩୮,୪୦୬ ନିଯୁକ୍ତି ସୃଷ୍ଟି

**ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

- **ଓଡ଼ିଶା ଫାର୍ମାସ୍ୟୁଟିକାଲ ଓ ମେଡିକାଲ ଡିଭାଇସ୍ ନୀତିର ଶୁଭାରମ୍ଭ**
- **ଫାର୍ମା ଶିଳ୍ପ ସଂସ୍ଥା ସହ ୬,୨୬୩ କୋଟିର ଏମ୍ଓୟୁ, ୩୮,୪୦୬ ନିଯୁକ୍ତି ସୃଷ୍ଟି ଆଶା**

କରିବ ବୋଲି ଆଶା କରାଯାଉଛି। ସେଥିମଧ୍ୟରୁ ଫାର୍ମାସ୍ୟୁଟିକାଲ୍ସ ପାଇଁ ୩୨ଟି, ମେଡିକାଲ ଉପକରଣ ଲାଗି ୧୨ଟି ଏବଂ ଏକ ଲ୍ୟାଣ୍ଡମାର୍କ ଶିଳ୍ପ ପାର୍କ ପ୍ରସ୍ତାବ ସକାଶେ ଆଉ ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଡିଭାଇସ୍ ନୀତି-୨୦୨୫ର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାକୁ ନିବେଶକମାନଙ୍କ ପ୍ରଥମ ପସନ୍ଦର ରାଜ୍ୟ କରିବାକୁ ସରକାର ସମସ୍ତ ପ୍ରକାର ଆବଶ୍ୟକତା ପୂରଣ କରୁଛନ୍ତି। ଏଥିସହିତ ରାଜ୍ୟରେ ଅଣପାରମ୍ପରିକ ଉଦ୍ୟୋଗକୁ ମଧ୍ୟ ବିକାଶ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ବର୍ତ୍ତମାନ ପୁଞ୍ଜି ନିବେଶ ପାଇଁ ଦେଶର ସବୁଠାରୁ ଉତ୍କୃଷ୍ଟ ରାଜ୍ୟ ମଧ୍ୟରୁ ଗୋଟିଏ। ଧାତୁ, ଖଣିଜ ଏବଂ ରାସାୟନିକ କ୍ଷେତ୍ରଗୁଡ଼ିକୁ ଓଡ଼ିଶାରେ ଶିଳ୍ପର ମେରୁଦଣ୍ଡ ଭାବେ ଅଭିହିତ କରିବା ସହ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସମ୍ବଳକୁ ଲୋକାଭିମୁଖୀ କରିବା ପାଇଁ ଆମେ ଭିତ୍ତିଭୂମି, ନବସୃଜନ ଶକ୍ତି ଓ ଜ୍ଞାନଭିତ୍ତିକ ଅର୍ଥନୀତି ଉପରେ ଅଧିକ ଗୁରୁତ୍ୱ ଦେଇଛୁ। ଗତ ଦେଢ଼ ବର୍ଷ ଭିତରେ ରାଜ୍ୟରେ ଶିଳ୍ପର ବ୍ୟାପକ ବିବିଧକରଣ ହୋଇଛି। ଓଡ଼ିଶାରେ କେମିକାଲ୍ସ, ପେଟ୍ରୋକେମିକାଲ୍ସ, ଗ୍ରୀନ ଏନର୍ଜି, ଫିନ୍‌ଟେକ୍, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ବୟନଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ନିବେଶ ଆସିଛି। ସେ ଆହୁରି କହିଥିଲେ, ଓଡ଼ିଶାରେ ଦେଶର ସର୍ବାଧିକ ଖଣିଜ ପଦାର୍ଥ, ତିନୋଟି ପ୍ରମୁଖ ବନ୍ଦର, ଦୁଇଟି ବାଣିଜ୍ୟିକ ବିମାନବନ୍ଦର, ୫୭୫ କିଲୋମିଟର ପରିବ୍ୟାପ୍ତ ଉପକୂଳ, ଉନ୍ନତ ରେଳ ଏବଂ ସଡ଼କ ନେଟୱର୍କ, ଅତିରିକ୍ତ ବିଦ୍ୟୁତ୍, ପର୍ଯ୍ୟାପ୍ତ ଜଳର ଉପଲବ୍ଧତା ସହ ତାଲିମପ୍ରାପ୍ତ ମାନବଶକ୍ତି ମଧ୍ୟ ଅଛି। ଏଣୁ ଓଡ଼ିଶା ପୂର୍ବଭାରତର ମ୍ୟାନୁଫାକ୍ଚରିଂ ହବ୍ ହେବାପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। କାର୍ଯ୍ୟକ୍ରମରେ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ, ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫ ଆମ ରାଜ୍ୟର ବିକାଶ-କେନ୍ଦ୍ରିତ ଶିଳ୍ପାୟନ ରଣନୀତିକୁ ପ୍ରତିଫଳିତ କରୁଛି। ପ୍ରଗତିଶୀଳ ନୀତି, ସମର୍ପିତ ଶିଳ୍ପ ପାର୍କ, ଦକ୍ଷ ମାନବ ସମ୍ବଳ ସହିତ ଓଡ଼ିଶା ବର୍ତ୍ତମାନ ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାତାଙ୍କ ପାଇଁ ଏକ ପ୍ରକୃଷ୍ଟ ପରିବେଶ ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଅଶ୍ୱତୀ ଏସ୍ ଧନ୍ୟବାଦ ଦେଇଥିଲେ।

# ଘନ କୁହୁଡ଼ି : ଓଡ଼ିଶାରେ ୨ ଦିନ ପାଇଁ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୧୬।୧୨ (ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛିଦିନ ଧରି ଶୀତ ଲହରୀ ଜାରି ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାର ସୁନ୍ଦରଗଡ଼, କୋରାପୁଟ ଏବଂ କନ୍ଧମାଳର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନରୁ ଅତି ଘନ କୁହୁଡ଼ି ଦେଖିବାକୁ ମିଳିଛି। ସେହିପରି କଳାହାଣ୍ଡି ଓ ଝାରସୁଗୁଡ଼ା ଆଦି ଜିଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପଡ଼ିଛି। ଆସନ୍ତା ୨ଦିନ ୩ ଜିଲାରେ ଘନ କୁହୁଡ଼ି ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, କୋରାପୁଟ ଓ କନ୍ଧମାଳ ରହିଛି। ଅନ୍ୟପଟେ କଳାହାଣ୍ଡି, ସୁନ୍ଦରଗଡ଼, ଝାରସୁଗୁଡ଼ା, କୋରାପୁଟ ଓ କନ୍ଧମାଳର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପଡ଼ିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିପାରେ। ମଙ୍ଗଳବାର ରେକର୍ଡ କରାଯାଇଥିବା ତାପମାତ୍ରା ଅନୁଯାୟୀ, ଦାରିଙ୍ଗବାଡ଼ିରେ ଦିନ ତାପମାତ୍ରା ସର୍ବାଧିକ ୨୪.୫ ଡିଗ୍ରୀ ସେଲସିୟସ୍ ଓ ରାତି ତାପମାତ୍ରା ୭.୦ ଡିଗ୍ରୀ ସେଲସିୟସ୍ ରହିଥିଲା। ରାଜ୍ୟର ସର୍ବନିମ୍ନ ତାପମାତ୍ରା କୋରାପୁଟରେ ୬.୫ ଡିଗ୍ରୀ ସେଲ୍‌ସିୟସ ରହିଥିଲା।

Big benefits.
Small window.
This December, unlock year-end benefits on your next Kia.



KIA
Movement that inspires

Benefits up to
₹1 80 000*

Reserved for a festive finish, these limited-period benefits make bringing home a Kia smoother than ever. Enjoy attractive benefits across select models, and start the new year behind the wheel of something truly advanced. Visit your nearest Kia dealership today.

| Models | Sonet | Seltos | Syros | Carens Clavis |
| --- | --- | --- | --- | --- |
| Total benefits up to* | ₹1 15 000 | ₹1 80 000 | ₹1 68 000 | ₹1 48 000 |

*Benefits available on other Kia cars as per applicability.

For more information, visit our dealership or contact:
1800 108 5000 | 093195 91407 | www.kia.com | Book Kia | kiacare@kiaindia.net | Look for "Kia India" @

*Terms & condition apply. Benefits shown are the combination of exchange, loyalty, corporate, scrappage and special benefits, which are applicable on select models and variants, may vary from model to model and region to region. The product shown is for representation purposes only. Actual features, colors, and specifications may not be part or standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/ discontinue any offer/ scheme/ service without prior notice. Kia urges you to follow traffic rules, these are meant to keep you safe on the roads. Visit your nearest Kia dealership for more details.

**Empreo Kia** : Patia, Tel: 9777064777, 9124401571 **Central Kia:** Pahal, Bhubaneswar, Tel: 7440004288, 7440002919 **Trupti Kia** : Patrapada, Bhubaneswar, Tel: 7064414001, 7064414004, 7064414005 **Trupti Kia:** Puri Bypass Road, Tel: 7064414001 **Central Kia:** Near Srusti Hospital, Ring Road, Mangalabag, Cuttack -753001, Tel: 9237304769 **Trupti Kia:** Keonjhar, Tel: 7064414005 **Sanjib Kia:** Panikoili, Jajpur, Tel: 9937689001

KHIMJI TRUST SINCE 1936

KHIMJI®
JEWELLERS SINCE 1936

90 YEARS OF KHIMJI LEGACY

ARRIVING @ JAJPUR ROAD




GRAND OPENING
20TH DECEMBER, 12 PM ONWARDS
BESIDE PANKAJ HOTEL, BANK STREET ROAD

11th SHOWROOM IN ODISHA | SPREAD ACROSS 6000 SQFT | JAJPUR ROAD'S ONLY ONE STOP JEWELLERY DESTINATION

90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee

**BHUBANESWAR:** Janpath | Chandrasekharpur | Samantarapur | Soubhagya Nagar | **ANGUL:** Shankar Cinema Hall Road **BERHAMPUR:** Venkatraju Arcade, Sano Bazar **CUTTACK:** 558/834, Cantonment Road **JHARSUGUDA:** Sarbahal Road, Marwari Para **PURI:** Opp. Police Line, VIP Road **ROURKELA:** Kesar Bhawan, Main Road **SAMBALPUR** (Opening Shortly)

Follow us on: | 1800 3131 777 | Khimjijewellers.com

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସମ୍ମିଳନୀ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ପାୱାର ହାଉସ୍ ଛକ, ସମୟ: ସକାଳ ୯ଟା।
- ଗୋହଳ ଗ୍ରାମବାସୀଙ୍କ ପକ୍ଷରୁ ପ୍ରସ୍ତାବିତ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନେଇ ପ୍ରତିବାଦ, ସ୍ଥାନ: ୱାଟ୍କୋ କାର୍ଯ୍ୟାଳୟ, ସତ୍ୟନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ମହିଳା ନେତୃତ୍ୱ ବିକାଶ ତାଲିମ, ସ୍ଥାନ: ଆଇଏନ୍‌ଟିୟୁସି ରାଜ୍ୟ ଶାଖା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସୋସାଇଟି ଫର୍ ନେଚର, ଏଜୁକେଶନ ଆଣ୍ଡ ହେଲ୍ଥ (ଏସ୍‌ଏନ୍‌ଇଏଚ୍) ପକ୍ଷରୁ ଘରୋଇ ହିଂସା ଉପରେ କାର୍ଯ୍ୟକ୍ରମ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ସେନା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ଅପରାହ୍ନ ୨ଟା।
- ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସ୍କୁଲ ପରିସର, କଳିଙ୍ଗ ନଗର, ଘାଟିକିଆ, ସମୟ: ଅପରାହ୍ନ ୫ଟା।

**କଟକ**
- ଓଡ଼ିଶାର ରାଜବନ୍ଦୀ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ ସମାରୋହ, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଖଦି ମଣ୍ଡଳ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଗୁଣନିଧି ମହାନ୍ତିଙ୍କ ୬୪ତମ ଶ୍ରାଦ୍ଧ ଦିବସ, ସ୍ଥାନ: ଗୁଣନିଧି ଭବନ, ଥୋରିଆସାହି, ସମୟ: ପୂର୍ବାହ୍ନ ୧୦ଟା।
- ଶୈଳବାଳା ୱିମେନ୍ସ କଲେଜ ହଷ୍ଟେଲ ୱାର୍କର୍ସ ୟୁନିୟନ ପକ୍ଷରୁ ଧାରଣା, ସ୍ଥାନ: କଲେଜ ହଷ୍ଟେଲ ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ସଂସଦ ପକ୍ଷରୁ ୬୬ତମ ଶିଶିର ଉତ୍ସବ ଓ ଓଡ଼ିଆ ଲେଖକ ସମ୍ମେଳନର ଅନ୍ତିମ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

**ପୁରୀ**
- ନାନୋ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ୍‌ର ଉତ୍ସବ, ସ୍ଥାନ: ପୌରସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ପେନ୍‌ସନ ଦିବସ ପାଳନ, ସ୍ଥାନ: ସଦାଶିବ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୧ଟା।
- ସାକ୍ଷୀଗୋପାଳ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନ, ସ୍ଥାନ: ସତ୍ୟବାଦୀ ଉଚ୍ଚବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ନାଟକ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ରାତି ୭ଟା ୩୦।

**ଖୋର୍ଦ୍ଧା**
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ପିଏନ୍ କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କ୍ୟାମ୍ବୋରୀ ଉଦ୍‌ଯାପନୀ ଦିବସ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଖୋର୍ଦ୍ଧା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ବିଡିଏ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ନଛିପୁର ହାଇସ୍କୁଲ, ପଳସା, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଦର୍ଶନ ପ୍ରସାଦ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ଡୁଙ୍ଗୁରା, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ପରିସର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସଦ କ୍ରୀଡ଼ା ଉତ୍ସବ, ସ୍ଥାନ: ରଘୁନାରାୟଣ ପଡ଼ିଆ, ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚବିଶ ପ୍ରହର ନାମ ସଂକୀର୍ତ୍ତନ ଓ କଳସ ଶୋଭାଯାତ୍ରା, ସ୍ଥାନ: ବେଲଦାଣ୍ଡିଆ ମନ୍ଦିର ପରିସର, ସିଂଲା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଉତ୍ସବର ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ବିଜୟ ଦିବସ ପାଳନ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ସକାଳ ୮ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବିଦେଇପୁର କପିଳ ମୁନିପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ, ସ୍ଥାନ: ବାରିକପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିଶୁମେଳା, ସ୍ଥାନ: ଜୟଦୁର୍ଗା ହାଇସ୍କୁଲ ପରିସର, ଧୁଷୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ସ୍ୱାସ୍ଥ୍ୟସେବିକା ସ୍ୱର୍ଗତ ରମାମଣି ରାୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା, ସ୍ଥାନ: ସାଆଁଳପୁର, ଧୁଷୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଛପୁଲିଆ, ନୂଆବଜାର, ଭଦ୍ରକ, ସମୟ: ଅପରାହ୍ନ ୩ଟା।

**ମୟୂରଭଞ୍ଜ**
- ଜିଲାସ୍ତରୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ ମ୍ୟାଚ, ସ୍ଥାନ:ମଧୁବନ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୫ତମ ଜନ୍ମଜୟନ୍ତୀ ପାଳନ, ସ୍ଥାନ: ବେଲଗଡ଼ିଆ ପ୍ୟାଲେସ୍, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ଶ୍ରୀରାମଚନ୍ଦ୍ର ପାଠାଗାର(ଜୁବୁଲି ଲାଇବ୍ରେରୀ) ବାରିପଦା, ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ବାଇକ ରାଲି, ସ୍ଥାନ: ଏନଜିଓ ହଲ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୪୨ତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବହୁଭାଷୀ ନାଟକ ମହୋତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୫ଟା।

**ଗଞ୍ଜାମ**
- ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ଉଦଯାପନ, ସ୍ଥାନ: ବୁଗୁଡ଼ା ବ୍ଲକ ବାଲିପଦର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଆସିକା କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

**ଅନୁଗୋଳ**
- ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳ ପଡିଆ, ସମୟ : ସକାଳ ୮ଟା ୩୦।
- ପପୁ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ : ଆଠମଲ୍ଲିକ ଲିପିଲୋଇ ଖେଳପଡ଼ିଆ, ସମୟ : ଅପରାହ୍ନ ୨ଟା।

**ଜଗତ୍‌ସିଂହପୁର**
- କୋଷ୍ଟଗାର୍ଡ ପକ୍ଷରୁ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ସଚେତନତା କୌଶଳ ଓ ସମୁଦ୍ରରେ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: କୋଷ୍ଟଗାର୍ଡ ବର୍ଥ, ପାରାଦୀପ ବନ୍ଦର, ସମୟ: ସକାଳ ୭ଟା ୩୦।
- ଲୁଣା ଜଙ୍ଗଲ ବନଖଣ୍ଡ ଅଧିକାରୀଙ୍କ ପକ୍ଷରୁ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର, ସ୍ଥାନ: ମାଛଧରା ବନ୍ଦର, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀମହାପୁରୁଷ ମଧୁସୂଦନ ଦାସ ପୀଠ, କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ରାଜସ୍ୱ ଅଭିଯୋଗର ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଓ ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଧ୍ୟାନ ମନ୍ଦିର, ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଖଣି ଚୋରି ନିୟନ୍ତ୍ରଣ ପାଇଁ ସଚେତନତା ସେମିନାର, ସ୍ଥାନ : ଯାଜପୁର ରୋଡ ବ୍ରାହ୍ମଣୀ ହୋଟେଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଇଷ୍ଟର କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ପଡିଆ, ସମୟ: ସକାଳ ୭ଟା୩୦।
- ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣଙ୍କ ଚତୁର୍ଦ୍ଦଶତମ ମହୋତ୍ସବ ଅବସରରେ ସାଧୁ ସମ୍ମିଳନୀ ଓ ପ୍ରବଚନ, ସ୍ଥାନ : କୋରେଇ ବ୍ଲକର ଶଙ୍ଖଚିଲା ହାଟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ୨୧ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା। ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ ଟା ୩୦।
- ନୟାଗଡ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଖଣ୍ଡପଡା ଶୁଭ ମଣ୍ଡପ, ସମୟ: ପୂର୍ବାହ୍ନ ୧୧.୩୦ଟା।
- ୧୬ତମ ସର୍ବ ଭାରତୀୟ ସଦାଶିବ ସ୍ମାରକୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସରେ ମୁମ୍ବାଇ ବନାମ କଳାହାଣ୍ଡି, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଳିସାଗର ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।

**ରାୟଗଡ଼ା**
- ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ଧର୍ମଘଟ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ମାଣ ଶ୍ରମିକ ମହାସଂଘ ପକ୍ଷରୁ ରାଲି ଓ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଗାନ୍ଧୀ ପାର୍କ, ଜିଲା ଶ୍ରମ କାର୍ଯ୍ୟାଳୟ ଓ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଖରିଫ ଧାନ ମଣ୍ଡି ଶୁଭାରମ୍ଭ, ସ୍ଥାନ: ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣ, ରାୟଗଡା, ସମୟ: ପୂର୍ବାହ୍ନ୧୧ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଏମ୍‌କେ ରାଇ, ଗୁଡାରି ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

**ନବରଙ୍ଗପୁର**
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ଭାମିନି ଖେଳ ପଡିଆ, ଉମେରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଆରଏମସି ୟାର୍ଡ଼, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ସାଂସଦ ଖେଳ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଏକ ପେଡ ମାଆ କି ନାମ ୨.୦ ଉପରେ ସମୀକ୍ଷା, ସ୍ଥାନ: କୋରାପୁଟ ଓସ୍ୱାନ ହଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଖେଳ ମହୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: କୋଟପାଡ଼ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ସମୟ: ଅପରାହ୍ନ ୩ଟା।
- ଜଙ୍ଗଲ ଅଧିକାର ଆଇନ ଉପରେ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ ଟା।

**ମାଲକାନଗିରି**
- କିନ୍ନର ସମାଜ ପକ୍ଷରୁ ଦୁର୍ଗା ମାତାଙ୍କ ପୂଜା ଆରମ୍ଭ, ସ୍ଥାନ: ବାଲିମେଳା ସହର, ସମୟ: ସକାଳ ୬ଟା।
- ପ୍ରଗତି ମହିଳା ମୋର୍ଚ୍ଚା ପକ୍ଷରୁ ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ, ସ୍ଥାନ: ପୋଟ୍ରେଲ ପଞ୍ଚାୟତ ଅଧିନସ୍ତ ଚିତାପାରି ଗ୍ରାମ, ସମୟ: ମଧ୍ୟାହ୍ନ ୨ ଟା।

**ସମ୍ବଲପୁର**
- ସୌନ୍ଦର୍ଯ୍ୟ ସଚେତନତା ଓ ପ୍ରଶିକ୍ଷଣ ଶିବିର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବୀର ଛବିଳ ସାଏ ସ୍ମୃତି କମିଟି ଆୟୋଜନରେ ପ୍ରଥମ ଯୁଦ୍ଧର ମଶାଲ ଓ ତ୍ରିରଙ୍ଗା ଯାତ୍ରା, ସ୍ଥାନ : ରଣଭୂମି କୁଦୋପାଲି, ସମୟ : ଅପରାହ୍ନ ୪ଟା।
- ମାରୱାଡି ମହୋତ୍ସବ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ରେମେଡ ନିକଟସ୍ଥ ଉତ୍ସବ ସ୍ଥଳି, ସମୟ : ଅପରାହ୍ନ ୫ଟା।
- ସମ୍ବଲପୁର ଲୋକ ମହୋତ୍ସବ ସଂଯୋଜନା ସମିତିର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଫେନସିଂ ରାଜ୍ୟସ୍ତରୀୟ କନିଷ୍ଠବର୍ଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀର ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୯ଟା।

**ସୁନ୍ଦରଗଡ଼**
- ପଦମପୁର ସ୍କୁଲ ପଡିଆ,ବ୍ଲକ: କୁଆଁରମୁଣ୍ଡା, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

**ବରଗଡ଼**
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଗାଇସିଲେଟ, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ବାବା ମହାଦେବ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ:ନୂଆଁବନ୍ଧ ମନ୍ଦିର ପରିସର, କୁଳିତା ଟୁକୁରା, ଅତାବିରା, ସମୟ:ସକାଳ ୯ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ:ଗାନ୍ଧିଛକ କଲ୍ୟାଣ ମଣ୍ଡପ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା ୩୦।

**କଳାହାଣ୍ଡି**
- ନୃତ୍ୟ ସଙ୍ଗମର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- କଳାହାଣ୍ଡି ଉତ୍ସବ ଘୁମୁରା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବ ଉଦ୍‌ଯାପିତ, ସ୍ଥାନ: ଭୈରବୀ ଖେଳପଡିଆ, ବୌଦ୍ଧ, ସମୟ, ସନ୍ଧ୍ୟା: ୭ଟା।

**ଦେବଗଡ଼**
- ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଦାବିରେ ଜିଲା ମହିଳା ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଡାକରା, ସ୍ଥାନ: ଦେବଗଡ଼ ସହର, ସମୟ : ସକାଳ ୬ଟାରୁ।
- ସନ୍ଧ୍ୟା ଆଳତୀ, ସ୍ଥାନ : ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବର ବୈଠକ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ପ୍ରଥମ ଜୋନସ୍ତରୀୟ ୟୁନିଟ କ୍ରିକେଟ କପର ତୃତୀୟ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୧୭ତମ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଲଖନା ସପ୍ତମ ରଜନୀରେ ପାତ୍ର ମନ୍ତ୍ରୀଙ୍କ ସହ କୃଷ୍ଣ ବଳରାମଙ୍କ ବିନାଶ ପାଇଁ ଷଡଯନ୍ତ୍ର, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ପଶ୍ଚିମ ଓଡିଶା ଆବାସିକ ପବ୍ଲିକ ସ୍କୁଲର ରୌପ୍ୟ ଜୟନ୍ତୀ ଉଦ୍‌ଯାପନ, ସ୍ଥାନ: ବିଦ୍ୟାଳୟ ପରିସର ଖଡିଆଳ, ସମୟ: ସନ୍ଧ୍ୟା ୬ଟା।
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପ୍ରଥମ ରଜନୀରେ ଦେବକୀ ବସୁଦେବଙ୍କ ବିବାହ ଓ କଂସର ରାଜ୍ୟାଭିଷେକ, ସ୍ଥାନ: କୋମନା ବ୍ଲକ ତରବୋଡ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ଝାରସୁଗୁଡ଼ା**
- ରୁଦ୍ରାଭିଷେକ ପୂଜା, ସ୍ଥାନ:କୋଇଲି ଘୁଗର ଶିବ ମନ୍ଦିର, ସମୟ:ସକାଳ ୮ଟା।
- ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବୈଠକ, ସ୍ଥାନ:ଡିଏମ୍‌ଏଫ୍ ହଲ, ଜିଲାପାଳ କାର୍ଯ୍ୟାଳୟ, ବେହେରାମାଲ, ସମୟ: ଅପରାହ୍ନ ୪ଟା ୩୦।

# ୩୦ଯାଏ ବଢ଼ିଲା ଅବଧି

**କଟକ,୧୬।୧୨(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୨୬-୨୭ ଶିକ୍ଷାବର୍ଷରେ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷା ଦେବା ପାଇଁ ଚଳିତବର୍ଷ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ଅବଧି ଡିସେମ୍ବର ୩୦ ତାରିଖ ଯାଏ ବଢ଼ାଇ ଦିଆଯାଇଛି। ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣ ପ୍ରକ୍ରିୟା ଡିସେମ୍ବର ୧୭ ତାରିଖ ରାତ୍ର ୧୧.୪୫ ମିନିଟରେ ଶେଷ ହେବାର ଥିଲା। ମାତ୍ର ଅଭିଭାବକ, ପ୍ରଧାନଶିକ୍ଷକମାନଙ୍କ ଅନୁରୋଧକ୍ରମେ ଏହି ଅବଧିକୁ ବଢ଼ାଯାଇଥିବା ବୋର୍ଡ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

ସୂଚନାନୁସାରେ, ୨୦୨୭ ମାଟ୍ରିକ ପରୀକ୍ଷା ପାଇଁ ରାଜ୍ୟର ସମସ୍ତ ହାଇସ୍କୁଲର ମୁଖ୍ୟମାନେ ସମ୍ପୃକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଅନ୍‌ଲାଇନ ଜରିଆରେ ଏହି କାର୍ଯ୍ୟ କରୁଛନ୍ତି। ଦିବାରାତ୍ର ୨୪ ଘଣ୍ଟିଆ ଅନ୍‌ଲାଇନରେ ପଞ୍ଜୀକରଣ କାର୍ଯ୍ୟ ଚାଲୁରହିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ୬୦ ଟଙ୍କା ହିସାବରେ ପଞ୍ଜୀକରଣ ଦେୟ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ରେଗୁଲାର ଓ କ୍ୱାସି ରେଗୁଲାର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ମଧ୍ୟ ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲରେ ପଢୁଥିବା ଏସ୍‌ସି ଓ ଏସ୍‌ଟି ବର୍ଗର ରେଗୁଲାର ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ନିମନ୍ତେ କୌଣସି ଦେୟ ଲାଗିବ ନାହିଁ। ପଞ୍ଜୀକରଣ ନିମନ୍ତେ ଆବେଦନ ପତ୍ରର ଫର୍ମାଟ, ନିର୍ଦ୍ଦେଶାବଳୀ ଓ ଲିଙ୍କ୍ ଆଦି ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ହେବ। ଏହି ସମୟ ମଧ୍ୟରେ ନାମ ପଞ୍ଜୀକରଣ କରିପାରି ନ ଥିବା ଛାତ୍ରୀଛାତ୍ରମାନେ ୨୦୨୭ ମାଟ୍ରିକ ପରୀକ୍ଷା ଦେଇପାରିବେ ନାହିଁ। ଏଭଳି କ୍ଷେତ୍ରରେ ସେମାନେ ବୋର୍ଡ ଦ୍ୱାରା ପରିଚାଳିତ ପତ୍ରମାଧ୍ୟମ ପାଠ୍ୟକ୍ରମରେ ନାମ ପଞ୍ଜୀକରଣ କରି ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ।

**ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ**

# ସ୍କୁଲରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**ସୋନପୁର/ତରଭା,୧୬।୧୨ (ମୃତ୍ୟୁଞ୍ଜୟ ଶତପଥୀ/ ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚାରଭଟାସ୍ଥିତ ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଆର୍ଯ୍ୟନ ସୁନା(୧୭)ଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ଛାତ୍ରାବାସରେ ଥିବାବେଳେ ଆର୍ଯ୍ୟନ ହଠାତ୍ ମୂର୍ଚ୍ଛା ହୋଇଯାଇଥିଲେ। ମଧ୍ୟାହ୍ନ ୧୨ଟାରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଅପରପକ୍ଷରେ ସୋମବାର ସନ୍ଧ୍ୟାରେ ମୋବାଇଲକୁ ନେଇ ଆର୍ଯ୍ୟନ ଓ ସହପାଠୀଙ୍କ ମଧ୍ୟରେ ଉଚ୍ଚବାଚ ଓ ମାରପିଟ୍ ହୋଇଥିବା ଅଭିଯୋଗ ହୋଇଛି। ଛାତ୍ରଙ୍କୁ ମାଡ଼ ମାରି ହତ୍ୟା କରାଯାଇଥିବା ଚାରଭଟା ଗ୍ରାମବାସୀ ଅଭିଯୋଗ ଆଣି ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା ମାରପିଟ୍ ଘଟଣାକୁ ଅସ୍ୱୀକାର କରିବା ସହ ମୃତ ଛାତ୍ର ସକାଳେ ଜଳପାନ କରିଥିବା ଓ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଏସ୍‌ଆଇଆର୍‌ରେ ମୃତ...

ସ୍ୱରୂପ ସୂର୍ଯ୍ୟ ସମର୍ଥକମାନଙ୍କ ସହ ତୁରନ୍ତ କାଳୀପୁର ଶ୍ମଶାନକୁ ଯାଇ ନିଜ ଶେଷକୃତ୍ୟ ଦାବିରେ ବସି ରହିଥିଲେ। ସେ କହିଛନ୍ତି, ମୁଁ ଜଣେ ଲୋକ ପ୍ରତିନିଧି ଅଥଚ ଭୋଟର ତାଲିକାରେ ମୋତେ ମୃତ ଘୋଷଣା କରାଯାଇଛି। ଯଦି ଜଣେ ଲୋକପ୍ରତିନିଧିଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିପାରୁଛି, ତେବେ ନିର୍ବାଚନ କମିଶନ ତାଲିକାରୁ ସହଜରେ ଅନେକ ଲକ୍ଷ ଭୋଟରଙ୍କ ନାଁ କାଟିପାରିଥିବେ। ତାଙ୍କ ନାମ କଟିବା ପାଇଁ କାଉନ୍‌ସିଲର ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଦୋଷ ଦେଇଛନ୍ତି। ନିର୍ବାଚନ କମିଶନ ଭୋଟର ତାଲିକାରେ ମୋତେ ମୃତ ଘୋଷଣା କରିଥିବାରୁ ମୋର ଶେଷକୃତ୍ୟ ପାଇଁ ଅଧିକାରୀମାନଙ୍କୁ ପଠାଇବା ଆବଶ୍ୟକ ବୋଲି କାଉନସିଲର କହିଛନ୍ତି।

## ଲକ୍ଷେ ଋଣ ନେଇଥିଲେ...

ସାହୁକାର ରୋଶନଙ୍କୁ ନିଜ କିଡ୍‌ନୀ ବିକ୍ରିକରି ଋଣମୁକ୍ତ ହେବାକୁ ପରାମର୍ଶ ଦେଇଥିଲେ। ଜଣେ ଏଜେଣ୍ଟଙ୍କ ଜରିଆରେ ରୋଶନ କୋଲକାତା ଯାଇ କିଡ୍‌ନୀ ଯାଞ୍ଚ କରାଇବା ପରେ ବିକ୍ରି ପାଇଁ କାମ୍ବୋଡିଆ ଗଲେ। ସେଠାରେ ତାଙ୍କ କିଡ୍‌ନୀ ବାହାର କରାଯାଇ ୮ ଲକ୍ଷ ଟଙ୍କାରେ ବିକ୍ରି କରାଗଲା। ଏତେ ସବୁ ଘଟିଯିବା ପରେ ପୋଲିସ ତାଙ୍କ ଗୁହାରି ଶୁଣିଲାନାହିଁ। ଏବେ ସେ ମାନସିକ ଓ ଶାରୀରିକ ଭାବେ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛନ୍ତି। ରୋଶନ କହିଛନ୍ତି, ରାଜ୍ୟ ସରକାର ନ୍ୟାୟ ପ୍ରଦାନ ନ କଲେ ସେ ସପରିବାର ମୁମ୍ବାଇରେ ସରକାରଙ୍କ ମୁଖ୍ୟାଳୟ ଆଗରେ ଆତ୍ମାହୁତି ଦେବେ। ଋଣ ଦେଇଥିବା ସାହୁକାରମାନେ ହେଲେ ବ୍ରହ୍ମପୁରୀର କିଶୋର ବୱାଙ୍କୁଲେ, ମନୀଷ କାଲବନ୍ଦେ, ଲକ୍ଷ୍ମଣ ଉର୍କୁଡେ, ପ୍ରଦୀପ ବୱାଙ୍କୁଲେ, ସଞ୍ଜୟ ବଲ୍ଲରପୁରେ ଓ ଲକ୍ଷ୍ମଣ ବୋର୍କାର।

## ଆଇପିଏଲ୍ ଅକ୍ସନ...

ବଳକା ୭ କୋଟି ବିଦେଶୀ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ଅକ୍ସନର ନିୟମ ଅନୁଯାୟୀ, ବିସିସିଆଇର ଖେଳାଳିଙ୍କ ବିକାଶ ଯୋଜନାରେ ଖର୍ଚ୍ଚ ହେବ। ଶ୍ରୀଲଙ୍କା ପେସର ମାଥିଶା ପାଥିରାନାଙ୍କୁ ୧୮ ଓ ବାଂଲାଦେଶର ବାମହାତୀ ପେସର ମୁସ୍ତାଫିଜୁର ରହମାନ୍‌ଙ୍କୁ ୯.୨୦ କୋଟି ଟଙ୍କାରେ କେକେଆର ଦଳରେ ସାମିଲ କରିଛି। ଦୁଇ ପେସର ନିଜ ନିଜ ଦେଶର ସବୁଠୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି।

ଉତ୍ତର ପ୍ରଦେଶର ୨୦ ବର୍ଷୀୟ ବାମହାତୀ ସ୍ପିନର ପ୍ରଶାନ୍ତ ବୀର ଓ ରାଜସ୍ଥାନର ୧୯ ବର୍ଷୀୟ କିପର ବ୍ୟାଟର କାର୍ତ୍ତିକ ଶର୍ମାଙ୍କୁ ୧୪.୨୦ କୋଟି ଲେଖାଏ ଟଙ୍କାରେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) କିଣିଛି। ଫଳରେ ଦୁହେଁ ଆଇପିଏଲ୍ ଇତିହାସର ସବୁଠୁ ଦାମୀ ଅନ୍‌କ୍ୟାପ୍‌ଡ ଖେଳାଳି ହେବା ରେକର୍ଡର ଅଧିକାରୀ ହୋଇଛନ୍ତି। ଜମ୍ମୁ-କଶ୍ମୀର ପେସର ଆକିବ ନବି ଦାର ୮.୪୦ କୋଟି ଓ ଭାରତୀୟ ଅଲ୍‌ରାଉଣ୍ଡର ଭେଙ୍କଟେଶ ଆୟର ୭ କୋଟି ଟଙ୍କା ମୂଲ୍ୟରେ ଯଥାକ୍ରମେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି)ରେ ସାମିଲ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ବିସ୍ଫୋରକ ବ୍ୟାଟର ଡେଭିଡ୍ ମିଲର ଓ ଅନ୍‌ରିଚ ନର୍କିଆଙ୍କୁ ୨ କୋଟି ଟଙ୍କାର ବେସ୍ ପ୍ରାଇସ୍‌ରେ ଯଥାକ୍ରମେ ଡିସି ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) କିଣିଥିବା ବେଳେ ନ୍ୟୁଜିଲାଣ୍ଡର ଉଇକେଟ୍‌କିପର ବ୍ୟାଟର ଡେଭନ କନ୍‌ୱେ ଓ ଅଷ୍ଟ୍ରେଲିଆନ ପେସର ସ୍ପେନ୍‌ଶର ଜନ୍‌ସନ ଅନ୍‌ସୋଲ୍ଡ ରହିଛନ୍ତି। ଦକ୍ଷିଣ ଆଫ୍ରିକୀୟ ଓପନର କ୍ୱିଣ୍ଟନ୍ ଡି କକ୍ ୧ କୋଟି ଟଙ୍କାର ବେସ୍ ପ୍ରାଇସ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍‌ଆଇ)କୁ ଫେରିଛନ୍ତି। ପରବର୍ତ୍ତୀ ସିଜନ ଲାଗି ୩୧ ବିଦେଶୀଙ୍କ ସମେତ ୭୭ ଖେଳାଳିଙ୍କ ସ୍ଥାନ ଫାଙ୍କା ରହିଥିବାବେଳେ ୨୪୬ ଭାରତୀୟ ଓ ୧୧୩ ବିଦେଶୀଙ୍କ ସମେତ ମୋଟ୍ ୩୫୯ ଖେଳାଳି ଏହି ଅକ୍ସନରେ ଭାଗନେଇଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗରେ କାଳିଆ ନାହିଁ କରୁଥିଲୁ
ସିଂଘାଣି ନାକକୁ ଦେଖି
ଏବେରେ କାଳିଆ ଝୁରି ମରୁଅଛୁ
ଧନ ଯଉବନ ଦେଖି ।**

ଝିଅଟିର ବୟସ ଯେବେ ବଢେ ସେତେବେଳେ ତା'ର ରୂପ ଓ ଚେହେରା ବଦଳିଯାଏ। ଯୌବନ ବେଳେ ସେ ଦେଖିବା ଯୋଗ୍ୟ ହୋଇଯାଏ। ଏପରିସ୍ଥଳେ ପିଲାଦିନେ ଅସୁନ୍ଦରୀ, ଅପରିଛନ୍ନ କହି ପାଖରେ ପୂରାଇଦେଉ ନ ଥିବା ବ୍ୟକ୍ତି ଏବେ ତା'ପ୍ରତି ଆକୃଷ୍ଟ ହୋଇ ପଛରେ ଗୋଡାଉଥିବା ଦେଖି ତାକୁ ପଛ କଥା ମନେ ପକାଇ ଝିଙ୍ଗାସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆମେ ଦୁଇଜଣ ସଂସାର ଘଡ଼ି,
କେବେ ହେବା ନାହିଁ ଛଡ଼ାଛଡ଼ି ।**

ବିବାହ ପରେ ପତିପତ୍ନୀ ସାରା ଜୀବନ ପାଇଁ ଏକ ଡୋରିରେ ବାନ୍ଧି ହୋଇଯାଇଥାନ୍ତି। ସେହିପରି ପରସ୍ପର ମଧ୍ୟରେ ସ୍ନେହ, ବିଶ୍ୱାସ ଓ ଭଲ ପାଇବା ଯେତେ ଅଧିକ, ସମ୍ପର୍କ ସେତେ ଦୃଢ଼ ହୋଇଥାଏ। ଜୀବନସାଥୀର ହାତ ଧରି ଶେଷ ସମୟ ପର୍ଯ୍ୟନ୍ତ ହସଖୁସିରେ ଏକାଠି ରହିବା ନେଇ ପଣ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ କୋଣ ସ୍ଥାନରେ ବୃହସ୍ପତି ଅବସ୍ଥାନ କରୁଥିବାରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନୂଆ ଯୋଜନା ସକାଶେ ମନ ବଳାଇ ପାରନ୍ତି। ମାତ୍ର ନିର୍ମାଣାଧୀନ କାର୍ଯ୍ୟ କେତେକ ଆକସ୍ମିକ ସମସ୍ୟା କାରଣରୁ ସ୍ଥଗିତ ରହିପାରେ। ନିକଟ ସମ୍ପର୍କୀୟ ମାନଙ୍କ ଉପରେ ଭରଷା କରି କୌଣସି କାମ କରିପାରିବେ ନାହିଁ।

**ବୃଷ** ଲାଭଭାବରେ ଶନି ଅଭିଳାଷକୁ ପୂରଣ ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବେ। ଯାହା ପାଇଁ କଷ୍ଟ ସ୍ୱୀକାର କରି ସାହାଯ୍ୟ କରିଥିଲେ ସେହି ବ୍ୟକ୍ତି ଶତ୍ରୁତା କରିପାରନ୍ତି। ଅପରିଚିତ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କାରଣରୁ ଘର ସଦସ୍ୟ ବିରକ୍ତ ହେବେ। ପ୍ରକାଶନ, ସଙ୍ଗୀତ, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତିର ସୂଚନା ରହିଛି।

**ମିଥୁନ** ଧନାଧିପତି ଚତୁର୍ଥରେ ରାହୁଦୃଷ୍ଟିରେ ଥିବାରୁ ଅର୍ଥ ସମ୍ପର୍କୀୟ ବିବାଦ ସୃଷ୍ଟି କରିବେ। ବିଶେଷ କାରଣ ନ ଥାଇ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପ କରିପାରନ୍ତି। ପରିବାର ଭିତରେ ପୁରୁଣା କଥାର ଆଲୋଚନା ହିଁ କଳହର କାରଣ ହୋଇପାରେ। ପୁରାତନ ରୋଗର ପୀଡ଼ାବୃଦ୍ଧି ଯୋଗୁ କାମ କରିବାକୁ ନିରୁତ୍ସାହିତ ହୋଇପାରନ୍ତି।

**କର୍କଟ** ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ଅବସ୍ଥାନ କରି ପ୍ରତ୍ୟେକ କାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରିବେ। ନିଜେ ଅସୁବିଧାରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ ପାଇଁ ଚେଷ୍ଟିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବ୍ୟଥିତ ହେବେ। ବନ୍ଧୁ ଅଭିମାନ ଭରା କଥା କହି ଆପଣ ସାହାଯ୍ୟ କରି ନ ଥିବାରୁ ଦୁଃଖପ୍ରକାଶ କରିପାରନ୍ତି।

**ସିଂହ** ବୁଧ ଓ ଶୁକ୍ରଙ୍କ ସ୍ଥିତିଜନିତ କୌଣସି ବନ୍ଧୁଙ୍କ ପ୍ରତି ଅତ୍ୟଧିକ ଅନୁରକ୍ତି ଭାବୁକ ବନେଇପାରେ। ସାଧାରଣ ଘଟଣାକୁ କେନ୍ଦ୍ରକରି ପାରିବାରିକ ସମସ୍ୟା ବଢିଯିବା କାରଣରୁ ମାନସିକ ଅସ୍ଥିରତା ଦେଖାଦେବ। ଆଜି କାମରଚାପ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଆଶ୍ୱସ୍ତି ବାକ୍ୟ ଶୁଣି ମନ ହାଲୁକା ହୋଇଯିବ।

**କନ୍ୟା** ଆପଣ ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁଟିର ଆପଣଙ୍କ ପ୍ରତି ଥିବା ଭଲ ମନୋଭାବକୁ ବଦଳାଇଦେବାର ଆଶଙ୍କା ଦେଖାଦେବ । ବ୍ୟବସାୟ, ପରିବହନରେ ସମସ୍ୟା ସମାଧାନ ହୋଇପାରେ। ଆନୁଷ୍ଠାନିକ କାମ ପ୍ରତି ଆନ୍ତରିକତା ବିଶିଷ୍ଟବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରିବ।

**ତୁଳା** ରାଶିସ୍ଥ ଚନ୍ଦ୍ର ପ୍ରଭାବରୁ ମନ ଯେପରି କାମ ତଦନୁରୂପ ହେବା କାରଣରୁ ଆନନ୍ଦ ଅନୁଭବ କରିବେ। ଦୀର୍ଘ ମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିବ ନାହିଁ। ଅନ୍ୟମାନଙ୍କ ସକାଶେ ଯେତେ ଭଲ କାମ କଲେ ମଧ୍ୟ ସେମାନେ ଆପଣଙ୍କୁ ଭୁଲ୍ ବୁଝିବେ। ଧାର୍ମିକ ଅନୁଷ୍ଠାନରେ ଯୋଗଦେଇ ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି।

**ବିଛା** ଅଷ୍ଟମ ଓ ବ୍ୟୟାଧିପଙ୍କ ସଂଯୋଗ ଯୋଗୁ ଆପଣଙ୍କ କଥାବାର୍ତ୍ତା ଅନ୍ୟମାନଙ୍କ ଗ୍ରହଣୀୟ ନ ହୋଇପାରେ। ସମୟ ଭଲ ନ ଥିଲେ ମଧ୍ୟ କୌଶଳ ଅବଲମ୍ବନ କରି ଆଶା ପୂରଣ ପାଇଁ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଂଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜିବେ। ବିଶ୍ୱାସର ସହ କାମ କରନ୍ତୁ ବନ୍ଧୁଙ୍କ ସାହାଯ୍ୟର ଅଭାବ ରହିବ ନାହିଁ।

**ଧନୁ** ଗୁରୁକ୍ଷେତ୍ରସ୍ଥ ଶନି ପାରିବାରିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ଲାଭକରିବା ଦିଗରେ ସହାୟକ ହୋଇପାରିବ। ବନ୍ଧୁଙ୍କ ପାଖରେ ରହିଯାଇଥିବା ଅର୍ଥ ଆଦାୟରେ ସକ୍ଷମ ହେବେ। ମାଙ୍ଗଳିକ କାମର ପ୍ରସ୍ତୁତି ସକାଶେ ବିଚଳିତବୋଧ କରିପାରନ୍ତି। ବିବାଦୀୟ ଘଟଣାରେ ନୀରବ ରହିବା ଏକ ପ୍ରକାର ଭଲ ହେବ।

**ମକର** ସପ୍ତମାଧିପତି କର୍ମସ୍ଥ ଯୋଗୁ ଆନୁଷଙ୍ଗିକ ସହଯୋଗ ପାଇ କାମ ଆଗକୁ ବଢ଼ାଇବାରେ ସମର୍ଥ ହେବେ। ସଭାସମିତି, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ। ଆଲୋଚନାରେ ଆପଣଙ୍କ କଥାକୁ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଆଜିର ବ୍ୟବସାୟିକ ସ୍ଥିତି ସନ୍ତୋଷଜନକ ରହିବା ଯୋଗୁ ବିଶେଷ ଖୁସି ହେବେ।

**କୁମ୍ଭ** ଆଜି ତୃତୀୟ କର୍ମାଧିପ ମଙ୍ଗଳ ଏକାଦଶରେ ରହି ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପୂରଣ କରିବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ କଷ୍ଟ ସ୍ୱୀକାର କରିପାରନ୍ତି। ସହନଶୀଳତା ଗୁଣରୁ ପ୍ରଶଂସିତ ହେବା ସାଙ୍ଗକୁ ଧୈର୍ଯ୍ୟହରା ନ ହେଲେ ଉପକୃତ ହେବେ। ଦୂରଯାତ୍ରା ସମୟରେ ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ** କର୍ମକ୍ଷେତ୍ରକୁ ଗୁରୁଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି ପ୍ରଭାବରେ ପ୍ରତିକୂଳ ପରିସ୍ଥିତିର ଚାପ କମିଯିବ। ନିକଟତର ବନ୍ଧୁଟି ଦ୍ୱାରା କାମ ହାସଲ ସହଜ ହୋଇପାରିବ। ପାରିବାରିକ ବନ୍ଧୁମିଳନରୁ ସାମୟିକ ଭାବରେ ଦୁଃଖ କେତେକାଂଶରେ ଭୁଲିଯାଇପାରନ୍ତି। ଆର୍ଥିକ ଦୁରବସ୍ଥାକୁ ସୁଧାରିବାକୁ ଯାଇ ବ୍ୟାଙ୍କ ଲୋନ୍ କରିବାକୁ ମନସ୍ଥ କରିପାରନ୍ତି।

ଆଜି ଡିସେମ୍ବର ୧୭ ତାରିଖ, ପୌଷ କୃଷ୍ଣ ତ୍ରୟୋଦଶୀ ବୁଧବାର। ରାଶିନକ୍ଷତ୍ର-ବିଶାଖା/ତୁଳା, ଦିବା ଘ.୧୦.୨୬ମି. ଗତେ ବିଛାଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୮ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୩୭ମି. ଗତେ ଘ.୧୧.୪୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୨ମି. ଗତେ ଘ୦୧.୦୩ମି. ମଧ୍ୟେ ରାହୁ କାଳ।

**ନବଜାତକ ମୃତଦେହକୁ ଝୁଣି ଖାଇଲା କୁକୁର**

ବାହାନଗା (ଅରୂପ କୁମାର ଦାସ)/ ସୋର (ଜନ୍ମେଜୟ ମିଶ୍ର) : ବାଲେଶ୍ୱର ଜିଲା ବାହାନଗା ବ୍ଲକ ତିଉଳ ପଞ୍ଚାୟତ ବାଲିକିଓିରଣ ଗାଁ ରାସ୍ତାକଡ଼ରେ ନବଜାତ ଶିଶୁର ମୃତଦେହକୁ ଏକ କୁକୁର ଝୁଣି ଖାଉଥିବା ଦେଖିବାକୁ ମିଳିଥିଲା। ଏହି ମୃତ ଶିଶୁକୁ କେହି କିଆବୁଦା ମୂଳେ ଫିଙ୍ଗି ଦେଇଥିବା କିମ୍ବା ପୋତି ଦେଇଥିବା ଅନୁମାନ କରାଯାଉଛି। ଏନେଇ ସୋର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୩୫/୨୫) ରୁଜୁ କରାଯାଇଛି।

# ଜିଲାପାଳଙ୍କ ଅଫିସ ଆଗରେ ଧାନ ବିକିଲେ ଚାଷୀ

ସମ୍ବଲପୁର,୧୬।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଧାନ ବିକ୍ରିରେ ଅଚଳାବସ୍ଥା ଲାଗି ରହିଛି। ଅମଳ ସରିଥିଲେ ବି ଟୋକନ ମିଳି ନ ଥିବାରୁ ଚାଷୀ ମଣ୍ଡିରେ ଧାନ ବିକି ପାରୁନାହାଁନ୍ତି। ଧାନ ବିକ୍ରି ପାଇଁ ଲାଗି ରହିଥିବା ଟୋକନ୍ ଅବ୍ୟବସ୍ଥା ବିରୋଧରେ ମଙ୍ଗଳବାର ଚାଷୀମାନେ ଅଭିନବ ପ୍ରତିବାଦ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଓ କଚେରି ଛକରେ ଧାନବସ୍ତା ରଖି ମାଣ ଓ ତରାଜୁରେ ଲୋକଙ୍କୁ ଖୁଚୁରା ଧାନ ବିକ୍ରି କରିଛନ୍ତି।

ପୂର୍ବାହ୍ନ ୧୦ଟାରେ ଚାଷୀମାନେ ପ୍ରଥମେ ଗୋଲବଜାର ଛକରେ ଏକତ୍ରିତ ହୋଇଥିଲେ। ସେଠାରେ ଜିଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସଙ୍ଗଠନ ଆବାହକ ଅଶୋକ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଧାନବସ୍ତା ଧରି ପଦଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରୁ ଦୁଇଟି ଦଳରେ ଭାଗ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଓ କଚେରି ଛକରେ ଟ୍ରାକ୍ଟର ଓ ଅନ୍ୟାନ୍ୟ ଯାନରେ ଆଣିଥିବା ଧାନବସ୍ତାକୁ ରାସ୍ତା ଉପରେ ରଖି ପଥଚାରୀଙ୍କୁ ଖୁଚୁରାରେ ଧାନ ବିକ୍ରି କରିଥିଲେ। ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ.ରୋହିତ ପୂଜାରୀ ଶତାଧିକ ସମର୍ଥକଙ୍କ ସହ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପ୍ରତିବାଦସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଧାନ ବିକ୍ରି କରିଥିଲେ। କିଛି ସମୟ ପରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସେଠାରେ ପହଞ୍ଚି କହିଥିଲେ, ୭୫ କୁଇଣ୍ଟାଲରୁ ଅଧିକ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ପ୍ରାୟ ୧୧ ହଜାର ଚାଷୀଙ୍କ ନିକଟକୁ ଟୋକନ୍ ଆସି ସାରିଛି। ଅବଶିଷ୍ଟ ଚାଷୀଙ୍କ ନାମରେ ମଧ୍ୟ ଖୁବ୍‌ଶୀଘ୍ର ଟୋକନ ଜାରି ହୋଇଯିବ। ତେଣୁ ଆଉ ଧାନ ବିକ୍ରୟ ପାଇଁ କୌଣସି ସମସ୍ୟା ରହିବ ନାହିଁ ବୋଲି କହି ଚାଷୀମାନେ ଆନ୍ଦୋଳନରୁ ଓହରି ଯିବା ଆବଶ୍ୟକ ବୋଲି କହିଥିଲେ। ଏହାପରେ ସେ ଘଟଣା ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା ପାଇଁ ଯାଇଥିଲେ।



ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଖୁଚୁରା ଧାନ ବିକ୍ରି କରି ଟୋକନ ସମସ୍ୟା ବିରୋଧରେ ଚାଷୀମାନେ ପ୍ରତିବାଦ କରୁଛନ୍ତି। (ଫଟୋ: ବି.ଶଙ୍କର)

## ଟୋକନ ଅବ୍ୟବସ୍ଥା

ଏହି ପରିପ୍ରେକ୍ଷୀରେ ବରିଷ୍ଠ ଚାଷୀ ନେତା ତଥା ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସଙ୍ଗଠନ ଆବାହକ ଅଶୋକ ପ୍ରଧାନ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ବୟାନକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ସେ କହିଥିଲେ, ମନ୍ତ୍ରୀ କହୁଛନ୍ତି ଚାଷୀମାନେ ଯଦି ଭାବୁ ଥାଆନ୍ତି ସରକାର ଧାନକ୍ରୟ କରିବାରେ ଅସମର୍ଥ, ତା'ହେଲେ ସେମାନେ ଖୋଲା ବଜାରରେ ବିକ୍ରି କରନ୍ତୁ। ଏହିଭଳି ମନ୍ତବ୍ୟ ଚାଷୀଙ୍କ ପ୍ରତି ଉପହାସ। ତେଣୁ ଏହାର ପ୍ରତିବାଦ କରି ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିକାତ୍ମକ ଆନ୍ଦୋଳନ କରିଛନ୍ତି। ଆସନ୍ତା ୧୯ରେ ସମ୍ବଲପୁରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ଏହା ସତ୍ତ୍ୱେ ଯଦି ସରକାରଙ୍କ ଜ୍ଞାନୋଦୟ ପୂର୍ବକ ଅନ୍ତତଃ ପଶ୍ଚିମ ଓଡ଼ିଶାରେ ଧାନ କ୍ରୟ ପ୍ରକ୍ରିୟାକୁ ବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବାରେ ବିଫଳ ହୁଅନ୍ତି ତା'ହେଲେ ଆନ୍ଦୋଳନର ସୀମା ସରହଦ ଉଲ୍ଲଂଘନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଚାଷୀ ଆନ୍ଦୋଳନ ବିରୋଧୀଙ୍କ ଚାଲ୍: ସମବାୟ ମନ୍ତ୍ରୀ

ଭୁବନେଶ୍ୱର,୧୬।୧୨ (ରବିନାରାୟଣ ଜେନା)

ରାଜ୍ୟରେ ଧାନ ସଂଗ୍ରହ ବେଳେ ଦେଖାଦେଉଥିବା ଚାଷୀ ଆନ୍ଦୋଳନ ପଛରେ ବିରୋଧୀଙ୍କ ଚାଲ୍ ରହିଛି ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ବିରୋଧୀମାନେ କେବଳ ଚାଷୀଙ୍କ ନାଁରେ ବାହାବା ନେବାକୁ ଚାହୁଁଛନ୍ତି। ଏହି ପ୍ରସଙ୍ଗରେ ସେ ନିଜେ ଅନୁଧ୍ୟାନ କରୁଛି। ଜିଲାପାଳ ଓ ଅଧିକାରୀମାନଙ୍କ ସହ କଥାହୋଇ ପରିସ୍ଥିତିକୁ ମନିଟରିଂ କରୁଛନ୍ତି। ୭ ଜିଲାରେ ମଣ୍ଡି ଖୋଲାଯାଇ ବରଗଡ଼ରୁ ସର୍ବାଧିକ ୬୪ ହଜାର ୬୫୨ ମେଟ୍ରିକ୍ ଟନ୍ ଧାନ ଉଠାଯାଇଥିବାବେଳେ ସମ୍ବଲପୁରରେ ୬୯ ହଜାର ୯୭୦ ମେଟ୍ରିକ୍ ଟନ୍, କଳାହାଣ୍ଡିରୁ ୧୧ ହଜାର ୪୮୬ ମେଟ୍ରିକ୍ ଟନ୍ ଧାନ ଉଠାଯାଇଛି। ଏହାବାଦ୍ ନୂଆପଡ଼ାରେ ୭ ହଜାର ୭୨୭ ମେଟ୍ରିକ୍ ଟନ୍, ବଲାଙ୍ଗୀରରୁ ୧୫୭ ମେଟ୍ରିକ୍ ଟନ୍, ସୋନପୁରରୁ ୩୭ ମେଟ୍ରିକ୍ ଟନ୍ ଏବଂ ସୁନ୍ଦରଗଡ଼ରୁ ୧୧ ମେଟ୍ରିକ୍ ଟନ୍ ଧାନ ଉଠାଯାଇ ବୋଲି ମନ୍ତ୍ରୀ ବଳସାମନ୍ତ କହିଛନ୍ତି।

# ଜବରଦଖଲରେ ୩୧ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜଙ୍ଗଲ ଜମି

ଭୁବନେଶ୍ୱର,୧୬।୧୨ (ରବିନାରାୟଣ ଜେନା)

ରାଜ୍ୟରେ ଜମି ଜବରଦଖଲକାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିଚାଲିଛି। ଜବରଦଖଲକାରୀମାନେ କେବଳ ଯେ ଅନାବାଦୀ, ଗୋଚର କିମ୍ବା ସରକାରଙ୍କ ଅନ୍ୟାନ୍ୟ କିସମ ଜମିକୁ ନିଜ ଦଖଲକୁ ନେଉଛନ୍ତି କିମ୍ବା ଏହାକୁ ବିକ୍ରିକରି ମାଲାମାଲ୍ ହେଉଛନ୍ତି ତା' ନୁହେଁ, ହଜାର ହଜାର ହେକ୍ଟର ବିଭିନ୍ନ କିସମର ଜଙ୍ଗଲ ଜମି ମଧ୍ୟ ନିଜ ଅକ୍ତିଆରରେ ରଖିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଜମି ଜବରଦଖଲମୁକ୍ତ କରିବା ପାଇଁ ଏବେ ରାଜସ୍ୱ ବିଭାଗର ତତ୍ପରତା ପ୍ରକାଶ ପାଇଛି। ଏହାକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମରେ ପ୍ରଶାସନିକ ଅଧିକାରୀଙ୍କୁ ଖୋଲା ଆହ୍ୱାନ ଦେଇଛନ୍ତି। ଏପରିକି ଯେଉଁଠାରେ ଜବରଦଖଲମୁକ୍ତ ହୋଇ ନ ପାରିବ ସେଠାରେ ଅଧିକାରୀଙ୍କଠାରୁ ସରକାରୀ ନିୟମ ଅନୁଯାୟୀ ଅର୍ଥ ଅସୁଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ୩୧ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ସଂରକ୍ଷିତ ଜଙ୍ଗଲ, ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଓ ସୁରକ୍ଷିତ ଜଙ୍ଗଲ ଏବେ ବି ଜବରଦଖଲରେ ରହିଛି। ସେସବୁକୁ ମୁକ୍ତ କରିବା ପାଇଁ ସରକାରୀ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।

## ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ: ଜଙ୍ଗଲ ମନ୍ତ୍ରୀ

ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦ ହଜାର ୯୬୪.୫୭ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜବରଦଖଲରେ ରହିଥିବାବେଳେ ୨୬ ହଜାର ୫୫ ହେକ୍ଟର ପ୍ରସ୍ତାବିତ ଜଙ୍ଗଲ ଜମି, ୧୬୬ ହେକ୍ଟର ଗ୍ରାମ୍ୟ ଜଙ୍ଗଲ ଏବଂ ୯୭୬.୯୯ ହେକ୍ଟର ସୁରକ୍ଷିତ ଜଙ୍ଗଲ ଜମି ବିଭିନ୍ନ ଲୋକଙ୍କ କବ୍‌ଜାରେ ରହିଥିଲା। ଏଥିମଧ୍ୟରୁ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ ୭୫୮୦ଟି ମାମଲା ରୁଜୁ ହୋଇ ପ୍ରାୟ ୧୬ ହଜାର ୧୭୮.୪୭ ହେକ୍ଟର ଜଙ୍ଗଲ ଜମି ଜବରଦଖଲମୁକ୍ତ କରାଯାଇଛି। ଏହାବାଦ୍ ୩୧. ୯୮୪ ହେକ୍ଟର ଏହିସବୁ ଜଙ୍ଗଲ ଜମି ଏବେ ବି ଜବରଦଖଲକାରୀଙ୍କ ହାତରେ ରହିଛି। ଏହାମଧ୍ୟରୁ ନବରଙ୍ଗପୁରରେ ସର୍ବାଧିକ ସଂରକ୍ଷିତ ଜଙ୍ଗଲ ଜମି ୧୧ ହଜାର ୯୪୩ ହେକ୍ଟର ଜବରଦଖଲରେ ରହିଥିବାବେଳେ ସୁନ୍ଦରଗଡ଼ରେ ୨୭୬୦ ହେକ୍ଟର, ରାୟଗଡ଼ାରେ ୧୬୦୫ ହେକ୍ଟର, କଳାହାଣ୍ଡିରେ ୧୮୫୩ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି ଜବରଦଖଲରେ ରହିଛି। ତେବେ ପୁରୀ, କଟକ, ଗଞ୍ଜାମ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଯାଜପୁରରେ ଏହି କିସମର ଜଙ୍ଗଲ ଜମି ଜବରଦଖଲରେ ନ ଥିବା ମନ୍ତ୍ରୀ ନିକଟରେ ଗୃହକୁ ପ୍ରଦାନ କରିଥିବା ତଥ୍ୟରୁ ଜଣାଯାଇଛି। ସେହିପରି ନବରଙ୍ଗପୁରରେ ସର୍ବାଧିକ ୨୫,୧୬୦ ହେକ୍ଟରରୁ ଅଧିକ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଜମି ଜବରଦଖଲରେ ରହିଥିବାବେଳେ ୧୬୬ ହେକ୍ଟର ଗ୍ରାମ୍ୟ ଜଙ୍ଗଲ ମଧ୍ୟ ଲୋକଙ୍କ ଅକ୍ତିଆରରେ ରହିଛି। ତେବେ ଅନ୍ୟ ୨୯ଟି ଜିଲାରେ ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲରେ ରହି ନ ଥିବାବେଳେ ୯୭୬.୯୯ ହେକ୍ଟର ସୁରକ୍ଷିତ ଜଙ୍ଗଲ ଜମିକୁ ବିଭିନ୍ନ ଜିଲାର ଲୋକେ ମାଡ଼ିବସିଛନ୍ତି। ଏହାକୁ ନେଇ ରାଜ୍ୟ ସରକାର ଯେଉଁ ମାମଲା କରିଛନ୍ତି ସେଥିରେ ରାୟଗଡ଼ାରେ ସର୍ବାଧିକ ୧୯୪୫ଟି ରହିଥିବାବେଳେ ନୂଆପଡ଼ାରେ ୯୦୯, କଳାହାଣ୍ଡିରେ ୯୫୬, କେନ୍ଦୁଝରରେ ୫୯୫ଟି ମାମଲା ରହିଛି। ଖୋର୍ଦ୍ଧା, ପୁରୀ, କଟକ, ବୌଦ୍ଧ, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର ଓ ମୟୂରଭଞ୍ଜ ପ୍ରଭୃତି ଜିଲାରେ ଜବରଦଖଲ ମାମଲା ହୋଇ ନ ଥିବା ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି।

**ଧଉଳି ଗଣବଳାତ୍କାର ଉପରେ ନବୀନଙ୍କ ପ୍ରତିକ୍ରିୟା**

# ଘଟଣା ଘଟିବା ପରେ ନୁହେଁ, ପୂର୍ବରୁ ରୋକାଯାଉ

ଭୁବନେଶ୍ୱର, ୧୬।୧୨ (ସୁନିତ୍ ମିଶ୍ର)

ଧଉଳି ଗଣବଳାତ୍କାର ଘଟଣାକୁ ନେଇ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। ସରକାର ରାଜଧାନୀରେ ମଧ୍ୟ ଆଇନଶୃଙ୍ଖଳା ପରିସ୍ଥିତି ବିଗାଡ଼ିବା ସହ ମହିଳାମାନେ ମଧ୍ୟ ସୁରକ୍ଷିତ ନ ଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ଭୁବନେଶ୍ୱରର ଛାତି ଉପରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଏବଂ ବିଚଳିତ କରିଦେବା ପରି ବିଷୟ। ବର୍ବରତା ଓ ଅରାଜକତା ସୀମା ଟପୁଛି, ରାଜ୍ୟ ରାଜଧାନୀ ଅସୁରକ୍ଷିତ ହେଉଛି। ଅପରାଧୀମାନେ ଭୟଶୂନ୍ୟ ହେଉଛନ୍ତି ଏବଂ ସରକାର ବିଶ୍ୱସନୀୟତା ହରାଉଛନ୍ତି। ଆଇନଶୃଙ୍ଖଳା ଆଉ କେତେ ବିପର୍ଯ୍ୟସ୍ତ ହେଲେ ସରକାର ସଜାଗ ହେବେ। ଅପରାଧ ରୋକିବା ଦିଗରେ ସରକାରଙ୍କ ଅସମର୍ଥତା ସାଧାରଣ ଜନତାଙ୍କୁ ଭୟଭୀତ କରୁଛି। ରାଜଧାନୀରେ ମହିଳାଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତକରି ନ ପାରିବା ଭାଜପା ସରକାରର ଅପାରଗତା ଓ ସମ୍ବେଦନହୀନ ଆଚରଣକୁ ଦର୍ଶାଉଛି। ମହିଳାଙ୍କ ସୁରକ୍ଷା ସହ ଅପରାଧପ୍ରବଣତା ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନିଅନ୍ତୁ। ଘଟଣା ଘଟିବା ପରେ ନୁହେଁ , ବରଂ ପୂର୍ବରୁ ଏହାକୁ ରୋକିବା ଦିଗରେ ସରକାର ତତ୍ପର ହୁଅନ୍ତୁ ବୋଲି ନବୀନ କହିଛନ୍ତି।

ଅନ୍ୟପଟେ ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀ ଜରିଆରେ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଧଉଳି ଗଣବଳାତ୍କାର ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ନେଇ ଆଉ ଥରେ ପ୍ରମାଣିତ ହୋଇଛି। ମା'ମାନେ ଝିଅମାନଙ୍କୁ ଏପରି ଜାଗାକୁ ଛାଡ଼ିବା ଉଚିତ ନୁହେଁ ଓ ଝିଅମାନେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିବା କଥା ବୋଲି ରାଜ୍ୟ ମହିଳା କମିଶନଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ। ସରକାର ଯଦି ମହିଳାଙ୍କୁ ସୁରକ୍ଷା ଦେବା ସ୍ଥିତିରେ ନାହାନ୍ତି, ତା'ହେଲେ ତୁରନ୍ତ ଗାଦି ଛାଡ଼ନ୍ତୁ ବୋଲି ସେ କହିଛନ୍ତି।

## ଉତ୍ସବ ଛାଡ଼ି ଅପରାଧୀଙ୍କୁ ସରକାର ଧରନ୍ତୁ: ଭକ୍ତ

ଭୁବନେଶ୍ୱର,୧୬।୧୨ (ରବିନାରାୟଣ ଜେନା)

ଧଉଳି ଗଣବଳାତ୍କାର ପାଇଁ ବିରୋଧୀ କଂଗ୍ରେସ ସରକାରଙ୍କୁ ଦାୟୀ କରିଥିବାବେଳେ ସରକାରଙ୍କ ପକ୍ଷରୁ ଏହାର ଜବାବ ରଖାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଓଡ଼ିଶାରେ ମହିଳାବିରୋଧୀ ଅପରାଧ, ବିଶେଷକରି ନାବାଳିକାମାନଙ୍କ ବିରୋଧରେ ଅପରାଧ ବଢ଼ିଚାଲିଛି। ଗୋପାଳପୁର ହେଉ କି ବାଲିହରଚଣ୍ଡୀ ଅବା ଧଉଳି ସବୁସ୍ଥାନ ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେମାନେ ମହିଳାମାନଙ୍କୁ ନିରନ୍ତର ଟାର୍ଗେଟ୍ କରିଚାଲିଛନ୍ତି। ଏଭଳି ଘଟଣାରେ ସରକାର ତୁରନ୍ତ ଅପରାଧୀଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଉତ୍ସବ ପାଳନରେ ବ୍ୟସ୍ତ ରହିଛନ୍ତି। ଏହା ରାଜ୍ୟ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଭକ୍ତ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସରକାର ପ୍ରତ୍ୟେକ ଅପରାଧକୁ ଗୁରୁତ୍ୱର ସହ ବିଚାରକରି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବିଶେଷକରି ମହିଳା ସଂକ୍ରାନ୍ତ ଅପରାଧ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଭାଜପା ସରକାରରେ ସବୁ ମାମଲାରେ ଯଥାର୍ଥ ପଦକ୍ଷେପ ନେବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ଧଉଳି ଘଟଣାରେ ମଧ୍ୟ ସରକାର ଉଚିତ୍ ପଦକ୍ଷେପ ନେବେ। ଫାଷ୍ଟ୍‌ଟ୍ରାକ୍ ମହିଳା କୋର୍ଟ ବାବଦରେ ଚିନ୍ତା କରୁଛନ୍ତି। ମହିଳାଙ୍କୁ ତ୍ୱରିତ ନ୍ୟାୟ ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

## ଶେଷ ୪ ବର୍ଷର ରିପୋର୍ଟ କାର୍ଡ ଦେଖନ୍ତୁ ନବୀନ: ମନୋଜ

ଭୁବନେଶ୍ୱର, ୧୬।୧୨(ସୁନିତ୍ ମିଶ୍ର)

ଧଉଳି ଗଣବଳାତ୍କାର ଘଟଣାରେ ବିରୋଧୀ ଦଳ ନେତାଙ୍କ ଟାର୍ଗେଟ ପରେ ପାଲଟା ବର୍ଷିଛି ଭାଜପା। ଶାସକ ଦଳର ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ମହିଳା ଏବଂ ଝିଅମାନଙ୍କ ଉପରେ ଯେଉଁଭଳି ଅତ୍ୟାଚାର ହେଉଛି ତାକୁ କୌଣସି ସଭ୍ୟ ସମାଜ ଗ୍ରହଣ କରିବ ନାହିଁ। ବିଡ଼ମ୍ବନାର ବିଷୟ ବିଜେଡି ଏବଂ ତାଙ୍କ ଦଳର ସୁପ୍ରିମୋ ନୂଆପଡ଼ା ଉପନିର୍ବାଚନରେ ୩ ନମ୍ବରକୁ ଯିବା ସତ୍ତ୍ୱେ ସେମାନେ କିଛି ବୁଝିଲେ ନାହିଁ। ନବୀନବାବୁ ନିଜ ୨୪ ବର୍ଷ ଶାସନର ଶେଷ ୪ ବର୍ଷର ରିପୋର୍ଟ କାର୍ଡ ମାଗନ୍ତୁ, ଓଡ଼ିଶାରେ ସେହି ସମୟ ଭିତରେ କେତେଜଣ ମହିଳା ଓ ଶିଶୁ ନିଖୋଜ ଏବଂ ଉତ୍ପୀଡନର ଶିକାର ହୋଇଥିଲେ ସେକଥା ରାଜ୍ୟବାସୀଙ୍କୁ ଜଣାନ୍ତୁ। ଯଦିଓ ମହିଳାମାନଙ୍କୁ ନେଇ ରାଜନୀତି କରିବା କଥା ନୁହେଁ ତଥାପି ସେମାନେ ମନେପକାଇବା ଦରକାର ସୁପ୍ରିମକୋର୍ଟରେ ନବୀନ ପଟ୍ଟନାୟକ ହାତକାଟି ସତ୍ୟପାଠରେ ଉଲ୍ଲେଖ କରିଥିଲେ, ଶିଶୁ ଅପହରଣରେ ଓଡ଼ିଶା ଦେଶରେ ୧ ନମ୍ବର ଥିଲା। ଦେଶରେ ବଳାତ୍କାର ଘଟଣାରେ ମଧ୍ୟ ଓଡ଼ିଶା ୧ ନମ୍ବର ସ୍ଥାନରେ ରହିଥିଲା। ତାଙ୍କ ସରକାର ସମୟରେ ରାଜ୍ୟରେ ପ୍ରତ୍ୟେକ ଅଢ଼େଇ ଘଣ୍ଟାରେ ଜଣେ ମହିଳା ବଳାତ୍କାରର ଶିକାର ହେଉଥିଲେ। ବର୍ଷ ଶେଷରେ ଏହି ଘଟଣାରେ ମାତ୍ର ୯ ଜଣ ଦଣ୍ଡିତ ହେଉଥିଲେ। ଭାଜପା ରାଜ୍ୟରେ ସରକାର କରିବା ପରେ ଦୈନିକ ବଳାତ୍କାର ହାର କମିବା ସହ ଦଣ୍ଡବିଧାନ ହାର ୩୧ ପ୍ରତିଶତ ବୃଦ୍ଧି ପାଇଛି ବୋଲି ମନୋଜ କହିଛନ୍ତି।

# ୧୦୦ ଟଙ୍କା ୩୭୬ରେ ପହଞ୍ଚିଲାଣି

## ବଢୁଛି ମୁଦ୍ରାସ୍ଫୀତି

ଭୁବନେଶ୍ୱର,୧୬।୧୨ (ରବିନାରାୟଣ ଜେନା)

ଦେଶରେ କେବଳ ଯେ ମୁଦ୍ରାସ୍ଫୀତି ହାର ବଢ଼ିଚାଲିଛି ତାହା ନୁହେଁ, ଦିନକୁ ଦିନ ମୁଦ୍ରାର ବିନିମୟ ମୂଲ୍ୟ ଡଲାର ତୁଳନାରେ ହ୍ରାସ ପାଇଚାଲିଥିବାବେଳେ ତାହାକୁ ତାଳ ଦେଇ ଦର ମୁଦ୍ରାସ୍ଫୀତି ସୂଚକାଙ୍କ ବା କଷ୍ଟ ଇନ୍‌ଫ୍ଲାଶନ ଇଣ୍ଡେକ୍ସ (ସିଆଇଆଇ) ବଢ଼ିଚାଲିଛି। ୨୫ ବର୍ଷ ପୂର୍ବରୁ ଯେଉଁ ଦ୍ରବ୍ୟ ବା ସମ୍ପତ୍ତିର ମୂଲ୍ୟ ୧୦୦ ଟଙ୍କା ରହିଥିଲା ତାହା ଏବେ ୩୭୬ ଟଙ୍କାରେ ପହଞ୍ଚିଲାଣି ବୋଲି ଅର୍ଥ ମନ୍ତ୍ରଣାଳୟର ସିଆଇଆଇରୁ ଜଣାଯାଇଛି। ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ପକ୍ଷରୁ କଷ୍ଟ ଇନ୍‌ଫ୍ଲାଶନ ଇଣ୍ଡେକ୍ସର ମୂଳାଧାର ବର୍ଷ ଭାବେ ୨୦୦୧-୦୨କୁ ଗ୍ରହଣ କରାଯାଇଥିଲା। ଏହି ବର୍ଷ ଯେକୌଣସି ଦ୍ରବ୍ୟ କିମ୍ବା ସମ୍ପତ୍ତିର ମୂଲ୍ୟ ୧୦୦ ଟଙ୍କା ଧରାଯାଇଥିବାବେଳେ ଏହା କ୍ରମଶଃ ବଢ଼ିଚାଲିଛି। ୧୨ ବର୍ଷରେ ଏହା ଦ୍ୱିଗୁଣ ହୋଇଛି। ତଥ୍ୟ ଅନୁଯାୟୀ, ୨୦୦୨-୦୩ ବର୍ଷରେ କଷ୍ଟ ଇନ୍‌ଫ୍ଲାଶନ ହାର ୧୦୫ ଟଙ୍କା ରହିଥିବାବେଳେ ୨୦୦୩-୦୪ରେ ୧୦୯, ୨୦୦୪-୦୫ରେ ୧୧୩, ୨୦୦୫-୦୬ରେ ୧୧୭, ୨୦୦୬-୦୭ରେ ୧୨୨, ୨୦୦୭-୦୮ରେ ୧୨୯, ୨୦୦୮-୦୯ରେ ୧୩୭, ୨୦୦୯-୧୦ରେ ୧୪୮, ୨୦୧୦-୧୧ରେ ୧୬୭, ୨୦୧୧-୧୨ରେ ୧୮୪, ୨୦୧୨-୧୩ରେ ୨୦୦ ଟଙ୍କାରେ ପହଞ୍ଚିଥିଲା। ସେହିପରି ୨୦୧୩-୧୪ରେ ସିଆଇଆଇ ୨୨୦ ଟଙ୍କାରେ ପହଞ୍ଚିଥିବାବେଳେ ୨୦୧୪-୧୫ରେ ୨୪୦, ୨୦୧୫-୧୬ରେ ୨୫୪, ୨୦୧୬-୧୭ରେ ୨୬୪, ୨୦୧୭-୧୮ରେ ୨୭୨, ୨୦୧୮-୧୯ରେ ୨୮୦, ୨୦୧୯-୨୦ରେ ୨୮୯, ୨୦୨୦-୨୧ରେ ୩୦୧, ୨୦୨୧-୨୨ରେ ୩୧୭, ୨୦୨୨-୨୩ରେ ୩୩୧, ୨୦୨୩-୨୪ରେ ୩୪୮, ୨୦୨୪-୨୫ରେ ୩୬୩ ଏବଂ ୨୦୨୫-୨୬ ଏବେ ସୁଦ୍ଧା ଏହା ୩୭୬ ଟଙ୍କାରେ ପହଞ୍ଚିଛି।






# ନଏଡ଼ାରୁ ଠକ ଦମ୍ପତିଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

## ନିବେଶ ନାଁରେ ୧୦୦ ଜଣଙ୍କୁ ୨୦ କୋଟି ଠକେଇ ମାମଲା

ଭୁବନେଶ୍ୱର,୧୬।୧୨ (ସତ୍ୟଜିତ ରାଉତ)

ଶେୟାର ଟ୍ରେଡିଂ ଓ ନିବେଶ ନାଁରେ ପ୍ରାୟ ୧୦୦ ଜଣଙ୍କଠାରୁ ୨୦ କୋଟି ଟଙ୍କା ଠକିବା ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏକ ଠକ ଦମ୍ପତିଙ୍କୁ ଉତ୍ତରପ୍ରଦେଶ ଗ୍ରେଟର ନଏଡ଼ାରୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ଟାଙ୍ଗପୁର ଗ୍ରାମର ଚନ୍ଦ୍ରଶେଖର ସାହୁ ଓ ତାଙ୍କ ସ୍ତ୍ରୀ ଝରଣା ସାହୁ। ଶୁକ୍ରବାର ଗ୍ରେଟର ନଏଡ଼ା ଅଞ୍ଚଳର ଗୌତମବୁଦ୍ଧ ନଗରରୁ ଉଭୟଙ୍କୁ ଗିରଫ କରାଯିବା ପରେ ସ୍ଥାନୀୟ ଏକ କୋର୍ଟରେ ହାଜର କରାଯାଇଥିଲା। ପରେ ଏହି ଦମ୍ପତିଙ୍କୁ ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ମଙ୍ଗଳବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକ ଦମ୍ପତିଙ୍କ ପାଖରୁ ଠକେଇ ସମ୍ବନ୍ଧିତ ବହୁ ଦସ୍ତାବିଜ୍ ଜବତ କରି ଇଓଡବ୍ଲ୍ୟୁ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଚନ୍ଦ୍ରଶେଖର ତାଳଚେର ଏମ୍‌ସିଏଲ୍‌ରେ ପୂର୍ବରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିଲେ। ପରେ ସେଠାରୁ ଚାକିରି ଛାଡ଼ି ୨୦୨୧ରେ ସେ ଏମ୍/ଏସ୍ ଇଭୋରିଚ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିଃ ନାମରେ ନିଜର ଏକ କମ୍ପାନୀ ଖୋଲିଥିଲେ। ସ୍ତ୍ରୀ ଝରଣା କମ୍ପାନୀର ନିର୍ଦ୍ଦେଶକ ଥିବାବେଳେ ଚନ୍ଦ୍ରଶେଖର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ରହିଥିଲେ। ପ୍ରଥମେ ସେମାନେ ତାଳଚେର ହାଣ୍ଡିଧୁଆରେ ଏବଂ ପରେ ଭୁବନେଶ୍ୱର ପଟିଆରେ ଅଫିସ୍ ଖୋଲିଥିଲେ। କମ୍ପାନୀର ବିଭିନ୍ନ ଲାଭଜନକ ସ୍କିମ୍‌ରେ ଟଙ୍କା ନିବେଶ କରିବାକୁ ଏହି ଠକ ଦମ୍ପତି ବହୁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ୩୦ ମାସରେ ନିବେଶ ହୋଇଥିବା ଟଙ୍କା ଦୁଇଗୁଣା ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରିଏଲ୍ ଇଷ୍ଟେଟ୍, ରିଟେଲ୍ ମାର୍ଟ, ମାଛ ଚାଷ ଓ ହୋଟେଲ ବ୍ୟବସାୟ ଆଦିରେ ଟଙ୍କା ନିବେଶ କରାଯାଉଥିବା କହିଥିଲେ। ଅଭିଯୁକ୍ତଦ୍ୱୟଙ୍କ କଥାରେ ପଡ଼ି ଓଡ଼ିଶା, ବେଙ୍ଗାଲୁରୁ, ମାଡ୍ରାସ୍, ଦିଲ୍ଲୀ ଆଦି ଅଞ୍ଚଳର ଲୋକେ ନିବେଶ କରିଥିଲେ। ପ୍ରଥମ କିଛି ମାସ ନିବେଶକାରୀଙ୍କୁ ଲାଭ ଟଙ୍କା ଦିଆଯାଇଥିଲା। ହେଲେ ପରେ ଅଭିଯୁକ୍ତଦ୍ୱୟ ଏହାର ଦୁଇ କମ୍ପାନୀ ଅଫିସକୁ ବନ୍ଦ କରି ଫେରାର ହୋଇଯାଇଥିଲେ। ଚନ୍ଦ୍ରଶେଖର କମ୍ପାନୀରେ ନିବେଶ ବ୍ୟତୀତ ଅନ୍ୟାନ୍ୟ କମ୍ପାନୀରେ ଶେୟାର ଟ୍ରେଡିଂ ନାଁରେ ମଧ୍ୟ ଟଙ୍କା ନେଇଥିଲେ। ପ୍ରଥମେ ନିବେଶକାରୀଙ୍କ ଟଙ୍କା ଚନ୍ଦ୍ରଶେଖରଙ୍କ କମ୍ପାନୀରେ ଜମା ହେଉଥିଲା। ପରେ ଏହାକୁ ଏହି ଦମ୍ପତି ନିଜ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରିନେଉଥିଲେ। ଚନ୍ଦ୍ରଶେଖରଙ୍କ ଏଭଳି ଜାଲରେ ପଡ଼ି ଏମ୍‌ସିଏଲ୍ କର୍ମଚାରୀ ଜୟନ୍ତ ମିଶ୍ର ଠକେଇର ଶିକାର ହୋଇଥିଲେ। ଜୟନ୍ତ ୨୦୨୪ ଫେବୃଆରୀ ପର୍ଯ୍ୟନ୍ତ ୧.୦୫ କୋଟି ଟଙ୍କା ନିବେଶ କରିଥିଲେ। ସେ ଠକେଇର ଶିକାର ହୋଇଥିବା ଜାଣିବା ପରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଡିସେମ୍ବର ୮ରେ ଏକ ମାମଲା (ନଂ. ୧୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା।


ଗିରଫ ଅଭିଯୁକ୍ତ ଚନ୍ଦ୍ରଶେଖର ସାହୁ


DADLS-69



ଓଡ଼ିଶାର ବରପୁତ୍ର

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

୧୭ ଡିସେମ୍ବର, ୨୦୨୫

ସକାଳ ଘ.୮.୩୦ ମିନିଟ୍ ସମୟରେ ପାୱାର ହାଉସ ଛକ, ଭୁବନେଶ୍ୱରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସାଧାରଣ ସଭା

ପୂର୍ବାହ୍ନ-୧୧ ଘଟିକା, ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି

ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର
ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ

ବିଶିଷ୍ଟ ଅତିଥି

ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଣ୍ଟିଆ
ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା

ସମ୍ମାନନୀୟ ଅତିଥି

ଶ୍ରୀଯୁକ୍ତ ପ୍ରକାଶ ସୋରେନ୍
ବିଧାୟକ, ବାରିପଦା

ଧନ୍ୟବାଦ ଅର୍ପଣ

ଡଃ. ରଜନୀକାନ୍ତ ବିଶ୍ୱାଳ
ଅବସରପ୍ରାପ୍ତ ପ୍ରଶାସକ ତଥା ସାଧାରଣ ସମ୍ପାଦକ, ମୟୂରଭଞ୍ଜ ସାଂସ୍କୃତିକ ସଂସଦ,ଭୁବନେଶ୍ୱର

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦ,ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/1283/2526

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। –ଶ୍ରୀମା



# ଜିଆ ଖାଉଛି ମାଛକୁ

ଗାଡ଼ିଆରେ ବନିଶିରେ ମାଛ ଧରାଯାଉଥିବାର ଏକ ଦୃଶ୍ୟକୁ ଅବତାରଣା କରାଯାଉ। ଜଣେ ବ୍ୟକ୍ତି ବାଉଁଶ ଛଡ଼ିରେ ସୂତା ଲଗାଇ ସେଥିରେ କଣ୍ଟା ଓହଳାଇ ଥାଏ। ସୂତାକୁ ପାଣିରେ ଭସାଇବା ଲାଗି ସୋଲ ବନ୍ଧାଯାଇ କଣ୍ଟାକୁ ଭିତରକୁ ଦିଆଯାଏ। କଣ୍ଟାରେ ଜିଆ ଗୁନ୍ଥି ଲୋକଟି ଗାଡ଼ିଆରେ ମାଛଧରେ। ଯେତେବେଳେ ମାଛ ଜିଆକୁ ଟାଣେ ସୋଲ ଉପର ତଳ ହେବା ଜାଣି ଧରାଳି ତତ୍‌କ୍ଷଣାତ୍ ତାହାକୁ ଭୂଇଁ ଉପରକୁ ଛାଟେ ଓ ମାଛ ପାଏ। ମାଛ ଧରିବା ସକାଶେ ବନିଶି ମାଧ୍ୟମ ହୋଇଥିବା ବେଳେ ଜିଆ ଥୋପର କାମ କରେ। ଆଜିର ରାଜନୈତିକ ପାଣିରୁ ମାଛ ମାରିବା ପାଇଁ ପ୍ରାୟ ପ୍ରତ୍ୟେକ ଦଳ ବନିଶି ଧରି ବସିଛନ୍ତି।

କୌତୂହଳର ବିଷୟ ହେଉଛି ଅଳ୍ପ ଗଭୀର ପାଣିକୁ ଦୃଷ୍ଟି ପକାଇଲେ ମାଛଙ୍କର ମେଳି ସ୍ପଷ୍ଟ ଦିଶିଯାଉଛି। ଯେତେବେଳେ ଜଣେ ଶିଳ୍ପପତିଙ୍କ ଝିଅ ବାହାଘର ମଉଜ ମଜଲିସ୍ ଆରମ୍ଭ ହେଲା ସେତେବେଳେ ଭାଜପା ଏମ୍‌ପି କଙ୍ଗନା ରାଣାୱତ୍, ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର ଓ ଏନ୍‌ସିପି (ଶରଦଚନ୍ଦ୍ର ପାୱାର) ସାଂସଦ ସୁପ୍ରିୟା ସୁଲେ ଏକ ସଙ୍ଗେ ମଞ୍ଚ ଉପରେ ନାଚିବାର ଦୃଶ୍ୟ ଦେଶବାସୀ ଦେଖିଲେ। ସେତେବେଳେ ସମସ୍ତଙ୍କ ଛାତି କୁଣ୍ଢେ ମୋଟ ହୋଇଯାଇଥିବ। ଯେଉଁ ଦେଶବାସୀ ବୁଝିବାକୁ ଚାହିଁବେ ନାହିଁ ସେମାନଙ୍କୁ ବୁଝାଇବା ଅସମ୍ଭବ। ଯେଉଁ ନାଗରିକ ଏହି ଖେଳର ଅଳ୍ପ ଭିତରକୁ ଦେଖିବେ ସେଥିରୁ ବୁଝିପାରିବେ ଯେ ଏହି ବିବାହ ଘଟଣା କେବଳ ନୁହେଁ, ସମଗ୍ର ଦେଶର ରାଜନେତା, ଶିଳ୍ପପତି, ଅମଲାତନ୍ତ୍ରୀ ଏବଂ ନ୍ୟାୟାଧୀଶମାନେ ମିଳିମିଶି ସୁଖଶାନ୍ତିରେ ଅଛନ୍ତି। ଏମାନଙ୍କ ମଧ୍ୟରେ କୌଣସି ଦ୍ୱେଷ କିମ୍ବା ମତଭେଦ ଥିଲାଭଳି ମନେ ହୁଏନାହିଁ। ତାହାର ଅନେକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି ଯେଉଁଥିରୁ ମୁଖ୍ୟ କାରଣ ହେଉଛି ଯେ, ଆଜିର ରାଜନେତାମାନଙ୍କ ହୃଦୟରେ ଦେଶବାସୀଙ୍କ ପାଇଁ ତିଳେମାତ୍ର ଦରଦ ନାହିଁ। ସମ୍ଭବତଃ ସେଥିପାଇଁ ଗୋଟିଏ ମାଛ ପରେ ଆଉ ଗୋଟେ ମାଛ ଧରିଲା ଭଳି ଉଭୟ ସରକାରୀ ଓ ଅଣସରକାରୀ ଦଳଗୁଡ଼ିକ ବନିଶି ପକାଇବାରେ ବ୍ୟସ୍ତ।

ନିକଟ ଅତୀତକୁ ଦେଖିଲେ ଗୋଟିଏ ପରେ ଗୋଟିଏ ପ୍ରସଙ୍ଗ ଜିଆ ଭଳି ଦେଶରେ ପକାଇବା ପାଇଁ ସରକାର ଚିନ୍ତା କରୁଥିବାବେଳେ ଅଣସରକାରୀ ଦଳଗୁଡ଼ିକ ସେହି ଜିଆକୁ ଖାଇବା ପାଇଁ ସମ୍ପୂର୍ଣ୍ଣ ଡ୍ରାମା କରି ଦେଶବାସୀଙ୍କୁ ବାଉଳା କରୁଛନ୍ତି। ପ୍ରଥମେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଭଳି କାର୍ଯ୍ୟରୁ ଏହି ଖେଳ ଦୃଷ୍ଟିକୁ ଆସିଲା। ଅବଶ୍ୟ ତା'ପୂର୍ବରୁ ବିମୁଦ୍ରୀକରଣ ଓ ଜିଏସ୍‌ଟି ଭଳି ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ନିଷ୍ପତ୍ତିଗୁଡ଼ିକର କୁଫଳ ଆଜି ପର୍ଯ୍ୟନ୍ତ ଦେଶ ସହିବାକୁ ବାଧ୍ୟ ହେଉଛି। ପରବର୍ତ୍ତୀ ସମୟରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ଠାରୁ ଏବର ବନ୍ଦେ ମାତରମ୍, ନ୍ୟାଶନାଲ ହେରାଲ୍ଡ ମାମଲା ଏବଂ ଆଜି ଭିତରେ ମହାତ୍ମା ଗାନ୍ଧୀଙ୍କ ନାମକୁ କାଢ଼ି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ 'ଜି ରାମ୍‌ଜି' ପୁନଃ ନାମିତ କରିବାର ଜିଆ ପୋଖରୀ ପାଣିକୁ ଗୋଳିଆ କରିଚାଲିଛି। ଅଣ ସରକାରୀ ଓ ବିରୋଧୀ ଦଳଗୁଡ଼ିକ ସେହି ଗୋଳିଆ ପାଣିର ଖୁବ୍ ଭଲ ଲାଭ ଉଠାଇ ନାଚଗୀତରେ ମଜ୍ଜିରହିବା ସହିତ ପ୍ରବଳ ଫାଇଦାରେ ରହୁଛନ୍ତି। ନ୍ୟାଶନାଲ୍ ହେରାଲ୍ଡ ମାମଲାରେ ଗାନ୍ଧୀ ପରିବାରର ଦୁଇ ମୁଖ୍ୟ ସୁନିଶ୍ଚିତ ବନ୍ଧା ହେବେ ବୋଲି ତଳତଳିଆ ସରକାରୀ ସମର୍ଥକ ଛାତିପିଟି କହୁଥିବା ବେଳେ ଉପରର ଖେଳ ବୁଝିଲା ଭଳି ବୁଦ୍ଧି ସେମାନଙ୍କର ଜନ୍ମି ନାହିଁ ବୋଲି ସେହି ମାମଲା ଖାରଜ ଖବର ପଢ଼ିଥିବା ସମସ୍ତ ନାଗରିକ ଭଲ ଭାବେ ବୁଝି ପାରିଥିବେ। ଯଦି ଯୁକ୍ତିତର୍କରେ ମୁଣ୍ଡ ନ ପୂରାଇ ଯେକୌଣସି ଭାରତୀୟ ନାଗରିକ ଆଜିର ରାଜନୈତିକ ପରିବେଶକୁ ଦେଖିପାରିବ, ସ୍ପଷ୍ଟ ଭାବେ ଆଭ୍ୟନ୍ତରୀଣ ମୁଖାମଣା ସମ୍ପର୍କରେ ହୃଦ୍‌ବୋଧ କରିପାରିବ। ଏଥିପାଇଁ କୌଣସି ମହାନ୍ ବିଦ୍ୱାନ୍ ହେବାର ପ୍ରୟୋଜନ ନାହିଁ। ବିରୋଧୀ ଦଳର ମୁଖିଆ ସାଜିଥିବା ବ୍ୟକ୍ତି ବିଭିନ୍ନ ଅପ୍ରାସଙ୍ଗିକ ବିଷୟକୁ ଉଠାଇ ଦେଶର ଦୃଷ୍ଟିକୁ ଏପାଖସେପାଖ କରିବାରେ ସଫଳତା ପାଇପାରୁଛନ୍ତି। ସେଭଳି ବିରୋଧୀଙ୍କୁ ଅତି ଭଲ ଭାବେ ପୋଷି ରଖିବାର କଳା କେନ୍ଦ୍ରକୁ ଜଣା, ସେଥିପାଇଁ ଇଡି ଦ୍ୱାରା ଦାଏର କରାଯାଇଥିବା ନ୍ୟାଶନାଲ୍ ହେରାଲ୍ଡ ମାମଲାକୁ ସରକାରୀ ସପକ୍ଷବାଦୀ ବିଚାରପତି ଅତି ସହଜରେ ପ୍ରମାଣ ନାହିଁ କହି ଖାରଜ କରିଦେଲେ। ଏହିଭଳି ପରିସ୍ଥିତିରେ ଆଜି ଭାରତର ଜନସାଧାରଣ ପୋଖରୀ ଭିତରେ ବୁଡ ମାରୁଛନ୍ତି। ତଳ ସ୍ତରରେ ଆମେସବୁ ଯୁକ୍ତିତର୍କ, ହଣାକଟା ଏବଂ ମାର୍‌ପିଟ କରି ଭାବୁଛୁ ଆମେ ଆମ ନେତାଙ୍କୁ ରକ୍ଷାକଲୁ। ଉପରସ୍ତରରେ ନେତା ସମସ୍ତେ ଚଟୁରେ କୋଳାକୋଳି। ପୋଖରୀରେ 'ଜିଆ ଖାଉଛି ମାଛକୁ' ଦୃଶ୍ୟ ଭାରତର ସାଧାରଣ ନାଗରିକ ଦେଖୁଛି। କିନ୍ତୁ ବୁଝିବାରେ ଅସଫଳ ଯେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ କିଭଳି ଭାବେ ଖସୁଛି। ଦେଶର ଅର୍ଥନୀତି କେଉଁଠାରେ ପହଞ୍ଚିପାରିଛି ଏବଂ ଭାରତ ତା'ର ଆଜି ବୈଦେଶିକ ନୀତିରେ ସମ୍ପୂର୍ଣ୍ଣ ଅସଫଳତା ପ୍ରଦର୍ଶନ କରାଇ ପୃଥିବୀରେ ମିତ୍ରବିହୀନ ରାଷ୍ଟ୍ର ଭାବେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଉଛି।

# ଜମି ମାଲିକାନା କୃଷକ ହାତକୁ ଯାଉ



ଗଙ୍ଗାଧର ସାମଲ

କୃଷି ବିଭାଗ ପକ୍ଷରୁ କୁହାଯାଇଛି ଯେ, କୃଷି ଉତ୍ପାଦନ ଦୁଇଗୁଣ ବୃଦ୍ଧି ହୋଇଛି ଏବଂ ଓଡ଼ିଶା ଏ ଦିଗରେ ପ୍ରଥମ। ଜଳସେଚନ ସୁବିଧା ମଧ୍ୟ ଗତ ୩-୪ ବର୍ଷ ମଧ୍ୟରେ ବୃଦ୍ଧି ପାଇଛି ଏବଂ ଆସନ୍ତା ତିନି ବର୍ଷ ମଧ୍ୟରେ ଅଧିକ ୬ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଦିଆଯିବ। କିନ୍ତୁ ଅସଲ କଥା ହେଉଛି, ରାଜ୍ୟରେ କୃଷିର ବିକାଶ ଅନ୍ୟ ରାଜ୍ୟଗୁଡ଼ିକ ସହିତ ସମକକ୍ଷ ନ ହେଉନାହିଁ। ଏହାର କାରଣ ରାଜ୍ୟର ୮୫ଭାଗ ନାମକୁମାତ୍ର ଚାଷୀ ଅଛନ୍ତି ଏବଂ ଅନ୍ୟ ସମସ୍ତେ ଜମିର ମାଲିକ। କୃଷି ବିକାଶ ନିମନ୍ତେ ଅଧିକ ଜମିକୁ ଜଳଯୋଗାଣ, ଉତ୍ତମ ବିହନ ପ୍ରୟୋଗ, ଅଧିକ ସାର ଓ କୀଟନାଶକ ବ୍ୟବହାର ପାଇଁ ନାମକୁମାତ୍ର ଚାଷୀଙ୍କ ହାତରେ ଅର୍ଥ ନାହିଁ। ତେଣୁ ଏହି ଚାଷୀମାନେ ସରକାରୀ ସୂତ୍ରରୁ ହେଉ ବା ବ୍ୟବସାୟ ସୂତ୍ରରୁ ହେଉ ଋଣ କରିବାକୁ ବାଧ୍ୟ ହୁଅନ୍ତି ଅଧିକ ଅମଳ କରିବା ପାଇଁ।

ଓଡ଼ିଶା ହେଉଛି ଏକମାତ୍ର ଖାଉଟି ରାଜ୍ୟ, ଯେଉଁଠାରେ ଅଧିକ ଲୋକ ରାଜ୍ୟ ବାହାରୁ ଆସୁଥିବା ସାମଗ୍ରୀ ଉପରେ ନିର୍ଭର କରନ୍ତି। ଧାନ, ମକା, କିଛି ପରିବା, ଦୁଗ୍ଧ, କିଛି ଫଳମୂଳକୁ ବାଦ୍ ଦେଇ ଆଉ ସବୁ ଜିନିଷ ବାହାର ରାଜ୍ୟରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶାର କୃଷକଙ୍କ ମଧ୍ୟରେ ୮୫ଭାଗ ଲୋକ ନାମକୁମାତ୍ର ଚାଷୀ ହୋଇଥିବାରୁ କୃଷି ଉତ୍ପାଦନ ସେମାନଙ୍କର ଆର୍ଥିକ ଅବସ୍ଥା ଓ ଜଳ, ସାର, ଉତ୍ତମ ବୀଜ ଇତ୍ୟାଦିର ପ୍ରୟୋଗ ଉପରେ ନିର୍ଭର କରେ। ଏହି ନାମକୁମାତ୍ର ଚାଷୀଙ୍କ ହାତରେ ଅର୍ଥ ନାହିଁ, ଯଦ୍ୱାରା ସେମାନେ ଅଧିକ ଉତ୍ପାଦନ ପାଇଁ ଋଣ ଆଣି ତାହାର ସଦୁପଯୋଗ କରିବେ। ଯେଉଁ କେତେକ କୃଷକ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି, ସେମାନଙ୍କ ପରିବାରର ଆବଶ୍ୟକତା ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରି ପରିଶୋଧ କରିବା ସମ୍ଭବ ହେଉନାହିଁ। ଫଳ, ପରିବା, ମାଛ, ଅଣ୍ଡା, କୁକୁଡ଼ା ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ, ଲୁଗା, ଲୁଙ୍ଗି, ଗାମୁଛା ଇତ୍ୟାଦି ପ୍ରାୟ ଜିନିଷ ଓଡ଼ିଶାବାସୀଙ୍କୁ କ୍ରୟ କରିବାକୁ ପଡ଼ିଥାଏ। ଫଳରେ ଧାନ, ମକା ଆଉ ଅନ୍ୟାନ୍ୟ କିଛି ସାମଗ୍ରୀ ବିକ୍ରି କରି ସେମାନେ ଯାହା ଉପାର୍ଜନ କରନ୍ତି, ବାହାରୁ ଆସୁଥିବା ସାମଗ୍ରୀ କ୍ରୟ କରିବା ଦ୍ୱାରା ହାତରେ ଅର୍ଥ ରହେନାହିଁ।

ମୂଳକଥା ହେଉଛି, କୃଷି ଉତ୍ପାଦନ ବୃଦ୍ଧି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରୁନାହିଁ କାହିଁକି। ମୂଳ ପ୍ରସଙ୍ଗ ହେଉଛି, ଭାଗଚାଷୀଙ୍କ ସଂଖ୍ୟା ବଢ଼ୁଥିବାରୁ ଏବଂ ପ୍ରକୃତ ଚାଷୀଙ୍କ ହାତରେ ଜମି ନ ଥିବାରୁ ଜମିରୁ ଅଧିକ ଫସଲ ଉତାରିବା ପାଇଁ ଋଣକରି ଜଳ, ବିହନ, ସାର କ୍ରୟ କରିବା ପାଇଁ ସେ ସାହସ କରିପାରୁନାହିଁ। କାରଣ ଓଡ଼ିଶାରେ ବନ୍ୟା, ମରୁଡ଼ି, ବାତ୍ୟା ଗୋଟିଏ ପରେ ଗୋଟିଏ ଲାଗି ରହିଥାଏ। ଏଥିରୁ ବୁଝିବାକୁ ହେବ ଯେ ଭାଗଚାଷ ପ୍ରଥାର ସଂସ୍କାର ଜରୁରୀ ଏବଂ ଚାଷୀ ଯେ ପର୍ଯ୍ୟନ୍ତ ଜମିର ମାଲିକ ହୋଇନାହିଁ, ସେ ପର୍ଯ୍ୟନ୍ତ ସେ ଚାଷ ପାଇଁ ସବୁ ସମ୍ବଳ ଖର୍ଚ୍ଚ କରିପାରିବ ନାହିଁ।



ଗତ ଦଶବର୍ଷ ମଧ୍ୟରେ ଯଦି ଆମ୍ବ, ସପେଟା, ଲିଚୁ, ଅମୃତଭଣ୍ଡା ଇତ୍ୟାଦି ଉତ୍ପାଦନ ଆଶାନୁରୂପ ବଢ଼ିଥାଏ ଏବଂ ସେହିପରି ମାଛ, କୁକୁଡ଼ା, ଅଣ୍ଡା ଇତ୍ୟାଦିର ଆମଦାନୀ କିଛି ପରିମାଣରେ କମିଥାଏ; ତେବେ ଚାଷୀକୁ ତା' ସମସ୍ୟା ପାଇଁ ଦୋଷ ଦେଇ ହେବନାହିଁ। କାରଣ ତା' ପାଖରେ ଅର୍ଥ ନାହିଁ କି ସେ ଜମିର ମାଲିକ ନୁହେଁ। ଗତ ୨-୩ ବର୍ଷ ଧରି ଚାଷୀମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଉଛି ଏବଂ ଏହା ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ ପ୍ରାକୃତିକ ବିପତ୍ତିରୁ ଚାଷୀକୁ ଯେଉଁସବୁ ସମସ୍ୟାକୁ ସାମ୍ନା କରିବାକୁ ପଡୁଛି, ସେ ବିଷୟରେ ସମାଧାନର ଶକ୍ତି ତା' ହାତରେ ନାହିଁ। ବଳକା ଫଳମୂଳ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ଅଭାବ ରହିଛି। ଫଳ ପ୍ରକ୍ରିୟାକରଣ ମଧ୍ୟ ସହଜ ହେଉନାହିଁ। ଜଳସେଚନର ସୁବ୍ୟବସ୍ଥା, ଉତ୍ତମ ବିହନ, କୀଟନାଶକ ଓ ସାର ଉପଯୋଗ ପାଇଁ ତା' ହାତରେ ଯଦି କିଛି ପାଣ୍ଠି ନରହେ, ତେବେ କୃଷି ସହିତ ଆନୁଷଙ୍ଗିକ ଧନ୍ଦାଗୁଡ଼ିକର ବିକାଶ କରିବା ସମ୍ଭବ ହେବନାହିଁ। ତାହା ନହେଲା ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଦୂର କରିବା ସମ୍ଭବ ନୁହେଁ।

ଅନେକ ବର୍ଷ ପରେ ରାଜ୍ୟରେ ନବଗଠିତ ଡବଲ ଇଞ୍ଜିନ ସରକାର କୃଷିକ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ଭାଗଚାଷୀମାନଙ୍କ ସ୍ୱାର୍ଥକୁ ଜଗିବେ ସରକାର। ଆଣିବେ ନୂଆ ଆଇନ। ଜମି ନ ଥାଇ ମଧ୍ୟ ସେମାନେ ଋଣ ପାଇପାରିବେ। ଓଡ଼ିଶା ଭଳି ପ୍ରାକୃତିକ ଦୁର୍ବିପାକପ୍ରବଣ ରାଜ୍ୟରେ ବିପର୍ଯ୍ୟୟରେ ଫସଲହାନି ହେଲେ ଇନପୁଟ ସବ୍‌ସିଡି ସହ ବୀମାରାଶି ମଧ୍ୟ ପାଇବାକୁ ହକ୍‌ଦାର ହେବେ। ଏଥିପାଇଁ ସରକାର ନୀତି ଆୟୋଗ ଢାଞ୍ଚାରେ ନୂଆ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଅଣ୍ଟା ଭିଡ଼ି ଚିଠା ବିଲ୍ ପ୍ରସ୍ତୁତ କରିଛନ୍ତି। ଏ ଚିଠା ପ୍ରାଥମିକ ପର୍ଯ୍ୟାୟରେ ଅଛି। ଖୁବ୍‌ଶୀଘ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଏହା ସହ ଏହି ଯୋଜନାକୁ ସଫଳ କରିବା ପାଇଁ ସରକାର ରାଜ୍ୟର ଚାଷୀ ଓ ଭାଗଚାଷୀଙ୍କ ମତାମତ ଲୋଡ଼ିଲେ। ଜମି ମାଲିକଙ୍କ ମତ ଲୋଡ଼ିବା ପରେ ସରକାର ଏ ନେଇ ଆଗେଇବା ପାଇଁ ଯାଉଛନ୍ତି।

ସୂଚନାଯୋଗ୍ୟ, ଭାଗଚାଷୀମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବାକୁ ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଆଇନରେ ସେଭଳି କିଛି ବ୍ୟବସ୍ଥା ନଥିଲା। ପ୍ରାକୃତିକ ବିପର୍ଯ୍ୟୟ ପରେ ରାଜସ୍ୱ ବିଭାଗ ଇନ୍‌ପୁଟ ସବ୍‌ସିଡି ଆକାରରେ ସହାୟତା ଦେଇଥାଏ। ମାତ୍ର ଭାଗଚାଷୀଙ୍କ ପାଇଁ କିଛି ଆଇନ ନ ଥିବାରୁ ଏହାର ଲାଭ ଜମି ମାଲିକମାନେ ପାଇଥାଆନ୍ତି। ରାଜ୍ୟ ସରକାରଙ୍କ ୨୦୧୫-୧୬ କୃଷି ଗଣନା ଦର୍ଶାଉଛି, ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଚାଷୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୯୫ ହଜାର ୧୮୪ ଭାଗଚାଷୀଙ୍କୁ ଚିହ୍ନଟ କରାଯାଇଛି। ମାତ୍ର ବେସରକାରୀ କୃଷକ ସଂଗଠନଙ୍କ ଦାବି ରାଜ୍ୟରେ ଭାଗଚାଷୀଙ୍କ ସଂଖ୍ୟା ୧୫ ଲକ୍ଷ ଡେଇଁଯିବ ବୋଲି ମତ ରଖୁଛନ୍ତି। ଭାଗଚାଷୀଙ୍କୁ ଋଣ ଯୋଗାଇବାକୁ ସରକାର 'ବଳରାମ' ଯୋଜନା ଆଣିଥିଲେ। ମାତ୍ର ଏ ଯୋଜନାର ସୁଫଳ ଭାଗଚାଷୀଙ୍କୁ ବିଶେଷ ମିଳୁନି। ଭାଗଚାଷୀମାନେ ମିଳିତ ଦେୟ ଗୋଷ୍ଠୀ ଗଠନ କରି ଏହି ଋଣ ପାଇଁ ଆବେଦନ କରୁଛନ୍ତି। ଏଥିରେ ଯାହା ଋଣ ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ। ଗୋଟିଏ ଗୋଷ୍ଠୀ ସର୍ବାଧିକ ୨ଲକ୍ଷ ଟଙ୍କା ଋଣ ପାଇବାର ନିୟମ ରହିଛି। ଜାତୀୟକରଣ କିମ୍ବା ଘରୋଇ ବ୍ୟାଙ୍କଗୁଡ଼ିକ 'ବଳରାମ'ରେ ଋଣ ଦେବାକୁ କୁନ୍ଥୁକୁନ୍ଥୁ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରିଛନ୍ତି।

ନୂଆ ସରକାର 'ସମୃଦ୍ଧ କୃଷକ ଯୋଜନା'ରେ ୬ ହଜାର କୋଟି ଖର୍ଚ୍ଚ କରିବାକୁ ପାଣ୍ଠି ବରାଦ କରିଛନ୍ତି। ଏହି ଯୋଜନା ଅନୁଯାୟୀ ୩୮ଲକ୍ଷ ଚାଷୀଙ୍କୁ ୨୧ ହଜାର କୋଟି ଫସଲ ଋଣ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ବ୍ୟାଙ୍କ ଋଣ ସହ ଧାନ ବିକ୍ରି କରିବାକୁ ମଧ୍ୟ ପଞ୍ଜୀକରଣ ବେଳେ ଭାଗ ଚାଷୀଙ୍କୁ ସହାୟତା କରିବା ପାଇଁ ସ୍ୱତନ୍ତ୍ର ସେଲ ଗଠନ କରିଛନ୍ତି। ଏଠାରେ ଆମେ କହି ରଖୁଛୁ ଯେ, ଭାଗଚାଷୀ ମାଲିକଙ୍କ ନିକଟରୁ ବର୍ଷକ ପାଇଁ ଚାଷଜମି ଲିଜ୍‌ରେ ନେଇଥାନ୍ତି। ସେ ଦୁଇଜଣଙ୍କ ରାଜିନାମା ଅନୁଯାୟୀ ଏଥିପାଇଁ ଧାନ ଫସଲରୁ ଅଧା ଓ ରବି ଫସଲର ଦୁଇ ପଞ୍ଚମାଂଶ ଜମି ମାଲିକଙ୍କୁ ଦେବାକୁ ପଡ଼ିଥାଏ। ଭାଗଚାଷୀ ପ୍ରାକୃତିକ ବିପର୍ଯ୍ୟୟର କ୍ଷତି ସହେ। ଅଭାବୀ ବିକ୍ରିର ଶିକାର ହୁଏ। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ସାମିଲ ହୋଇ ପାରିନଥାଏ। ଏହାବାଦ୍ ନିଜ ନାମରେ ଜମି ପଟ୍ଟା ନ ଥିବାରୁ ସରକାରୀ ସୁବିଧା କିମ୍ବା କ୍ଷତିପୂରଣ ପାଇପାରୁନି।

ଭାଗଚାଷୀ ଆଇନ ଚିଠା ବିଲ୍ ପ୍ରସ୍ତୁତି ବେଳେ ସରକାର ସ୍ଥିର କରିଥିଲେ, ଓଡ଼ିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟ-୧୯୬୦ରେ ସରକାର ସଂଶୋଧନ ଆଣିବେ। ଜମି ମାଲିକଙ୍କ ସହ ଭାଗଚାଷୀମାନେ ଏକ ଚୁକ୍ତି କରିବେ। ଉଭୟଙ୍କ ସ୍ୱାର୍ଥକୁ ସୁହାଇଲା ଭଳି ସରକାରୀ ଫର୍ମାଟ୍‌ରେ ଏ କାଗଜପତ୍ର କାମ ହେବ। ସରପଞ୍ଚଙ୍କ ଉପସ୍ଥିତିରେ ଉଭୟ ପକ୍ଷ ଏଥିରେ ସ୍ୱାକ୍ଷର କରିବେ। ଏହାର ବୈଧତାକୁ ଆବଶ୍ୟକସ୍ଥଳେ ଯାଞ୍ଚ କରିବାକୁ ଏହାର ନକଲ ରାଜସ୍ୱ ନିରୀକ୍ଷକ ଏବଂ ତହସିଲ ଅଫିସରେ ରଖାଯିବ। ନୂଆ ବ୍ୟବସ୍ଥାରେ ଜମି ମାଲିକଙ୍କ ହାତରୁ ଜମି ଭାଗଚାଷୀ ନିକଟକୁ ଚାଲିଯିବନି କିମ୍ବା ଭାଗଚାଷୀ ମଧ୍ୟ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବନି। ଖୁବ୍‌ଶୀଘ୍ର ସରକାରୀ ଭାବେ ଏକ ଚିଠା ବିଲ୍ ପ୍ରସ୍ତୁତ ହେବାକୁ ଯାଉଛି, ଯଦ୍ୱାରା ସରକାର ଭାଗଚାଷୀଙ୍କ ସ୍ୱାର୍ଥର ସୁରକ୍ଷା କରିପାରିବେ ଏବଂ ଓଡ଼ିଶାରେ ଏହି ସ୍ୱତନ୍ତ୍ର ଆଇନ ଅନ୍ତର୍ଭୁକ୍ତ ଭାଗଚାଷୀମାନେ ଚାଷବାସରେ ଯଥେଷ୍ଟ ଅଗ୍ରଗତି କରିପାରିବେ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋ: ୮୩୨୮୯୪୮୬୪୩**

# ଆମୃଷ୍ଟ ସୁଖ ସନ୍ଧାନେ



ଶ୍ୟାମା ପ୍ରସାଦ ମିଶ୍ର

ଜଣେ ବ୍ୟକ୍ତି ଥରେ ଜଣେ ସାଧୁବାବାଙ୍କ ନିକଟରେ ପହଞ୍ଚିଲେ ଏକ ଗମ୍ଭୀର ସମସ୍ୟା ନେଇ। ବାବା ଜଣକ ତାଙ୍କୁ ଆଗମନର କାରଣ ପୁଚ୍ଛା କରନ୍ତେ ସେ ଉତ୍ତର ଦେଲେ କିଛି ଏହିପରି ଯେ ସେ ନିଜ ଘରେ ସମସ୍ତ ସଦସ୍ୟ (ଅର୍ଥାତ୍ ସ୍ତ୍ରୀ, ପୁଅଝିଅ, ମା'ବାପା)ଙ୍କୁ ନେଇ ତାଙ୍କ ଛୋଟିଆ ବାସଭବନଟିରେ ବର୍ତ୍ତମାନ ଆଉ ରହିପାରିବେ ନାହିଁ। ତାଙ୍କ ଭବନଟି ଏତେ ଛୋଟ ଯେ ସେ ଅଣନିଃଶ୍ୱାସୀ ହୋଇଗଲେଣି। ସେ ନା ଘର ଛାଡ଼ିପାରୁଛନ୍ତି ନା ରହିପାରୁଛନ୍ତି।

ସାଧୁ ଜଣକ ତାଙ୍କୁ ପଚାରିଲେ, ତୁମେ ଛେଳି, କୁକୁଡ଼ା କିଛି ପାଳିଛ କି? ବ୍ୟକ୍ତି ଜଣକ ହଁ ଭରିଲେ। ଅତଏବ ସାଧୁବାବା ପରାମର୍ଶ ଦେଲେ ଯେ- ଯଦି ସେ ତିନି ରାତି ନିଜ ଘରେ ସମସ୍ତ ପରିବାର ସଦସ୍ୟ ସହ ଛେଳି ଓ କୁକୁଡ଼ା ସମେତ ଶୟନ କରିବେ, ତା' ହେଲେ ତାଙ୍କ ଘରଟି ଅଲୌକିକ ଘଟଣା କ୍ରମରେ କିଞ୍ଚିତ ବଡ଼ ହୋଇଯିବ ତା' ପର ଦିନ। ଗୃହକର୍ତ୍ତା ସାଧୁଙ୍କ ଉପଦେଶ ମାନି ତିନି ଦିନ ଓ ତିନି ରାତି ଛେଳି ଓ କୁକୁଡ଼ାଙ୍କୁ ରାତିରେ ଘରେ ରଖି(ମେଁ ଓ କକରେ କ...) ବିନିଦ୍ର ରାତ୍ରିଯାପନ କଲେ ଚମତ୍କାର ଆଶାରେ। ଚତୁର୍ଥ ଦିବସ ପ୍ରାତଃ ସମୟରେ ସେ ଦେଖିଲେ, ଘରଟିର କଳେବରରେ କାଣିଚାଏ ପରିବର୍ତ୍ତନ ବି ହୋଇନାହିଁ। ଅତ୍ୟନ୍ତ ବିବ୍ରତ ଚିତ୍ତରେ ସେ ପହଞ୍ଚିଲେ ସାଧୁଙ୍କ ଆଶ୍ରମରେ। ବ୍ୟକ୍ତ କଲେ ଗତ ତ୍ରି-ଦିବସୀୟ ବିନିଦ୍ର ରଜନୀର ବିରକ୍ତିକର ଅଭିଜ୍ଞତା। ସାଧୁ ଜଣକ କହିଲେ ଯେ – ଆଜି ରାତିରେ ହେବ, ସେହି ବହୁ ପ୍ରତୀକ୍ଷିତ ଚମତ୍କାର – ଅର୍ଥାତ୍ ଘରଟି ବଡ଼ ହୋଇଯିବ (କିନ୍ତୁ ଆଜି ରାତିରେ ଛେଳି କିମ୍ବା କୁକୁଡ଼ା ଘର ଭିତରକୁ ଯିବା ମନା)। ବ୍ୟକ୍ତି ଜଣକ ଆନନ୍ଦ ମନରେ ପ୍ରତ୍ୟାବର୍ତ୍ତନ କଲେ ସ୍ୱଗୃହାଭିମୁଖେ। ସନ୍ଧ୍ୟା ଉପଗତ ହୁଅନ୍ତେ ନିଦ୍ରା ଗଲେ ଓ ଗୋଟିଏ କଡରେ ପରଦିନ ସୂର୍ଯ୍ୟୋଦୟ ମୁହୂର୍ତ୍ତ। ସେ ସ୍ୱପ୍ନରେ ଦେଖୁଥିଲେ – ଘରଟି ବୃଦ୍ଧି ପାଇଛି ଓ ସାଧୁ ଜଣକ ତାଙ୍କୁ ନିଦରୁ ଉଠାଉଛନ୍ତି। ସେତେବେଳକୁ ପ୍ରକୃତରେ ସାଧୁବାବା ସେଠାରେ ଉପସ୍ଥିତ। ସାଧୁ ପଚାରିଲେ – ଆଜି ଘରଟି ଲାଗୁଥିଲା କିପରି? ବ୍ୟକ୍ତି ଜଣକ ହସି ହସି ଉତ୍ତର ଦେଲେ – ମହାରାଜ, ଘରଟି ପ୍ରକୃତରେ ବୃଦ୍ଧି ପାଇନାହିଁ, କିନ୍ତୁ ଏଭଳି ସୁଖ ନିଦ୍ରା ସେ କେବେ ଯାଇଥିଲେ, ତାଙ୍କର ମନେ ନାହିଁ ଏବଂ ସ୍ୱୀକାର କରିଥିଲେ ଯେ ଆଜି ଘରଟି ତାଙ୍କୁ ଖୁବ ବଡ଼ ଅନୁଭବ ହେଉଛି ଓ ଘରଟିରେ ଶାନ୍ତି ବିରାଜମାନ କରିଛି।

ପାଠକେ! ପ୍ରକୃତରେ ସୁଖ ନିଜ ଭିତରେ ହିଁ ଥାଏ : ଏହା ମନୋବୃତ୍ତିର ହିଁ ପ୍ରଭାବ। ଜୀବନରେ ସୁଖ ଓ ଦୁଃଖ ଦୁଇଟି ଅବିଭାଜ୍ୟ ଅଂଶ। କିନ୍ତୁ ଏହାର ପ୍ରକୃତ ଅର୍ଥ ବୁଝିବାକୁ ଯେତେବେଳେ ଆମେ ଗଭୀର ଭାବେ ଚିନ୍ତା କରୁ, ଦେଖାଯାଏ ଯେ ସୁଖ ବା ଦୁଃଖ ଆଉ କେହି ଆମକୁ ଦେଇପାରେ ନାହିଁ, ସେଥିର ମୂଳ ଉତ୍ସ ହେଉଛି ଆମର ନିଜ ମନ। ମନୋବୃତ୍ତି, ଭାବନା ଏବଂ ଚିନ୍ତାଧାରା ଏତେ ପ୍ରଭାବ ପକାଏ ଯେ' ତାହା ଆମ ଜୀବନକୁ ସୁଖମୟ କିମ୍ବା ଦୁଃଖମୟ କରିଦିଏ।



ଆମେ ପ୍ରାୟତଃ ଧାରଣା କରୁ ଯେ ସୁଖ ବାହ୍ୟ ଜିନିଷରେ ରହିଛି ଅଧିକ ଧନ, ବଡ଼ ଘର, ନୂଆ ଜିନିଷ ବା ଅନ୍ୟମାନଙ୍କର ପ୍ରଶଂସା। କିନ୍ତୁ ଯଦି ସେଗୁଡ଼ିକୁ ଆମ ମସ୍ତିଷ୍କ ଉପରେ ଟିକିଏ ଜୋର୍ ଦେଇ ଭାବିବା, ଦେଖାଯାଏ ଯେ ଏହି ସବୁ ଜିନିଷ କେବଳ ଅସ୍ଥାୟୀ ଆନନ୍ଦ ଦେଇଥାଏ। ବାସ୍ତବ ସୁଖ ଥାଏ ମନରେ, ଅର୍ଥାତ୍ ମନ କେମିତି ପରିସ୍ଥିତିକୁ ଗ୍ରହଣ କରୁଛି, କେମିତି ଚିନ୍ତା କରୁଛି, କେମିତି ଦୃଷ୍ଟିକୋଣରୁ ଜୀବନକୁ ଦେଖୁଛି।

ଯେଉଁ ପରିସ୍ଥିତିରେ କିଏ କିଏ ଖୁସି ରହନ୍ତି, ଆଉ କେହି ସେହି ଏକା ପରିସ୍ଥିତିରେ ଅସନ୍ତୁଷ୍ଟ ହୋଇପାରନ୍ତି। କାରଣ ସେମାନଙ୍କର ମନୋବୃତ୍ତି ଭିନ୍ନ। ସକାରାତ୍ମକ ଚିନ୍ତାଧାରା ଥିବା ଲୋକ ଛୋଟ ଘଟଣାରେ ମଧ୍ୟ ସୁଖ ଖୋଜିନେବେ, ଯେଉଁଠି ନକାରାତ୍ମକ ଭାବନା ଥିବା ଲୋକ ସବୁଥିରେ ଦୁଃଖକୁ ଆମନ୍ତ୍ରଣ କରିଥାଏ। ମନୋବିଜ୍ଞାନ କହେ ଯେ ଆମେ ଯେଉଁ ଜିନିଷ ଦେଖୁଛୁ, ତା' କଥା ଭାବୁ, କିନ୍ତୁ ପ୍ରକୃତ କଥା ତାହା ନୁହେଁ; ବାସ୍ତବିକ ଆମେ ଯେପରି ଭାବୁଛୁ, ସେହିପରି ଦେଖୁଛୁ। ଅର୍ଥାତ୍ ବାହ୍ୟ ଜଗତ ଅଧିକ ପ୍ରଭାବଶାଳୀ ନୁହେଁ, ଆମ ଭିତରର ଭାବନାଗୁଡ଼ିକ ଆମକୁ ବାସ୍ତବତା ପ୍ରଦର୍ଶନ କରେ। ଏହି କାରଣରୁ କୁହାଯାଏ ସୁଖ ଏକ 'ମନସ୍ଥିତି', ବାହ୍ୟ ବସ୍ତୁ ନୁହେଁ।

କସ୍ତୁରୀ ମୃଗ ବନସ୍ତସାରା ଘୂରି ବୁଲେ ସୁଗନ୍ଧଯୁକ୍ତ କସ୍ତୁରୀ ସନ୍ଧାନରେ, କିନ୍ତୁ ସେ ଅଜ୍ଞ ଯେ ଯାହା ସେ ଅନୁସନ୍ଧାନରତ ପ୍ରକୃତରେ ତାହା ତା' ନିଜ ମଧ୍ୟରେ ସମାବିଷ୍ଟ। ସେହିପରି ଅନେକ ଲୋକ ସୁଖ ପାଇବାକୁ ଜୀବନଠାରୁ ଦୂରକୁ ଚାଲିଯାଆନ୍ତି, କିନ୍ତୁ ସେହି ସୁଖ ତାଙ୍କ ମନରେ ହିଁ ଥାଏ। ନିଜକୁ ଗ୍ରହଣ କରିବା, ଅଭାବ ନୁହେଁ ଆଶୀର୍ବାଦଗୁଡ଼ିକୁ ଚିହ୍ନଟ କରିବା, ଅନ୍ୟ ସହ ତୁଳନା ନ କରିବା ଓ ଧୈର୍ଯ୍ୟଧାରଣ ଏହି ସବୁ ଗୁଣ, ମନକୁ ଠିକ୍ ପଥରେ ରଖେ। ଯେମିତି ଶରୀରକୁ ସୁସ୍ଥ ରଖିବାକୁ ଅଭ୍ୟାସ ଦରକାର, ସେମିତି ମନକୁ ସୁଖୀ ରଖିବାକୁ ମଧ୍ୟ ସଚେତନ ଅଭ୍ୟାସ ଆବଶ୍ୟକ।

ସନ୍ତୋଷର ଅଭ୍ୟାସ ମନକୁ ଶାନ୍ତ କରେ। ଯେତେବେଳେ ଆମେ ନିଜର ଥିବା ଜିନିଷରେ କୃତଜ୍ଞ ହେବା ଶିଖୁ, ସେତେବେଳେ ଆମେ ଅପେକ୍ଷାର ଭାରରୁ ମୁକ୍ତି ପାଉ। ଅପେକ୍ଷା ବଢ଼ିଲେ ଦୁଃଖ ବଢ଼େ, ଅପେକ୍ଷା କମିଲେ ସୁଖ ବଢ଼େ।

ଅନ୍ୟକୁ ଖୁସି କରିବା, ସହାୟତା କରିବା, ସମ୍ପର୍କକୁ ଗଭୀର କରିବା ଏହି ସବୁ ଆମ ଅନ୍ତରାତ୍ମାରୁ ଆସୁଥିବା ସୁଖର ଉତ୍ସ। ଯିଏ ମନକୁ ସକାରାତ୍ମକ ରଖିବା ଜାଣେ, ସେ ସୁଖକୁ ଧରି ରଖିବାର ଗୁପ୍ତମନ୍ତ୍ର ଜାଣିଛି।

ଅତଏବ ସୁଖ ଖୋଜିବା ଯାତ୍ରା ମନରୁ ଆରମ୍ଭ ହୁଏ। ବାହାରୁ ଆରାମ ମିଳିପାରେ, କିନ୍ତୁ ସୁଖ ମିଳେ ନିଜର ଭିତର ପରିବେଶ ଠିକ୍ ଥିଲେ। ତେଣୁ ନିଜର ମନୋବୃତ୍ତିକୁ ସକାରାତ୍ମକ ରଖିବା, ଠିକ୍ ଭାବେ ଚିନ୍ତା କରିବା ଓ ପରିସ୍ଥିତିକୁ ସମ୍ମୁଖୀନ ହେବା ଏହି ସବୁ ହିଁ ସୁଖର ପ୍ରକୃତ ଉତ୍ପତ୍ତିସ୍ଥଳ।

ସୁଖ କେବେ ବାହାରେ ନୁହେଁ, ଆମର ମନର ଘରେ ହିଁ ଥାଏ। ଏହା ବୁଝିଗଲେ ଆମ ଜୀବନରେ ଦୁଃଖ କେବଳ ଅତିଥି ହୋଇ ଆସିବ ଓ କ୍ଷଣକେ ଅନ୍ତର୍ହିତ ହେବ ଏବଂ ସୁଖ ଆମର ନିତ୍ୟ ସଙ୍ଗୀ ହୋଇପାରିବ।

**ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ,**
**ଭଞ୍ଜନଗର, ଗଞ୍ଜାମ,**
**ମୋ : ୯୦୯୦୫୦୭୯୫୫**

## ଏଇ ଭାରତରେ

ବିଲୁପ୍ତିର ଦ୍ୱାରରେ ଥିବା ପକ୍ଷୀଙ୍କ ତାଲିକାରେ ରହିଛି ଗ୍ରେଟ ଇଣ୍ଡିଆନ ବସଟାର୍ଡ। ଏମାନଙ୍କ ସୁରକ୍ଷା ପାଇଁ ଆଗକୁ ଆସିଛନ୍ତି ରାଜସ୍ଥାନର ମରୁଭୂମିରେ ରହୁଥିବା ଲୋକେ। ରାଜସ୍ଥାନର ଗ୍ରାମୋଦୟ ସାମାଜିକ ସଂସ୍ଥାନ ନାମକ ଏକ ଏନ୍‌ଜିଓ ୨୦୨୨ରୁ ଗ୍ରେଟ୍ ଇଣ୍ଡିଆନ ବସଟାର୍ଡର ସୁରକ୍ଷା କାମରେ ଲାଗିଛନ୍ତି। ଏହା ସହ ସାମିଲ ହୋଇଛନ୍ତି ବିଷ୍ଣୋଇ ସମ୍ପ୍ରଦାୟ ଲୋକେ। ବନ ଅଧିକାରୀ, ବନ୍ୟଜନ୍ତୁ ସଂରକ୍ଷଣ ଟିମ୍ ମଧ୍ୟ ସହଯୋଗ କରୁଛି। ସବୁଠୁ ବଡ଼ ଭୂମିକା ରହୁଛି ବିଷ୍ଣୋଇ ସମ୍ପ୍ରଦାୟ ଲୋକଙ୍କର। ଏହି ସମୁଦାୟର ଯୁବସ୍ୱେଚ୍ଛାସେବୀ ସୁରକ୍ଷା ଅଭିଯାନରେ ସାମିଲ ହୋଇ ପକ୍ଷୀ ଶିକାର ଆଭାସ ପାଇବା କ୍ଷଣି ହ୍ୱିସିଲ ବଜାଉଛନ୍ତି। ସ୍ୱେଚ୍ଛାସେବୀମାନେ ସ୍କୁଲଗୁଡ଼ିକରେ ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ପକ୍ଷୀମାନଙ୍କ ପାଇଁ ବିସ୍ତୀର୍ଣ୍ଣ ଗ୍ରାସ୍ ଲ୍ୟାଣ୍ଡ ସୃଷ୍ଟି କରାଯାଉଛି। ଦେଶରେ ଥିବା ମୋଟ ଗ୍ରେଟ ଇଣ୍ଡିଆନ ବସଟାର୍ଡଙ୍କ ମଧ୍ୟରୁ ୭୫ ପ୍ରତିଶତ ଥର୍ ମରୁଭୂମିରେ ରହନ୍ତି। ୨୦୨୨ରେ ଏହି ପକ୍ଷୀ ସଂଖ୍ୟା ୯୭ ଥିଲା ଏବଂ ସଂରକ୍ଷଣ ପଦକ୍ଷେପ ଯୋଗୁ ଏବେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୭୩ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ଡିସେମ୍ବର ୧୯୭୬**

- ସାମୁଦ୍ରିକ ବିଜ୍ଞାନ କ୍ଷେତ୍ରରେ ବ୍ୟାପକ ଗବେଷଣା ଚଳାଇବା ଲାଗି କେନ୍ଦ୍ର ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୋର୍ଡ ଗଠିତ।
- ସାମୋଆ ଜାତିସଂଘର ୧୪୭ତମ ସଭ୍ୟ ରାଷ୍ଟ୍ର ରୂପେ ଗୃହୀତ ହୋଇଛି।

## ଚିରନ୍ତନୀ

ହେ ବରଷା ତବ ସ୍ରୋତେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ ।
ଅନ୍ତରେ କେତେ ଜମିଲାଣି ପାପ
ବଳିଛି ଶୁଷ୍କ ନିଦାଘର ତାପ
ପୁଣ୍ୟ ନିଶାଣ ଉଡ଼ାଇ ଗଗନେ
ବଜ-ଚପଳା-ରଥେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ ।
-(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 6 | | | 9 | | 7 | | |
| | 5 | 9 | | 1 | | | 3 | |
| | | | 7 | | | 4 | | 1 |
| | | | | | | | | |
| | 1 | | 8 | | | | 5 | 2 |
| | 8 | 2 | | | 6 | | | 9 |
| | | | | | | | | |
| | 4 | 7 | 9 | 5 | | | | |
| | 9 | 3 | 1 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 9 | 1 | 6 | 5 | 2 | 7 | 4 |
| 5 | 6 | 2 | 9 | 4 | 7 | 1 | 3 | 8 |
| 4 | 7 | 1 | 2 | 3 | 8 | 9 | 6 | 5 |
| 3 | 4 | 8 | 5 | 2 | 1 | 6 | 9 | 7 |
| 7 | 9 | 5 | 3 | 8 | 6 | 4 | 2 | 1 |
| 2 | 1 | 6 | 4 | 7 | 9 | 8 | 5 | 3 |
| 9 | 8 | 7 | 6 | 1 | 3 | 5 | 4 | 2 |
| 1 | 5 | 4 | 7 | 9 | 2 | 3 | 8 | 6 |
| 6 | 2 | 3 | 8 | 5 | 4 | 7 | 1 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚଲାପଥରେ ବିପଦ

ମହାଶୟ,

ରାସ୍ତା କଡ଼ରେ ଧଳାଦାଗଟି ହେଉଛି ପାଦଚଲା ରାସ୍ତା ଓ ସେଥିରେ ସାଇକେଲ ଯିବା ମନା। ରାସ୍ତାରେ ଯାଉଥିବା ବସ୍, ଟ୍ରକ, ବାଇକ ଟେମ୍ପୋ, ଇ-ବସ୍ ସବୁ ବଡ଼ ଛକରେ ଟ୍ରାଫିକ୍ ଲାଇଟ ଆସିଲେ ସମସ୍ତେ ଅଟକି ରହନ୍ତି। ପୁଣି ଗ୍ରୀନ୍‌ଲାଇଟ ଜଳିଲେ ସମସ୍ତେ ଯାଆନ୍ତି। ଯିବା ଓ ଆସିବା ବାଟ ଅଲଗା। ହେଲେ ଏବେ ଆସିବା ବାଟେ କିଛି ଯାନ ଚାଲିଯାଉଛନ୍ତି ଏବଂ ଯିବା ବାଟରେ ମଧ୍ୟ ଆସୁଛନ୍ତି। ଭୁଲ୍ ବାଟରେ ଯିବା ଆସିବା ଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଅନେକ ପାଦଚଲା ରାସ୍ତାରେ ବାଇକ ଚାଲିଯାଉଛି। ଚାଲିଚାଲି ଯାଉଥିବା ଲୋକମାନେ ଜୀବନ ବଞ୍ଚାଇବା ଲାଗି ସେମାନଙ୍କୁ ବାଟ ଛାଡ଼ି ଦେଉଛନ୍ତି। ଏମିତିକା ଲୋକଙ୍କୁ ସାବାଡ଼ କରିବା ଲାଗି ଛକମାନଙ୍କରେ ପୋଲିସ ଜଗିଲେ ସବୁ ଅସୁବିଧା ଦୂର ହେବ। କିନ୍ତୁ ଜଗିବାକୁ ପୋଲିସ ଅଭାବ ଥିବା ପରିଲକ୍ଷିତ ହେଉଛି।

**-କାଳିଚରଣ ରଥ, ଗୋସାଇ ନୂଆଗାଁ, ଶାସ୍ତ୍ରୀ ନଗର, ବ୍ରହ୍ମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ୨୬ ଜିଲାରେ ୬୦ ୱାଟରଶେଡ୍ ମହୋତ୍ସବ: କନକବର୍ଦ୍ଧନ



ରାଜ୍ୟସ୍ତରୀୟ ୱାଟରଶେଡ୍ ମହୋତ୍ସବରେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟମାନେ।

**ପାଟଣାଗଡ଼ ୧୬।୧୨ (ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ୍ ଅଧୀନ ଉଲବା ଗ୍ରାମର ହାଇସ୍କୁଲ ଖେଳପଡିଆଠାରେ ରାଜ୍ୟସ୍ତରୀୟ ୱାଟରସେଡ୍ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓ ଉଦ୍‌ଘାଟନକରି କହିଛନ୍ତି, ପ୍ରଧାନମନ୍ତ୍ରୀ କୃଷି ସେଚନ ଯୋଜନା ଅନ୍ତର୍ଗତ ଜଳବିଭାଜିକା ଉନ୍ନୟନ କାର୍ଯ୍ୟରେ ଜନ ଭାଗୀଦାରିକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ, ଭୂମି ସମ୍ପଦ ବିଭାଗ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ, ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ସମନ୍ୱୟରେ ଉକ୍ତ ମହୋତ୍ସବ ଆୟୋଜନ କରାଯାଇଛି। ୨୦୨୬ ଜାନୁଆରୀରେ ରାଜ୍ୟର ୨୬ଟି ଜିଲାରେ ୬୦ଟି ୱାଟରସେଡ୍ ମହୋତ୍ସବ ପାଳନ କରାଯିବ। ଏଥିପାଇଁ ମଙ୍ଗଳବାର ଏହି ମହୋତ୍ସବର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ଭୀମସେନ ସେଠୀ, ବଲାଙ୍ଗୀର ୱାଟରସେଡ୍ ପ୍ରକଳ୍ପ ନିର୍ଦ୍ଦେଶକ ମହିତୋଷ ଦାସ, ପାଟଣାଗଡ଼ ଉପଖଣ୍ଡ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ରଜନୀ କୁମ୍ଭାର ଓ ସନ୍ତୋଷ କୁମାର ରଥ, ସୋନାଲି କୁମୁରା, ବିଡିଓ ସୁମନ ମିଞ୍ଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପଞ୍ଚାୟତ ୱାଟରସେଡ୍ କମିଟି ସଭାପତି ଓ ସମ୍ପାଦକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ଚାଷୀ, ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଜଣେ ଚାଷୀଙ୍କ ଜମିରେ ପୋଖରୀ ଖୋଳିବା ପାଇଁ ଭୂମି ପୂଜନ କରିଥିଲେ।

# ଜେଏସ୍‌ଡବ୍ଲ୍ୟୁ ନୂଆଗାଁ ଖଣି: ଉଜୁଡ଼ିଛି ୭୫୦ ଏକର ଜଙ୍ଗଲ

**ଯାଜପୁର,୧୬।୧୨ (ହର୍ଷବର୍ଦ୍ଧନ ବେହେରା)**

କେନ୍ଦୁଝର ଜିଲା ନୂଆଗାଁସ୍ଥିତ ଜେଏସ୍‌ଡବ୍ଲ୍ୟୁର ଲୁହାପଥର ଖଣି ସମ୍ପ୍ରସାରଣ ପାଇଁ ବଡ଼ବିଲ ତହସିଲର ନୂଆଗାଁ, ବରପଦା, ଗନ୍ଧୁଲପଡା, ଗୁଆଳି, କୋହଲାରୁଡକେଲା, ପାଣ୍ଡୁଲିପୋଷି, ତୋପଡିହି ଗ୍ରାମଗୁଡିକର ପ୍ରାୟ ୩୦୦ ହେକ୍ଟର(୭୫୦ ଏକର) ଜମିରେ ବ୍ୟାପକ ଗଛ ଓ ଗୁଳ୍ମ ଅରଣ୍ୟ ନଷ୍ଟ ହୋଇଛି। ଏକଥା ଖଣି କର୍ତ୍ତୃପକ୍ଷଙ୍କ କାର୍ଯ୍ୟକାରୀ ସାରାଂଶରେ ସ୍ୱୀକାର କରାଯାଇଛି। ଖଣି ଖନନ ଦ୍ୱାରା ଜଙ୍ଗଲ ଉଜୁଡ଼ିବା ସହ ବିଭିନ୍ନ ପ୍ରଜାତିର ଉଦ୍ଭିଦ ଓ ଜୀବଜନ୍ତୁଙ୍କ ବ୍ୟାପକ କ୍ଷତି ହୋଇଥାଏ। ତେବେ କଟାଯାଇଥିବା ଗଛ ତୁଳନାରେ ବହୁଗୁଣ ଅଧିକ ଚାରାରୋପଣ କରାଯାଉଥିବା ଖଣି କର୍ତ୍ତୃପକ୍ଷମାନେ କହୁଛନ୍ତି। ବାସ୍ତବରେ ଏହାର ପୁନଃଭରଣ କେବେ ବି ସମ୍ଭବ ନୁହେଁ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରୁଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୦ରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଲିମିଟେଡ୍‌କୁ ୫୦ ବର୍ଷ ପାଇଁ ନୂଆଗାଁ ଲୁହାପଥର ଖଣି ଲିଜ୍ ଦିଆଯାଇଛି। ଏହି ଖଣିର ଉତ୍ପାଦନ ହାର ବାର୍ଷିକ ୫.୬ ମିଲିୟନ ଟନ୍(ଏମ୍‌ଟି)ରୁ ୨୦ ଏମ୍‌ଟିକୁ ବୃଦ୍ଧି କରାଯାଇଛି। ଏହାସହିତ ବାର୍ଷିକ ମୋଟ ୨.୦୧୩ ଏମ୍‌ଟି ଖନନ ପାଇଁ ଅନୁମତି ମିଳିଛି। ଲୁହାପଥର ଖଣି ସମେତ ୩୦ ଏମ୍‌ଟିର ବେନିଫିକେଶନ ପ୍ଲାଣ୍ଟ ଏବଂ ବାର୍ଷିକ ୩୦ ଏମ୍‌ଟି ସ୍ଲରି ପାଇପ୍ ପରିବହନ ନିମନ୍ତେ ଜେଏସ୍‌ଡବ୍ଲ୍ୟୁକୁ ୭୭୬.୯୬୯ ହେକ୍ଟର ଜମି ଲିଜ୍ ମିଳିଛି। ଏଥିରୁ ୪.୪% ନିର୍ମାଣ ସ୍ଥଳ, ୩୮.୨% ଜଙ୍ଗଲ ଭୂମି, ୯.୩% କୃଷି ଜମି, ୪୦.୭% ପତିତ ଜମି ଓ ୪.୫% ଜଳାଶୟ ଜମି ରହିଛି। ଏହି ଖଣି ଖନନ କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବରେ ଯନ୍ତ୍ରଚାଳିତ ଓପନ କାଷ୍ଟ ପଦ୍ଧତି ବ୍ୟବହାର କରାଯାଉଛି। ଏହାଦ୍ୱାରା ଅଞ୍ଚଳବାସୀ ସେତେଟା ନିଯୁକ୍ତି ସୁଯୋଗ ପାଇ ନ ଥିବାବେଳେ ଜଙ୍ଗଲ, ଜମି, ଜଳ ହରାଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଏହାବାଦ୍ ଜେଏସ୍‌ଡବ୍ଲ୍ୟୁ ବେନିଫିକେଶନ ପ୍ଲାଣ୍ଟ ଏବଂ ସ୍ଲରି ପାଇପ୍ ପରିବହନ ଯୋଗୁ ଅଞ୍ଚଳବାସୀ ନାହିଁ ନ ଥିବା ବାୟୁ ଓ ଜଳ ପ୍ରଦୂଷଣର ଶିକାର ହେଉଛନ୍ତି। ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ଚିକିତ୍ସା ପାଇଁ ଖଣି ନିକଟରେ ଏକ ଡାକ୍ତରଖାନା ପ୍ରତିଷ୍ଠା ପ୍ରସ୍ତାବ ରହିଥିଲେ ବି ତାହା ଏଯାଏ ସଫଳ ହୋଇ ପାରିନାହିଁ। ଅନ୍ୟପକ୍ଷେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କେତେକ ଯୋଜନା କରାଯାଇଥିଲେ ବି ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଜଙ୍ଗଲ (ସଂରକ୍ଷଣ) ଆଇନ ୧୯୮୦ର ଧାରା(୨) ଅନୁଯାୟୀ ରାଜ୍ୟରେ ବିଭିନ୍ନ ଖଣି ପ୍ରକଳ୍ପ ପାଇଁ ସେପ୍ଟେମ୍ବର ୨୦୨୩ ସୁଦ୍ଧା ୩୪,୮୦୭.୦୨ ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ହୋଇଛି। ଏଥିପାଇଁ ଭାରତ ସରକାରଙ୍କ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ଚୂଡାନ୍ତ ଅନୁମୋଦନ ମିଳିଛି। ସମ୍ପୃକ୍ତ ଅପସାରିତ ଜଙ୍ଗଲ ଜମି ପ୍ରତିବଦଳରେ ୨୬,୨୩୬.୦୩ ହେକ୍ଟର ଜଙ୍ଗଲ ଜମି ଓ ୧୫,୦୬୦.୮୧ ହେକ୍ଟର ଅଣଜଙ୍ଗଲ ଜମିରେ କ୍ଷତିପୂରଣ ବନୀକରଣ କରାଯାଇଛି। ଏହାସହ ଅନୁମୋଦନ ପ୍ରାପ୍ତ ଅପସାରିତ ଜଙ୍ଗଲ ଜମିରୁ ମୋଟ ୭,୮୦,୭୬୭ ସଂଖ୍ୟକ ଗଛ କଟାଯାଇ କ୍ଷତିପୂରକ ବନୀକରଣ ଯୋଜନାରେ ୮୫,୯୦,୭୬୬ ସଂଖ୍ୟକ ଚାରାରୋପଣ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ହେଲେ କ୍ଷତିପୂରକ ବନୀକରଣ ଯୋଜନାରେ ଜଙ୍ଗଲ ଜମିରେ ୫୬୯୯.୭୯ ହେକ୍ଟର ଓ ଅଣଜଙ୍ଗଲ ଜମିରେ ୪୩୭୫.୧୬ ହେକ୍ଟର, ସମୁଦାୟ ୧୦,୦୭୪.୯୫ ହେକ୍ଟର ଅପସାରିତ ଜମିରେ ଚାରାରୋପଣ ହୋଇ ପାରିନାହିଁ। ଏଥିମଧ୍ୟରେ କେନ୍ଦୁଝର ଜିଲାରେ ସର୍ବାଧିକ ଜମିରେ ଚାରାରୋପଣ ହୋଇପାରିନାହିଁ। ତନ୍ମଧ୍ୟରେ କଳାପର୍ବତ ଆଇରନ ମାଇନ୍ସର ୧୦.୨୧ ହେକ୍ଟର, ଜିଲିଂ ଲଙ୍ଗଲୋଟା ଖଣିର ୧୯.୫୬୧ ହେକ୍ଟର, କେ.ସି. ପ୍ରଧାନ ଆଇରନ ଓର ମାଇନ୍ସର ୧୯.୫୬ ହେକ୍ଟର, ଓଏମ୍‌ସିର 'ଗନ୍ଧମାର୍ଦ୍ଦନ ବ୍ଲକ-ବି'ର ୪୫୯.୩୪୦ ହେକ୍ଟର, ଟିସ୍କୋ ମାଙ୍ଗାନିଜ ଆଇରନ ଓର୍‌ର ୩୧୩ ହେକ୍ଟର, ଜେଏସ୍‌ଡବ୍ଲ୍ୟୁ ନୂଆଗାଁ ଓ କେଜେଏସ୍ ଖଣିର ୧୫୫.୯୬୧ ହେକ୍ଟର ଏବଂ କଟକ ଡିଭିଜନ ଯାଜପୁର ଜିଲାର କାଳିଆପାଣି କ୍ରୋମାଇଟ ମାଇନ୍ସର ୨୧.୬୨ ହେକ୍ଟର ଜମିରେ ଚାରାରୋପଣ ହୋଇପାରିନାହିଁ। ଖଣି ଅଞ୍ଚଳରେ କେତେ ପରିମାଣର ଜଙ୍ଗଲ ସୃଷ୍ଟି କରାଯାଇଛି ଓ ସେଥିରୁ କେତେସଂଖ୍ୟକ ଗଛ ବଞ୍ଚି ରହିଛି ତାହାର କୌଣସି ତଥ୍ୟ ନାହିଁ।

## ୩୪ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୬।୧୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ମଙ୍ଗଳବାର ପୁଣି ୩୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମୁଣ୍ଡ ପାଇଁ ୮୪ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ପୋଲିସ କହିଛି। ମାଓବାଦୀ ସଙ୍ଗଠନରେ ପୂର୍ବ ଆଦର୍ଶ ନ ଥିବା ଏବଂ ଛତିଶଗଡ଼ ସରକାରଙ୍କ ପୁନର୍ବାସ ନୀତିରେ ପ୍ରଭାବିତ ହୋଇ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି । ସରକାରଙ୍କ ଥଇଥାନ ନିୟମ ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ବିଜାପୁର ପୋଲିସ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ଛତିଶଗଡ଼ରେ ମାଓବାଦୀ ସଂଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ଇତିମଧ୍ୟରେ ଏନ୍‌କାଉଣ୍ଟରରେ ସଂଗଠନର ବଡ଼ ବଡ଼ ଟପ୍ କ୍ୟାଡର ମାଓବାଦୀ ନିହତ ହୋଇଥିବାବେଳେ ବହୁ ମାଓବାଦୀ ମୁଖ୍ୟସ୍ରୋତରେ ସାମିଲହେବାକୁ ଆତ୍ମସମର୍ପଣ କରୁଥିବା ଦେଖିବାକୁ ମିଳୁଛି।

# ପାର୍ସଲ ସେବାର ଅଧିକ ଉନ୍ନତି ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ରେଳପଥ ଅଧିକାରୀ ଓ ପାର୍ସଲ ଗ୍ରାହକ।

## ପାର୍ସଲ ଗ୍ରାହକଙ୍କ ସହ ପୂର୍ବତଟ ରେଳପଥର ବୈଠକ

**ଭୁବନେଶ୍ୱର,୧୬।୧୨ (ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ପାର୍ସଲ କ୍ଷେତ୍ରରେ ଅଂଶୀଦାରଙ୍କ ସହଭାଗିତାକୁ ସୁଦୃଢ଼ କରିବା ଏବଂ ବ୍ୟବସାୟ କ୍ଷେତ୍ରରେ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ 'ପାର୍ସଲ ବ୍ୟବସାୟ: ପ୍ରମୁଖ ଗ୍ରାହକ ବୈଠକ' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ (ପିସିସିଏମ୍) ରୀତା ରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟାଳୟ ଏବଂ ଡିଭିଜନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରମୁଖ ପାର୍ସଲ ଗ୍ରାହକମାନେ ଆଲୋଚନା ଅଧିବେଶନରେ ଅଂଶଗ୍ରହଣ କରି ବିଭିନ୍ନ ନୀତିଗତ ପଦକ୍ଷେପ ବିଷୟରେ ସୂଚନା ଦେବା ସହ ପାର୍ସଲ ସେବାର ଆହୁରି ଉନ୍ନତି ପାଇଁ ମତାମତ ଦେଇଥିଲେ। ବୈଠକରେ ଭାରତୀୟ ରେଳପଥର ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯଥା ପାର୍ସଲ ସ୍ଥାନର ଇ-ନିଲାମ, ପାର୍ସଲ କାର୍ଗୋ ଏକ୍ସପ୍ରେସ୍ ଟ୍ରେନ, ଇଣ୍ଡେଣ୍ଟେଡ ପାର୍ସଲ ଟ୍ରେନ, ଡିମ୍‌ଡ ଭିପି ଓ ପାରଦର୍ଶିତା, କ୍ଷମତା ଓ ସେବା ପ୍ରଦାନ ବୃଦ୍ଧି ପାଇଁ ଅଣାଯାଇଥିବା ବିଭିନ୍ନ ଡିଜିଟାଲ ପଦକ୍ଷେପ ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରାଯାଇଥିଲା। ପାର୍ସଲ ବ୍ୟବସାୟ ସମ୍ପର୍କିତ ବିଭିନ୍ନ କାର୍ଯ୍ୟାନୁଷ୍ଠାନମୂଳକ ସମସ୍ୟା, ଯେପରିକି ଭିପି ଲିଜିଂ ପାଇଁ ଆପତ୍ତିବିହୀନ ପ୍ରମାଣପତ୍ର (ଏନ୍‌ଓସି), ପ୍ଲାଟଫର୍ମରେ ପାର୍ସଲ ଷ୍ଟାକିଂ, କିଛି ନିର୍ଦ୍ଦିଷ୍ଟ ଟ୍ରେନର ଅଟକିବା ସମୟସୀମା ବୃଦ୍ଧି ଏବଂ ଅନ୍ୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## କାର୍ଯ୍ୟ ସମୟରେ ଦକ୍ଷତା ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଅ: ଏସିଏସ୍

**ସଚିବାଳୟର ଚତୁର୍ଥ ବ୍ୟାଚ୍ ଏଏସ୍‌ଓଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

**ଭୁବନେଶ୍ୱର,୧୬।୧୨ (ରବିନାରାୟଣ ଜେନା)**

ଓଡ଼ିଶା ସଚିବାଳୟର ଚତୁର୍ଥ ବ୍ୟାଚ୍ ସହାୟକ ଉପବିଭାଗ ଅଧିକାରୀ (ଏଏସ୍‌ଓ)ଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରଶାସନିକ ସଂସ୍କାରରେ ସଚିବାଳୟ ସେବା ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାରୀ କାର୍ଯ୍ୟ କଲାବେଳେ ଦକ୍ଷତା, ସ୍ୱଚ୍ଛତା, ସମୟାନୁବର୍ତ୍ତିତା, ପାରଦର୍ଶିତା ଓ ସଦାଚାରିତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ। ଓଡ଼ିଶା ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମର ମୁଖ୍ୟ ପରିଚାଳନା ଅଧ୍ୟକ୍ଷ ସୌମେନ୍ଦ୍ର ପ୍ରିୟଦର୍ଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟ ସମ୍ପାଦନା ବେଳେ ନିଜକୁ ସବୁବେଳେ ଆଗରେ ରଖି ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଗୃହ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଣତି ଛୋଟରାୟ ସରକାରୀ କାର୍ଯ୍ୟ ଦକ୍ଷତାର ସହ ଓ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ନବନିଯୁକ୍ତ ସହାୟକ ଉପବିଭାଗ ଅଧିକାରୀମାନଙ୍କୁ ପ୍ରସ୍ତୁତ କରିବାରେ ପ୍ରଶିକ୍ଷଣ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

# ଆଜି ରାଜ୍ୟ ଭାଜପା କାର୍ଯ୍ୟାଳୟ ଘେରିବ କଂଗ୍ରେସ

**ନ୍ୟାଶନାଲ ହେରାଲ୍ଡ ମାମଲାରେ କ୍ଲିନ୍‌ଚିଟ୍**

**ଭୁବନେଶ୍ୱର,୧୬।୧୨ (ରବିନାରାୟଣ ଜେନା)**

ନ୍ୟାଶନାଲ ହେରାଲ୍ଡ ମାମଲାରେ କୋର୍ଟଙ୍କ ରାୟ ପ୍ରକାଶ ପରେ ଏହାକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ବୁଧବାର ଏକ ବଡ଼ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ବୁଧବାର ପୂର୍ବାହ୍ନ ୧୦ଟାରେ କଂଗ୍ରେସ ଭବନରୁ ସହସ୍ରାଧିକ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ଯାଇ ଭାଜପା ରାଜ୍ୟ ମୁଖ୍ୟାଳୟ ଘେରାଉ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ଭକ୍ତ ଗଣମାଧ୍ୟମକୁ ମଙ୍ଗଳବାର କହିଛନ୍ତି, ସତ୍ୟର ଜୟ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରର କଳଙ୍କିତ ଉଦ୍ଦେଶ୍ୟ ଲୋକଲୋଚନକୁ ଆସିଛି। 'ୟଙ୍ଗ୍ ଇଣ୍ଡିଆ' ମାମଲାରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର କାର୍ଯ୍ୟଧାରା କୋର୍ଟଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଅବୈଧ ଏବଂ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ପ୍ରମାଣିତ ହୋଇଛି। କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ, ଏହାର କୌଣସି ଏଫ୍‌ଆଇଆର୍ ନାହିଁ, ଯାହା ବିନା କୌଣସି ମାମଲା ରୁଜୁ ହୋଇପାରିବ ନାହିଁ। ଗତ ଦଶନ୍ଧି ଧରି ମୋଦି ସରକାରଙ୍କ ଏହି ରାଜନୈତିକ ଉଦ୍ଦେଶ୍ୟମୂଳକ ଦମନ ଏବେ ଦେଶବାସୀଙ୍କ ସମ୍ମୁଖରେ ଉଜାଗର ହୋଇଛି। ନା କୌଣସି ମନି ଲଣ୍ଡରିଂ ମାମଲା ନା କୌଣସି ଆପରାଧିକ ଆୟ, ନା ହୋଇଛି ସମ୍ପତ୍ତିର ହସ୍ତାନ୍ତର-ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି, ଯାହା ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ, ପ୍ରଚାରସର୍ବସ୍ୱ ଏବଂ ଚରିତ୍ର ହନନ ଅଭିଯାନର ଅଂଶବିଶେଷ ବୋଲି ଭକ୍ତ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Required Used Car Manager for a 4-Wheeler Automobile Dealership at Bhubaneswar.
Call: 7855040457
Send CV:
csgargsongroup@gmail.com
siddharth9909@gmail.com

REQUIRED
Admin Manager Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
csgargsongroup@gmail.com
Cc to:
siddharth9909@gmail.com
Call - +91 7855040457

HIGHWAY TRADING PVT. LTD.
REQUIRED
JUNIOR/SENIOR ACCOUNTANT
Experienced in Tally with at least 1-5 years of experience
SALES EXECUTIVE
Any Graduate with MBA / B.Com.
Walk in for interview :
MONDAY-SATURDAY - 10 A.M. TO 7 P.M.
Address : JANPATH, BHUBANESWAR
Contact : Rajiv Agarwal, M-9437006047

Staff ଆବଶ୍ୟକ
ଭୁବନେଶ୍ୱରରେ Fabrication Industry ରେ କାର୍ଯ୍ୟ ପାଇଁ Experience Mechanical/Civil Engineer, Manager, Marketing ଓ Office କାର୍ଯ୍ୟ ପାଇଁ Accountant, Data Entry Operator, Driver ଓ other staff ଆବଶ୍ୟକ। ରହିବା ଓ ଖାଇବା ସୁବିଧା ଅଛି।
Contact : 9937499625

WANTED FOR A PHARMACEUTICAL UNIT IN ODISHA
- QUALITY CONTROL OFFICER (Min. 3 years experience). Knowledge of Operation of HPLC Systems is a must.
- QUALITY ASSURANCE OFFICER (Min. 3 years experience) should be able to face ISO & GMP audit.
- LABORATORY ASSISTANT: B.Sc./B.Pharma Graduates with devotion and determination to work honestly.
- PHARMACIST: D.Pharma Graduates with devotions and determination to work honestly.
- Please apply with confidence to email: odishacareerconsul@gmail.com within 15 days of intimating expected salary.

## ୨୪୯ ଓଆର୍‌ଏସ୍ ଅଧିକାରୀଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର,୧୬।୧୨ (ରବିନାରାୟଣ ଜେନା)**

ରାଜସ୍ୱ ବିଭାଗ ପକ୍ଷରୁ ମଙ୍ଗଳବାର ୨୪୯ ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍) ଅଧିକାରୀଙ୍କୁ ପ୍ରବେଶିକା (ପ୍ରୋବେଶନାରି) ଅବଧି ପରେ ନିଯୁକ୍ତି ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ସଂପୃକ୍ତ ଓଆର୍‌ଏସ୍ ଅଧିକାରୀମାନେ ୨୦୨୪ ଡିସେମ୍ବର ୨୭ରୁ ଟ୍ରେନି ରିଜର୍ଭ ଅଫିସର ଭାବେ ବିଭିନ୍ନ ଜିଲାରେ ନିୟୋଜିତ ଥିଲେ। ସେମାନଙ୍କ ଅବଧି ପୂରଣ ପରେ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ଦୀପ୍ତିରଞ୍ଜନ ମିଶ୍ରଙ୍କୁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସବ୍-ରେଜିଷ୍ଟ୍ରାର ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରାଚୀ ପ୍ରତ୍ୟୁଷିତା ରାଉତଙ୍କୁ ଏସ୍‌ଆର୍‌ସିଙ୍କ ଓଏସ୍‌ଡି ଭାବେ ନୂତନ ଦାୟିତ୍ୱ ଦିଆଯାଇଛି। ଏହାବାଦ୍ ଅନ୍ୟ ୨୪୭ ଓଆର୍‌ଏସ୍ ଅଧିକାରୀଙ୍କୁ ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନୂଆ ଦାୟିତ୍ୱ ମିଳିଛି।

# ଏସ୍‌ଆଇଆର୍ ଜରିଆରେ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ଭାଜପାର ସ୍ପଷ୍ଟ ନୀତି: ସରୋଜ

**ଭୁବନେଶ୍ୱର, ୧୬।୧୨ (ସୁନିତ୍ ମିଶ୍ର)**

ମୃତ୍ୟୁ ପରେ କିମ୍ବା ୨ଟି ସ୍ଥାନରେ ଭୋଟର ହୋଇଥିଲେ ସେହି ନାମକୁ ବାଦ୍‌ଦେବା, ୧୮ ବର୍ଷ ବୟସ ହେବା ପରେ ନାମ ଯୋଡ଼ିବା ଏବଂ ବାଛି ବାଛି ଅନୁପ୍ରବେଶକାରୀଙ୍କୁ ତାଲିକାରୁ କାଢ଼ିବା ହେଉଛି ଏସ୍‌ଆଇଆର୍। ଭୋଟର ତାଲିକାର ଶୁଦ୍ଧୀକରଣ ଅତ୍ୟାବଶ୍ୟକ, କାରଣ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଚୟନକରି ଦେଶକୁ ଅସୁରକ୍ଷିତ କରିବାକୁ ପ୍ରୟାସ କରୁଥିବା ଅନୁପ୍ରବେଶକାରୀମାନଙ୍କୁ ରୋକିବା ପାଇଁ ଏସ୍‌ଆଇଆର୍ ଜରୁରୀ। ଅନୁପ୍ରବେଶକାରୀଙ୍କୁ ଚିହ୍ନଟକରିବା, ଭୋଟର ତାଲିକାରୁ ବାଦ୍‌ଦେବା ଏବଂ ସେମାନଙ୍କୁ ଦେଶାନ୍ତର କରିବା ହେଉଛି ଭାଜପାର ସ୍ପଷ୍ଟ ନୀତି। ହେଲେ କଂଗ୍ରେସ ସମେତ ଇଣ୍ଡିଆ ମେଣ୍ଟର ନେତୃବୃନ୍ଦ ବିବାଦୀୟ ବାୟାନବାଜି କରି ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏସ୍‌ଆଇଆର୍ ବିଷୟରେ ସତ୍ୟାସତ୍ୟ ଜାଣିବାର ଆବଶ୍ୟକତା ସମସ୍ତଙ୍କର ରହିଛି ବୋଲି ଭାଜପା ରାଜ୍ୟ ସମ୍ପାଦକ ସରୋଜ କର କହିଛନ୍ତି।

ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ତରଫରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଉକ୍ତ କର୍ମଶାଳାରେ ସରୋଜ କର, ଭୁବନେଶ୍ୱର ଜିଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନଙ୍କ ସମେତ ସମସ୍ତ ଜିଲା ପଦାଧିକାରୀ, ମଣ୍ଡଳ ସଭାପତି, ଶକ୍ତିକେନ୍ଦ୍ର ସଭାପତିମାନେ ଉପସ୍ଥିତ ଥିଲେ। ଏହାକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପାର୍ଲାମେଣ୍ଟରେ ଦେଇଥିବା ଏସ୍‌ଆଇଆର୍ ସମ୍ପର୍କିତ ବିବୃତି ଉପରେ ଆଲୋଚନା ହୋଇଛି। ବୁଧବାର ଜିଲାର ସମସ୍ତ ମଣ୍ଡଳରେ ଏସ୍‌ଆଇଆର୍ ଉପରେ କର୍ମଶାଳା ଅନୁଷ୍ଠିତ ହେବ ବୋଲି ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ସଂ. 51-SBP-TRD-OT-2025-26, ତା.10.12.2025ରିଖ
କାର୍ଯ୍ୟର ନାମ : "ମେନ୍ ଲାଇନକୁ ଅବରୋଧ ନକରି ଲୋକୋ (Loco) ରିଭର୍ସାଲ ନିମନ୍ତେ ବେଲସୋଣ୍ଡା ଷ୍ଟେସନର ଉଭୟ ପାର୍ଶ୍ୱରେ R/4 ଉପରେ 100 ମିଟରର S/NECK ବ୍ୟବସ୍ଥା" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।
ଆନୁମାନିକ ମୂଲ୍ୟ : ₹ 26,81,229.72, EMD : ₹ 53,600/-, ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.01.2026ରିଖ 1530 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-904/Q/25-26

# ପ୍ରଲୋଭନ ଦେଖାଇ ଆଦିବାସୀଙ୍କୁ ଶୋଷଣ

## ଜିଲାପାଳଙ୍କୁ ଦାବିପତ୍ର ଦେଲା ଆଦିବାସୀ ସେଙ୍ଗେଲ ଅଭିଯାନ

**ବାରିପଦା,୧୬।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାର ଆଦିବାସୀମାନଙ୍କୁ ସଂସ୍କାର ଓ ପରମ୍ପରା ନାମରେ ଶୋଷଣ କରାଯାଉଛି। କୁ-ପ୍ରଥା ଦ୍ୱାରା ଅନ୍ୟାୟ, ଅତ୍ୟାଚାର, ସମ୍ବିଧାନ ବିରୋଧୀ ଏବଂ ଦେଶଦ୍ରୋହ ଭଳି କାର୍ଯ୍ୟ କରି ଅର୍ଥ ଆଦାୟ କରାଯାଉଛି । ଦେଶରେ ରହି ଆଦିବାସୀମାନେ ଭାରତର ନାଗରିକ ଓ ଏସ୍‌ଟି ନୁହନ୍ତି ବରଂ ସେମାନେ ଦେଶର ମାଲିକ ବୋଲି ପରିଚୟ ଦିଆଯାଉଛି। ଏଭଳି ପ୍ରଲୋଭନର ବଶବର୍ତ୍ତୀ ହୋଇ କେତେଜଣ ଆଦିବାସୀ ସରକାରୀ ପରିଚୟପତ୍ର ଫେରାଇ ଭାରତୀୟ ନାଗରିକତା ତ୍ୟାଗ କରୁଥିବା ଘଟଣା ଆଲୋଡନ ସୃଷ୍ଟି କରିଛି। ଏନେଇ ଆଦିବାସୀ ସେଙ୍ଗେଲ ଅଭିଯାନ ଓଡ଼ିଶା ପ୍ରଦେଶ ପାର୍ଗାନା ସହ ପୂର୍ବାଞ୍ଚଳ ବାରିପଦା ଜୋନାଲ କମିଟି ଉଦ୍‌ବେଗ ପ୍ରକାଶ କରିଛି। ସଙ୍ଗଠନର ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳ ହେମକାନ୍ତ ସୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସୟ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଜିଲାରେ ନିରୀହ ଆଦିବାସୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଶୋଷଣ କରାଯାଉଛି। ଆଦିବାସୀ ଗ୍ରାମଗୁଡ଼ିକରେ ଏକ ସଂଗଠନର କର୍ମକର୍ତ୍ତାଙ୍କ ନେତୃତ୍ୱରେ ମୁଣ୍ଡପିଛା ୩ ହଜାର ଟଙ୍କା ଆଦାୟ କରାଯାଇ ଦୁଇ ପ୍ରକାର ପରିଚୟପତ୍ର ପ୍ରଦାନ କରାଯାଉଛି। ଏହି ପରିଚୟପତ୍ର ଜରିଆରେ ଆଦିବସୀଙ୍କୁ ଦେଶର ମାଲିକ ବୋଲି କହି ଖଜଣାଠାରୁ ଆରମ୍ଭ କରି ବସ୍, ଟ୍ରେନ୍, ଉଡ଼ାଜାହାଜ ଓ ବିଜୁଳି ବିଲ୍ ଆଦି ସମସ୍ତ କ୍ଷେତ୍ରରେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ପ୍ରବର୍ତ୍ତାଯାଉଛି। ଆଦିବାସୀମାନେ ଭାରତର ନାଗରିକ ଓ ଏସ୍‌ଟି ନୁହନ୍ତି ସେମାନେ ଦେଶର ମାଲିକ ବୋଲି ଉକ୍ତ ସଂଗଠନ ପକ୍ଷରୁ ପ୍ରବର୍ତ୍ତାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଜିଲାର କୁସୁମୀ, ବିଶୋଇ ଓ ବାଙ୍ଗିରିପୋଷି ତହସିଲଦାରଙ୍କ ନିକଟରେ କେତେଜଣ ଆଦିବାସୀ ସେମାନଙ୍କ ଭୋଟର ଓ ଆଧାର କାର୍ଡ ଭଳି ପରିଚୟପତ୍ର ଫେରାଇ ଦେଇଥିବା ଏଭଳି ସ୍ପର୍ଶକାତର ଘଟଣାରେ ଜିଲା ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପ୍ରଶାସନର କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠିଛି। ମିଥ୍ୟା କଥା କହି ଆଦିବାସୀଙ୍କୁ ଶୋଷଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେଙ୍ଗେଲ ଅଭିଯାନ ଦାବି କରିଛି।

ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୬.୧୨.୨୦୨୫
କପା ଚାଷୀଙ୍କୁ ଆହ୍ୱାନ
ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।
ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।
ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।
ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।
ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।
ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।
ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।
ସ୍ୱା/-ଶାଖା ପ୍ରମୁଖ

IFFCO
Wholly owned by Cooperatives
Indian Farmers Fertiliser Cooperative Limited
Paradeep Unit
Advertisement No. PDP/HR/App/2025 Date: 09.12.2025
Requirement of Act Apprentices for IFFCO, Paradeep Unit
Indian Farmers Fertiliser Cooperative Limited, Paradeep Unit, District - Jagatsinghpur (Odisha) invites applications for the post of Act Apprentices from candidates possessing Diploma (Chemical) / Diploma (Mechanical) / Diploma (Electrical) / Diploma (Instrumentation) / Diploma (Civil) / B.Sc.(PCM) / ITI (Fitter) / ITI (Machinist) / ITI (Welder) / ITI (Electrician) / ITI (Instrument Mechanic) / ITI (Tuner) / ITI (Mechanic Motor Vehicle) / ITI (Draughtsman Mechanical) / ITI (Draughtsman Civil) / ITI (Computer Operator and Programming Assistant) / ITI (Refrigeration & AC)
How to apply:
For details of advertisement and required qualification, age, apprenticeship, categories, emoluments, other eligibility criteria of the above-mentioned post and how to apply etc. visit our website at www.iffcoyuva.in. The online application form may also be directly accessed on https://appspd.iffco.coop/candidate/.
It is mandatory to submit an online application form.
Important Dates for candidates:
Date of opening of online application: 08.12.2025, 10.30 hrs
Date of closing of online application: 21.12.2025, 23.59 hrs
For queries / clarification : Contact No: 06722-22 4761

**ଜାନୁଆରୀରେ ଏକାମ୍ର ଫୁଲ ପ୍ରଦର୍ଶନୀ**

ଭୁବନେଶ୍ୱର,(ସୌମ୍ୟରଞ୍ଜନ ରାଉତ): ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର (ଆର୍‌ପିଆର୍‌ସି) ଓ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ୍‌ର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଆଗାମୀ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ହେବାକୁ ଯାଉଛି। ଚଳିତବର୍ଷ ୩ଦିନ ଫୁଲ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ପ୍ରକାର ଦେଶୀ ବିଦେଶୀ ଫୁଲ ପ୍ରଦର୍ଶନ ହେବା ନେଇ ସୂଚନା ମିଳିଛି। ସେହିପରି ନାବାର୍ଡ, ରାଜଭବନ, ଜିଏ ବିଭାଗ, ବିଏମ୍‌ସି, ବିଡିଏ, ଏକାମ୍ରବନ ସହିତ ଅନେକ ଘରୋଇ ଶିକ୍ଷାନୁଷ୍ଠାନ, ବ୍ୟବସାୟୀ ଏବଂ ଫୁଲପ୍ରେମୀ ସାମିଲ ହେବେ।

## ଜାନୁଆରୀରୁ କାର୍ଯ୍ୟବନ୍ଦ ଚେତାବନୀ ଦେଲା ଓମ୍‌ସା

ଭୁବନେଶ୍ୱର,୧୬।୧୨(ଅନୁରାଧା ମହାରଣା)

ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏଶନ(ଓମ୍‌ସା) ଚେତାବନୀ ଦେଇଛି। ଏ ନେଇ ଓମ୍‌ସା ପକ୍ଷରୁ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓମ୍‌ସା ସାଧାରଣ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ କହିଛନ୍ତି, ବିଭିନ୍ନ ଦାବି ନେଇ ଗତ ନଭେମ୍ବର ୨୦ରୁ ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି। କେନ୍ଦ୍ରୀୟ ବେତନ ହାର, କ୍ୟାଡର ପୁନର୍ଗଠନ, ଦାନ୍ତ ଡାକ୍ତରଙ୍କୁ ସୁବିଧା ପ୍ରଦାନ, ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାର୍ଟର୍ସ, ବୀମା ଆଦି ସୁବିଧା ଦେବା ଭଳି ୧୮ ଦଫା ଦାବି ରହିଛି। ଦାବି ପୂରଣ ନ ହେଲେ ଡିସେମ୍ବର ୨୬ରୁ ଘଣ୍ଟାଏ ପାଇଁ ଓପିଡି ବନ୍ଦ ରଖାଯିବ। ଏହାସତ୍ତ୍ୱେ ସରକାର ଦାବି ନ ଶୁଣିଲେ ଜାନୁଆରୀରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ।

# ଖଣ୍ଡଗିରି, ଉଦୟଗିରିର ହେବ ବିକାଶ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରସ୍ତାବିତ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ସମୀକ୍ଷା କରୁଛନ୍ତି।

**ଭୁବନେଶ୍ୱର ଦେଶର ଅଗ୍ରଣୀ ଐତିହ୍ୟ, ସାଂସ୍କୃତିକ ପର୍ଯ୍ୟଟନ ଭାବେ ସୁଦୃଢ଼ ହେବ**

ଭୁବନେଶ୍ୱର,୧୬।୧୨ (ସୌମ୍ୟରଞ୍ଜନ ରାଉତ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଖଣ୍ଡଗିରି ଓ ଉଦୟଗିରିର ସମନ୍ୱିତ ପର୍ଯ୍ୟଟନ ବିକାଶ ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ବ୍ୟାପକ ସମୀକ୍ଷା କରିଛନ୍ତି। ଐତିହ୍ୟ ସଂରକ୍ଷଣ ଏବଂ ଭିତ୍ତିଭୂମି ବିକାଶ ହେଉଛି ସମୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ। ସମୀକ୍ଷା ସମୟରେ ଉପମୁଖ୍ୟମନ୍ତ୍ରୀ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଦ୍ୱାରା ଖଣ୍ଡଗିରି ଓ ଉଦୟଗିରି ଚାରିପାଖରେ ପ୍ରସ୍ତାବିତ ସାଧାରଣ ସୁବିଧା, ପ୍ରବେଶ ସୁବିଧା, ବ୍ୟାଖ୍ୟା ଓ ସହରୀୟ ସମନ୍ୱୟ ସମ୍ବନ୍ଧୀୟ କାର୍ଯ୍ୟଯୋଜନାର ମୂଲ୍ୟାଙ୍କନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ, ଖଣ୍ଡଗିରି ଓ ଉଦୟଗିରିର ସମନ୍ୱିତ ବିକାଶ ପର୍ଯ୍ୟଟକ ଅନୁଭୂତିକୁ ଗୁଣାତ୍ମକ ଭାବେ ବଢ଼ାଇବା ସହ ସହରୀକରଣ ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଭୁବନେଶ୍ୱରକୁ ଦେଶର ଏକ ଅଗ୍ରଣୀ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ସୁଦୃଢ଼ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏନେଇ ପ୍ରକଳ୍ପର ଆନୁମାନିକ ବ୍ୟୟ ପ୍ରାୟ ୫୨ କୋଟି ଟଙ୍କା ରହିଥିବା ସୂଚନା ମିଳିଛି। ଏହି ସମୀକ୍ଷା ସମୟରେ ବିଧାୟକ ବାବୁ ସିଂ, ପର୍ଯ୍ୟଟନ ବିଭାଗର କମିଶନର ବଲଓ୍ୱନ୍ତ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସାମାଜିକକର୍ମୀ ଜଗନ୍ନାଥ ପ୍ରଧାନ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଏବଂ କର୍ପୋରେଟରମାନେ ଉପସ୍ଥିତ ଥିଲେ।



@ ପ୍ରୀତିରଞ୍ଜନ



@ ଶୁଭାଶିଷ



@ ଦୀପାଳି



@ ସରୋଜ



@ ବିଦେଶୀ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ




ମଧୁସୂଦନ ନଗରସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ୪୧ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର,୧୬।୧୨(ଅନୁରାଧା ମହାରଣା)

ମଧୁସୂଦନ ନଗରସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ୪୧ତମ ବାର୍ଷିକ ଉତ୍ସବ ସୋମବାର ଉତ୍କଳ ମଣ୍ଡପରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓସେପା ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତ, ସ୍କୁଲ ପରିଚାଳନା କମିଟି ସଭାପତି ଡ. ଶଶାଙ୍କ ଶେଖର ପତି, ଚେୟାରମ୍ୟାନ ସୂର୍ଯ୍ୟପ୍ରକାଶ ପତି ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ଅନୁଷ୍ଠାନର ନିରନ୍ତର ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ। ସ୍କୁଲ ମ୍ୟାନେଜିଂ କମିଟି ସଭାପତି ଡ. ଶଶାଙ୍କ ଶେଖର ପତି, ଚେୟାରମ୍ୟାନ ଡ. ସୂର୍ଯ୍ୟପ୍ରକାଶ ପତି, ହିମାଂଶୁ ଶେଖର ପତି ଉତ୍ସବରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଅଧ୍ୟକ୍ଷ ବସନ୍ତ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅତିଥିମାନେ ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଅଧ୍ୟକ୍ଷ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଶ୍ରୀଲିଙ୍ଗରାଜଙ୍କୁ ଲାଗିହେଲା ପହିଲି ଭୋଗ

ପୁରୁଣା ଭୁବନେଶ୍ୱର,୧୬।୧୨(ସୁବାସ ଚନ୍ଦ୍ର ପ୍ରଧାନ)

ଧନୁ ସଂକ୍ରାନ୍ତି ଅବସରରେ ମଙ୍ଗଳବାର ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଭୋର୍ ୫ଟାରୁ ମଙ୍ଗଳଆଳତି, ଅବକାଶ ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଖୋଲିଥିଲା। ସକାଳ ୬ଟା ୧୫ରେ ଛାମୁ ପରିଷ୍କାର କରାଯାଇ ଅନ୍ୟାନ୍ୟ ନୀତି ହୋଇଥିଲା। ପରେ ଧନୁ ମାସ ପାଇଁ ଠାକୁରଙ୍କର ଖଇ ଦହି ବଲ୍ଲଭରେ ଗଇଁଠା ଭୋଗ ହୋଇଥିଲା, ଯାହା ଏହି ଏକ ମାସ ବ୍ୟାପୀ ବଳବତ୍ତର ରହିବ। ସକାଳ ୮ଟା ୨୫ରେ ପହିଲି ଭୋଗ ଅବଢ଼ା ସର୍ବସାଧାରଣଙ୍କ ପାଇଁ ବାହାରିଥିଲା। ଧନୁ ମାସରେ ଠାକୁରଙ୍କୁ ରୁପା ଥାଳିରେ ଧନୁମୁଆଁ ଲାଗି କରାଯାଇଥିଲା। ତେବେ ଧନୁ ମାସ ଆରମ୍ଭରୁ ନୀତିରେ ବ୍ୟତିକ୍ରମ ଦେଖାଯାଇଥିଲା। ସର୍ବସାଧାରଣ ଦର୍ଶନ ଚାଲିଥିବା ସମୟରେ ପାଳିଆବଡୁ ସେବକ ମଧ୍ୟାହ୍ନ ୧୨ଟାରେ ଦର୍ଶନ ବନ୍ଦ କରିଦେଇଥିଲେ, ଯାହା ଅପରାହ୍ନ ୨ଟାରେ ହେବା କଥା। ତେବେ ଉକ୍ତ ଘଟଣା ମନ୍ଦିର ପ୍ରଶାସନ ନିକଟରେ ପଡ଼ିଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ କହିବା ପରେ ପୁଣି ଦର୍ଶନ ପ୍ରାୟ ୧୫ ମିନିଟ୍ ବିଳମ୍ବରେ ଚାଲିଥିଲା।

**ସଅଳ ନୀତି ଆରମ୍ଭ**

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଧନୁମାସର ନୀତିନିର୍ଘଣ୍ଟ ସ୍ଥିର ହୋଇଛି। ଭୋର୍ ୫ଟାରେ ମଙ୍ଗଳ ଆଳତି, ୫ଟା ୩୦ ହୋମ, ସକାଳ ୬ଟାରେ ମହାସ୍ନାନ, ୭ଟାରେ ସକାଳଧୂପ, ସକାଳ ୯ଟାରେ ଭୋଗମଣ୍ଡପ ସମାପ୍ତ, ସକାଳ ୯ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ, ଅପରାହ୍ନ ୨ଟା ୩୦ ମଧ୍ୟରେ ବେଶ, ଅପରାହ୍ନ ୩ଟା ମଧ୍ୟରେ ବଲ୍ଲଭ, ଅପରାହ୍ନ ୪ଟା ମଧ୍ୟରେ ଦ୍ୱିପ୍ରହର ଧୂପ ସମାପ୍ତ, ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ପହୁଡ଼, ଅପରାହ୍ନ ୫ଟାରୁ ସନ୍ଧ୍ୟାଆଳତି, ଅପରାହ୍ନ ୫ଟା ମଧ୍ୟରେ ଚେରାଫିଟା ସମାପ୍ତ, ଅପରାହ୍ନ ୫ଟା ୩୦ରୁ ସନ୍ଧ୍ୟା ୬ଟା ମଧ୍ୟରେ ସାହାଣମେଳା ଦର୍ଶନ, ସନ୍ଧ୍ୟା ୭ଟା ୩୦ ମଧ୍ୟରେ ସନ୍ଧ୍ୟା ଧୂପ, ବଡ଼ସିଂହାର ନୀତି ହେବ। ଆବଶ୍ୟକ ସ୍ଥଳେ ବଡ଼ସିଂହାର ନୀତି ସମୟ ବୃଦ୍ଧି କରାଯିବ।

## ଓଟିଡିସିର ୩ କର୍ମଚାରୀଙ୍କୁ ଛଟେଇ

**ନିଯୁକ୍ତିରେ ଅନିୟମିତତା ଅଭିଯୋଗ**

ଭୁବନେଶ୍ୱର,୧୬।୧୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଘରୋଇ ସଂସ୍ଥା ଦ୍ୱାରା ନିଯୁକ୍ତ ୩ କର୍ମଚାରୀଙ୍କୁ ଛଟେଇ କରିଛି। ନିଯୁକ୍ତି ଅନିୟମିତତା ଅଭିଯୋଗ ଆସିବା ପରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଟଙ୍କପାଣି ରୋଡ୍‌ସ୍ଥିତ ଏକ୍ସଇଏମ୍ ଭେଞ୍ଚର ପ୍ରା.ଲି.ସଂସ୍ଥା ଦ୍ୱାରା ନିଯୁକ୍ତ ଓଟିଡିସିର ଆଇଟି ପ୍ରଫେସନାଲ୍ କୀର୍ତ୍ତି କୁମାର ନାୟକ, ଇକୋ-ପର୍ଯ୍ୟଟନ ପରିଚାଳକ ରାକେଶ ଦାସ ଓ ଗ୍ରାମାଞ୍ଚଳ ପର୍ଯ୍ୟଟନ ପରିଚାଳକ ଅଙ୍କିତା ପ୍ରଧାନଙ୍କୁ ବିଭାଗ ଛଟେଇ କରିଛି। ସୂଚନାଯୋଗ୍ୟ, ଓଟିଡିସିରେ କର୍ମଚାରୀ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ବୋର୍ଡ ନିଷ୍ପତ୍ତି ନେଇଥାଏ। କିନ୍ତୁ ପୂର୍ବତନ ପର୍ଯ୍ୟଟନ ନିର୍ଦ୍ଦେଶକ ମାନ୍‌ସୀ ନିମ୍ଭାଲ ନିଜଆଡୁ ୪ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରି ୩ ପିଏମ୍‌ଏସ୍ କର୍ମଚାରୀଙ୍କୁ ଗତ ମେ ୨୨ରେ ନିଯୁକ୍ତି ଦେଇଥିଲେ। ସେତେବେଳେ ଏହାକୁ ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର ବିରୋଧ କରି ଦର୍ଶାଇଥିଲେ ଯେ, କର୍ମଚାରୀ ନିଯୁକ୍ତିରେ ଅନିୟମିତତା ହୋଇଛି। ସାଧାରଣ ପ୍ରଶାସନ, ଅର୍ଥ ଓ ଶ୍ରମ ବିଭାଗ ନିର୍ଦ୍ଦେଶାବଳୀକୁ ଠିକ୍ ଭାବେ ପାଳନ କରାଯାଇନାହିଁ। ଓଟିଡିସିରେ ଇକୋ-ପର୍ଯ୍ୟଟନ ପରିଚାଳକ ଏବଂ ଗ୍ରାମାଞ୍ଚଳ ପର୍ଯ୍ୟଟନ ପରିଚାଳକ ପଦ ଆବଶ୍ୟକତା ନ ଥିବା ବେଳେ ନୂଆ ପଦ ସୃଷ୍ଟି କରାଯାଇ ଅଧିକ ଦରମା ଦେଇ ନିଯୁକ୍ତି ଦିଆଯାଇଛି। ଓଟିଡିସିର ଅର୍ଥକୁ ଏଭଳି ବାଟମାରଣା କରାଯାଉଥିବା ପାତ୍ର ଅଭିଯୋଗ ଆଣିଥିଲେ। ଏବେ କାର୍ଯ୍ୟାନୁଷ୍ଠାନକୁ କର୍ମଚାରୀ ସଂଘ ସ୍ୱାଗତ କରିଛି।

## ଶାଶ୍ୱତୀ ପାଇବେ 'ଇଟିକିଲି ମିଟିକିଲି ସଙ୍ଗୀତଶ୍ରୀ ସମ୍ମାନ'

ଭୁବନେଶ୍ୱର,୧୬।୧୨(ସୌମ୍ୟରଞ୍ଜନ ରାଉତ)

କିଶୋର କଣ୍ଠଶିଳ୍ପୀ ଶାଶ୍ୱତୀ ନାରାୟଣୀ ଆଚାର୍ଯ୍ୟଙ୍କୁ 'ଇଟିକିଲି ମିଟିକିଲି ସଙ୍ଗୀତଶ୍ରୀ ସମ୍ମାନ' ଏବଂ ଦମ୍ପତି ସ୍ୱର୍ଗତା ନୀହାରିକା ସ୍ୱାଇଁ ଓ ପ୍ରଫେସର କାହ୍ନୁଚରଣ ସ୍ୱାଇଁଙ୍କୁ 'ଇଟିକିଲି ମିଟିକିଲି ଜେଜେବାପା-ଜେଜେମାଆ ସମ୍ମାନ' ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି। ଆସନ୍ତା ଡିସେମ୍ବର ୨୧ରେ ସୂଚନା ଭବନରେ ଇଟିକିଲି ମିଟିକିଲି ପିଲାମାନଙ୍କ ସ୍ୱରରେ କଣ୍ଠସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ସଙ୍ଗୀତ ସୁରଭି ଆୟୋଜନ କରିବାକୁ ଯାଉଛି। କାର୍ଯ୍ୟକ୍ରମରେ ଶାଶ୍ୱତୀଙ୍କ ସମେତ ସାରା ରାଜ୍ୟର ବିଭିନ୍ନ ସ୍ଥାନରୁ ବଛା ବଛା ୧୫ ଜଣ ଶିଶୁକିଶୋର କଣ୍ଠଶିଳ୍ପୀ ଅଂଶଗ୍ରହଣ କରି ସୁମଧୁର କଣ୍ଠ ସଙ୍ଗୀତ ପରିବେଷଣ କରିବେ ବୋଲି ଅନୁଷ୍ଠାନର ସଚିବ ଶରତ କୁମାର ନାୟକ ଜଣାଇଛନ୍ତି।

## ପ୍ରେମ କରିଥିବା ମଣିଷ ହିଁ ପରିବର୍ତ୍ତନ ପାଇଁ ବିପ୍ଳବ ସୃଷ୍ଟି କରେ




ଅତିଥିମାନେ ଛବିଳ ମଧୁ ବର୍ଣ୍ଣବୋଧ ପ୍ରଦର୍ଶନ କରୁଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

**'ଓଡ଼ିଆ ଅସ୍ମିତାର ପରିଚୟ ଅ ରୁ କ୍ଷ' ଶୀର୍ଷକ ସ୍ତମ୍ଭ ଆଲେଖ୍ୟ ପ୍ରଦର୍ଶନୀ**

**ଇତିଶ୍ରୀ ନାୟକ, ଗାର୍ଗୀ ଶତପଥୀଙ୍କୁ 'ଲେଖନୀ ଧାରା' ସମ୍ମାନ**

ଭୁବନେଶ୍ୱର,୧୬।୧୨(ସୌମ୍ୟରଞ୍ଜନ ରାଉତ)

ଗଣମାଧ୍ୟମଗୁଡ଼ିକରେ ବିଭିନ୍ନ ସ୍ତମ୍ଭକାରଙ୍କ ଆଲେଖ୍ୟରେ ଯେତେବେଳେ ପ୍ରେମ ଓ ବିପ୍ଳବର ସମନ୍ୱୟ ରହେ, ସେତେବେଳେ ଯୁବ ସମାଜ ତାକୁ ଅନୁଶୀଳନ କରି ନୂତନ ସମାଜ ସୃଷ୍ଟି ପାଇଁ ଆଗଭର ହୁଏ ବୋଲି ବିଦ୍ୟା ଫାଉଣ୍ଡେଶନ୍ ପକ୍ଷରୁ 'ଓଡ଼ିଆ ଅସ୍ମିତାର ପରିଚୟ ଅ ରୁ କ୍ଷ' ଶୀର୍ଷକ ସ୍ତମ୍ଭ ଆଲେଖ୍ୟ ପ୍ରଦର୍ଶନୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ବୁଦ୍ଧମନ୍ଦିର ପରିସରରେ ସ୍ତମ୍ଭକାର ପ୍ରହ୍ଲାଦ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଂଜନ ଯୋଗଦେଇ କହିଥିଲେ, ପ୍ରେମ କରିଥିବା ମଣିଷ ହିଁ ପରିବର୍ତ୍ତନ ପାଇଁ ବିପ୍ଳବ ସୃଷ୍ଟି କରିପାରେ। ଭଗବାନ ଶ୍ରୀକୃଷ୍ଣ କେବଳ ଗୋପୀ ନାରୀଙ୍କ ବଂଶୀଧାରୀ ପ୍ରେମିକ ନ ଥିଲେ, ସେ ହିଁ ମହାଭାରତର ଚକ୍ରୀ ଥିଲେ। ଗ୍ରୀସ୍‌ରେ ଆଗାଥନ୍, ସକ୍ରେଟିସ୍, ପ୍ଲାଟୋଙ୍କ ସାନ୍ଧ୍ୟ ସମ୍ମିଳନୀରେ ପ୍ରେମ ହିଁ ଏକମାତ୍ର ଶକ୍ତି, ଯାହା ସମଗ୍ର ବିଶ୍ୱକୁ ବିଜୟ କରିବାକୁ ସମର୍ଥ ବୋଲି ଘୋଷଣା କରି ସ୍ତମ୍ଭକାରଙ୍କର ସୃଷ୍ଟି ସମାଜକୁ ଦିଗ୍‌ଦର୍ଶନ ଦିଏ ବୋଲି କହିଥିଲେ। ସେହିପରି ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ନୂଆ ପିଢ଼ି ସ୍ତମ୍ଭ ଆଲେଖ୍ୟ ପଢ଼ୁ ଓ ତର୍ଜମା କରି ସାହସର ସହ ପ୍ରଶ୍ନ କରି ଶିଖୁ ବୋଲି କହିଥିଲେ। ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ନିଜ ଅପମାନର ଆକ୍ରୋଶ ଓ ନିଷ୍ପ୍ରଭ ବୁଦ୍ଧିଜୀବୀ ଏବଂ ଦିଗହରା ସମାଜ ଉଲ୍ଲେଖ କରି ସାଧନା ଗଭୀର ଅଧ୍ୟବସାୟ ବିନା ସଫଳ ଉଚ୍ଚକୋଟୀର ପାଠକଙ୍କୁ ଆକୃଷ୍ଟ କରିବା ଭଳି ସ୍ତମ୍ଭ ଲେଖିବା ସମ୍ଭବ ନୁହେଁ ବୋଲି କହିଥିଲେ। ଅତୀତରେ ଉତ୍କଳମଣି ଗୋପବନ୍ଧୁ ଏବଂ ଉତ୍କଳ ଗୌରବ ମଧୁସୂଦନ ପ୍ରମୁଖ ଉଭୟ ଇଂଲିଶ ଓ ଓଡ଼ିଆ ଭାଷାରେ ଜ୍ଞାନ ଓ ଦକ୍ଷତା ଅର୍ଜନ କରି କାଳଜୟୀ ଆଲେଖ୍ୟ ଦେଇଥିଲେ। ହରେକୃଷ୍ଣ ମହତାବଙ୍କ ଗାଁ ମଜଲିସ ଓ ରାଧାନାଥ ରଥଙ୍କ ଖିଁପିଟି କହେ ପଢ଼ିବାକୁ ଲୋକେ ଚାତକ ଭଳି ଚାହିଁ ରହୁଥିଲେ ବୋଲି ସେ ପ୍ରକାଶ କରିଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ସ୍ତମ୍ଭକାରମାନେ ଶାସକଙ୍କୁ ସତର୍କ କରାଇବା ସହ ଓ ନାଗରିକଙ୍କୁ ସମସ୍ୟା ଓ ଅଧିକାର ବାବଦରେ ସଚେତନ କରିବାର ଗୁରୁଦାୟିତ୍ୱ ନେଇଥାନ୍ତି। ଯୁବତୀ ଯୁବକମାନେ ଆଲେଖ୍ୟ ପଢ଼ନ୍ତୁ ଓ ଚର୍ଚ୍ଚା କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ସ୍ତମ୍ଭ ହେଉଛି ସମ୍ବାଦପତ୍ରର ଦମ୍ଭ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଲୋକସେବକ ମଣ୍ଡଳ ଉପସଭାପତି ଦୀପକ ମାଳବ୍ୟ, ପ୍ରଗତିବାଦୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବୈଦ୍ୟୁତିକ ଗଣମାଧ୍ୟମ ଆଙ୍କର ଇତିଶ୍ରୀ ନାୟକ ଓ ସ୍ତମ୍ଭକାର ଗାର୍ଗୀ ଶତପଥୀଙ୍କୁ 'ଲେଖନୀ ଧାରା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନ୍‌ର ଅଧ୍ୟକ୍ଷା ଡା. ସୁଦୀପ୍ତା ହୋତା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ସିମନ୍ତିନୀ ଜେନା ଓଡ଼ିଆ ଅସ୍ମିତା ଓ ସ୍ତମ୍ଭ ଆଲେଖ୍ୟ ଏବଂ ସଂଗଠକ ଦେବୀପ୍ରସାଦ ପୃଷ୍ଟି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଙ୍ଗୀତା ଦାସ ଧନ୍ୟବାଦ ଦେଇଥିଲେ।

## ଟାଭି ପଦ୍ଧତିରେ ବୃଦ୍ଧା ହୃଦ୍‌ରୋଗୀ ପାଇଲେ ନୂଆ ଜୀବନ

**ମଣିପାଲ୍ ହସ୍ପିଟାଲର ସଫଳତା**

ଭୁବନେଶ୍ୱର,୧୬।୧୨ (ଅନୁରାଧା ମହାରଣା)



ଭୁବନେଶ୍ୱରସ୍ଥିତ ମଣିପାଲ୍ ହସ୍ପିଟାଲର ହୃଦରୋଗ ବିଭାଗରେ ପେରିଫେରାଲ ଆଇଭିଏଲ ପଦ୍ଧତିରେ ଟ୍ରାନ୍ସକ୍ୟାଥେଟର୍ ଏଓର୍ଟିକ୍ ଭାଲ୍‌ଭ ଇମ୍ପ୍ଲାଣ୍ଟେଶନ (ଟାଭି) ଚିକିତ୍ସା ମାଧ୍ୟମରେ ଜଣେ ବୃଦ୍ଧା ନୂଆ ଜୀବନ ପାଇଛନ୍ତି। ଏହି ଜଟିଳ ପ୍ରକ୍ରିୟାକୁ ମଣିପାଲ୍ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଦିବ୍ୟ ରଞ୍ଜନ ବେହେରା ଓ ତାଙ୍କ ଟିମ୍ ସଫଳତାର ସହ କରିଛନ୍ତି। ରୋଗୀ ଜଣକ ବାରମ୍ବାର ଅଚେତନ ହେବା ଓ ଛାତିରେ ଯନ୍ତ୍ରଣା ସମସ୍ୟା ସହିତ ମଣିପାଲ୍ ହସ୍ପିଟାଲକୁ ଆସିଥିଲେ। ଡାକ୍ତରୀ ପରୀକ୍ଷା ପରେ ତାଙ୍କ ହାର୍ଟର ଏଓର୍ଟିକ ଭାଲ୍‌ଭ ଗୁରୁତର ଭାବେ ସଙ୍କୁଚିତ ଥିବା ଚିହ୍ନଟ ହୋଇଥିଲା, ଯାହା ପାଇଁ ତୁରନ୍ତ ଚିକିତ୍ସା ଜରୁରୀ ଥିଲା। ବୟସ ଓ ଅନ୍ୟାନ୍ୟ ରୋଗ ଥିବାରୁ ଓପନ ହାର୍ଟ ସର୍ଜରି ତାଙ୍କ ପାଇଁ ଅତ୍ୟଧିକ ବିପଦପୂର୍ଣ୍ଣ ଥିଲା, ତେଣୁ ଛୋଟିଆ କଣା ମାଧ୍ୟମରେ (ମିନିମାଲି ଇନ୍‌ଭେସିଭ) ଟାଭି ପ୍ରକ୍ରିୟାକୁ ବିକଳ୍ପ ଭାବେ ବଛାଯାଇଥିଲା। ଏହି ମାମଲା ଅଧିକ ଚ୍ୟାଲେଞ୍ଜିଂ ଥିଲା, କାରଣ ରୋଗୀଙ୍କ ଏଓର୍ଟା ଓ ଫିମୋରାଲ ଆର୍ଟେରୀ (ପାଦର ମୁଖ୍ୟ ରକ୍ତନଳୀ) ଅତ୍ୟଧିକ କ୍ୟାଲସିଫାଇଡ ଥିଲା, ଯାହାକୁ 'ପୋର୍ସେଲିନ ଏଓର୍ଟା' କୁହାଯାଏ। ଏହି କାରଣରୁ ସାଧାରଣ ଟ୍ରାନ୍ସଫେମୋରାଲ ମାର୍ଗରେ ଟାଭି କରିବା ସମ୍ଭବ ହେଉ ନ ଥିଲା। ଅନ୍ୟ ବିକଳ୍ପ ମାର୍ଗଗୁଡ଼ିକ ବିଚାର କରାଯାଇଥିଲେ ମଧ୍ୟ ସେଗୁଡ଼ିକ ଉପଯୋଗୀ ହୋଇପାରିଲା ନାହିଁ। ଏହି ସମସ୍ୟାର ମୁକାବିଲା ପାଇଁ ଡାକ୍ତର ବେହେରା ପେରିଫେରାଲ ଇନ୍‌ଟ୍ରାଭାସ୍କୁଲାର୍ ଲିଥୋଟ୍ରିପସି ବ୍ୟବହାର କରିଥିଲେ। ଏହି ଚିକିତ୍ସା ପ୍ରକ୍ରିୟା ପରେ ରୋଗୀ ଭଲ ଭାବେ ସୁସ୍ଥ ହୋଇଛନ୍ତି ଏବଂ ବର୍ତ୍ତମାନ ସମସ୍ତ ଲକ୍ଷଣରୁ ମୁକ୍ତ ରହି ନିଜ ଦୈନନ୍ଦିନ ଜୀବନ ସହଜ ଓ ସୁବିଧାଜନକ ଭାବେ ଅତିବାହିତ କରୁଛନ୍ତି। ଏହି ସଫଳତା ବିଷୟରେ ଡାକ୍ତର ବେହେରା କହିଛନ୍ତି, ଟାଭି ବୃଦ୍ଧ ଓ ହାଇ ରିସ୍କ ରୋଗୀଙ୍କ ପାଇଁ କାର୍ଡିଆକ ଚିକିତ୍ସାରେ ଏକ ବିପ୍ଳବ ଆଣିଛି। ଏପରି ଜଟିଳ ମାମଲାରେ ପେରିଫେରାଲ ଲିଥୋଟ୍ରିପସି ସହାୟତା ପ୍ରାପ୍ତ ଟାଭି କରିବା ପାଇଁ ଠିକ ଟ୍ରେନିଂ, ଦକ୍ଷତା ଓ ଟିମ୍ ଆବଶ୍ୟକ ଥିଲା।

# ଚିଲିକାରେ ୧୦୦ ପ୍ରଜାତିର ୫ ଲକ୍ଷ ବିଦେଶୀ ପକ୍ଷୀ

## ଶିକାରୀଙ୍କ ଉପରେ ନଜର ରଖୁଛି ଡ୍ରୋନ୍


ଚିଲିକାରେ ଫ୍ଲେମିଙ୍ଗୋ(ଏରା) ପ୍ରଜାତିର ପକ୍ଷୀଙ୍କ ବିଚରଣ।

ବାଲୁଗାଁ,୧୬।୧୨ (ସଂଗ୍ରାମ ପାଇକରାୟ)

ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ସୁଦୂର ବରଫାବୃତ୍ତ ରାଷ୍ଟ୍ରାଞ୍ଚଳରୁ ନୀଳାମ୍ବୁ ଚିଲିକାକୁ ରଙ୍ଗବେରଙ୍ଗର ବିଦେଶାଗତ ପକ୍ଷୀଙ୍କ ସୁଅ ଛୁଟିବାରେ ଲାଗିଛି। ଚଳିତ ମାସ ୧୫ ତାରିଖ(ସୋମବାର) ସୁଦ୍ଧା ଚିଲିକାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାୟ ୫ ଲକ୍ଷ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡିଏଫ୍ଓ ଅମ୍ଳାନ୍ ନାୟକ ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ପକ୍ଷୀ ଅଭୟାରଣ୍ୟ ନଳବଣରେ ୯୦ ପ୍ରଜାତିର ୨ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ ଦୃଷ୍ଟିଗୋଚର ହୋଇଥିବା ବେଳେ ଅବଶିଷ୍ଟ ପକ୍ଷୀ ବାହାର ଚିଲିକା ଅଞ୍ଚଳ ତଥା ଭୂଷଣ୍ଡପୁର, ମଙ୍ଗଳାଯୋଡ଼ି, ସୋରଣ, ସୁନ୍ଦରପୁର, ନଈରୀ, କାଳୁପଡ଼ା, ରାହାଣବେଲି, ସାତପଡ଼ା, କୃଷ୍ଣପ୍ରସାଦ, ଗୁରୁବାଇ, ବଡ଼ଗୋଠ, ଜହ୍ନିକୁଦା, ସିପକୁଦ, ବାଲିପାଟପୁର, ରମ୍ଭା ଆଦି ଅଞ୍ଚଳରେ ସମାଗମ ହୋଇଛନ୍ତି । ଏହି ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟାରେ ନର୍ଦ୍ଦର୍ନ ପିଣ୍ଟେଲ, ୟୁରେସିଆନ ୱିଜନ୍, ଗଡ୍ୱାଲ, ସୋଭଲର, ଗଡ୍ୱିଟ୍, ବାର୍ ହେଡେଡ୍ ଗୁଜ୍ ଆଦି ପ୍ରଜାତି ରହିଛନ୍ତି। ତେବେ ଚିଲିକାର ଶୋଭାବର୍ଦ୍ଧନକାରୀ ତଥା ସବୁଠାରୁ ଆକର୍ଷଣୀୟ ଫ୍ଲେମିଙ୍ଗୋ(ଏରା) ପ୍ରଜାତିର ପକ୍ଷୀ ଚଳିତବର୍ଷ ବହୁସଂଖ୍ୟାରେ ଦେଖାଯାଇଛି। ଏହି ପକ୍ଷୀ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ଏଥର ଚିଲିକାକୁ ଅକ୍ଟୋବର ଶେଷ ସପ୍ତାହରୁ ବିଦେଶାଗତ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଥିଲା। ତେବେ ଗତ କିଛିଦିନ ହେବ ଶୀତର ପ୍ରକୋପ ବୃଦ୍ଧି ପାଇବା ସାଙ୍ଗକୁ ପକ୍ଷୀଙ୍କ ଆଗମନ ମଧ୍ୟ ବଢ଼ିବାରେ ଲାଗିଛି। ଗତବର୍ଷ ପରି ଚଳିତ ବର୍ଷ ଜାନୁଆରୀ ତୃତୀୟ ସପ୍ତାହକୁ ପକ୍ଷୀ ଏବଂ ଡଲ୍ଫିନ ଗଣନା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ପକ୍ଷୀଙ୍କ ବିଚରଣରେ ଯେପରି ବାଧା ନ ଉପୁଜିବ ସେଥିଲାଗି ଅଭୟାରଣ୍ୟ ନଳବଣ ଏବଂ ଏହାର ଆଖପାଖ ଅଞ୍ଚଳରେ ମାଛଧରା ଡଙ୍ଗା ଓ ପର୍ଯ୍ୟଟକଙ୍କ ପ୍ରବେଶକୁ ବାରଣ କରାଯାଇଛି। ସେହିପରି ମଙ୍ଗଳାଯୋଡ଼ି ଅଞ୍ଚଳରେ ମଧ୍ୟ ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପକ୍ଷୀ ଶିକାରୀଙ୍କୁ ଠାବ କରିବା ପାଇଁ ସ୍ୱତନ୍ତ୍ର ଭାବେ ଡ୍ରୋନ୍ କ୍ୟାମେରା ତଟବର୍ତ୍ତୀ ଅଞ୍ଚଳରେ ପଇଁତରା ମାରୁଛି। ଏଥିସହ ସ୍ଥଳଭାଗରେ ୨ଟି ଭ୍ରାମ୍ୟମାଣ ଟିମ୍ ଏବଂ ଜଳଭାଗରେ ୨୧ଟି ଟିମ୍ ବୋଟ୍‌ରେ ପାଟ୍ରୋଲିଂ ପାଇଁ ନିୟୋଜିତ ହୋଇଛନ୍ତି। ଗ୍ରାମାଞ୍ଚଳରେ ମଧ୍ୟ ପକ୍ଷୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମ ଜାରି ରହିଛି । ପ୍ରକାଶ ଯେ, ଗତ ବର୍ଷ ଚିଲିକାରେ ୧୧ ଲକ୍ଷ ୨୭ ହଜାର ୨୨୮ ପକ୍ଷୀଙ୍କ ସମାଗମ ହୋଇଥିଲା । ତେବେ ପାଗ ଅନୁକୂଳ ରହିଲେ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ପକ୍ଷୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ବନ୍ୟପ୍ରାଣୀ ବିଭାଗ ଡିଏଫ୍ଓ ଅମ୍ଳାନ୍ ନାୟକ କହିଛନ୍ତି।

# ମା’ ଭୂଇଁଆଣୀଙ୍କ ଧନୁଯାତ୍ରା ଉତ୍ସବ


ଧନୁଯାତ୍ରା ଉତ୍ସବ ଅବସରରେ ମଙ୍ଗଳବାର ମା’ ଭୂଇଁଆଣୀ ଗ୍ରାମ ପରିକ୍ରମା କରୁଛନ୍ତି।

ବୋଲଗଡ଼,୧୬।୧୨(ଦେବବ୍ରତ ହୋତା)

ବୋଲଗଡ଼ ସଦର ପଞ୍ଚାୟତ ନିକଟବର୍ତ୍ତୀ ଡୁବୁରୀ ପାହାଡ଼ ପାଦଦେଶରେ ଅବସ୍ଥିତ ମା’ ଭୂଇଁଆଣୀଙ୍କ ପୀଠରେ ମା’ଙ୍କ ୩୫ତମ ଧନୁଯାତ୍ରା ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ସୋମବାର ମା’ ଭୂଇଁଆଣୀ ଠାକୁରାଣୀଙ୍କ ଅଧିବାସ ଓ ହୋମାଦି କାର୍ଯ୍ୟ ବ୍ରାହ୍ମଣଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ବେଳେ ମଙ୍ଗଳବାର ମା’ଙ୍କ ବିଜେ ପ୍ରତିମା ଏକ ସୁସଜ୍ଜିତ ବିମାନରେ ଛତ୍ରି, ତ୍ରାସ୍, ଘଣ୍ଟଘଣ୍ଟା ଓ ବାଦ୍ୟର ତାଳେ ତାଳେ ପୂର୍ବାହ୍ନରେ ଗ୍ରାମ୍ୟ ପରିକ୍ରମା କରି ମା’ଙ୍କ କାଳେସି ଓ ଅନ୍ୟ ସ୍ଥାନରେ ଭୋଗ ଲାଗିହେବା ପରେ ମା’ ମନ୍ଦିର ଆସ୍ଥାନକୁ ଫେରିଥିଲେ। ମା’ ଭୂଇଁଆଣୀ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ଆୟୋଜନରେ ଏହି ଧନୁଯାତ୍ରା ଉତ୍ସବ ଗୁରୁବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ବେଳେ ସେଠାରେ ଅସ୍ଥାୟୀ ଦୋକାନବଜାର ଖୋଲିଛି। ଏହିଅବସରରେ ଯାତ୍ରା ଶ୍ରୀରଘୁନାଥ ଓ ଶ୍ରୀହରିନାଟ୍ୟ ଦଳ ଦ୍ୱାରା କାଳୀୟଦଳନ, ରାମନାଟକ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ମା’ଙ୍କ ଦର୍ଶନ ସହ ଯାତ୍ରା ଦେଖିବା ପାଇଁ ଆଖପାଖ ଗ୍ରାମବାସୀଙ୍କ ଭିଡ଼ ଜମୁଛି।

# ୬୬ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

ଖୋର୍ଦ୍ଧା,୧୬।୧୨(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ମଙ୍ଗଳାନଗରସ୍ଥିତ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ‘ଆମ ପୋଲିସ’ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ ଯୋଗଦେଇ ଖୋର୍ଦ୍ଧା ପୌରାଞ୍ଚଳରେ ବସବାସ କରୁଥିବା ୬୬ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ମାର୍ଗଦର୍ଶକ। ସାମ୍ପ୍ରତିକ ସମାଜରେ ଦେଖାଯାଉଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପାଇଁ ବରିଷ୍ଠ ନାଗରିକଙ୍କ ପରାମର୍ଶ ଜରୁରୀ। ଅନେକ ସମୟରେ ଝିଅପୁଅମାନେ ଜିଲା କିମ୍ବା ବାହାର ରାଜ୍ୟରେ କାମ କରୁଥିବା ବେଳେ ମା’ବାପା ଏକାକୀ ଘରେ ରହୁଛନ୍ତି। ଏପରିକି ଅନେକ ସମୟରେ ସେମାନଙ୍କୁ ଆବଶ୍ୟକ ସେବା ଯୋଗାଇବା ପାଇଁ ମଧ୍ୟ କେହି ଉପସ୍ଥିତ ନ ଥାନ୍ତି। ଘରେ ଏକା ଥିବା ସୁଯୋଗରେ ଅସାମାଜିକ ବ୍ୟକ୍ତି ଲୁଟ୍ କରୁଥିବା ମଧ୍ୟ ନଜରକୁ ଆସୁଛି। ଏଭଳି ସମୟରେ ସେମାନଙ୍କୁ ଥାନା ପକ୍ଷରୁ ଉପଯୁକ୍ତ ସେବା ଯୋଗାଇଦେବା ଲକ୍ଷ୍ୟରେ ବରିଷ୍ଠ ନାଗରିକ ପରିଚୟପତ୍ର ଦିଆଯାଇଛି। ଏଥିରେ ଥାନାଧିକାରୀଙ୍କ ଫୋନ୍ ନମ୍ବର ଉଲ୍ଲେଖ ରହିଛି। କୌଣସି ଅସୁବିଧାରେ ପଡ଼ିଲେ, ଗୋଟିଏ କଲ୍‌ରେ ପୋଲିସ ଆପଣଙ୍କ ପାଖରେ ପହଞ୍ଚିବ ବୋଲି ଥାନାଧିକାରୀ ନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ଦାସ, ହରମୋହନ ମହାପାତ୍ର, ବିଜୟ କୁମାର ପଣ୍ଡା, ନବକିଶୋର ମହାପାତ୍ର, ଗଦାଧର ଗୋଛି, କ୍ଷେତ୍ରବାସୀ ସାହୁ, ରତ୍ନାକର ରଣସିଂହ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚର ସମ୍ପାଦକ ରାମଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡ଼ା ଦ୍ୱାରା ଶାରୀରିକ, ମାନସିକ ବିକାଶ ହୁଏ


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀ।

ନିରାକାରପୁର,୧୬।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରିଂଶତମ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ଯୋଗଦେଇ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କ୍ରୀଡ଼ା ମାଧ୍ୟମରେ ଶିଶୁର ଶାରୀରିକ ଓ ମାନସିକ ବିକାଶ ଘଟିଥାଏ ବୋଲି କହିଥିଲେ। ବିଦ୍ୟାର୍ଥୀଙ୍କ ସାମଗ୍ରିକ ବିକାଶରେ କ୍ରୀଡ଼ାର ଗୁରୁତ୍ୱ ଉପରେ ବିଦ୍ୟାଳୟ ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ କହିଥିଲେ, କ୍ରୀଡ଼ା ଶାରୀରିକ ବିକାଶ ସହ ଶିଶୁର ବୌଦ୍ଧିକ ବିକାଶରେ ମଧ୍ୟ ସହାୟକ ହୋଇଥାଏ। ନୀହାର ଗୁରୁଜୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତା ଦୁଇଦିନ ଧରି ଚାଲିବାକୁ ଥିବାବେଳେ ମୋଟ୍ ୧୦୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ବିଚାରକ ଭାବେ ପ୍ରମୋଦ କୁମାର ଦାସ, ଶରତ ଚନ୍ଦ୍ର ଛୋଟରାୟ, ଆଶିଷ କୁମାର ବିଶ୍ୱାଳ ଏବଂ ଅବିନାଶ ପଟ୍ଟନାୟକ ଯୋଗଦେଇଛନ୍ତି। ବିଦ୍ୟାମନ୍ଦିରର ଆଚାର୍ଯ୍ୟ ବିନୋଦ ବିହାରୀ ସେଠୀ, ସଞ୍ଜୟ କୁମାର ସେଠୀ, ପବିତ୍ର କୁମାର ରାଉତରାୟ, କୃଷ୍ଣଚନ୍ଦ୍ର ଛୋଟରାୟ, ଅକ୍ଷୟ କୁମାର ମହାପାତ୍ର, ଜିତେନ୍ଦ୍ର କୁମାର ପୃଷ୍ଟି, ଆଚାର୍ଯ୍ୟା ସନ୍ଧ୍ୟାରାଣୀ ବାହିନୀପତି, ସୁଜାତା ଶ୍ରୀଚନ୍ଦନ, ବୀଣାପାଣି ଦାସ, କବିତା ଜଗଦ୍ଦେବ ପ୍ରମୁଖ ସହଯୋଗ କରିଥିଲେ।

# ଆଜି ଜିଲାସ୍ତରୀୟ ନିଯୁକ୍ତି ମେଳା

ଖୋର୍ଦ୍ଧା,୧୬।୧୨(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ (ଓଏସ୍‌ଡିଏ)ଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲା ପ୍ରଶାସନ ସହଯୋଗରେ ଜିଲାସ୍ତରୀୟ ନିଯୁକ୍ତି ମେଳା ବୁଧବାର ପୂର୍ବାହ୍ନ ୧୦ଟାରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳାରେ ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତିଦାତା ସଂସ୍ଥା ଯୋଗଦେବେ। ଏହା ବ୍ୟତୀତ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ସହ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାଗୁଡ଼ିକ ମଧ୍ୟ ଯୋଗଦେବେ। ସମସ୍ତ ନିଯୁକ୍ତିଦାତା ସଂସ୍ଥାରେ ସିଧାସଳଖ ନିଯୁକ୍ତିର ସୁଯୋଗ ରହିଛି। ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାଧ୍ୟମରେ ଜିଲା ମଧ୍ୟରେ ତାଲିମ ନେଇ ମଧ୍ୟ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ। ଖୋର୍ଦ୍ଧା ଜିଲାର ରୋଜଗାର ସନ୍ଧାନରେ ଥିବା ମାଟ୍ରିକ ପାସ୍‌ଠାରୁ ସ୍ନାତକ, ଆଇଟିଆଇ, ଡିପ୍ଲୋମା, ଏଏନ୍ଏମ୍, ଜିଏନ୍ଏମ୍ ପାସ୍ କରିଥିବା ଆଗ୍ରହୀ ଯୁବତୀ ଯୁବକମାନେ ନିଯୁକ୍ତି ମେଳାରେ ନିଜ ନାମ ପଞ୍ଜୀକୃତ କରି ଏହି ମେଳାରେ ଭାଗ ନେଇପାରିବେ। ପ୍ରାର୍ଥୀ, ପ୍ରାର୍ଥିନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆଧାର ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସର ଏକକିତା ନକଲ ସହ ପାସପୋର୍ଟ ସାଇଜ ଫଟୋ ୬ଟି ଆଣିବେ। ଆଶାୟୀ ପ୍ରାର୍ଥୀ, ପ୍ରାର୍ଥିନୀମାନେ ଏହି ନିଯୁକ୍ତି ମେଳାରେ ଯୋଗଦେଇ ସୁଯୋଗ ହାସଲ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଗଙ୍ଗପଡ଼ା, କାଇପଦର ବିଜୟୀ

## ୨୦ତମ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

ଝାଁଲା,୧୬।୧୨(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଭଗବାନପୁର ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏଶନ ଟ୍ରଷ୍ଟ ଆନୁକୂଲ୍ୟରେ ୨୦ତମ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ସମ୍ମାନିତ ଅତିଥିଭାବେ ଭୁବନେଶର ବ୍ଲକର ପୂର୍ବତନ ଅଧକ୍ଷ ଦୁଃଶାସନ ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀ, ରବୀନ୍ଦ୍ର ନାଥ ସାହୁ, ଜାନକୀ ବଲ୍ଲଭ ପଟ୍ଟନାୟକ, ଅଭିମନ୍ୟୁ ଚମ୍ପତି ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଗୁଡୁମ ଏବଂ ଗଙ୍ଗପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଗଙ୍ଗପଡ଼ା ଟିମ୍ ୧୫ ଓଭରରେ ୫ଉଇକେଟ ବିନିମୟରେ ୧୬୮ରନ ସଂଗ୍ରହ କରିଥିଲା। ଜବାବରେ ଗୁଡୁମ ଟିମ୍ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୧୦୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଗଙ୍ଗପଡ଼ା ଟିମ୍‌ର ରଶ୍ମି ରଞ୍ଜନ ଜେନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସମ୍ବିତ ରଞ୍ଜନ ଦାସ ଏବଂ ପରଭେଜ ଖାନ୍ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପାନବରଜ ଏବଂ କାଇପଦର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କାଇପଦର ଟିମ୍ ପ୍ରଥମେ ବ୍ୟାଟି କରି ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୫୨ ରନ ସଂଗ୍ରହ କରିଥିଲା। ଜବାବରେ ପାନବରଜ ଟିମ୍ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୩୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରଜତ ସାମନ୍ତରାୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବୀରେନ କୁମାର ବେହେରା ଏବଂ ବୀରେନ୍ଦ୍ର ନାଥ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ।

# ସେମିଫାଇନାଲରେ ରାଜଧାନୀ ଏଫ୍‌ସି ମଇଁଦିପୁର

## ମଦନପୁର ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ଝାଁଲା,୧୬।୧୨(ବୁଲା ବାରିକ)

ଜଟଣୀ ବ୍ଲକ ମଦନପୁରଠାରେ ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ୧୪ତମ ମଦନପୁର ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ବ୍ଲାକ୍ ଟାଇଗର ଭୁବନେଶ୍ୱର ଏବଂ ରାଜଧାନୀ ଏଫ୍‌ସି ମଇଁଦିପୁର ପାରାଦୀପ ମଧ୍ୟରେ ହୋଇଥିଲା। ରାଜଧାନୀ ଏଫ୍‌ସି ଟିମ୍‌ର ୧୦ ନମ୍ବର ଖେଳାଳି ଜଳନ୍ଧର ନାୟକ ପ୍ରଥମ ଗୋଲ୍ ଦେଇଥିବା ବେଳେ ୩୯ତମ ମିନିଟ୍‌ରେ ୮ନଂ. ଖେଳାଳି ପ୍ରଦ୍ୟୁମ୍ନ ଆଉ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୩୯ତମ ମିନିଟ୍‌ରେ ୧୦ନଂ. ଖେଳାଳି ପୁଣି ଏକ ଗୋଲ୍ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ବ୍ଲାକ୍ ଟାଇଗର କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ରାଜଧାନୀ ଏଫ୍‌ସି ମଇଁଦିପୁର ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଜଳନ୍ଧର ନାୟକ ବିବେଚିତ ହୋଇଥିଲେ। ଅତିଥିଭାବେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଏବଂ ଶାରଳା ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେଖାବତ୍ ଖାନ୍, ମଙ୍ଗଳ ସିଂ, ସୁଜିତ୍ ରାଜହଂସ ଏବଂ ଚନ୍ଦ୍ରକାନ୍ତ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ। ବୁଧବାର ବକ୍ସର ବିହାର ଏବଂ ଜଗା ୟୁନାଇଟେଡ୍ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରୀତିରଞ୍ଜନ


@ ବିଦେଶୀ


@ ଦୀପାଲି


@ ସରୋଜ


@ ଶୁଭାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଇଆର୍‌ସି ଭିଲେଜକୁ ହରାଇ କୁମାରବସ୍ତ ସେମିରେ

ବାଘମାରୀ,୧୬।୧୨ (ମିହିର ରଞ୍ଜନ ମହାପାତ୍ର)


ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅନ୍ତର୍ଗତ ପତନିବର ଗ୍ରାମରେ ରେନ୍‌ବୋ କ୍ରିକେଟ୍ କ୍ଲବ ପକ୍ଷରୁ ଚାଲିଥିବା ୩୧ତମ ବାର୍ଷିକ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର କୁମାରବସ୍ତ ଏବଂ ଭୁବନେଶ୍ୱରର ଆଇଆର୍‌ସି ଭିଲେଜ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କୁମାରବସ୍ତ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୩୫୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଇଆର୍‌ସି ଭିଲେଜ ୯.୪ ଓଭରରେ ୧୦ ଉଇକେଟ ହରାଇ ୯୫ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଫଳରେ କୁମାରବସ୍ତ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଏମ୍‌ଡି ସୁଲେମାନ ୩୮ ବଲ୍‌ରେ ୯୮ ରନ୍ କରିବା ସହିତ ୨ ଓଭରରେ ୪ଟି ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ଅନ୍ତର୍ଯ୍ୟାମୀ ପ୍ରଧାନ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସୁଲେମାନଙ୍କୁ ସମ୍ମାନିତ କରିଥିଲେ। ମନୋଜ ପାଇକରାୟ ଏବଂ ସ୍ମୃତିରଞ୍ଜନ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶୁଭେନ୍ଦୁ ପାଇକରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବୁଧବାର ମେଣ୍ଢାଶାଳ ଏବଂ ତମାଣ୍ଡୋ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

# ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ବଡ଼ଦିନ ଓ ଇଂରାଜୀ ନବବର୍ଷ ଅବସରରେ ମହାପ୍ରଭୁଙ୍କ ଦର୍ଶନ ସହ ପୁରୀ ବୁଲିବାକୁ ପୁରୀରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବ। ବଡ଼ଦିନ ଓ ନୂଆବର୍ଷକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ଦିନ ଓ ନୂଆବର୍ଷରେ କେବଳ ସିଂହଦ୍ୱାର ଦେଇ ଭକ୍ତ ଓ ଶ୍ରଦ୍ଧାଳୁମାନେ ପ୍ରବେଶ କରିବେ ଏବଂ ଅନ୍ୟ ତିନିଦ୍ୱାରରେ ପ୍ରସ୍ଥାନ କରିବେ। ପଞ୍ଚକ ସମୟରେ ଯେଉଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା, ସେହି ଅନୁସାରେ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଦର୍ଶନ କରବେ। ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଏହା କରାଯିବ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ମଙ୍ଗଳବାର ଅପରାହ୍ନରେ ସର୍କିଟ୍ ହାଉସ୍ ଠାରେ ଆଗାମୀ ବଡ଼ଦିନ ଓ ନୂଆବର୍ଷ ସମୟରେ ଶୃଙ୍ଖଳିତ ଦର୍ଶନ ଓ ଅନ୍ୟାନ୍ୟ ବ୍ୟବସ୍ଥା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ବର୍ଷ ଶେଷ ସହିତ ଛୁଟିଦିନ ରହୁଥିବାରୁ ବଡ଼ଦିନ ଓ ନୂଆବର୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲୋକଙ୍କର ଗହଳି ହୋଇଥାଏ। ଅଗ୍ନିଶମ ବିଭାଗ ପକ୍ଷରୁ କୌଣସି ଦୁର୍ଘଟଣା ପାଇଁ ପ୍ରସ୍ତୁତ ରହିବା, ସମୁଦ୍ର ନିକଟରେ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା, ଲାଇଫ୍‌ଗାର୍ଡ ମୁତୟନ ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ନୀତିକାନ୍ତି ଠିକ୍ ସମୟରେ

### ବଡ଼ଦିନ, ନୂଆବର୍ଷକୁ ନେଇ ପ୍ରସ୍ତୁତି ବୈଠକ

ପରିଚାଳନା ପାଇଁ ଜିଲାପାଳ ଶ୍ରୀମନ୍ଦିର ପ୍ରଶାସନକୁ ପରାମର୍ଶ ଦେଇଥିଲେ। ସେହିପରି ପାନୀୟଜଳ ଓ ଶୌଚାଳୟ ପାଇଁ ୱାଟ୍‌କୋ, ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସିଡିଏମ୍‌ଓ, ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଓ ଶୌଚାଳୟ ପାଇଁ ପୁରୀ ପୌରପାଳିକା, ଶ୍ରଦ୍ଧାଳୁଙ୍କୁ ବିବିଧ ସୂଚନା ପ୍ରଦାନ ପାଇଁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଟ୍ରାଫିକ୍ ନିୟନ୍ତ୍ରଣ, ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବିଭାଗ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିସିଓଡିଏଲ, ପାର୍କିଂ ସ୍ଥଳ ଓ ଯାନବାହନ ନିୟନ୍ତ୍ରଣ ପାଇଁ ଆର୍‌ଟିଓ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ କହିଛନ୍ତି, ଅନ୍ୟଦିନଗୁଡ଼ିକ ଅପେକ୍ଷା ବଡ଼ଦିନ ଓ ନୂଆବର୍ଷରେ ବ୍ୟାପକ ଗହଳି ଆଶା କରାଯାଉଛି। ଆଇନଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ଧାଡ଼ିରେ ଥିବା ଶ୍ରଦ୍ଧାଳୁଙ୍କୁ ନିୟନ୍ତ୍ରଣ, ସମୁଦ୍ରକୂଳରେ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ପାଇଁ ପୋଲିସ ବିବିଧ ପଦକ୍ଷେପ ନେଇଛି। ଶ୍ରଦ୍ଧାଳୁଙ୍କୁ ସୂଚନା ପ୍ରଦାନ ଓ ସଚେତନତା ପାଇଁ ସାଇନଏଜ୍ ବିଭିନ୍ନ ସ୍ଥାନରେ ଲଗାଯିବ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପିକେଡିଏ ସଚିବ ଦିଲୀପ କୁମାର ମହାରଣା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସ୍‌ପି ଦେବୀଶଙ୍କର ପ୍ରତାପ, ସଚିବ ପାଟିଲ, ସୌମ୍ୟରଞ୍ଜନ ମଲ୍ଲିକ, ସହକାରୀ ନୀତି ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଯୋଗଦେଇଥିଲେ।



ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୧୨।୨୦୨୫

| | |
|---|---|
| ୮,୩୬,୯୮୭ ଟଙ୍କା | |
| ସୁନା | ୪.୫୦୦ଗ୍ରାମ୍ |
| ରୁପା | ୨୬ ଗ୍ରାମ୍ |

## ସଂକ୍ଷେପରେ

### ପାଣିଟାଙ୍କିରେ ପଡ଼ିଛି ୮ ବର୍ଷ ହେଲା ତାଲା

ଯୋଗେଶ୍ୱରପୁର,୧୬।୧୨(ରଶ୍ମି ରଞ୍ଜନ ସାହୁ)

ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାଣିଟାଙ୍କି କାର୍ଯ୍ୟକ୍ଷମ ନ ହୋଇ ୮ବର୍ଷ ହେଲା ଅଚଳ ହୋଇଥିବା ବେଳେ ଗେଟ୍‌ରେ ତାଲା ଝୁଲୁଥିବା ଦୁର୍ଗାପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଦୁର୍ଗାପୁରଠାରେ ଦୀର୍ଘ ୮ବର୍ଷ ତଳେ ଏକ ପାଣିଟାଙ୍କି ନିର୍ମାଣ କରାଯାଇ ତା'ର ସମସ୍ତ କାର୍ଯ୍ୟ ସରିଥିଲା। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୁଣ୍ଟ ପାଣିଟାଙ୍କି ପାଖରେ ପଡ଼ିଥିଲେ ମଧ୍ୟ ଅଦ୍ୟାବଧି ସଂଯୋଗ ହୋଇ ନ ଥିବାରୁ ମୁରୁଡ଼ା, ଦୁର୍ଗାପୁର, ପାଇକସାହି, ମହାନ୍ତି ସାହି ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ନିମ୍ନମାନର କାମ ଓ ରକ୍ଷଣାବେକ୍ଷଣ ଅଭାବରୁ ନିର୍ମାଣାଧୀନ ପାଚେରି ଫାଟିଯାଇଥିବା ବେଳେ ଟାଙ୍କିରୁ କଳର ଛାଡ଼ିଲାଣି ଓ ଲୁହା ଗେଟ୍ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ପାଣି ଟାଙ୍କି ଭିତରଟା ଜଙ୍ଗଲ ହୋଇପଡ଼ିଥିବା ବେଳେ ସେଠାରେ ସାପ ବାସ କରୁଛନ୍ତି। ଏଦିଗରେ ପ୍ରଶାସନ ଦୃଷ୍ଟି ଦେଇ ପାଣିଟାଙ୍କିକୁ କାର୍ଯ୍ୟକ୍ଷମ କରିବା ପାଇଁ ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀ ଦାବି କରିଛନ୍ତି।

### ମା'ମଙ୍ଗଳାଙ୍କ ମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ

ଅସ୍ତରଙ୍ଗ/କାକଟପୁର,୧୬।୧୨(ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

କାକଟପୁରର ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କ ପୀଠରେ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଶୀତକାଳୀନ ଅବସରରେ ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଧରି ମା'ଙ୍କ ନିକଟରେ ପହିଲି ଭୋଗ ନୀତି ଆରମ୍ଭ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରୁ ମା'ଙ୍କର ମଙ୍ଗଳ ଆଳତି ଉଲାଗି ସ୍ନାନ ମାର୍ଜନା, ବସ୍ତ୍ର ଲାଗି, ଚନ୍ଦନ ଲାଗି ଅଳଙ୍କାର ଲାଗି, ସୂର୍ଯ୍ୟ ପୂଜା, ବଲ୍ଲଭ ଅବକାଶ ପ୍ରାତଃ ସମୟରେ ସକାଳ ପହିଲି ଭୋଗ ନୀତି ବହୁ ଆଡ଼ମ୍ବରରେ ସମାପନ ହୋଇଯାଇଛି। ସକାଳ ପହିଲି ଭୋଗ ନୀତିରେ ଖେଚୁଡ଼ି, ଡାଲି, ତରକାରୀ, କ୍ଷୀରି, ଭଜା, ଶାଗ ଆଦି ବିଭିନ୍ନ ବ୍ୟଞ୍ଜନରେ ମା'ଙ୍କୁ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ପାରମ୍ପରିକ ନୀତି ଅନୁସାରେ ସୁଆର ନିଯୋଗଙ୍କ ଦ୍ୱାରା ମା'ଙ୍କୁ ମୁଆଁ ଭୋଗ ଅର୍ପଣ କରାଯାଇଥିଲା। ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ।

# ମହାପ୍ରଭୁଙ୍କୁ ଲାଗିହେଲା ପହିଲି ଭୋଗ

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଧନୁ ସଂକ୍ରାନ୍ତି ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଏହି ପହିଲି ଭୋଗ ନୀତି ଦୀର୍ଘ ୧ମାସ ଅର୍ଥାତ ମକର ସଂକ୍ରାନ୍ତି ପୂର୍ବଦିନ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରୀମନ୍ଦିରରେ ପହିଲି ଭୋଗ ନୀତିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ପରମ୍ପରା ଅନୁଯାୟୀ, ଗୋପଳ ବଲ୍ଲଭ ଅବସରରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଇଛି। ରାତିରୁ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ମହାପ୍ରଭୁଙ୍କ ବିଭିନ୍ନ ନୀତିକ୍ରାନ୍ତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପହିଲି ଭୋଗକୁ ଦୃଷ୍ଟିରେ ରଖି ରାତି ୨ଟାରୁ ଦ୍ୱାର ଫିଟାଯାଇ ମହାପ୍ରଭୁଙ୍କ ନୀତିକ୍ରାନ୍ତି କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ପହିଲି ଭୋଗର ପ୍ରଥମ ଦିନ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି। ଭୋର ୪ଟା ୨୦ରେ ଶ୍ରୀମନ୍ଦିର ଦ୍ୱାରଫିଟା ଯାଇ ଭିତରଶୋଧ ୫ଟା, ମଙ୍ଗଳଆଳତୀ ୫ଟା ୦୫, ମଇଲମ ୫ଟା ୧୦, ତଡ଼ପଲାଗି ୫ଟା ୩୦, ଅବକାଶ ପୂଜା ୫ଟା ୫୦ରୁ ୬ଟା ୧୦, ମଇଲମ ୬ଟା ୧୫, ରୋଷହୋମ ୬ଟା ୨୦, ବେଶ ଶେଷ ୭ଟା ୨୦, ସୂର୍ଯ୍ୟପୂଜା ୭ଟା ୪୦, ଦ୍ୱାରପାଳ ପୂଜା ୮ଟା, ଗୋପାଳବଲ୍ଲଭ ଓ ପହିଲିଭୋଗ ଡାକିଗଲେ ୮ଟା ୦୫, ପହିଲିଭୋଗ ଛେକ ୮ଟା୧୫, ବୟ ଆସିବା ୮ଟା୧୫, ପହିଲିଭୋଗ ପୂଜା ୮ଟା ୨୦ ଏବଂ ପହିଲିଭୋଗ ପୂଜାଶେଷ ୭ଟା ୩୦ରେ ଶେଷ ହୋଇ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପହିଲି ଭୋଗରେ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ ତଥା ବଡ଼ଝିଲି, ସାନ ବଡ଼ା, ବଡ଼ବଡ଼ା, କାକେରା, ଅମାଲୁ, ଏଣ୍ଡୁରି, ମୁଟେଇ, ଚଢ଼େଇ ନଦା, ଲଡ୍ଡୁ, ବଡି, ଗଇଁଠା, ମଣ୍ଡା ଓ ଖଇର ଚୁଳ ପରି ୨୩ରୁ ଊର୍ଦ୍ଧ୍ୱ ପ୍ରକାରର ଭୋଗ ଲାଗି ହୋଇଥାଏ।




ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗକୁ ଦେଉଳକରଣ ସେବାୟତ ଚନ୍ଦ୍ରଶେଖର ମଙ୍ଗରାଜ ପୂଜା କରି ଆଣୁଛନ୍ତି।

# ବିବାହ ପାଇଁ ମିଳିବ ୫୧ ହଜାର ଟଙ୍କା

- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ଓଡ଼ିଶାରେ ଝିଅଙ୍କ ବିବାହ ଲାଗି ଆର୍ଥିକ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ନାମରେ ଲାଗୁ କରାଯାଇଛି। ଆର୍ଥିକ ଭାବେ ଦୁର୍ବଳ ବର୍ଗ, ଗରିବଙ୍କ ପାଇଁ ନିର୍ଦ୍ଦିଷ୍ଟ ସୁବିଧା ସହିତ ସିଧାସଳଖ ବ୍ୟାଙ୍କ ସ୍ଥାନାନ୍ତର (ଡିବିଟି) ପାଣ୍ଠି, ବିବାହ ଉପହାର କିଟ୍ ଦିଆଯିବ। ଏହାର ଲକ୍ଷ୍ୟ ବିବାହ ପଞ୍ଜିକରଣକୁ ପ୍ରୋତ୍ସାହିତ କରିବା ଏବଂ ବାଲ୍ୟବିବାହକୁ ରୋକିବା, ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଓ ୨୧ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ପ୍ରଥମ ଥର ବିବାହ ପାଇଁ ଏହି ଅର୍ଥ ଯୋଗାଇ ଦିଆଯିବ। ବିଧବାଙ୍କ ପୁନଃ ବିବାହ ପାଇଁ ମଧ୍ୟ ଏହି ସହାୟତା ମିଳିପାରିବ, ୩୫ହଜାର ଟଙ୍କା କନ୍ୟାଙ୍କ ଆକାଉଣ୍ଟକୁ ଯିବାକୁ ଥିବାବେଳେ ୧୦ ହଜାର ଟଙ୍କାରେ ବିବାହ ସରଞ୍ଜାମ କିଟ୍ ଓ ୬ ହଜାର ଟଙ୍କାରେ ବିବାହ ସାଜସଜ୍ଜା କରାଯିବ। ସାଧାରଣତଃ ବୟସ/ଆୟ ପ୍ରମାଣପତ୍ର ଭଳି ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହିତ ଯୁମଙ୍ଗ ପୋର୍ଟାଲ୍ ମାଧ୍ୟମରେ ଆବେଦନକାରୀ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ ବୋଲି ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଯୋଜନାକୁ ପରିଚାଳନା କରିବା ନିମନ୍ତେ ବେସରକାରୀ ସଂସ୍ଥା ବା ଏନଜିଓଙ୍କୁ ଚୟନ କରାଯିବ। ଇଚ୍ଛୁକ ଏନ୍‌ଜିଓଗୁଡ଼ିକ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟକୁ ଜିଲା ୱେବ୍‌ସାଇଟ ଡବ୍ଲୁଡବ୍ଲୁଡବ୍ଲୁ ପୁରୀ.ଓଡ଼ିଶା.ଜିଓଭି.ଇନ୍ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ଚଳିତ ମାସ ୨୬ ତାରିଖ ଅପରାହ୍ନ ୫ଟା ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାର ୪୮ ଜଣ ଯୋଗ୍ୟ ପ୍ରାର୍ଥୀ ଚିହ୍ନଟ ହୋଇ ସାରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୨ ଜଣ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ନାମ ପଞ୍ଜିକରଣ କରାଇ ସାରିଛନ୍ତି।

# କୋଣାର୍କ ଜଗନ୍ନାଥ ମନ୍ଦିର ଠାରୁ ଧନୁମୁଆଁ ନେଇ ବାପଘରକୁ ଗଲେ ମହାଲକ୍ଷ୍ମୀ

କୋଣାର୍କ,୧୬।୧୨
(ଜ୍ୟୋତିରାଜ ମହାନ୍ତି)

ପବିତ୍ର ଧନୁ ସଂକ୍ରାନ୍ତି ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହିଲି ଭୋଗ ଧନୁମୁଆଁ ଭାର ନେଇ କୋଣାର୍କସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଜଗତ୍‌ଜନନୀ ମା'ମହାଲକ୍ଷ୍ମୀ ଶୋଭାଯାତ୍ରାରେ ବାହାରି ବାପଘର ଚନ୍ଦ୍ରଭାଗା ଅଭିମୁଖେ ଯାଇଥିଲେ। କୋଣାର୍କ ଜଗନ୍ନାଥ ମନ୍ଦିର ମୁଖ୍ୟ ଟ୍ରଷ୍ଟି ଅମରେଶ୍ୱର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳକ ନିରଞ୍ଜନ ବାରିକ, ଗୋପାଳ ଦାଶ, ଦୁଃଶାସନ ନାୟକ, ଶିଶିର ସେଠ ଓ ସୁମନ୍ତ ବେଉରା ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମା' ମହାଲକ୍ଷ୍ମୀ ଚନ୍ଦ୍ରଭାଗା ବଜାର ଠାରେ ପହଞ୍ଚିବା ପରେ ବଜାର କମିଟି ପକ୍ଷରୁ ବାଣ ରୋଷଣୀ ଘଣ୍ଟ ଘଣ୍ଟାର ତାଳେ ତାଳେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଚନ୍ଦ୍ରଭାଗା ଠାରେ ବଜାର କମିଟି ସଭାପତି ଅଜୟ କୁମାର ବେହେରା, ସମ୍ପାଦକ ବାନାମ୍ବର ବେହେରା ଓ ରବୀନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ଚନ୍ଦ୍ରଭାଗାଠାରେ ମା' ମହାଲକ୍ଷ୍ମୀଙ୍କୁ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ସ୍ୱଗୃହକୁ ପାଛୋଟି ନେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରୀତିରଞ୍ଜନ



@ ବିଦେଶୀ



@ ଦୀପାଲି



@ ସରୋଜ



@ ଶୁଭାଶିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ରାଉନସୁଗାର ବେପାରୀଙ୍କ ଘର ଉପରେ ଚାଲିଲା ବୁଲଡୋଜର୍

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସ ଅପରେଶନ ଚକ୍ର ଜରିଆରେ ନିଶା ବେପାରୀଙ୍କ ଘର ଉପରେ ବୁଲ୍‌ଡୋଜର୍ ଚଳାଇଛି। ପୂର୍ବରୁ ଗତ ୪ ତାରିଖ ଦିନ ନୀଳଚକ୍ରନଗରର ବ୍ରାଉନ୍‌ସୁଗାର ବେପାରୀ ସୁକାନ୍ତି ପଣ୍ଡାଙ୍କ ୩ଟି ଘର ଉପରେ ବୁଲଡୋଜର୍ ଚଳାଇଥିବା ବେଳେ ମଙ୍ଗଳବାର ତାଙ୍କ ଜ୍ୱାଇଁ ଟିକି ଖାନ୍‌ଙ୍କ ଘର ଉପରେ ପୋଲିସ ପକ୍ଷରୁ ବୁଲଡୋଜର୍ ଚାଲିଛି। ଟିକି ଖାନ୍‌ଙ୍କ ଏକାସାଙ୍ଗରେ ୩ଟି ଘର ଉପରେ ଚାଲିଛି ବୁଲଡୋଜର୍। ପୁରୀ ସଦର ଥାନା ଅନ୍ତର୍ଗତ ନୀଳଚକ୍ରନଗରରେ ଟିକିଙ୍କ ଥିବା ଦୁଇଟି ଘର ସହ ହୁଲୁହୁଲିଆ ପୋଲ ନିକଟରେ ଥିବା ଏକ ଦୋକାନ ଘରକୁ ପ୍ରଶାସନ ଦ୍ୱାରା ଜେସିବି ଲଗାଯାଇ ଭଙ୍ଗାଯାଇଛି। ଟିକି ପୂର୍ବରୁ ଅନେକଥର ନିଶା କାରବାର ଘଟଣାରେ ଗିରଫ ହୋଇ ଜେଲ୍ ଯାଇଥିବା ବେଳେ ଜେଲ୍‌ରୁ ମୁକୁଳି ପୁଣି ସେହି କାରବାରରେ ଲିପ୍ତ ରହୁଥିଲେ। ସହରରେ ନିଶା କାରବାର କରୁଥିବା ଅପରାଧୀଙ୍କୁ ସାବାଡ଼ କରିବା ଉଦ୍ଦେଶ୍ୟରେ ପୋଲିସ ପକ୍ଷରୁ ଅପରେଶନ ଚକ୍ର କାର୍ଯ୍ୟକାରୀ କରାଯାଉଛି। ଏହି ଅପରେଶନ ଆଧାରରେ ଅପରାଧୀଙ୍କ ଘର ଉପରେ ବୁଲଡୋଜର୍ ଚାଲିଛି। କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଘର ଭଙ୍ଗାଯାଇଛି। ଏହି ସମୟରେ ଅତିରିକ୍ତ ତହସିଲଦାରଙ୍କ ସହ ଥାନାଧିକାରୀ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ତେବେ ସ୍ଥାନୀୟ ବାସିନ୍ଦା, ମହିଳାମାନେ ପୋଲିସର ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ନୀଳଚକ୍ରନଗରରେ ଖୁଲମ୍‌ଖୁଲା ନିଶା ବେପାର ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଉଥିବା ବାସିନ୍ଦାମାନେ କହିଛନ୍ତି। ଏନେଇ ଅତିରିକ୍ତ ତହସିଲ୍‌ଦାର ହିମାଂଶୁ ପଲେଇ ମତବ୍ୟକ୍ତ କରି କହିଛନ୍ତି, ପୂର୍ବରୁ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ୩ଟି ଘର ଭଙ୍ଗାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୩ଟି ଘର ଭଙ୍ଗାଯାଇଛି। ସରକାରୀ ଜାଗାରେ ଘର ଥିବାରୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି ବୋଲି ଅତିରିକ୍ତ ତହସିଲ୍‌ଦାର ସୂଚନା ଦେଇ କହିଛନ୍ତି।



ପୁରୀ ନୀଳଚକ୍ର ନଗରରେ ଥିବା ନିଶା ବେପାରୀଙ୍କ ଘରକୁ ଉଚ୍ଛେଦ କରାଯାଉଛି।

# ନିମାପଡ଼ାର ଦ୍ରୁତ ବିକାଶ ପାଇଁ ଅଧିବାସୀଙ୍କ ଭାଗୀଦାରି ଆବଶ୍ୟକ

ନିମାପଡ଼ା,୧୬।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାର ସାମଗ୍ରୀକ ବିକାଶ ପାଇଁ ନିମାପଡ଼ାବାସୀଙ୍କ ଭାଗିଦାରୀ ଆବଶ୍ୟକ। ନିମାପଡ଼ା ଏକ ଐତିହ୍ୟ, କଳା ସଂସ୍କୃତି ଓ ପରମ୍ପରା ସମ୍ପନ୍ନ ଅଞ୍ଚଳ। ନିମାପଡ଼ାକୁ ଖୁବ୍‌ଶୀଘ୍ର ଏକ ସ୍ୱଚ୍ଛ, ସମୃଦ୍ଧ, ଉତ୍କର୍ଷ, ବିକଶିତ ଅଞ୍ଚଳରେ ପରିଣତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ଠାରେ ଆୟୋଜିତ ଏକ ଭିତ୍ତିପ୍ରସ୍ତର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି। ଭୁବନେଶ୍ୱର ଭଳି ନିମାପଡ଼ାକୁ ଗଢ଼ିତୋଳିବା ପାଇଁ ମୋର ସ୍ୱପ୍ନ ଓ ପରିକଳ୍ପନା ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ନିମାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ୪୨ ଲକ୍ଷ ଟଙ୍କା ବ୍ୟୟରେ କୁଶଭଦ୍ରା ଦକ୍ଷିଣପାର୍ଶ୍ୱ ନଦୀବନ୍ଧର ସେଠୀ ସାହି ଠାରୁ ଅଣ୍ଟିଆସାହି ପର୍ଯ୍ୟନ୍ତ କଂକ୍ରିଟ ସୁରକ୍ଷା କାନ୍ଥ ନିର୍ମାଣ କାର୍ଯ୍ୟ, ୪୨ ଲକ୍ଷ ୩୭ହଜାର ଟଙ୍କା ବ୍ୟୟରେ କୁଶଭଦ୍ରା ନଦୀବନ୍ଧର ୨୬୦ମିଟର ପର୍ଯ୍ୟନ୍ତ କଂକ୍ରିଟ ସୁରକ୍ଷା କାନ୍ଥ ନିର୍ମାଣ, ୪୪ ଲକ୍ଷ ୧୫ହଜାର ଟଙ୍କା ବ୍ୟୟରେ କୁଶଭଦ୍ରା ନଦୀବନ୍ଧରେ ୨୭୦ମିଟର ପର୍ଯ୍ୟନ୍ତ କଂକ୍ରିଟ ସୁରକ୍ଷା କାନ୍ଥ ନିର୍ମାଣ, ୮୨ ଲକ୍ଷ ୧୭ହଜାର ଟଙ୍କା ବ୍ୟୟରେ ମାଇନର କେନାଲ ବନ୍ଧରେ ରାସ୍ତା ନିର୍ମାଣ ଓ ବନ୍ଧର ଉନ୍ନତୀକରଣ, ୮୦ଲକ୍ଷ ୪୩ ହଜାର ଟଙ୍କା ବ୍ୟୟରେ ଅଣ୍ଟିଆ ମାଇନର ମହାବୀର କଲୋନୀଠାରୁ ଦୀପିରେଣ୍ଟା ପର୍ଯ୍ୟନ୍ତ ବନ୍ଧର ଉନ୍ନତୀକରଣ ଓ ରାସ୍ତା ନିର୍ମାଣ, ୮୩ଲକ୍ଷ ଟଙ୍କା ବ୍ୟୟରେ ଅଣ୍ଟିଆ ମାଇନର ୧ କି.ମି. ପର୍ଯ୍ୟନ୍ତ ବନ୍ଧର କଂକ୍ରିଟ ରାସ୍ତା ସୁରକ୍ଷା କାନ୍ଥ ନିର୍ମାଣ ଆଦି ମୋଟରେ ୩କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୬ଟି ନୂତନ ପ୍ରକଳ୍ପ ନଦୀବନ୍ଧ ଓ କେନାଲ ବନ୍ଧ ଆଦି କାର୍ଯ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ନିମାପଡ଼ା ଶ୍ୟାମସୁନ୍ଦରପୁର ରାଧାକାନ୍ତ ମଠ ଠାରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ସମ୍ମାନିତ ଅତିଥି ଭାବେ ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ମୀନଳତା ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଯତୀନ୍ଦ୍ର ନାଥ ସ୍ୱାଇଁ, ଜଳସମ୍ପଦ ଅଧିକ୍ଷଣ ଯନ୍ତ୍ରୀ (ଏସ୍‌ଇ) ଅମୀୟ କୁମାର ସେଠ, ସହକାରୀ ନିର୍ବାହୀଯନ୍ତ୍ରୀ ଶକ୍ତିପ୍ରସାଦ ଦାଶ, ସହକାରୀ ଯନ୍ତ୍ରୀ ଉମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ନୂତନ ପ୍ରକଳ୍ପ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେଲେ ଗମନାଗମନ କ୍ଷେତ୍ରରେ ସାଧାରଣଜନତା ବହୁଳ ଭାବେ ଉପକୃତ ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ସମାରୋହସ୍ଥଳରେ ଗ୍ରାମବାସୀଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ସଂକ୍ଷେପରେ

### ରାତିରେ ଖଣ୍ଡା ଧରି ବୁଲୁଛନ୍ତି ସନ୍ଦିଗ୍ଧ ମହିଳା



**ସିସିଟିଭିରେ କଏଦ ଫଟୋ**

କଟକ ସଦର,୧୬।୧୨(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ଶ୍ରୀରାମ ଗ୍ରାମ ରାସ୍ତାରେ ସୋମବାର ରାତିରେ ଜଣେ ସନ୍ଦିଗ୍ଧ ମହିଳା ଖଣ୍ଡା ଧରି ବୁଲୁଥିବା ସିସିଟିଭି ଫୁଟେଜରେ ଦେଖାଯାଇଥିଲା। ଉକ୍ତ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ମହିଳା ଜଣକ ଚୋରି ଉଦ୍ଦେଶ୍ୟ କିମ୍ବା ତନ୍ତ୍ର ସାଧନା ଉଦ୍ଦେଶ୍ୟରେ ବୁଲୁ ଥିଲେ ତାହା ସ୍ପଷ୍ଟ ହୋଇ ପାରିନାହିଁ। ପୋଲିସ ପାଟ୍ରୋଲିଂ ଜୋରଦାର କରିବା ପାଇଁ ଦାବି ହେଉଛି।

### ପେନସନଲେନ ମହଲା ନୌଯାବନ କମିଟିର କ୍ୟାରମ ପ୍ରତିଯୋଗିତା

କଟକ,୧୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ପେନସନଲେନ ମହଲା ନୌଯାବନ କମିଟି ପକ୍ଷରୁ ସମ୍ପାଦକ ସେକ୍ ଗୁଲାମ ମୋଇଉଦ୍ଦିନଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ପେନସନ ଲେନରେ ଏକ ଡବଲ କ୍ୟାରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ କଟକ ସହରର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ଉଚ୍ଚମାନର ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ତୁଳସୀପୁର ଅଞ୍ଚଳର ସେକ୍ ବାବାଯାନୀ ଓ ସେକ୍ ଜେସେହା ଯୁଗଳ ଚାମ୍ପିୟନ ହୋଇଥିବାବେଳେ ସେକ୍ ସମିମ୍ ଓ ଏ. ଚଣ୍ଡୀ ଅନ୍ନପୂର୍ଣ୍ଣା ଯୁଗଳ ରନରଅପ୍ ହୋଇଥିଲେ। ପେନସନ ଲେନ ମହଲା କମିଟି ସଭାପତି ଜାବେଦ ଇକ୍‌ବାଲ, ଉପସଭାପତି ଇମ୍ରାନ ଖାନ, ଯୁଗ୍ମ ସମ୍ପାଦକ ଅବଦୁଲ ସାହିଦ, କୋଷାଧ୍ୟକ୍ଷ ସେକ୍ ଖାଲିଲଉଲ୍ଲ ରହେମାନ, ସେକ୍ ଜାବିର, ସେକ୍ ନସିମ, ସେକ୍ ରମଯାନୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ପ୍ରାଧାପକ ଶରତ ଚନ୍ଦ୍ର ସାହୁଙ୍କ ପରଲୋକ

କଟକ,୧୬।୧୨(କାର୍ତ୍ତିକ ସାହୁ)

ଚାଉଳିଆଗଞ୍ଜ ବାସିନ୍ଦା ଅବସରପ୍ରାପ୍ତ ପ୍ରାଧାପକ ଶରତ ଚନ୍ଦ୍ର ସାହୁ(୭୬)ଙ୍କର ପରଲୋକ ହୋଇଯାଇଛି। ସ୍ୱର୍ଗତ ସାହୁ ନୂଆବଜାର ସରସ୍ୱତୀ ଶିଶୁମନ୍ଦିର ପରିଚାଳନା



କମିଟି ସଭାପତି ଭାବେ ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ବହୁ ସଂସ୍କାରମୂଳକ ପଦକ୍ଷେପ ନେଇଥିଲେ। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଦିଆନ ପାଟଣାରେ ତାଙ୍କର ଜନ୍ମ। ଆଦିକବି ଶାରଳା ମହାବିଦ୍ୟାଳୟରେ ପ୍ରଥମେ ଅଧ୍ୟାପନା ଆରମ୍ଭ କରି ପରେ ସାହାସପୁର କଲେଜରେ କିଛିଦିନ ଅଧ୍ୟାପନା କରିଥିଲେ। ପରବର୍ତ୍ତୀ ସମୟରେ ଜଗତ୍‌ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ମେମୋରିଆଲ କଲେଜରେ ପ୍ରାଧାପକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।

### ୧୧୦ ଲିଟର ଦେଶୀମଦ ଜବତ, ୪ ଗିରଫ

ମଙ୍ଗୁଳି-ଜଗତପୁର,୧୬।୧୨(ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ବେଆଇନ ଭାବେ ଦେଶୀ ମଦ ବ୍ୟବସାୟ କରିବା ଅଭିଯୋଗରେ ୪ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ବିକ୍ରମ ସ୍ୱାଇଁ, ଚୌଦ୍ୱାର ଥାନା ଅଧୀନ କପାଳେଶ୍ୱର ନୂଆସାହିର ବୁଦ୍ଧିଆ ପ୍ରଧାନ, ମୁଣ୍ଡମାଳ ଗ୍ରାମର ସୁଧାଂଶୁ ଗିରି, ଜଗତପୁର ଅଞ୍ଚଳର ଶଙ୍କର ସ୍ୱାଇଁ। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୧୧୦ ଲିଟର ମହୁଲି ଦେଶୀମଦ ଜବତ କରିଛି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ଟାଙ୍ଗୀ-ଚୌଦ୍ୱାର ଓ ଜଗତପୁର ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପରେ ଦେଶୀମଦ ଜବତ କରିଥିଲା। ଏ ନେଇ ଅବକାରୀ ବିଭାଗ ନିଜଆଡୁ ୪ଟି ପୃଥକ୍ ମାମଲା (ନଂ. ୧୮୭, ୧୮୮,୧୮୯, ୫୫/୨୫) ରୁଜୁ କରିଛି। ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଓଆଇସି ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ଥିଲେ।

# ଯୁବକଙ୍କ ଉପରେ ଚଢ଼ିଗଲା ଯାତ୍ରୀବାହୀ ବସ୍

କଟକ,୧୬।୧୨(କାର୍ତ୍ତିକ ସାହୁ)

ସିଏନ୍‌ବିଟି-ବାଦାମବାଡ଼ି ରାସ୍ତାରେ ଏକ ଯାତ୍ରୀବାହୀ ବସ୍ ଜଣେ ଯୁବକ(୨୨)ଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ହେଲେ ମୃତକଙ୍କ ପରିଚୟ ମିଳିପାରିନି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଭଙ୍ଗାରୁଜା କରିଥିଲେ। ବାଦାମବାଡ଼ି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିଛି। ହେଲେ ବସ୍ ଡ୍ରାଇଭର ଓ କଣ୍ଡକ୍ଟର ଫେରାର ହୋଇଯାଇଛନ୍ତି। ମୃତ ଯୁବକ ଏକ ଘରୋଇ ବସ୍‌ରେ ହେଲପର ଭାବେ କାମ କରୁଥିବା କୁହାଯାଉଛି। ପୋଲିସ ତାଙ୍କ ପରିଚୟ ଜାଣିବା ପାଇଁ ଉଦ୍ୟମ ଜାରିରହିଥିବା ଜଣାପଡ଼ିଛି।

ସୂଚନାନୁସାରେ, ଦେବଦୂତ ନାମକ ବସ୍ (ନଂ. ଓଡି-୦୫-ବିୱାଇ-୯୯୩୩) ସିଏନବିଟିରୁ ଯାତ୍ରୀ ନେଇ ଯାଜପୁର ରୋଡ ଓ କେନ୍ଦୁଝର ଅଭିମୁଖେ ବାହାରିଥିଲା। ମଲାଚଣ୍ଡିଆ ଟ୍ରାଫିକ ଛକ ଅତିକ୍ରମ ପରେ ବସ୍ ବାଦାମବାଡ଼ି ଛକ ଆଡକୁ ଯାଉଥିଲା। ଏହି ସମୟରେ ରାସ୍ତାପାର୍ଶ୍ୱରେ କେତେଜଣ ଯାତ୍ରୀ ହାତ ଦେଖାଇବାରୁ ଡ୍ରାଇଭର ହଠାତ ବସ୍‌ଟିକୁ ବାମକୁ କାଟି ଅଟକାଉଥିଲେ। ଏହି ସମୟରେ ସାମ୍ନାରେ ଯାଉଥିବା ଯୁବକଙ୍କୁ ବସ୍ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିବାରୁ ତାଙ୍କ ଉପରେ ବସ୍ ଚଢ଼ିଯାଇଥିଲା। ଏହାଦେଖି ସ୍ଥାନୀୟ ଲୋକମାନେ ସେଠାରେ ରୁଣ୍ଡ ହୋଇଯାଇଥିଲେ। ବସ୍ ଚକା ତଳେ ଯୁବକ ମରି ପଡ଼ିଥିବା ଦେଖିବା ପରେ ଲୋକେ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଲୋକମାନେ ବସ୍ ଉପରକୁ ଟେକାପଥର ମାଡ଼ କରିଥିଲେ। ଏହାଦ୍ୱାରା ରାସ୍ତାରେ ଟ୍ରାଫିକ ଜାମ ହୋଇଥିଲା। ସିଏନ୍‌ବିଟିରୁ ବାହାରୁଥିବା କୌଣସି ବସ୍ ବାଦାମବାଡ଼ି ଆଡକୁ ଯାଇପାରି ନ ଥିଲା। ପ୍ରାୟ ଅଧ ଘଣ୍ଟା ଧରି ଉତ୍ତେଜନା ଲାଗିରହିଥିଲା। ଏତେ ସବୁ ପରେ ବି ମାତ୍ର ୩୦୦ ମିଟର ଦୂରରେ ଥିବା ବାଦାମବାଡ଼ି ଥାନାକୁ ଖବର ମିଳି ନ ଥିଲା। ପରେ ଫୋର୍ସ ସହିତ ବାଦାମବାଡ଼ି ଥାନା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ମୃତଦେହକୁ ଏସ୍‌ସିବି ପଠାଇଥିଲା।



ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି।

**ସିଏନ୍‌ବିଟି-ବାଦାମବାଡ଼ି ରାସ୍ତାରେ ଦୁର୍ଘଟଣା**

- ଉତ୍ତ୍ୟକ୍ତ ଲୋକଙ୍କ ଗାଡ଼ି ଭଙ୍ଗାରୁଜା
- ବସ୍ ଜବତ, ଡ୍ରାଇଭର, କଣ୍ଡକ୍ଟର ଫେରାର

## ଶ୍ରୀଅରବିନ୍ଦ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଶ୍ରୀଅରବିନ୍ଦ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସହ ଉପସ୍ଥିତ ଅତିଥି।

କଟକ,୧୬।୧୨(କାର୍ତ୍ତିକ ସାହୁ)

ମଧୁପାଟଣା ଅନ୍ତର୍ଗତ ଶ୍ରୀରାମ ନଗରସ୍ଥିତ ଶ୍ରୀଅରବିନ୍ଦ ସ୍କୁଲ ଅପ ନିଉ ଥଟ ଏବଂ ଶ୍ରୀଅରବିନ୍ଦ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବିଜ୍ଞାନର ଜୟଯାତ୍ରା ବ୍ୟକ୍ତିକୈନ୍ଦ୍ରିକ ନ ହୋଇ ବିଶ୍ୱକୈନ୍ଦ୍ରିକ ହେଲେ ଆର୍ଯ୍ୟାବର୍ତ୍ତ ଭାରତବର୍ଷରେ ସମୃଦ୍ଧି ଓ ଶ୍ରୀବୃଦ୍ଧି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଫକିର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ସାମାଜିକ ଅଧୋଗତି, ମୂଲ୍ୟବୋଧର ଅବକ୍ଷୟ ତଥା ଚାରିତ୍ରିକ ସ୍ଖଳନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ପୁରୀ ଗୋବର୍ଦ୍ଧନ ପୀଠର ଆଦିତ୍ୟ ବାହିନୀ ମୁଖ୍ୟ ପଣ୍ଡିତ ମାତୃପ୍ରସାଦ ମିଶ୍ର ଭାରତୀୟ ସଂସ୍କୃତିର ମହାନ ପରମ୍ପରାକୁ ଉଜ୍ଜିବିତ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରାଷ୍ଟ୍ରବାଦୀ ପ୍ରବକ୍ତା ଲଲାଟେନ୍ଦୁ ବଡୁ ଜୀବନ ନିର୍ମାଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନୁଷ୍ଠାନର ପ୍ରାଣପ୍ରତିଷ୍ଠାତା ବାସନ୍ତୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ସମ୍ପାଦକ କୁଳମଣି ଦାସ ବିବରଣୀ ପାଠ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ପ୍ରାଧାପକ ରାଜୀବ ନନ୍ଦ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଉମାକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ୫ ଜଣଙ୍କଠାରୁ ୨ କୋଟିରୁ ଉର୍ଦ୍ଧ୍ୱ ଠକେଇ

**ଇଓଡବ୍ଲ୍ୟୁରେ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ**

କଟକ,୧୬।୧୨(କାର୍ତ୍ତିକ ସାହୁ)

କଟକ ସହରର ୫ ଜଣଙ୍କଠାରୁ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ କାରବାର ହୋଇଛି। ଏ ନେଇ ଭୁବନେଶ୍ୱରସ୍ଥିତ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଗତ ସାଢ଼େ ୩ ମାସ ତଳେ ଅଭିଯୋଗ ହୋଇଥିଲା। ହେଲେ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଶୂନ ବୋଲି ଠକାମିର ଶିକାର ହୋଇଥିବା ବ୍ୟକ୍ତିମାନେ ଦେଉଳସାହି ମୋନାଲିସା ପ୍ୟାଲେସଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାନୁସାରେ, ଠକେଇ କରିଥିବା ବ୍ୟକ୍ତିମାନେ ଅର୍ଥ ବିନିଯୋଗ କଲେ ଅଧିକ ଲାଭ ଦେବାର ଲୋଭ ଦେଖାଇଥିଲେ। ବିଭିନ୍ନ ଭିଡିଓ, ରାଜନେତାମାନଙ୍କ ସହ ଫଟୋ ଦେଖାଇ ବିଶ୍ୱାସ ମଧ୍ୟ ଜନ୍ମାଇଥିଲେ। ସେମାନଙ୍କ କଥାରେ ପ୍ରଭାବିତ ହୋଇ ୫ଜଣ ଅର୍ଥ ବିନିଯୋଗ କରିଥିଲେ। ମାତ୍ର ଟଙ୍କା ଫେରସ୍ତର ସମୟସୀମା ଅତିକ୍ରମ କରିବା ପରେ ବିନିଯୋଗ କରିଥିବା ୫ବ୍ୟକ୍ତି ଟଙ୍କା ଫେରସ୍ତ ପାଇଁ ଅନୁରୋଧ କରିଥିଲେ। ମାତ୍ର ଠକେଇ କରିଥିବା ଲୋକେ ଅର୍ଥ ନ ଫେରାଇ ଜୀବନରୁ ମାରିଦେବାକୁ ଧମକ ହେଉଛନ୍ତି। ତୁରନ୍ତ ଠକେଇ କରିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଅଭିଯୋଗ କରିଛନ୍ତି।

## ସିପିଡିଆର୍‌ଏସ୍ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର

କଟକ,୧୬।୧୨(କାର୍ତ୍ତିକ ସାହୁ)

କେଉଁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ଯମୁନାପୋଷୀ ଓ ଚେମେନା ପଞ୍ଚାୟତରେ ଚାଷ ଜମି ଅଧିଗ୍ରହଣ କରି ସେହି ଜମି ଜିନ୍ଦଲ-ପୋସ୍କୋ କମ୍ପାନୀକୁ ହସ୍ତାନ୍ତର କରିବା ପାଇଁ ସରକାରୀ ନିଷ୍ପତ୍ତିକୁ ସ୍ଥାନୀୟ ଲୋକ ବିରୋଧ କରୁଛନ୍ତି। ସେଠାରେ ପୋଲିସ ପ୍ରଶାସନର କାର୍ଯ୍ୟକଳାପ ବିରୋଧରେ ସେଣ୍ଟର୍ ଫର୍ ପ୍ରୋଟେକ୍ସନ ଅଫ ଡେମୋକ୍ରାଟିକ ରାଇଟ୍ସ ଆଣ୍ଡ ସେକ୍ୟୁଲାରିଜିମ (ସିପିଡିଆର୍‌ଏସ୍) ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ସିପିଡିଆର୍‌ଏସ୍ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ କଟକ ମୁଖ୍ୟାଳୟରେ ଏକ ଦାବିପତ୍ର ସୋମବାର ଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳରେ ତୁରନ୍ତ ପୋଲିସ ସନ୍ତ୍ରାସ ବନ୍ଦ କରିବା, ବେଆଇନ ଭାବରେ ଗିରଫ କରାଯାଇଥିବା ସମସ୍ତ ଆନ୍ଦୋଳନକାରୀଙ୍କୁ ବିନା ସର୍ତ୍ତରେ ଖଲାସ କରିବା, ବିଭିନ୍ନ ଜଘନ୍ୟ ଅପରାଧରେ ଜଡ଼ିତ ତଥା ଦୁର୍ବୃତ୍ତମାନଙ୍କ ପୃଷ୍ଠପୋଷକତା କରୁଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କୃଷକ ନେତାଙ୍କୁ ଅପହରଣ କରିଥିବା ଦୁର୍ବୃତ୍ତମାନଙ୍କ ବିରୋଧରେ ତୁରନ୍ତ ବିହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଚିତ୍ତରଞ୍ଜନ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ଡାକ୍ତର ବିଶ୍ୱଜିତ୍, ଆଇନଜୀବୀ ସୁକାନ୍ତ ନାୟକ, ଅରବିନ୍ଦ ମଲ୍ଲିକ, ପ୍ରତାପ ମିଶ୍ର ଓ ମାନବାଧିକାର କର୍ମୀ ଅକ୍ଷୟ ରାଉଳ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଏକ ପ୍ରତିନିଧି ଦଳରେ ଯାଇ ଦାବିପତ୍ର ଦେଇଛନ୍ତି।

## ଭଲିବଲ ପ୍ରତିଯୋଗିତା: ଥୋରିଆପଡ଼ା ଚାମ୍ପିୟନ

କଟକ ସଦର,୧୬।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ମଣ୍ଡଳସ୍ତରୀୟ ଭଲିବଲ ପ୍ରତିଯୋଗିତା ଆୟଉପୁର ପଞ୍ଚାୟତ କେଶପୁର ଖେଳ ପଡ଼ିଆରେ ସୋମବାର ଅନୁଷ୍ଠିତ ହୋଇଥିଲା। ସାଂସଦ କ୍ରୀଡା ପ୍ରତିଯୋଗିତାରେ ଥୋରିଆପଡ଼ା ଦଳ ବିଜୟୀ ହୋଇଥିବା ବେଳେ କେଶପୁର ଦଳ ରନରଅପ୍ ହୋଇଥିଲା। ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କୃଷକ ମୋର୍ଚ୍ଚା ଉପ ସଭାପତି ହୃଷୀକେଶ ଜେନା ଅତିଥି ଭାବେ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ଉକ୍ତ ପ୍ରତିଯୋଗିତାକୁ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ସଂଯୋଜକ ସୁରେଶ ଚନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଲୀ, ନିମାଇଁ ଚରଣ ମହାପାତ୍ର, ଅଭୟ ସ୍ୱାଇଁ, ଅନନ୍ତ ସେଠୀ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ବିନୋଦ ପତି, ରାଧା ମୋହନ ମହଲା ପ୍ରମୁଖ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି।

## ବାଳିକାରେ ତାନିଆ, ବାଳକରେ ହାଫିଜ ଚାମ୍ପିୟନ

କଟକ,୧୬।୧୨(କାର୍ତ୍ତିକ ସାହୁ)

କଟକ କ୍ୟାରମ ସଂଘ ଦ୍ୱାରା ରାଣୀହାଟ ହାଇସ୍କୁଲଠାରେ ଆୟୋଜିତ କଟକ ଜିଲା ସ୍କୁଲ କ୍ୟାରମ ପ୍ରତିଯୋଗିତାର ବାଳକ ବର୍ଗରେ ନିଉ ଷ୍ଟିୱାର୍ଟ ସ୍କୁଲର ମହମ୍ମଦ ହୁଜେଫ ହାଫିଜ୍ ଏବଂ ବାଳିକା ବର୍ଗରେ ନିଉ ଷ୍ଟିୱାର୍ଟ ସ୍କୁଲର ତାନିଆ ମେହର ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ରାଣୀହାଟ ହାଇସ୍କୁଲର ଶୁଭମ ସାହୁଙ୍କୁ ହାଫିଜ୍ ଏବଂ ନିଉ ଷ୍ଟିୱାର୍ଟ ସ୍କୁଲର ଇଶିକା ରୁଙ୍ଗଟାଙ୍କୁ ତାନିଆ ମେହର ପରାସ୍ତ କରିଥିଲେ। ବାଳକ ବର୍ଗରେ ସେମିଫାଇନାଲରେ ପ୍ରବେଶ କରିଥିବା ନିଉ ଷ୍ଟିୱାର୍ଟ ସ୍କୁଲର ସ୍ୱସ୍ତିକ ଲେଙ୍କା ତୃତୀୟ ଓ ରାଣୀହାଟ ହାଇସ୍କୁଲର ଆଦିତ୍ୟ ନାରାୟଣ ଚତୁର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ରାଣୀହାଟ ହାଇସ୍କୁଲର କେଦାର ବେହେରା, ପ୍ରଦୀପ ଦାସ, ଈଶ୍ୱର ନାୟକ, ସମୀର ସେନାପତି ପୁରସ୍କୃତ ହୋଇଥିଲେ। ବାଳିକା ବର୍ଗରେ ରାଣୀହାଟ ହାଇସ୍କୁଲର ମାମିଦିଲି ଚାନ୍ଦିନି ତୃତୀୟ, ସେକେଣ୍ଡାରି ବୋର୍ଡ ହାଇସ୍କୁଲର ପ୍ରତିମୟୀ ଘୋଷ ଚତୁର୍ଥ, ରାଣୀହାଟ ହାଇସ୍କୁଲର ଶ୍ରାବଣୀ ବେହେରା, ଛତ୍ରବଜାର ହାଇସ୍କୁଲର ଜାମି ଭବ୍ୟାଶ୍ରୀ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ସ୍ୱାଗତିକା ସ୍ୱାଇଁ, ରେଭେନ୍‌ଶା କଲିଜିଏଟ୍ ସ୍କୁଲର ସ୍ମୃତିପ୍ରଜ୍ଞା ବେହେରା ଯଥାକ୍ରମେ ୫ମରୁ ୮ମ ସ୍ଥାନ ଅଧିକାର କରିଥିଲେ। ରାଣୀହାଟ ହାଇସ୍କୁଲର ବଳାରାମ ସେଠୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। କଟକ ସହରର ବିଭିନ୍ନ ବିଦ୍ୟାଳୟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ସମ୍ମାନିତ ଅତିଥି ଭାବେ ଡ. ସିଦ୍ଧାର୍ଥ କୁମାର ସାହୁ, ଆଇନଜୀବୀ ଜଗନ୍ନାଥ ମହାନ୍ତି, ରାଣୀହାଟ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପଲ୍ଲବୀ ମହାଜନ, ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ଶିକ୍ଷୟିତ୍ରୀ ଜାମିନି ପରିଜା ଏବଂ ପୁରାତନ ଛାତ୍ର ପ୍ରଦୀପ କୁମାର ସାହୁ, ପରୀକ୍ଷିତ ମହାରଣା ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ନଗଦ ପୁରସ୍କାର ରାଶି ସହ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଚେସ୍ ସଂଘର ସାଂଗଠନିକ ସମ୍ପାଦକ ମାୟାଧର ସାହୁ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଶ୍ରାବଣୀ ବେହେରା, ପ୍ରିୟମ୍ବଦା ଚୌଧୁରୀ, ରାହୁଲି ଚୌଧୁରୀ, ଅନନ୍ୟା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘର ଯୁଗ୍ମ ସମ୍ପାଦକ ତାପସ ମହାନ୍ତି ଧନ୍ୟବାଦ ଦେଇଥିଲେ।




ଚାମ୍ପିୟନ ଛାତ୍ରୀଛାତ୍ରଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଜିଲା ସ୍କୁଲ କ୍ୟାରମ ପ୍ରତିଯୋଗିତା**

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରୀତିରଞ୍ଜନ



@ ବିଦେଶୀ



@ ଦୀପାଲି



@ ସରୋଜ



@ ଶୁଭାଶିଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୂଆବର୍ଷରେ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ ଡିଜିପିଙ୍କ ବୈଠକ

■ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ଓ ପାର୍କିଂ ଉପରେ ଗୁରୁତ୍ୱ
■ ସମୁଦ୍ର କୂଳରେ ପାଟ୍ରୋଲିଂ ବଢ଼ାଇବାକୁ ନିର୍ଦ୍ଦେଶ


ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ।

ଭୁବନେଶ୍ୱର,୧୬।୧୨ (ତ୍ରିନାଥ ମହାନ୍ତି)

ନୂତନ ବର୍ଷ ୨୦୨୬ ଉପଲକ୍ଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ପୁରୀକୁ ଆସିବାର ସମ୍ଭାବନା ରହିଛି। ଭକ୍ତଙ୍କ ସୁରକ୍ଷା, ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ, ମନ୍ଦିର ସୁରକ୍ଷା, ଟ୍ରାଫିକ୍ ବ୍ୟବସ୍ଥାର ସୁସମନ୍ୱୟ ଓ ସୁପରିଚାଳନା ଉପରେ ମଙ୍ଗଳବାର ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କାର୍ଯ୍ୟାଳୟଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସହର ମଧ୍ୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀମନ୍ଦିର ପରିସର ମଧ୍ୟରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥାର ସୁପରିଚାଳନା, ସମୁଦ୍ର କୂଳରେ ପାଟ୍ରୋଲିଂ, ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ସିସିଟିଭି ସ୍ଥାପନ, ହୋଟେଲ ଓ ଲଜ୍ ଗୁଡ଼ିକରେ କଡ଼ା ଚେକିଂ ଭଳି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ଅଧିକାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବା, ଭକ୍ତମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ ଏବଂ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ମୁକାବିଲା କରିବାକୁ ସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ନବବର୍ଷ ପାଳନ ଅବସରରେ ପୁରୀରେ ସୁରକ୍ଷିତ, ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପୁରୀ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଗୋଇନ୍ଦା ନିର୍ଦ୍ଦେଶକ ଆର୍.ପି.କୋଚେ, ଏଡିଜି(ନକ୍ସଲ ବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା, ଏଡିଜି(ରେଲ୍‌ୱେ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଏଡିଜି (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଏଡିଜି(ଆଇନ୍ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଭୁବନେଶ୍ୱର-କଟକ ପୋଲିସ କମିଶନର, ଏସ୍. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ସଶସ୍ତ୍ର) ରାଜେଶ କୁମାର, ଡିଆଇଜି(କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାଏକ, ଡିସିପି ଭୁବନେଶ୍ୱର ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ। ଭିସି ମାଧ୍ୟମରେ ଡିଆଇଜି(ପୂର୍ବାଞ୍ଚଳ) ପିନାକ ମିଶ୍ର, ପୁରୀ ଏସ୍‌ପି ପ୍ରତୀକ ସିଂ, କଟକ ଏସ୍‌ପି(ଗ୍ରାମାଞ୍ଚଳ) ବିନିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ, ଗୋ ଚାଲାଣ ଉପରେ ରୋକ

**ଅପରେଶନ ଧରପଗଡ଼ ଜୋରଦାର କରିବାକୁ ଡିଜିପିଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୧୬।୧୨ (ତ୍ରିନାଥ ମହାନ୍ତି)

ରାଜ୍ୟରେ ଚୋରା ବାଲି, ମୋରମ, ମାଙ୍କଡ଼ା ପଥର ମାଫିଆ ତଥା ବେଆଇନ ଗୋ-ଚାଲାଣକାରୀଙ୍କ ବିରୋଧରେ ସ୍ୱେଶାଲ ଡ୍ରାଇଭ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି କ୍ରମରେ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ଓ ଗୋଚାଲାଣ ଉପରେ ରୋକ ଲଗାଇବା ପାଇଁ କିଛି ଦିନ ଧରି ପୋଲିସ ତରଫରୁ 'ଅପରେଶନ ଧରପଗଡ଼' ଅଭିଯାନ କରାଯାଇଥିଲା। ରାଜ୍ୟ ତମାମ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ୍, ଟିପ୍ପର ଓ ହାଇୱାକୁ ଜବତ କରାଯାଇଛି। ଅଦ୍ୟାବଧି ସାରା ରାଜ୍ୟରେ ବାଲି, ମୋରମ୍ ଏବଂ ମାଙ୍କଡ଼ା ପଥର ମାଫିଆଙ୍କ ବିରୋଧରେ ୧୩୪ଟି ମାମଲା ରୁଜୁ କରାଯାଇଥିବାବେଳେ ୧୬୩ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ୍, ଟିପ୍ପର ଓ ହାଇୱା ଜବତ କରାଯାଇଛି। ଏହା ସହ ୧୪ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବାବେଳେ ୯୨ରୁ ଅଧିକ ଲୋକଙ୍କୁ ନୋଟିସ ଦିଆଯାଇଛି। ସେହିପରି ବେଆଇନ ଗୋ-ଚାଲାଣ ଅଭିଯୋଗରେ ପୋଲିସ ୨୩ଟି ମାମଲା ରୁଜୁ କରିବା ସହ ୩୧ ଜଣଙ୍କୁ ଗିରଫ କରିଛି। ରାଜ୍ୟରେ ଦୁର୍ବୃତ୍ତଅପରାଧୀଙ୍କୁ ଚିହ୍ନଟ କରିଗିରଫ କରିବା, ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବା, ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ, ଗୋ-ଚାଲାଣ ବିରୋଧରେ ପଦକ୍ଷେପକୁ ଜୋରଦାର କରିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲାର ଏସ୍‌ପି 'ଅପରେଶନ ଧରପଗଡ଼' ଅଭିଯାନରେ ସାମିଲ ହୋଇଥିଲେ।


## GOVERNMENT OF ODISHA
## Sports & Youth Services Department
Kalinga Stadium, Bhubaneswar-751012
Email: deptsportsodisha@gmail.com

**Request for Proposal (RFP)**

**No.TT**-Sports & Youth Services Department, Government of Odisha invites bids from leading agencies to the RFP **for** supply of manpower to the Khelo India State Centre of Excellence (KISCE), Kalinga Stadium, Bhubaneswar.
The details of the bid documents are available at the website: https://tendersodisha.gov.in/.
Interested firms/ agencies are advised to study the RFP document carefully before submitting the bid.

**Important dates and information**

| | |
|---|---|
| Date of Publication of RFP | -16.12.2025 |
| Submission of pre-bid Queries | -20.12.2025 |
| Pre-Bid Meeting | -22.12.2025 |
| Response to Pre-bid queries | -29.12.2025 |
| Last date for submission of proposal | -29.12.2025 |
| Bid Submission starting date | -30.12.2025 |
| Opening of the technical bid | -07.01.2026 |

Sd./-
Director, Sports
OIPR-29001/11/0119/2526

## FOREST DEPARTMENT
## OFFICE OF THE DEPUTY DIRECTOR, SIMILIPAL SOUTH WL DIVISION, BARIPADA
No.MM-387
e-mail - dfo.similipalsouthwl@odisha.gov.in
Government of Odisha "e" Procurement Notice
**Bid Identification No. - DD South-BPD-08/2025-26**
1. Number of works - 01 (One number of work)
2. Approximate estimated cost :

| Sl. No. | Name of the Work | Estimate Cost (in Rs.) (Without GST) |
|---|---|---|
| 01 | Construction of 2 Nos of multi-storeyed (G + 3) E type (6-E) Family Quarter/Hostel at Manchanbandh, Baripada | 2,72,73,614.00 |

3. Period of Completion : Three (3) Calendar months
4. Date & Time of availability of bid documents in the portal : **Dt. 17.12.2025 to Dt. 26.12.2025**
5. Last date / Time of receipt of bid in the portal : **Dt. 26.12.2025 up to 5.00 P.M.**
6. Date of Opening of bid : **Dt. 27.12.2025 at 11.00 A.M.**
7. Name & address of the Office inviting bid : **O/o the Deputy Director, Similipal South WL Division, Baripada, Mayurbhanj.**

Further details can be seen from the e-procurement portal http://www.tendersodisha.gov.in

Sd./- Deputy Director
Similipal South WL Division, Baripada
OIPR-08127/11/0042/2526

## Government of Odisha
## e-Procurement Notice
No.O-1800
E.Mail : rw_boudh@yahoo.co.in
**Bid Identification No. Online tender/11/S.E.RW BOUDH/2025-26**
**NATIONAL COMPETITIVE BIDDING THROUGH E-PROCUREMENT**

| | |
|---|---|
| Name of the work | : Road work - 1 (one) No. |
| 1. Estimated cost | : Rs. 18.91 lakh (Approximately) |
| 2. Period of completion | : 02 (Two) Calendar months |
| 3. Date & Time of availability of Bid documents in the portal | : From 18.12.2025, 10.00 A.M. to 29.12.2025, 5.00 P.M. |
| 4. Last date / Time for receipt of bids in the portal | : 29.12.2025 up to 5.00 P.M. |
| 5. Last date / Time for seeking of Tender clarification | : 26.12.2025 up to 5.00 P.M. |
| 6. Date & Time of opening of Tender / Bid | : 30.12.2025 at 11.00 A.M. |
| 7. Name & Address of the officer inviting Bid | : Executive Engineer, R.W Division, Boudh |

**Further details, corrigendum (s) etc can be seen from the e-procurement portal "Https://www.tendersorissa.gov.in"**

Sd./- Executive Engineer
R.W. Division, Boudh
OIPR-25061/11/0027/2526

GOVERNMENT OF ODISHA No.MM-395:
## DEPARTMENT OF FOREST, ENVIRONMENT & CLIMATE CHANGE
Bid Identification No.FE&CC-DFO (K.L.) SBP-02/2025-26
## OFFICE OF THE DIVISIONAL FOREST OFFICER SAMBALPUR KENDULEAVES DIVISION, SAMBALPUR
**DETAILED TENDER CALL NOTICE**
{Range Office-cum-Residence at Dhama (KL) Range under Sambalpur (K.L.) Division}

| | |
|---|---|
| Name of the Work Tendered for | : Construction of Range Office-cum-Residence at Dhama (KL) Range under Sambalpur (K.L.) Division |
| Estimated Cost | : Rs.59,21,525/- (Excluding G.S.T.) |
| Date of Sale & Receipt of Tender | : Start from 10.00 Hours of 16.12.2025 & Close on 30.12.2025 at 17.00 Hours. |

Sd./-Divisional Forest Officer
Sambalpur (K.L.) Division
OIPR-08059/11/0005/2526

## PANCHAYAT SAMITI, SARASKANA
**TENDER CALL NOTICE**
**No.i-426** : BDO, Saraskana invites sealed tender on behalf of Govt. of Odisha for the follwing work in conformity with the DTCN.
**Bid Identification No.2/2025-26/BDO, Saraskana Dt.15.12.2025**
Name of the Work :
1. Construction of 1st Floor Office Building with Stair Case at Saraskana under Saraskana Block.

Date of Receipt of Tender : 18.12.2025, 10.00 A.M. to 05.01.2026, 5.00 P.M via Drop Box at Block Office.
Date of Opening of Tender : 06.01.2026, 11.30 A.M. in the Conference Hall of BDO, Saraskana.
Terms and Conditions : Details of the Tender Call Notice can be downloaded from the official website of the district (www.mayurbhanj.nic.in) from 18.12.2025, 10.00 A.M. to 05.01.2026, 5.00 P.M. All the terms and conditions can be seen from the above website.

Sd./- Block Development Officer
Saraskana
OIPR-19352/11/0002/2526

## OFFICE OF THE PRINCIPAL, RAJDHANI COLLEGE, BHUBANESWAR
**NO.6004 // DATE 16.12.2025**
**QUOTATION CALL NOTICE**
**No.N-234** : Sealed Quotations are invited from registered printers/press/firms having valid GST number for printing and supply of College Magazine **"IRA"** & College Calendar for the session 2025-26. The last date and time for submission of the quotation is dt.12.01.2026 (5.00 P.M.)
For further details, please visit the college website www.rajdhanicollege.org.in.

Sd./- Principal
OIPR-11045/11/0022/2526 Rajdhani College, Bhubaneswar

## OFFICE OF THE SUPERINTENDING ENGINEER, GANJAM [R&B] DIVISION NO.II, BERHAMPUR
Phone No./Fax No. : 0680-2233996, E-mail : sernb2.ganjam@gmail.com
**GOVERNMENT OF ODISHA Quotation Notices**
No.B-853 **Short Auction sale Notice No.04 of 2025-26**
**Ltr. No.10560** **Dated. 11.12.2025**

| | | |
|---|---|---|
| 1) | Name of the work | : Demolition of existing old building inside premises of Old Collectorate building for the proposed New Collectorate building at Chatrapur |
| 2) | Reserve Price | : **i) Rs.37,60,557.00 (Excluding GST)** |
| 3) | EMD to be deposited (In shape as N.S.C / Post Office savings bank account / Post office time deposit account / Kisan Vikas Patra / Bank Guarantee) | : **i) Rs.9,40,200.00** |
| 4) | Period of Completion | : 1 (One) Calendar Month |
| 5) | Receipt of Quotation | : 18.12.2025 to 29.12.2025 up to 5.00 P.M. |
| 6) | Date & Time of opening of Quotation | : 30.12.2025 at 11.30 A.M. |
| 7) | Name and address of the Officer Inviting Quotation | : Superintending Engineer, Ganjam (R&B) Division No-II, Berhampur |
| 8) | Submission of Quotation | : The quotation should submit in sealed cover by personal delivery in the box placed for the purpose in the office of the undersigned / Registered Post / Speed post during working hours |
| 9 | Any other information can be heard during working office hours. | |

Sd./- Superintending Engineer
Ganjam (R&B) Division No.II
OIPR-34080/11/0042/2526

## OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR
**GOVERNMENT OF ODISHA**
No.A-1136
**"e"-PROCUREMENT NOTICE**
**BID IDENTIFICATION No: 07 MID (JSP/2024-25)**
1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Construction of Check Dams under different Blocks & Improvement of MIP in Mayurbhanj District for the year 2025-26.
3. No. of Works :- 16(Sixteen)Nos.
4. Tender Amount Varies From :- 38.79 lakhs to 96.41 lakhs
5. Date and Time of availability of BID Document in the Portal for online Bidding from : - Dt.20.12.2025, 10.00 hrs to Dt.29.12.2025 upto 17.00 hrs
6. Last Date and Time of receipt of Bids in the Portal :- Dt.29.12.2025, upto 17.00 hrs
7. Last Date and Time for clarification up to :- Dt.29.12.2025, upto 17.00 hrs
8. Date of opening of Bid: - Dt.30.12.2025, at 11.00 hrs onwards

The detail tender call notice can also be seen in the DOWR website: http://dowrorissa.gov.in.

| | | |
|---|---|---|
| Name & Address of the OIT | : | Superintending Engineer, M.I. Division, Jashipur, At/PO-Khairi / Dist : Mayurbhanj, PIN-757091, E-Mail :- eemijashipur@yahoo.com |
| Further details can be seen from the e-Procurement market place. | : | http://tenderorissa.gov.in |

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- Superintending Engineer
M.I Division, Jashipur
OIPR-32282/11/0017/2526

## OFFICE OF THE BARIPADA MUNICIPAL COUNCIL, BARIPADA
Phone : 06792-252703, Fax : 06792-252703, Email : baripadam.hud@nic.in
Website : www.baripadamunicipality.in
**No. 2025 Dated : 12.12.2025**
**DTCN PART-I (TECHNICAL BID) SECTION-II**
**COMPETITIVE BIDDING THROUGH 'e' PROCUREMENT**

**No.C-1801** : The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).
Bid Documents consisting of Work, Estimated Cost, Cost of Tender Paper, EMD and Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
Tender Reference No. : **BPDM- 11 of 2025-2026**
Tender I.D No. : **2025_ORULB**

| Sl. No. | Description | Critical Dates |
|---|---|---|
| 1 | Procurement Officer-Publisher/ Tender Inviting Authority / Bids | Executive Officer, Baripada Municipality, Baripada |
| 2 | Name of the Work | As per DTCN |
| 3 | Nos. of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From **Dt.16.12.2025** (01.00 P.M.) to **Dt.30.12.2025** (5.00 P.M.) |
| (ii) | Last date and time of bidding on-line (Submission of Bids) | **Dt.30.12.2025** (5.00 P.M.) |
| (iii) | Date and time of opening of the Bids received on-line | **Dt.31.12.2025** (11.30 A.M. onwards) |

Detail Tender Call Notice (DTCN) may also be seen from the 'e' procurement portal i.e. www.tendersorissa.gov.in and Baripada Municipality Website i.e. www.baripadamunicipality.in
Corrigendum or Addendum if any will not be published in Newspapers and can be seen in e-procurement portal as well as in Baripada Municipality website.

Sd./- Executive Officer
Baripada Municipality
OIPR-13078/11/0068/2526

idco | ODISHA NEW OPPORTUNITIES No.CAD-2712
## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022
Tender Call Notice No. H.O./P&C/EST-E-2717/03/04/2024/35382 Dated : 11.12.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
**Bid Identification No- P&C/EST/E-36/2025-26**

| Sl. No. | Name of Work | Earnest Money Deposit | Cost of Documents (Including GST) | Period of completion | Class of contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | "Design, Supply, Installation & Commissioning of 20 KLD Effluent Treatment Plant (ETP) on Turnkey basis at PPC in Kimilo, Jagatsinghpur, Odisha." | Rs.25,000.00 | Rs.7,080/- (Online) | 03 (Three) Calendar Months | Experienced agencies / Firms / Companies or "B" & "C" Class Contractors of PWD & Equivalent Class of other Departments |

The Bid document comprising of detailed eligibility criteria, scope of the work, land details, Instruction to bidders etc. can be downloaded from the web-site www.tendersodisha.gov.in from 5 PM of Dt.17.12.2025 to 5 P.M. of Dt.24.12.2025
Corrigendum or addendum if any will not be published in Newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in

OIPR-14003/11/0263/2526 Sd./- Chief General Manager (P&C)

idco | ODISHA NEW OPPORTUNITIES No.CAD-2714
## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022
Tender Call Notice No. H.O./P&C/EST-E-2717/03/04/2024/35370 Dated : 11.12.2025
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
**Bid Identification No- P&C/EST/E-37/2025-26**

| Sl. No. | Name of Work | Earnest Money Deposit | Cost of Documents (Including GST) | Period of completion | Class of contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | "Design, Supply, Installation & Commissioning of 20 KLD Effluent Treatment Plant (ETP) on Turnkey basis at PPC in Srikona, Balasore, Odisha." | Rs.25,000.00 | Rs.7,080/- (Online) | 03 (Three) Calendar Months | Experienced agencies / Firms / Companies or "B" & "C" Class Contractors of PWD & Equivalent Class of other Departments |

The Bid document comprising of detailed eligibility criteria, scope of the work, land details, Instruction to bidders etc. can be downloaded from the web-site www.tendersodisha.gov.in from 5 PM of Dt.17.12.2025 to 5 P.M. of Dt.24.12.2025
Corrigendum or addendum if any will not be published in newspapers and can only be seen in the e-procurement portal www.tenderodisha.gov.in as well as IDCO website www.idco.in

OIPR-14003/11/0265/2526 Sd./- Chief General Manager (P&C)

## COLLECTORATE, KORAPUT
(ST & SC DEV. DEPARTMENT)
No.4798/XI-10/2025 **TENDER CALL NOTICE** Date:15.12.2025

No.V-23: Sealed quotations are invited in the prescribed format from the reputed and authorized Firms/ Dealers/Agencies having valid upto date PAN/GSTN registration No. for Repairing of existing Solar Inverter System with replacement of Old Batteries (Replacement of Panel and UPS if required) the following items to the SSD Hostels and SSD Hostel attached to S & ME Schools in Koraput District as detailed below on the following terms & conditions.

| | DETAILS | INFORMATION |
|---|---|---|
| 1 | Name of the Work | **Repairing of existing Solar Inverter System with replacement of Old Batteries (Replacement of Panel and UPS if required)** |
| 2 | Number of Works | 63 Nos. |
| 3 | Availability of Bid documents | From 15.12.2025, 04.00 PM to 03.01.2026, 04.00 P.M. |
| 4 | Last date and time of bid document purchase | 03.01.2026, 02.00 PM |
| 5 | Bid document last reach time | 03.01.2026, 03.00 PM |
| 6 | Bid Opening Date and Time | 03.01.2026, 04.00 PM |
| 7 | Bid Inviting Officer | D.W.O., Koraput |

**Schedule-A**

| Sl.No. | PARTICULARS | QUANTITY/UNIT |
|---|---|---|
| 1 | 595W/24V Solar PV Module with 30 years replacement warranty | As per site survey |
| 2 | 10.1 KVA/120V Solar off Grid Inverter with 3 years warranty | 63 Nos. |
| 3 | 200 AH Lead-Acid Tall Tubular Solar C10 Battery with 5 years replacement guarrantee plus 1 year warranty | 630 Nos. |
| 4 | GI Modular Structure with 10 years warranty | As per site Survey |
| 5 | ACDB / DCDB | As per site Survey |
| 6 | 6 MM copper AC Cable | As per site Survey |
| 7 | 10 MM Copper DC Cable | As per site Survey |
| 8 | Copper Lightining Arrester with earthing | As per site Survey |
| 9 | Installation Charges | As per site Survey |
| 10 | AMC for 5 years | As per site Survey |
| 11 | Buy back of Old Materials | |

By Order of Collector
Sd./-District Welfare Officer, Koraput
OIPR-26036/11/0001/2526

## ଓଡ଼ିଶା ସରକାର
## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
**ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଆବେଦନର ପରିବର୍ଦ୍ଧିତ ସମୟସୀମା**

No.V- ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ଓଡ଼ିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲରେ (ODISHA STATE SCHOLARSHIP PORTAL) ମାଧ୍ୟମରେ ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କର ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଆବେଦନର ସମୟସୀମା ବୃଦ୍ଧି କରାଯାଇଛି । ପରିବର୍ଦ୍ଧିତ ତାରିଖଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଗଲା ।

**ପରିବର୍ଦ୍ଧିତ ସମୟସୀମା**

| କ୍ରମିକ ସଂଖ୍ୟା | ସ୍ତର | ପୂର୍ବ ଧାର୍ଯ୍ୟ ତାରିଖ | ପରିବର୍ଦ୍ଧିତ ସମୟସୀମା |
|---|---|---|---|
| ୧ | ବିଦ୍ୟାଳୟ ପାଇଁ ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ | ୧୬.୧୨.୨୦୨୫ | ୩୧.୦୧.୨୦୨୬ |
| ୨ | ସମ୍ପୃକ୍ତ ମଞ୍ଜୁରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବେଦନଗୁଡ଼ିକର ଅନ୍‌ଲାଇନ୍ ମଞ୍ଜୁରିର ଶେଷ ତାରିଖ | ୧୫.୦୧.୨୦୨୬ | ୧୫.୦୨.୨୦୨୬ |

ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ନବମ ଏବଂ ଦଶମ ଶ୍ରେଣୀରେ ଅଧ୍ୟୟନରତ ଯୋଗ୍ୟ ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରଛାତ୍ରୀମାନଙ୍କ ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ନିମ୍ନଲିଖିତ ୟୁଆର୍‌ଏଲ୍‌କୁ (URL) http://www.scholarship.odisha.gov.in କୁ ଯାଇ ଆବେଦନ କିମ୍ବା ନବୀକରଣ କରନ୍ତୁ ।

ସ୍ୱା./- ନିର୍ଦ୍ଦେଶକ, ଅନୁସୂଚିତ ଜାତି କଲ୍ୟାଣ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
OIPR-26001/11/0031/2526

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୨୧୯୫୨ IND–II–PH–୧୨୯୨ ତା.୧୧.୧୨.୨୦୨୫
No. CAD-2695

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କନପାଲା ସାମିଲ ମହୁଲପାଳ ବାଲୁକା ଖଣି, ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର ଭୁବନ ତହସିଲ ଅନ୍ତର୍ଗତ କନପାଲା ସାମିଲ୍ ମହୁଲପାଳ ଗ୍ରାମର ଖାତା ନମ୍ବର-୪୫୨, ପ୍ଲଟ ନମ୍ବର-୪୨୬୫, ୪୨୬୬ ଓ ୪୨୬୭ଠାରେ ୨୪.୬୩ ଏକର/ ୯.୯୬୭ ହେକ୍ଟର ବିଶିଷ୍ଟ ଅଞ୍ଚଳରେ ପ୍ରତି ବର୍ଷ ୨୫,୦୦୦ କ୍ୟୁବିକ୍ ମିଟର ବ୍ରାହ୍ମଣୀ ନଦୀରେ ବାଲୁକା ଖନନ ପ୍ରକଳ୍ପ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [(State Environment Impact Assessment Authority (SEIAA)], ଓଡ଼ିଶାଙ୍କ (ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ) ଦ୍ୱାରା ପରିବେଶୀୟ ମଞ୍ଜୁରୀ ଅନ୍ତର୍ଗତ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ.ଓ.୧୫୩୩(ଇ), ତା.୧୪.୦୯.୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତାହା ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜିକୃତ ବା ଅଣପଞ୍ଜିକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା.୨୧.୦୧.୨୦୨୬ ରିଖ ଦିବା ୧୧.୦୦ ଘଟିକା ସମୟରେ ଢେଙ୍କାନାଳ ଜିଲ୍ଲାର କନପାଲା ସାମିଲ ମହୁଲପାଳ ଗ୍ରାମର ନୂଆପାଣି ଟାଙ୍କି ନିକଟରେ ଥିବା ପଡିଆଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧.ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଢେଙ୍କାନାଳ** ।
୨.ଜିଲ୍ଲା ଶିଳ୍ପ କେନ୍ଦ୍ର, **ଢେଙ୍କାନାଳ** ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଢେଙ୍କାନାଳ** ।
୪.ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨ ।
୫.ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଅନୁଗୁଳ ।
୬.ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବସାଇଟ୍ https://ospcboard.odisha.gov.in ରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

ସଦସ୍ୟ ସଚିବଙ୍କ ଆଦେଶ ଅନୁଯାୟୀ
ସ୍ୱା./-ଅତିରିକ୍ତ ମୁଖ୍ୟ ପରିବେଶ ଯନ୍ତ୍ରୀ
OSPCB-PH-MISC-0054-2025/01/2025 OIPR-08012/11/0388/2526


See Career Appointment on every Wednesday & Saturday

**୨୫ରେ ତ୍ରିଧାରା ସାଂସ୍କୃତିକ ପରିଷଦର ବାର୍ଷିକୋତ୍ସବ**

ବେଗୁନିଆ (ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ତୃପ୍ତି କଲ୍ୟାଣ ମଣ୍ଡପ ପରିସରରେ ତ୍ରିଧାରା ସାଂସ୍କୃତିକ ପରିଷଦର ତୃତୀୟ ବାର୍ଷିକ ଉତ୍ସବ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର କବି କବୟିତ୍ରୀମାନେ ଯୋଗଦେଇ ସ୍ୱରଚିତ କବିତା ପାଠ ଏବଂ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

## ସଂକ୍ଷେପରେ

### ୬୯ ଛାତ୍ରୀଛାତ୍ରଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

**ଟାଙ୍ଗୀ,୧୬।୧୨(ରଘୁନାଥ ସାହୁ):** ସରକାରୀ ବିଦ୍ୟାଳୟରେ ନ୍ୟାଶନାଲ ହେଲ୍‌ଥ ମିଶନ ଆନୁକୂଲ୍ୟରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ପ୍ରତ୍ୟେକ ବର୍ଷ ଅଧ୍ୟୟନରତ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅଧିକ ଚିକିତ୍ସା ଆବଶ୍ୟକ ଥିବା ପିଲାଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ମାଗଣାରେ ଯୋଗାଇ ଦିଆଯାଇଥାଏ। ଏହିକ୍ରମରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା.ଶ୍ରୀନାଥ ମହାପାତ୍ର, ଡା.ଗାୟତ୍ରୀ ସେନ, ଷ୍ଟାଫ ନର୍ସ ସ୍ୱର୍ଣ୍ଣଲତା ସାହୁ ଯୋଗଦେଇ ମୋଟ ୬୯ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତନ୍ମଧ୍ୟରୁ ୭ ଜଣଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାପାଇଁ ପରାମର୍ଶ ଦିଆଯାଇଛି। ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ମନୋରମା ସାହୁ, ରୂପାଲୀ ପାତ୍ର, ବୀଣାପାଣି ମଣ୍ଡଳ, ଗାୟତ୍ରୀ ବିଶ୍ୱାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**କୃଷ୍ଣପ୍ରସାଦ,୧୬।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ଶିକ୍ଷା ସର୍କଲ ପକ୍ଷରୁ ଗତ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମା' ନଟା ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ସଭାରେ ମାଲୁଦ ଶିକ୍ଷା ସର୍କଲ ସଭାପତି ବିମଳ କୁମାର ରଣସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆର୍‌ସିସି ସିଦ୍ଧେଶ୍ୱର କରଣ, ଶିକ୍ଷାବିତ୍ ବ୍ରଜକିଶୋର ଗୌଡ଼, ଶିକ୍ଷା ସର୍କଲ ସମ୍ପାଦକ ଦାଶରଥି ପଡ଼ିଆରୀ, ସିଆର୍‌ସିସି ସୁକାନ୍ତ କୁମାର ଜେନା, ସତ୍ୟବାଦୀ ବିଶ୍ୱାଳ, ବିଭୂତି ଦଳବେହେରା, ପ୍ରଶାନ୍ତ ନାୟକ, ରମାକାନ୍ତ ଜେନା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ସର୍କଲ ସମ୍ପାଦକ ପଡ଼ିଆରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ବିଦ୍ୟାଧର ପ୍ରଧାନ ଜେନା ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ବିଦାୟୀ ଶିକ୍ଷକ ଅଜୟ କୁମାର ଦଳବେହେରା, ମନୋଜ କୁମାର ପଟ୍ଟନାୟକ, ଅମିନ ନାୟକ, ପଦ୍ମଚରଣ ଦାଶ, ସୁବାସ ଚନ୍ଦ୍ର ମହାରଣା, ଅର୍ଜୁନ ବେହେରା, ଶରତ ମହାପାତ୍ରଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାଲୁଦ ଶିକ୍ଷା ସର୍କଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି

**ବେଗୁନିଆ,୧୬।୧୨(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆସ୍ଥିତ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। ଶତବାର୍ଷିକୀ ପାଳନ କମିଟିର ସଭାପତି ତଥା ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି ମାୟାଧର ମାର୍ଥାଙ୍କ ସମେତ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଶତବାର୍ଷିକୀ ଉତ୍ସବ ଧୁମଧାମରେ ପାଳନ କରିବା ପାଇଁ ମତାମତ ରଖିଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିବା ବେଳେ ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମହୋତ୍ସବ କଳା, ସଂସ୍କୃତିକୁ ଉଜ୍ଜୀବିତ କରିଥାଏ

## ଖୋର୍ଦ୍ଧା ମହୋତ୍ସବ ଉଦ୍‌ଘାଟିତ

**ଖୋର୍ଦ୍ଧା,୧୬।୧୨(ପ୍ରଭାତ ପାଣିଗ୍ରାହୀ)**

ସାମାଜିକ ଅନୁଷ୍ଠାନ ନ୍ୟୁ ଥିଙ୍କିଙ୍ଗ ଫୋରମ ପକ୍ଷରୁ ମଙ୍ଗଳବାର ୨୬ତମ ଖୋର୍ଦ୍ଧା ମହୋତ୍ସବ ଆରମ୍ଭ ହୋଇଛି। ଏହି ମହୋତ୍ସବକୁ ସମବାୟ ମନ୍ତ୍ରୀ ତଥା ଜିଲା ପ୍ରଭାରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ସାମନ୍ତ ଖୋର୍ଦ୍ଧା ମାଟିର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ମହୋତ୍ସବ କଳା, ସଂସ୍କୃତିକୁ ଉଜ୍ଜିବୀତ କରିଥାଏ। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସ୍ୱାଗତ ଭାଷଣରେ ଖୋର୍ଦ୍ଧାର ଇତିହାସ, ସଂସ୍କୃତି ପରମ୍ପରା ସମ୍ପର୍କରେ କହିଥିଲେ। ଅନୁଷ୍ଠାନର ସଭାପତି ପୂର୍ବତନ ବିଧାୟକ ଡ.ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମହୋତ୍ସବରେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲାପାଳ ଅମ୍ରିତ୍ ଋତୁରାଜ, ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଫୋରମ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ବିବରଣୀ ପାଠ କରିଥିଲେ। ଏହି ମହୋତ୍ସବରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲାଯାଇଛି। ପ୍ରଥମ ଦିବସ ସାଂସ୍କୃତିକ ସନ୍ଧ୍ୟା ଖୋର୍ଦ୍ଧା ମାଟିର ଅସ୍ମିତା ପାଇକ ଆଖଡ଼ାରୁ ଆରମ୍ଭ ହୋଇଥିଲା। ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା।



ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଖୋର୍ଦ୍ଧା ମହୋତ୍ସବ ଉଦ୍‌ଘାଟନ କରୁଛନ୍ତି।

# ପ୍ରେମ କରିଥିବା ମଣିଷ ହିଁ ପରିବର୍ତ୍ତନ ପାଇଁ ବିପ୍ଳବ ସୃଷ୍ଟି କରେ



**ଭୁବନେଶ୍ୱର,୧୬।୧୨(ସୌମ୍ୟରଞ୍ଜନ ରାଉତ)**

## 'ଓଡ଼ିଆ ଅସ୍ମିତାର ପରିଚୟ ଅ ରୁ କ୍ଷ' ଶୀର୍ଷକ ସ୍ତମ୍ଭ ଆଲେଖ୍ୟ ପ୍ରଦର୍ଶନୀ

ଗଣମାଧ୍ୟମଗୁଡ଼ିକରେ ବିଭିନ୍ନ ସ୍ତମ୍ଭକାରଙ୍କ ଆଲେଖ୍ୟରେ ଯେତେବେଳେ ପ୍ରେମ ଓ ବିପ୍ଳବର ସମନ୍ୱୟ ରହେ, ସେତେବେଳେ ଯୁବ ସମାଜ ତାକୁ ଅନୁଶୀଳନ କରି ନୂତନ ସମାଜ ସୃଷ୍ଟି ପାଇଁ ଆଗଭର ହୁଏ ବୋଲି ବିଦ୍ୟା ଫାଉଣ୍ଡେଶନ୍ ପକ୍ଷରୁ 'ଓଡ଼ିଆ ଅସ୍ମିତାର ପରିଚୟ ଅ ରୁ କ୍ଷ' ଶୀର୍ଷକ ସ୍ତମ୍ଭ ଆଲେଖ୍ୟ ପ୍ରଦର୍ଶନୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ବୁଦ୍ଧମନ୍ଦିର ପରିସରରେ ସ୍ତମ୍ଭକାର ପ୍ରହ୍ଲାଦ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଂଜନ ଯୋଗଦେଇ କହିଥିଲେ, ପ୍ରେମ କରିଥିବା ମଣିଷ ହିଁ ପରିବର୍ତ୍ତନ ପାଇଁ ବିପ୍ଳବ ସୃଷ୍ଟି କରିପାରେ। ଭଗବାନ ଶ୍ରୀକୃଷ୍ଣ କେବଳ ଗୋପୀ ନାରୀଙ୍କ ବଂଶୀଧାରୀ ପ୍ରେମିକ ନ ଥିଲେ, ସେ ହିଁ ମହାଭାରତର ଚକ୍ରୀ ଥିଲେ। ଗ୍ରୀସ୍‌ରେ ଆଗାଥନ୍, ସକ୍ରେଟିସ୍, ପ୍ଲାଟୋଙ୍କ ସାନ୍ଧ୍ୟ ଆମିଳନୀରେ ପ୍ରେମ ହିଁ ଏକମାତ୍ର ଶକ୍ତି, ଯାହା ସମଗ୍ର ବିଶ୍ୱକୁ ବିଜୟ କରିବାକୁ ସମର୍ଥ ବୋଲି ଘୋଷଣା ଉଲ୍ଲେଖ କରି ସ୍ତମ୍ଭକାରଙ୍କର ସୃଷ୍ଟି ସମାଜକୁ ଦିଗ୍‌ଦର୍ଶନ ଦିଏ ବୋଲି କହିଥିଲେ। ସେହିପରି ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ନୂଆ ପୀଢ଼ି ସ୍ତମ୍ଭ ଆଲେଖ୍ୟ ପଢ଼ୁ ଓ ତର୍ଜମା କରି ସାହସର ସହ ପ୍ରଶ୍ନ କରି ଶିଖୁ ବୋଲି କହିଥିଲେ। ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ନିଜ ଅପମାନର ଆକ୍ରୋଶ ଓ ନିଷ୍ପ୍ରଭ ବୁଦ୍ଧିଜୀବୀ ଏବଂ ଦିଗହରା ସମାଜ ଉଲ୍ଲେଖ କରି ସାଧନା ଗଭୀର ଅଧ୍ୟବସାୟ ବିନା ସଫଳ ଉଚ୍ଚକୋଟୀର ପାଠକଙ୍କୁ ଆକୃଷ୍ଟ କରିବା ଭଳି ସ୍ତମ୍ଭ ଲେଖିବା ସମ୍ଭବ ନୁହେଁ ବୋଲି କହିଥିଲେ। ଅତୀତରେ ଉତ୍କଳମଣି ଗୋପବନ୍ଧୁ ଏବଂ ଉତ୍କଳ ଗୌରବ ମଧୁସୁଦନ ପ୍ରମୁଖ ଉଭୟ ଇଂଲିଶ ଓ ଓଡ଼ିଆ ଭାଷାରେ ଜ୍ଞାନ ଓ ଦକ୍ଷତା ଅର୍ଜନ କରି କଳଜୟୀ ଆଲେଖ୍ୟ ଦେଇଥିଲେ। ହରେକୃଷ୍ଣ ମହତାବଙ୍କ ଗାଁ ମଜଲିସ ଓ ରାଧାନାଥ ରଥଙ୍କ ଝିଟିପିଟି କହେ ପଢିବାକୁ ଲୋକେ ଚାତକ ଭଳି ଚାହିଁ ରହୁଥିଲେ ବୋଲି ସେ ପ୍ରକାଶ କରିଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ସ୍ତମ୍ଭକାରମାନେ ଶାସକଙ୍କୁ ସତର୍କ କରାଇବା ସହ ଓ ନାଗରିକଙ୍କୁ ସମସ୍ୟା ଓ ଅଧିକାର ବାବଦରେ ସଚେତନ କରିବାର ଗୁରୁଦାୟିତ୍ୱ ନେଇଥାନ୍ତି। ଯୁବତୀ ଯୁବକମାନେ ଆଲେଖ୍ୟ ପଢନ୍ତୁ ଓ ଚର୍ଚ୍ଚା କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ସ୍ତମ୍ଭ ହେଉଛି ସମ୍ବାଦପତ୍ରର ଦମ୍ଭ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଲୋକସେବକ ମଣ୍ଡଳ ଉପସଭାପତି ଦୀପକ ମାଲବ୍ୟ, ପ୍ରଗତିବାଦୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବୈଦ୍ୟୁତିକ ଗଣମାଧ୍ୟମ ଆଙ୍କର ଇତିଶ୍ରୀ ନାୟକ ଓ ସ୍ତମ୍ଭକାର ଗାର୍ଗୀ ଶତପଥିଙ୍କୁ 'ଲେଖନୀ ଧାରା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେଶନ୍‌ର ଅଧ୍ୟକ୍ଷା ଡା. ସୁଦୀପ୍ତା ହୋତା ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ସିମନ୍ତିନୀ ଜେନା ଓଡ଼ିଆ ଅସ୍ମିତା ଓ ସ୍ତମ୍ଭ ଆଲେଖ୍ୟ ଏବଂ ସଂଗଠକ ଦେବୀପ୍ରସାଦ ପୃଷ୍ଟି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଙ୍ଗୀତା ଦାସ ଧନ୍ୟବାଦ ଦେଇଥିଲେ।

# ଖଣ୍ଡଗିରି, ଉଦୟଗିରିର ହେବ ବିକାଶ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଖଣ୍ଡଗିରି ଓ ଉଦୟଗିରିର ସମନ୍ୱିତ ପର୍ଯ୍ୟଟନ ବିକାଶ ପାଇଁ ପ୍ରସ୍ତାବିତ ପ୍ରକଳ୍ପର ସ୍ଥିତି ସମୀକ୍ଷା କରୁଛନ୍ତି।

**ଭୁବନେଶ୍ୱର,୧୬।୧୨ (ସୌମ୍ୟରଞ୍ଜନ ରାଉତ)**

## ଭୁବନେଶ୍ୱର ଦେଶର ଅଗ୍ରଣୀ ଐତିହ୍ୟ, ସାଂସ୍କୃତିକ ପର୍ଯ୍ୟଟନ ଭାବେ ସୁଦୃଢ଼ ହେବ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଖଣ୍ଡଗିରି ଓ ଉଦୟଗିରିର ସମନ୍ୱିତ ପର୍ଯ୍ୟଟନ ବିକାଶ ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ବ୍ୟାପକ ସମୀକ୍ଷା କରିଛନ୍ତି। ଐତିହ୍ୟ ସଂରକ୍ଷଣ ଏବଂ ଭିତ୍ତିଭୂମି ବିକାଶ ହେଉଛି ସମୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ। ସମୀକ୍ଷା ସମୟରେ ଉପମୁଖ୍ୟମନ୍ତ୍ରୀ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଦ୍ୱାରା ଖଣ୍ଡଗିରି ଓ ଉଦୟଗିରି ଚାରିପାଖରେ ପ୍ରସ୍ତାବିତ ସାଧାରଣ ସୁବିଧା, ପ୍ରବେଶ ସୁବିଧା, ବ୍ୟାଖ୍ୟା ଓ ସହରୀୟ ସମନ୍ୱୟ ସମ୍ବନ୍ଧୀୟ କାର୍ଯ୍ୟଯୋଜନାର ମୂଲ୍ୟାଙ୍କନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ, ଖଣ୍ଡଗିରି ଓ ଉଦୟଗିରିର ସମନ୍ୱିତ ବିକାଶ ପର୍ଯ୍ୟଟକ ଅନୁଭୂତିକୁ ଗୁଣାତ୍ମକ ଭାବେ ବଢ଼ାଇବା ସହ ସହରୀକରଣ ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଭୁବନେଶ୍ୱରକୁ ଦେଶର ଏକ ଅଗ୍ରଣୀ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ସୁଦୃଢ଼ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏନେଇ ପ୍ରକଳ୍ପର ଆନୁମାନିକ ବ୍ୟୟ ପ୍ରାୟ ୫୨ କୋଟି ଟଙ୍କା ରହିଥିବା ସୂଚନା ମିଳିଛି। ଏହି ସମୀକ୍ଷା ସମୟରେ ବିଧାୟକ ବାବୁ ସିଂ, ପର୍ଯ୍ୟଟନ ବିଭାଗର କମିଶନର ବଲୱନ୍ତ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସାମାଜିକକର୍ମୀ ଜଗନ୍ନାଥ ପ୍ରଧାନ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଏବଂ କର୍ପୋରେଟରମାନେ ଉପସ୍ଥିତ ଥିଲେ।

# ମଦ୍ରାସା ଇସ୍‌ଲାମିଆରୁ ବିଦ୍ୟୁତ୍ ସଂଯୋଗ କଟିଲା

## ବିଦ୍ୟୁତ୍ ଚୋରି ଅଭିଯୋଗ

**ବାଣପୁର,୧୬।୧୨(ଦିଲୀପ କୁମାର ସ୍ୱାଇଁ)**

ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ତଥା ବିଦ୍ୟୁତ୍ ଚୋରି ଅଭିଯୋଗରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୯ ନମ୍ବର ୱାର୍ଡରେ ଥିବା ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ମଦ୍ରାସା ଇସ୍‌ଲାମିଆରେ ଟିପିସିଓଡିଏଲ୍ ପକ୍ଷରୁ ଚଢ଼ାଉ ପରେ ଉକ୍ତ ଅନୁଷ୍ଠାନ ଏବଂ ଏଠାରୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ୩ଟି ଦୋକାନରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ଏ ସମ୍ପର୍କରେ ବାଲୁଗାଁ ଡିଭିଜନ ଏସ୍‌ଡିଓ ଦିଲୀପ କୁମାର ମାଝୀ କହିଛନ୍ତି, ଏହି ବେଆଇନ ବିଦ୍ୟୁତ୍ କାରବାର ସମ୍ପର୍କରେ ଅଭିଯୋଗ ପାଇ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରିଥିଲା। ମଦ୍ରାସାର ବିଦ୍ୟୁତ୍ ସଂଯୋଗର କୌଣସି କାଗଜପତ୍ର ନ ଥିବା ଏବଂ ବେଆଇନ ଭାବେ ୩ଟି ଦୋକାନଘରକୁ ବିଦ୍ୟୁତ୍ ସଂଯୋଗ ଅଭିଯୋଗରେ ୧୩୫ ବିଦ୍ୟୁତ୍ ଧାରା ଅନୁଯାୟୀ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ସହ ଓଇଆର୍‌ସି ନିୟମ ଅନୁଯାୟୀ ଫାଇନ କରାଯିବ। ଫାଇନ ଆଦାୟ ପରେ ବିଦ୍ୟୁତ୍ ସଂଯୋଗ ଦିଆଯିବ, ହେଲେ ଦୋକାନଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯିବନାହିଁ।

# ସେମିଫାଇନାଲରେ ଅହମଦିଆନ କ୍ଲବ୍ କେରଙ୍ଗ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ବୋଲଗଡ଼,୧୬।୧୨(ଦେବବ୍ରତ ହୋତା)**

## ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ବୋଲଗଡ଼ ଫ୍ରେଣ୍ଡସ କ୍ଲବ୍ ଆନୁକୂଲ୍ୟରେ ବାମନ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଚତୁର୍ଥ କ୍ୱାର୍ଟରଫାଇନାଲ ମ୍ୟାଚରେ ଟାଇବ୍ରେକରରେ ଆୟୋଜକ ଫ୍ରେଣ୍ଡସ କ୍ଲବକୁ ୪-୩ ଗୋଲରେ ହରାଇ ଖୋର୍ଦ୍ଧା କେରଙ୍ଗର ଅହମଦିଆନ କ୍ଲବ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫରି ଭାବେ ଏମ୍.ଏସ୍ ବେଗ୍ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ଲକ୍ଷ୍ମୀଧର ଚୌଧୁରୀ ଏବଂ ବୈକୁଣ୍ଠ ମହାପାତ୍ର ସହଯୋଗ କରିଥିଲେ। ଚତୁର୍ଥ ରେଫରି ଭାବେ ଭଞ୍ଜକିଶୋର ଯତି ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ସାମାଜିକକର୍ମୀ ବାସୁଦେବ ସାହୁ, ଶିଳ୍ପପତି ଭାଗ୍ୟଧର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଲଲାଟେନ୍ଦୁ କେଶରୀ ସିଂ, ଅଶ୍ୱିନୀ ପଟ୍ଟନାୟକ, ରାକେଶ ମହାପାତ୍ର, ଜିତେନ୍ଦ୍ର ମାର୍ଥା, ବାବୁ ସିଂଙ୍କ ସମେତ ଫ୍ରେଣ୍ଡସ କ୍ଲବ ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖୋର୍ଦ୍ଧା ପାଇକତିଗିରିଆର ଏଜେ କ୍ଲବ ଏବଂ ଖଣ୍ଡପଡ଼ା ବାଇଗୁଣିଆର ୱାଇଏସ୍‌ସି, ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ନୟାଗଡ଼ ଇଟାମାଟିର ଯଦୁମଣି କ୍ଲବ୍ ଏବଂ ଖୋର୍ଦ୍ଧା କେରଙ୍ଗର ଅହମଦିଆନ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ନିଶା କାରବାର, ଗୋ ଚାଲାଣ ରୋକିବା ଉପରେ ଗୁରୁତ୍ୱ



ଥାନା ଅଧିକାରୀ ସୁକାନ୍ତ କୁମାର ଦଳେଇଙ୍କୁ ସ୍ୱାଗତ କରାଯାଉଛି।

**ବୋଲଗଡ଼,୧୬।୧୨(ଦେବବ୍ରତ ହୋତା)**

ବୋଲଗଡ଼ର ନୂତନ ଥାନା ଅଧିକାରୀଭାବେ ସୁକାନ୍ତ କୁମାର ଦଳେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ମଙ୍ଗଳବାର ତାଙ୍କୁ ବିଭିନ୍ନ ସଙ୍ଗଠନ ଓ କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭଏସ ଅଫ୍ ମିଡିଆ ବୋଲଗଡ଼ ଶାଖା ପକ୍ଷରୁ ସଭାପତି ନିରଞ୍ଜନ ନାୟକ, ଉପସଭାପତି ଅବଦୁଲ ଖଲିକ ଖାଁ, ସମ୍ପାଦକ ସତ୍ୟ ନାରାୟଣ ବାରିକ, ସହ ସମ୍ପାଦକ ନିରଞ୍ଜନ ସେଠୀ, ଉପଦେଷ୍ଟା ପ୍ରଫୁଲ୍ଲ ସିଂହ, ଦୀପକ ପାହାଡସିଂ, ସୁଶାନ୍ତ ପ୍ରଧାନ, ଅଶୋକ ପ୍ରଧାନଙ୍କ ସହ ବଜରଙ୍ଗ ଦଳ କର୍ମକର୍ତ୍ତା ମୁକେଶ ସାମନ୍ତରାୟ ଓ ଅନ୍ୟମାନେ ପହଞ୍ଚି ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ସ୍ଥାନୀୟ ଅଞ୍ଚଳରେ ବଢ଼ିଚାଲିଥିବା ନିଶା କାରବାର ଏବଂ ଗୋ ଚାଲାଣ ରୋକିବା ପାଇଁ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ।

# ମହାପ୍ରଭୁଙ୍କୁ ଲାଗି ହେଲା ପହିଲି ଭୋଗ

**ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଧନୁ ସଂକ୍ରାନ୍ତି ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଏହି ପହିଲି ଭୋଗ ନୀତି ଦୀର୍ଘ ୧ମାସ ଅର୍ଥାତ ମକର ସଂକ୍ରାନ୍ତି ପୂର୍ବଦିନ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରୀମନ୍ଦିରରେ ପହିଲି ଭୋଗ ନୀତିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ପରମ୍ପରା ଅନୁଯାୟୀ, ଗୋପଳ ବଲ୍ଲଭ ଅବସରରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଇଛି। ରାତିରୁ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ମହାପ୍ରଭୁଙ୍କ ବିଭିନ୍ନ ନୀତିକ୍ରାନ୍ତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପହିଲି ଭୋଗକୁ ଦୃଷ୍ଟିରେ ରଖି ରାତି ୨ଟାରୁ ଦ୍ୱାର ଫିଟାଯାଇ ମହାପ୍ରଭୁଙ୍କ ନୀତିକ୍ରାନ୍ତି କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ପହିଲି ଭୋଗର ପ୍ରଥମ ଦିନ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି। ଭୋର ୪ଟା ୨୦ରେ ଶ୍ରୀମନ୍ଦିର ଦ୍ୱାରଫିଟା ଯାଇ ଭିତରଶୋଧ ୫ଟା, ମଙ୍ଗଳଆଳତୀ ୫ଟା ୦୫, ମଇଲମ ୫ଟା ୧୦, ତଡ଼ପଲାଗି ୫ଟା ୩୦, ଅବକାଶ ପୂଜା ୫ଟା ୫୦ରୁ ୬ଟା ୧୦, ମଇଲମ ୬ଟା ୧୫, ରୋଷହୋମ ୬ଟା ୨୦, ବେଶ ଶେଷ ୭ଟା ୨୦, ସୂର୍ଯ୍ୟପୂଜା ୭ଟା ୪୦, ଦ୍ୱାରପାଳ ପୂଜା ୮ଟା, ଗୋପାଳବଲ୍ଲଭ ଓ ପହିଲିଭୋଗ ଡାକିଗଲେ ୮ଟା ୦୫, ପହିଲିଭୋଗ ଛେକ ୮ଟା୧୫, ବୟ ଆସିବା ୮ଟା୧୫, ପହିଲିଭୋଗ ପୂଜା ୮ଟା ୨୦ ଏବଂ ପହିଲିଭୋଗ ପୂଜାଶେଷ ୭ଟା ୩୦ରେ ଶେଷ ହୋଇ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପହିଲି ଭୋଗରେ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ ତଥା ବଡ଼ଝିଲି, ସାନ ବଡ଼ା, ବଡ଼ବଡ଼ା, କାକେରା, ଅମାଲୁ, ଏଣ୍ଡୁରି, ମୁଗେଇ, ଚଢ଼େଇ ନଦା, ଲଡ୍ଡୁ, ବଡି, ଗଇଁଠା, ମଣ୍ଡା ଓ ଖଇର ଚୁଳ ପରି ୨୩ରୁ ଊର୍ଦ୍ଧ୍ୱ ପ୍ରକାରର ଭୋଗ ଲାଗି ହୋଇଥାଏ।

# ଗାଁ ହାଟ, ଖାଦ୍ୟମେଳାର ମଜାନେଲେ ଛାତ୍ରୀଛାତ୍ର

**ଖୋର୍ଦ୍ଧା,୧୬।୧୨(ପ୍ରଭାତ ପାଣିଗ୍ରାହୀ)**

## ଜିଲାସ୍ତରୀୟ କ୍ୟାମ୍ପୋରୀ ଦ୍ୱିତୀୟ ଦିବସ

ଖୋର୍ଦ୍ଧା ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଚାଲିଛି ୨୭ତମ ଜିଲାସ୍ତରୀୟ କ୍ୟାମ୍ପୋରି। ମଙ୍ଗଳବାର ଦ୍ୱିତୀୟ ଦିବସରେ ପିଲାମାନଙ୍କ ମଧ୍ୟରେ ଦୁଃସାହସିକ ଶାରୀରିକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ପିଲାମାନେ ବିଭିନ୍ନ ଶାରୀରିକ ସମରକଳା ପ୍ରଦର୍ଶନ କରିଥିଲେ। ସକାଳେ ପ୍ରଥମେ ଧ୍ୱଜା ଅବତରଣ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ତଥା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଜିଲା ମୁଖ୍ୟ କମିଶନର ସୋନାମିକା ରାୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲା କମିଶନର ଦିବାକର ପଟ୍ଟନାୟକ କୌଶଳ କାର୍ଯ୍ୟକ୍ରମ ଅଭ୍ୟାସ କରାଇଥିଲେ। ପରେ ବିଭିନ୍ନ ପ୍ରକାର ଦୁଃସାହସିକ କ୍ରୀଡ଼ା ଛାତ୍ରୀଛାତ୍ରମାନେ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୀତବାସ ପଟ୍ଟନାୟକ ପରିଚାଳନା କରିଥିଲେ। ସ୍କାଉଟ୍ସ ମାଷ୍ଟର ପ୍ରକାଶ ଚନ୍ଦ୍ର ପଲେଇ, ବିଚିତ୍ରାନନ୍ଦ ମହାନ୍ତି, ଆଲୋକ ପ୍ରଧାନ, ଗୁରୁପ୍ରସାଦ ସାହୁ ସହଯୋଗ କରିଥିଲେ। ରମେଶ କୁମାର ବଳବନ୍ତରାୟଙ୍କ ଦ୍ୱାରା କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମାନସ କୁମାର ଶତପଥୀ, ବାସୁଦେବ ସାହୁ, ଲିଟୁ ଭୂୟାଁ ଏବଂ ବେଣୁଧର ପ୍ରଧାନ ସହଯୋଗ କରିଥିଲେ। ଅପରାହ୍ନରେ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀରେ ସ୍କାଉଟ୍ସ ଗାଇଡ୍ସମାନେ ପୁରୁଣା ସାମଗ୍ରୀ ଯଥା ମୁଦ୍ରା, ତାଳପତ୍ର ପୋଥି, ଅସ୍ତ୍ରଶସ୍ତ୍ର, ପାରମ୍ପରିକ ସାମଗ୍ରୀ ପ୍ରଦର୍ଶିତ କରିଥିଲେ। ଜିଲା ସ୍କାଉଟ୍ସ ଓ ଗାଇଡ୍ସ ସମ୍ପାଦକ ସୁଧାକର ମହାପାତ୍ରଙ୍କ ନେତୃତ୍ୱରେ ଗାଁ ହାଟ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳରେ ମିଳୁଥିବା ଆଞ୍ଚଳିକ ଜିନିଷକୁ ସୁଲଭ ଦରରେ କିଣିବାର ସୁଯୋଗ ସୃଷ୍ଟି କରାଯାଇଥିଲା। ଶ୍ରୀଅନ୍ନ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ, ମଟର ସୁପ୍, ଖଟାମିଠା ପାମ୍ପୁଡି ଚାଟ୍ ଓ ବିଭିନ୍ନ ପାରମ୍ପରିକ ଖାଦ୍ୟର ପସରା ଛାତ୍ରୀଛାତ୍ର ଖୋଲିଥିଲେ। ଏହାପରେ ସ୍କିଲୋ ରାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଏଥିରେ ସ୍କାଉଟ୍ସ ଓ ଗାଇଡ୍ସମାନେ ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁରୁ ଘରକରଣା ଓ ଘରସଜ୍ଜା ଜିନିଷ ମାଟି, ଝୋଟ, କତା, ତାଳପତ୍ର, କାଶୀ, ବାଉଁଶ ପାତିଆ, ପଥରରୁ ତିଆରି ଖେଳନା ଓ ମୂର୍ତ୍ତି ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମକୁ ସ୍କାଉଟ୍ସ ମାଷ୍ଟର ବିଭୁ ପ୍ରସାଦ ସେନାପତି, ସୁବାସ ଚନ୍ଦ୍ର ରାୟ, ମାନସ ବେହେରା, ଭାଗବତ ପାଣ୍ଡେ, ତିଲୋତ୍ତମା ଜେନା, ଆଶିଷ ବିଶ୍ୱାଳ, ଧ୍ରୁବ ଚରଣ ଘଡ଼େଇ, ଲୋକନାଥ ପୃଷ୍ଟି, ଦେବେନ୍ଦ୍ର ଦାସ, ଗତିକୃଷ୍ଣ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ପ୍ରତିଯୋଗିତାକୁ ମଣ୍ଡଳ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ, ସନାତନ ଜାଲି, ଯୋଗେଶ୍ ଚନ୍ଦ୍ର ସାମନ୍ତସିଂହାର, ଅତିରିକ୍ତ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା, ବିଜୟ ବେହେରା, ଆଗାଧୁ ଚରଣ ସେଠୀ ବିଚାରକଭାବେ କାର୍ଯ୍ୟ ତଦାରଖ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଶିବିରାଗ୍ନି ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସହଯୋଗ କରିଥିଲେ।



ଜିଲାସ୍ତରୀୟ କ୍ୟାମ୍ପୋରୀ ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଖାଦ୍ୟମେଳା।

**ଆବର୍ଜନା କରୁଥିବା ପ୍ରତିଷ୍ଠାନ ଉପରେ ଚଢ଼ାଉ: ଲକ୍ଷାଧିକ ଟଙ୍କାର ଜରିମାନା**

ଭୁବନେଶ୍ୱର,(ଅନୁରାଧା ମହାରଣା): ୟୁନିଟ-୪ ମାଛ ମାର୍କେଟ ଓ ପାଖ ଅଞ୍ଚଳରେ ମଙ୍ଗଳବାର ସକାଳେ ବିଏମ୍‌ସି ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସମୟରେ କେତେକ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ମୁଖରେ ଅଳିଆ ଗଦାହୋଇ ରହିଥିବାରୁ ବିଏମ୍‌ସି ମେୟର ସୁଲୋଚନା ଦାସ ଚଢ଼ାଉ କରି ଜରିମାନା ଆଦାୟ ଲାଗି ନିର୍ଦ୍ଦେଶ ଦେଇଥିଲେ। ହୋଟେଲ, ଅଟୋ ୱାର୍କଶପ ସମେତ ୬ଟି ସଂସ୍ଥାକୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା କରାଯାଇଛି। ୟୁନିଟ-୪ ମସଜିଦ ନିକଟରେ ମିଳିଥିବା ପରିତ୍ୟକ୍ତ କାର ଏବଂ ବାଇକ ଜବତ କରାଯାଇଛି ।

## ସଂକ୍ଷେପରେ

### ବିଜୟ ଦିବସ ପାଳିତ

ବାଲିପାଟଣା,୧୬।୧୨(ଅଭିମନ୍ୟୁ ନାୟକ)

ଭେଟେରାନ୍ ସୋଲ୍‌ଜର ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଆଳିଶି ଶାସନସ୍ଥିତ ଗୋପୀନାଥ ଯୁବ ସଂଘ କାର୍ଯ୍ୟାଳୟ ପରିସରରେ ବିଜୟ ଦିବସ ପାଳିତ ହୋଇଯାଇଛି। ସଭାପତି ରାଜକିଶୋର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ, ସାମରିକ ଅଧିକାରୀ ଜଗବନ୍ଧୁ ବେହେରା, ମହେଶ୍ୱର ସେଠୀ, ଶଙ୍କର ବାରିକ୍, ରମେଶ ଚନ୍ଦ୍ର ଚଇନି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ୧୯୭୧ ବାଂଲାଦେଶ ଯୁଦ୍ଧରେ ସମ୍ମୁଖ ଭାଗରେ ରହି ଯୁଦ୍ଧ କରିଥିବା ସୈନିକମାନେ ସେମାନଙ୍କର ଅନୁଭୂତି ସମ୍ପର୍କରେ କହିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ଉପସ୍ଥାପନା ଏବଂ ଅଜୟ କୁମାର ଦାସ, ବିନୋଦ ବେହେରା, ଚିତ୍ତରଞ୍ଜନ ମିଶ୍ର, ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ବିଜୟ ଦିବସ ସମ୍ପର୍କରେ ବକ୍ତୃତା ଦେଇଥିଲେ। ଦୁଷ୍ମନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବିଧାୟକଙ୍କ ଦରମା, ଭତ୍ତା ବୃଦ୍ଧିକୁ ବିରୋଧ

ଭୁବନେଶ୍ୱର,୧୬।୧୨(ସୁଚିସ୍ମିତା ସାହୁ)

ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ନବନିର୍ମାଣ କୃଷକ ସଂଗଠନ ବିରୋଧ କରିଛି। ଏ ନେଇ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଏବଂ ଯୁବଛାତ୍ର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ମଙ୍ଗଳବାର ଲୋୟର ପିଏମଜିରେ ବିକ୍ଷୋଭ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇଛନ୍ତି। ଏହି ଅବସରରେ ଅମିତ ଜେନା, ବିଶ୍ୱଭୂଷଣ ମହାନ୍ତି ଏବଂ ଏମ୍.ଡ଼ି ମୁନାୱର ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ କହିଛନ୍ତି, ଗତ ନିର୍ବାଚନ ସମୟରେ ସରକାର ବାର୍ଦ୍ଧକ୍ୟ ଭତ୍ତା ୩,୦୦୦ ଟଙ୍କା ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ଏଯାବତ ପଦକ୍ଷେପ ନେଇନାହାନ୍ତି। ସେହିପରି ଚାଷୀ ସୁରକ୍ଷା ଭତ୍ତା ଦେବା ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ସରକାର ଏ ବିଷୟରେ ଚିନ୍ତା କଲେନାହିଁ। ଓଡ଼ିଶାରେ ୫୦ଲକ୍ଷ ଯୁବକ ଦାଦନ ଖଟିବାକୁ ଯାଉଥିବାବେଳେ ୧୨ ଲକ୍ଷ ଅଶିକ୍ଷିତ ଯୁବକ ଚାକିରି ନ ପାଇ ଏଣେତେଣେ ବୁଲୁଛନ୍ତି। ଏଭଳି ସ୍ଥଳେ ବିଧାୟକମାନେ ନିଜ ଭତ୍ତା ୩ଗୁଣ ବୃଦ୍ଧି କରିବା କେବଳ ରାଷ୍ଟ୍ରଦ୍ରୋହ ସଦୃଶ।

# ଘଟଣାସ୍ଥଳରେ ମହିଳା କମିଶନ ସଦସ୍ୟାଙ୍କ ତଦନ୍ତ

**ଦୟାନଦୀ ନିକଟରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା**

- ମାଷ୍ଟରମାଇଣ୍ଡ ଜେଲଫେରନ୍ତାଙ୍କୁ ପାଉନି ପୋଲିସ
- ପୋଲିସ ଚୁପ୍, ଅପାରଗତାକୁ ନେଇ ପ୍ରଶ୍ନ

ଭୁବନେଶ୍ୱର,୧୬।୧୨(ସତ୍ୟଜିତ ରାଉତ)

ସମ୍ପର୍କୀୟଙ୍କ ସହ ଧଉଳି ବୁଲିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଦୟାନଦୀ ନିକଟରେ ଗଣବଳାତ୍କାର ଘଟଣାକୁ ନେଇ ରାଜ୍ୟରେ ଚର୍ଚ୍ଚା ଲାଗି ରହିଛି। ଖୋଦ୍ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ପୋଲିସକୁ ତୀବ୍ର ସମାଲୋଚନା କରାଯାଉଛି। ଏହି ମାମଲାରେ ସୋମବାର ୨ ଅଭିଯୁକ୍ତ ବିଭୁ ପ୍ରସାଦ ମିଶ୍ର ଓ କାଳନ୍ଦୀ ପାତ୍ର ଗିରଫ ହୋଇ ଜେଲରେ ଅଛନ୍ତି। ତେବେ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜେଲ ଫେରନ୍ତା ଜୋକର ହାପିଙ୍କୁ ପୋଲିସ ଏଯାଏ ଧରିପାରି ନାହିଁ। ସେ ରାଜ୍ୟ ବାହାରକୁ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ତାଙ୍କୁ ଧରିବାକୁ ବିଭିନ୍ନ ଟିମ୍ ଗଠନ କରିଛି। ଅନ୍ୟପକ୍ଷରେ ମଙ୍ଗଳବାର ରାଜ୍ୟ ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ଘଟଣାସ୍ଥଳକୁ ଯାଇ ତନାଘନା କରିଛନ୍ତି। ପ୍ରଥମେ ସେ ଧଉଳି ଥାନାକୁ ଯାଇ ମାମଲା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇବାକୁ ପୋଲିସକୁ



ରାଜ୍ୟ ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ସେ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଉର୍ମିଳା କହିଛନ୍ତି, ଘଟଣାକୁ ଗୁରୁତ୍ୱର ସହ ନିଆଯାଇଥିବା ବେଳେ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ। ରାତିରେ ନିଛାଟିଆ ସ୍ଥାନକୁ ଝିଅମାନେ ଯିବା ଉଚିତ୍ ନୁହେଁ। ପାଟ୍ରୋଲିଂ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଅପରପକ୍ଷରେ ମାଷ୍ଟରମାଇଣ୍ଡ ହାପି ଏହି ଘଟଣାରେ ନାବାଳିକାଙ୍କ ନଗ୍ନ ଭିଡିଓ ରେକର୍ଡ କରି ମୋବାଇଲରେ ରଖିଥିବା ଅଭିଯୋଗ ହୋଇଛି। ସେ ଏହାକୁ ଭାଇରାଲ କରିଦେବାର ଆଶଙ୍କା ଥିବାରୁ ପୀଡ଼ିତା ଜଣକ ଚିନ୍ତାରେ ଅଛନ୍ତି। ହାପିଙ୍କୁ ଧରିବାକୁ ପୋଲିସ ଛାନ୍‌ଭିନ୍ ଚଳାଇଛି। ସେ ପୂର୍ବରୁ ଏକାଧିକ ମାମଲାରେ ଜେଲ ଯାଇଛନ୍ତି। ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ଠାରୁ ଆରମ୍ଭ କରି, ଲୁଟ୍, ଚୋରି, ଜମି ଜବରଦଖଲ, ଘରେ ପଶି ଆକ୍ରମଣ ଆଦି ୨୦ଟି ସଙ୍ଗିନ ମାମଲା ରହିଛି। ସେ କିଛିଦିନ ତଳେ ଏକ ମାମଲାରେ ଜାମିନ ପାଇ ଜେଲରୁ ମୁକୁଳିଥିଲେ। ହାପିଙ୍କୁ ପୋଲିସ ଧରି ନ ଥିବାରୁ ପୋଲିସର ଅପାରଗତାକୁ ସ୍ପଷ୍ଟ ପ୍ରମାଣିତ କରୁଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ଯୁକ୍ତ୨ରେ ପଢୁଥିବା ୧୭ ବର୍ଷୀୟା ପୀଡ଼ିତା ଜଣକ ଗତ ୧୦ ତାରିଖରେ ସମ୍ପର୍କୀୟଙ୍କ ସହ ଧଉଳି ବୁଲିବାକୁ ଯାଇଥିଲେ। ସେମାନେ ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ଏଭଳି ଅପରାଧର ଶିକାର ହୋଇଥିଲେ। ଦୟାନଦୀ ପଠା ଲିଙ୍ଗିପୁର ଗ୍ରାମ ନିକଟରେ ଏକ ଶୂନଶାନ୍ ସ୍ଥାନରେ ଅଭିଯୁକ୍ତମାନେ ନାବାଳିକା ଏବଂ ସମ୍ପର୍କୀୟଙ୍କୁ ଅଟକାଇଥିଲେ। ସେମାନେ ଉଭୟଙ୍କଠାରୁ ଲୁଟ୍ କରିବା ସହ ପୁରୁଷବନ୍ଧୁଙ୍କୁ ଘେରିଯାଇ ମାଡ଼ ମାରିଥିଲେ। ଏହାପରେ ନାବାଳିକାଙ୍କୁ ପୁରୁଷ ବନ୍ଧୁଙ୍କ ସାମ୍ନାରେ ଗଣବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ମା' ୧୧ ତାରିଖ ସକାଳେ ଧଉଳି ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଯୁବକଙ୍କୁ ଟେକିନେଇ ଖଣ୍ଡାରେ ହାଣିଲେ

**ମୁଖ୍ୟ ଅଭିଯୁକ୍ତ ଗିରଫ, ଫେରାରଙ୍କୁ ଖୋଜୁଛି ପୋଲିସ**

ଭୁବନେଶ୍ୱର, ୧୬।୧୨ (ସତ୍ୟଜିତ ରାଉତ)

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ସୋମବାର ରାତିରେ ଜଣେ ଯୁବକଙ୍କୁ କେତେଜଣ ଘର ଆଗରୁ ଟେକିନେଇ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି ସ୍ଥାନୀୟ ମୋଚିସାହିର ୱାଇ. ନନ୍ଦୁ। ଏହି ଘଟଣାରେ ପୋଲିସ ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବୁଦ୍ଧନଗରସ୍ଥିତ ରେଲ୍ଲିବସ୍ତିର ପ୍ରତୀକ ମେହେତୋ(୨୪)। ତାଙ୍କଠାରୁ ଅପରାଧରେ ବ୍ୟବହୃତ ଖଣ୍ଡା ଜବତ କରାଯାଇଛି। କୋର୍ଟ ଚାଲାଣ ପରେ ପ୍ରତୀକଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମୋଚିସାହି ବସ୍ତିସ୍ଥିତ ଘର ସମ୍ମୁଖରେ ନନ୍ଦୁ ବସିଥିବାବେଳେ ପ୍ରତୀକ ଏବଂ ତାଙ୍କର ସହଯୋଗୀମାନେ ୨ଟି ବାଇକ୍‌ରେ ଆସିଥିଲେ। ଏକ ଖଣ୍ଡା ଦେଖାଇ ଭୟଭୀତ କରିବା ସହ ସେଠାରୁ ଜୋରଜବରଦସ୍ତି ନନ୍ଦୁଙ୍କୁ ଟେକିନେଇ ଫାଳିକିଆ ବସ୍ତି ଅଭିମୁଖେ ଚାଲିଯାଇଥିଲେ। ମୋଚିସାହି ବସ୍ତି ନିକଟ ଏକ ନିଛାଟିଆ ସ୍ଥାନରେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରି



ପ୍ରତୀକ ମେହେତୋ

ଫେରାର ହୋଇଯାଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ମାମଲା (ନଂ.୭୪୪/୨୦୨୫) ରୁଜୁ କରିଥିଲା। ପ୍ରତୀକ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ପୂର୍ବରୁ ଲକ୍ଷ୍ମୀସାଗର ଥାନାରେ ୮ଟି ଆପରାଧିକ ମାମଲା ରହିଛି। ଏହି ଘଟଣାରେ ଫେରାର ଥିବା ୪ରୁ ୫ ଜଣ ସହଯୋଗୀଙ୍କୁ ଖୋଜା ଚାଲିଛି ବୋଲି ପୋଲିସ କହିଛି।





ଓଡ଼ିଶାର ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ବିରୋଧ କରି ସିପିଆଇ ପକ୍ଷରୁ ମଙ୍ଗଳବାର ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

## ଚନ୍ଦ୍ରଶେଖପୁରରେ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୧୬।୧୨(ଅନୁରାଧା ମହାରଣା)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ମିଳିତ ଉଚ୍ଛେଦକାରୀ ଦଳ ମଙ୍ଗଳବାର ଚନ୍ଦ୍ରଶେଖରପୁର ମୌଜାରେ ଜବରଦଖଲ ଉଚ୍ଛେଦ କରିଛି। ଉଚ୍ଛେଦରେ ୬ଟି ନିର୍ମାଣାଧୀନ କୋଠା, ୮ଟି ଆଜବେଷ୍ଟସ୍ ଘର, ଟିଣଘର ଓ ପଥର ନିର୍ମିତ ଘର ସହ ୨ଟି ଶୌଚାଳୟ ଓ ଗୋଟିଏ ହୋଟେଲକୁ ଭଙ୍ଗାଯାଇଛି। ଜବରଦଖଲରେ ଥିବା ମୋଟ ୧୨.୭୫୦ ଡିସିମିଲ ସରକାରୀ ଜମିରୁ ପ୍ଲଟ ନମ୍ବର ୨୯୩ର ପ୍ରାୟ ୦.୨୦୦ ଡିସିମିଲ ଅଞ୍ଚଳରୁ ଓ ପ୍ଲଟ ନମ୍ବର ୨୬୮ର ପ୍ରାୟ ୦.୩୦୦ ଡିସିମିଲ ଅଞ୍ଚଳରୁ ଜବରଦଖଲ ହଟିଛି। ବିଡିଏ ଏନ୍‌ଫୋର୍ସମେଣ୍ଟ ଓଏସ୍‌ଡି ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, କନିଷ୍ଠ ଏନଫୋର୍ସମେଣ୍ଟ ଅଫିସର ସିଦ୍ଧାନ୍ତ ସାହୁ, ଚନ୍ଦ୍ରଶେଖରପୁର ଥାନା ଆଇଆଇସି ଗିରିଶ ମହାରଣା, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସହ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ବସ୍ତି ଉଚ୍ଛେଦ ଦାବିରେ ବାଣୀବିହାରରେ ବିକ୍ଷୋଭ



ଭୁବନେଶ୍ୱର,୧୬।୧୨(ସତ୍ୟଜିତ ରାଉତ)

ଉତ୍କଳ ବିଶ୍ୱବିଦ୍ୟାଳୟ ଭିତରେ ରହିଥିବା ବସ୍ତିଗୁଡିକ ଉଚ୍ଛେଦ ଦାବିରେ ଛାତ୍ରମାନେ ବିକ୍ଷୋଭ କରିଛନ୍ତି। ୧୦ରୁ ଊର୍ଦ୍ଧ୍ୱ ଛାତ୍ର ମଙ୍ଗଳବାର ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ଟାୟାର ଜାଳି ଆନ୍ଦୋଳନ କରିଥିଲେ। ଶହୀଦନଗର ପୋଲିସ ପହଞ୍ଚି ଛାତ୍ରମାନଙ୍କୁ ବୁଝାଇବା ପରେ ସେମାନେ ଆନ୍ଦୋଳନରୁ ହଟିଥିଲେ। ଅଭିଯୋଗ ଅନୁଯାୟୀ, କ୍ୟାମ୍ପସ୍ ଭିତରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ବସ୍ତିବାସିନ୍ଦା ଅଶାଳୀନ ବ୍ୟବହାର କରୁଛନ୍ତି। ସୋମବାର ୨ଛାତ୍ରଙ୍କୁ ବସ୍ତିର ଦୁଇ ଯୁବକ ବାଇକ୍ ସାଇଡ୍ ମାରିବାରୁ ଝଗଡ଼ା ହୋଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ର ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଝଗଡ଼ା ହୋଇଥିଲା। ଏଭଳି ଘଟଣା ବାରମ୍ବାର କ୍ୟାମ୍ପସ ଭିତରେ ଘଟୁଛି। ଖୁବଶୀଘ୍ର ବସ୍ତି ଉଚ୍ଛେଦ ନ କରାଗଲେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଛାତ୍ରମାନେ ଚେତାବନୀ ଦେଇଛନ୍ତି।

# ଚିଲିକାରେ ୧୦୦ ପ୍ରଜାତିର ୫ ଲକ୍ଷ ବିଦେଶୀ ପକ୍ଷୀ

ବାଲୁଗାଁ,୧୬।୧୨(ସଂଗ୍ରାମ ପାଇକରାୟ)

ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ସୁଦୂର ବରଫାବୃତ୍ତ ରାଷ୍ଟ୍ରାଞ୍ଚଳରୁ ନୀଳାମ୍ବୁ ଚିଲିକାକୁ ରଙ୍ଗବେରଙ୍ଗର ବିଦେଶାଗତ ପକ୍ଷୀଙ୍କ ସୁଅ ଛୁଟିବାରେ ଲାଗିଛି। ଚଳିତ ମାସ ୧୫ ତାରିଖ(ସୋମବାର) ସୁଦ୍ଧା ଚିଲିକାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରାୟ ୫ ଲକ୍ଷ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ୍ ନାୟକ ସୂଚନା ଦେଇଛନ୍ତି । ସେଥିମଧ୍ୟରୁ ପକ୍ଷୀ ଅଭୟାରଣ୍ୟ ନଳବଣରେ ୯୦ ପ୍ରଜାତିର ୨ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ ଦୃଷ୍ଟିଗୋଚର ହୋଇଥିବା ବେଳେ ଅବଶିଷ୍ଟ ପକ୍ଷୀ ବାହାର ଚିଲିକା ଅଞ୍ଚଳ ତଥା ଭୂଷଣ୍ଡପୁର, ମଙ୍ଗଳାଯୋଡ଼ି, ସୋରଣ, ସୁନ୍ଦରପୁର, ନଇରୀ, କାଳୁପଡ଼ା, ରାହାଣବେଲି, ସାତପଡ଼ା, କୃଷ୍ଣପ୍ରସାଦ, ଗୁରୁବାଇ, ବଡ଼ଗୋଠ, ଜହ୍ନିକୁଦା, ସିପକୁଦ, ବାଲିପାଟପୁର, ରମ୍ଭା ଆଦି ଅଞ୍ଚଳରେ ସମାଗମ ହୋଇଛନ୍ତି । ଏହି ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟାରେ ନର୍ଦ୍ଦର୍ନ ପିଣ୍ଟେଲ, ୟୁରେସିଆନ ୱିଜନ୍, ଗଡ୍‌ୱାଲ, ସୋଭଲର, ଗର୍ଗ୍ୱିଟ୍, ବାର୍ ହେଡେଡ୍ ଗୁଜ୍ ଆଦି ପ୍ରଜାତି ରହିଛନ୍ତି। ତେବେ ଚିଲିକାର ଶୋଭାବର୍ଦ୍ଧନକାରୀ ତଥା ସବୁଠାରୁ ଆକର୍ଷଣୀୟ ଫ୍ଲେମିଙ୍ଗୋ(ଏରା) ପ୍ରଜାତିର ପକ୍ଷୀ ଚଳିତବର୍ଷ ବହୁସଂଖ୍ୟାରେ ଦେଖାଯାଇଛି। ଏହି ପକ୍ଷୀ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ ।

# ଓୟୁଟିଆର୍ ବାୟୋଟେକ୍ନୋଲୋଜି ବିଭାଗରେ କର୍ମଶାଳା

ଭୁବନେଶ୍ୱର,୧୬।୧୨ (ଅନୁରାଧା ମହାରଣା)

ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚର ବାୟୋଟେକ୍ନୋଲୋଜି ବିଭାଗ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟେଶନାଲ ବାୟୋଲୋଜି ଆଣ୍ଡ୍ ବାୟୋ ଫର୍ମେଟିକ୍ସ ପକ୍ଷରୁ ଅନୁଷ୍ଠିତ ୨ଦିନିଆ କର୍ମଶାଳା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ବାୟୋପ୍ଲ୍ୟୁଡେନ୍ସ ରିସର୍ଚ୍ଚ ଇନୋଭେଶନ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାର ବିଷୟବସ୍ତୁ 'କମ୍ପ୍ୟୁଟେଶନାଲ ବାୟୋଲୋଜି ଆଣ୍ଡ୍ ବାୟୋଫର୍ମେଟିକ୍ସ ଫର୍ ଟ୍ରାନ୍ସଲେଶନାଲ ରିସର୍ଚ୍ଚ' ରହିଥିଲା।



ଉଦଘାଟନୀ କାର୍ଯ୍ୟକ୍ରମରେ ଓୟୁଟିଆର୍ ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ରଞ୍ଜନ କୁମାର ପ୍ରଧାନ ଯୋଗଦେଇ ସ୍ୱାଗତ ଭାଷଣରେ କହିଥିଲେ, ଛାତ୍ରୀଛାତ୍ର, ଗବେଷକ, ଶିକ୍ଷାବିତ୍ ଏବଂ ମେଡିକାଲ ପ୍ରାକ୍ଟିଶନରଙ୍କୁ ବାୟୋଫର୍ମେଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ମେଶିନ୍ ଲର୍ନିଂ ମାଧ୍ୟମରେ ଜ୍ଞାନ ପ୍ରଦାନ ପାଇଁ ଏହି କର୍ମଶାଳା ଉପଯୋଗୀ ହୋଇପାରିବ। ମୁଖ୍ୟ ଅତିଥି ଭାବେ କୁଳପତି ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଭେନ୍‌ଶା ୟୁନିଭର୍ସିଟିର ଅଧ୍ୟାପିକା ପ୍ରଫେସର ଲୁନା ସାମନ୍ତ, ବାୟୋପ୍ଲ୍ୟୁଡେନ୍ସ ରିସର୍ଚ୍ଚ ଇନୋଭେଶନର ଆପ୍ଲିକେଶନ ସାଇଣ୍ଟିଷ୍ଟ ଡ. ପବିତ୍ର ମୋହନ ବେହେରା, ପ୍ରତିଷ୍ଠାତା ସ୍ୱାଗତିକା ବେହେରା ପ୍ରମୁଖ ଯୋଗଦେଇଥିଲେ। ୨ଦିନରେ ୫ଟି ଅଧିବେଶନ ହୋଇଥିଲା। ଏଥିରେ ପ୍ରାୟ ୫ଟି ଶିକ୍ଷାନୁଷ୍ଠାନର ୬୦ଜଣ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକ ସାମିଲ ହୋଇଥିଲେ।

# ବାଟରୁ ପାଇ ୧୪ ହଜାର ଟଙ୍କା ଫେରାଇଲେ ସିପିଙ୍କ କାର୍ଯ୍ୟାଳୟର ଡ୍ରାଇଭର

ଭୁବନେଶ୍ୱର,୧୬।୧୨(ତ୍ରିନାଥ ମହାନ୍ତି)

ପୋଲିସ କମିଶନର କାର୍ଯ୍ୟାଳୟରେ କାମ କରୁଥିବା ଡ୍ରାଇଭର ମଧୁସୂଦନ ରାଉଳ ମହାନତା ଦେଖାଇଛନ୍ତି। ସେ ବାଟରୁ ପାଇଥିବା ୧୪ ହଜାର ଟଙ୍କା ଫେରାଇଛନ୍ତି। ପୋଲିସ କମିଶନରଙ୍କ ଉପସ୍ଥିତିରେ ହଜିଥିବା ଟଙ୍କା ଫେରାଇ ଦିଆଯାଇଛି। ସୋମବାର ରାତି ୯:୩୦ ସମୟରେ ଡ୍ୟୁଟି ସାରି ଘରକୁ ଫେରୁଥିଲେ ମଧୁସୂଦନ। ଏହି ସମୟରେ ଜୟଦେବ ବିହାର ଜଙ୍କସନ ନିକଟରେ ରାସ୍ତାରେ ଜଣେ ମୋଟରସାଇକେଲ ଆରୋହୀଙ୍କ ପକେଟରୁ ଏକ ଧଳା ପାଉଚ୍ ପଡ଼ିଥିବାର ଦେଖିଲେ। ଉକ୍ତ ଆରୋହୀଙ୍କୁ ଫେରାଇବା ପାଇଁ ତାଙ୍କ ପଛରେ ଯାଇଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଏହାପରେ ସେ ତୁରନ୍ତ



ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ପରବର୍ତ୍ତୀ ସମୟରେ ସ୍ମାର୍ଟ ସିଟି କଣ୍ଟ୍ରୋଲରୁ ସିସିଟିଭି ଯାଞ୍ଚ କରିବା ପରେ ଟଙ୍କା ହଜିଥିବା ବ୍ୟକ୍ତି ୱାଟ୍‌କୋର ସହାୟକ ପରିଚାଳକ ବିଶ୍ୱଭୂଷଣ ବେହେରା ବୋଲି ଜଣାପଡ଼ିଥିଲା। ପରେ ବିଶ୍ୱଭୂଷଣଙ୍କୁ ସିପି ଅଫିସ ଡକାଯାଇ ଟଙ୍କା ଫେରାଯାଇଥିଲା।

# ଓଡ଼ିଶା, ସିକ୍କିମ୍‌ର କଳା ସଂସ୍କୃତି ଉପରେ ଆଲୋକପାତ

**ସାଂସ୍କୃତିକ ଓ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ**

ଭୁବନେଶ୍ୱର,୧୬।୧୨(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏବଂ ସିକ୍କିମ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସାଂସ୍କୃତିକ ଓ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରିବା ସହ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ ଓ ଶୈକ୍ଷିକ ବିକାଶ ଜରିଆରେ ଆମ ଓଡ଼ିଶାର କଳା, ସଂସ୍କୃତି ତଥା ଓଡ଼ିଆ ଅସ୍ମିତା ବିଶ୍ୱଦରବାରରେ ଅଧିକ ପ୍ରସାର ପ୍ରଚାର ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ସିକ୍କିମ୍ ବିଶ୍ୱବିଦ୍ୟାଳୟର ସଙ୍ଗୀତ ବିଭାଗୀୟ ମୁଖ୍ୟ ଡ. ବିଲମ୍ବିତା ବାଣୀସୁଧା ଏବଂ ସହକାରୀ ପ୍ରଫେସର ସମିଧା ବେଦବାଲାଙ୍କ ନିର୍ଦ୍ଦେଶନାରେ ସିକ୍କିମ୍ କଳାକାରମାନେ ସିତାର ଓ ବେହେଲାର ଯୁଗଳବନ୍ଦୀ, ଭକ୍ତିସଙ୍ଗୀତ ଓ ସିକ୍କିମ୍‌ର ଲୋକପ୍ରିୟ ଲୋକ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହ ଛଉନୃତ୍ୟ ପ୍ରଦର୍ଶନ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସେହିପରି କାର୍ଯ୍ୟକ୍ରମ ଦ୍ୱିତୀୟାର୍ଦ୍ଧରେ ବିଶ୍ୱବିଦ୍ୟାଳୟ ଏବଂ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଓ ଟେକ୍ନୋଲୋଜିର ମିଳିତ ଆନୁକୂଲ୍ୟରେ ଏକ ଶୈକ୍ଷିକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ଓଡ଼ିଶାର କଳା ଓ କାରିଗରିର ମୂଲ୍ୟ ଦୃଷ୍ଟି : ଆହ୍ୱାନ ଓ ସୁଯୋଗ' ଶୀର୍ଷକ ବିଶେଷଜ୍ଞ ଅଧିବେଶନରେ ସୃଷ୍ଟି ଏକାଡେମୀର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ଦାଶ ଓଡ଼ିଶାର କଳାକୃତି କେମିତି ବିଶ୍ୱସ୍ତରରେ ପହଞ୍ଚିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ପରିଚୟ ସହିତ ଆମ କଳା କାରିଗରିର ପ୍ରଚାର ପ୍ରସାର ନିମନ୍ତେ ସମସାମୟିକ କଳାକାରଙ୍କ ସମ୍ମୁଖରେ ରହିଥିବା ଆହ୍ୱାନ ଓ ସୁଯୋଗ ବିଷୟରେ ସେ ଆଲୋଚନା କରିଥିଲେ। ସହଯୋଗୀ ପ୍ରଫେସର ଡ. ଶିଶିର ରଞ୍ଜନ ଦାଶ କାରିଗରି କଳାକୃତି ଡିଜିଟାଲ ମାର୍କେଟିଂର ଆବଶ୍ୟକତା ଓ ସୁଯୋଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ସ୍ୱାଗତ ଭାଷଣ ଦେବା ସହ ସିକ୍କିମର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ପ୍ରଫେସର ଡ. ଶାରଦା ପ୍ରସନ୍ନ ଦାଶ ଓ ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସମାବେଶୀ ବିକାଶ ପାଇଁ ବହୁ ଅଂଶୀଦାରୀ ସହଭାଗିତା ଆବଶ୍ୟକ

**'ଜଳବାୟୁ-ସହନଶୀଳ, ଲୋକକୈନ୍ଦ୍ରିକ ବିକାଶ ପାଇଁ ପଥ' ଶୀର୍ଷକ ଆଲୋଚନା**

ଭୁବନେଶ୍ୱର,୧୬।୧୨(ସୁଚିସ୍ମିତା ସାହୁ)

'ଜଳବାୟୁ-ସହନଶୀଳ ଓ ଲୋକକେନ୍ଦ୍ରିକ ବିକାଶ ପାଇଁ ପଥ' ଶୀର୍ଷକ ଓଡ଼ିଶା ବିକାଶ କନ୍‌କ୍ଲେଭ-୨୦୨୫ ସୋମବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବିକାଶ କନ୍‌କ୍ଲେଭ୍ ଆବାହକ ଡ. ଜଗଦାନନ୍ଦଙ୍କ ସହ ଓଡ଼ିଶା ଡେଭଲପ୍‌ମେଣ୍ଟ ଇନିସିଏଟିଭ୍ (ଓଡିଆର୍)ର ଏକ ପ୍ରତିନିଧିମଣ୍ଡଳୀ ଯୋଗଦେଇ ଓଡ଼ିଶା ଭିଜନ-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଦୃଷ୍ଟିକୋଣକୁ ଲକ୍ଷ୍ୟ ରଖି କ୍ଷେତ୍ର-ନିର୍ଦ୍ଦିଷ୍ଟ ପ୍ରାଥମିକତା, ସଂସ୍ଥାଗତ ଭୂମିକା ଏବଂ କାର୍ଯ୍ୟାନୁଷ୍ଠାନଯୋଗ୍ୟ ପଥଚିହ୍ନଗୁଡ଼ିକୁ ଆଲୋକପାତ କରୁଥିବା ମୁଖ୍ୟ ଫଳାଫଳଗୁଡ଼ିକ ଉପସ୍ଥାପନ କରିଥିଲେ। ଡ. ଜଗଦାନନ୍ଦ କହିଛନ୍ତି, ବିକାଶ କନକ୍ଲେଭ୍‌ର ସହଯୋଗୀ ସଂସ୍ଥାଗୁଡ଼ିକ ତୃଣମୂଳସ୍ତରରେ ଜନସାଧାରଣଙ୍କ ସହିତ ସହଭାଗୀ ହୋଇ କାମ କରୁଛନ୍ତି। ସରକାରଙ୍କ ସହ କାର୍ଯ୍ୟ କରି ବିକାଶରେ ସେମାନେ ଉଲ୍ଲେଖନୀୟ ଯୋଗଦାନ କରିପାରିବେ।



ଆଲୋଚନାଚକ୍ରରେ ଓଡ଼ିଶା ବିକାଶ କନ୍‌କ୍ଲେଭ୍ ଆବାହକ ଡ. ଜଗଦାନନ୍ଦ ଏବଂ ବରିଷ୍ଠ ଅଧିକାରୀମାନେ।

କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଯୋଗଦେଇ କହିଥିଲେ, ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ବିକାଶର ପଥ ସମ୍ପର୍କରେ ଆଲୋଚନା ହୋଇଛି। ରାଜ୍ୟ ସରକାର ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ରଖି ବହୁ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। କ୍ଷେତ୍ରସ୍ତରରେ ବିକାଶ ପ୍ରକ୍ରିୟାକୁ ଆଗେଇନେବାରେ ବହୁ ଅଂଶୀଦାରୀ ସଂସ୍ଥାଗୁଡ଼ିକର ଆବଶ୍ୟକତା ରହିଛି। ସେହିପରି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ୍ କହିଥିଲେ, ରାଜ୍ୟ ସରକାର ଜନକୈନ୍ଦ୍ରିକ ଶାସନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଗ୍ରାମପଞ୍ଚାୟତ ଓ ବ୍ଲକସ୍ତରରେ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରି ବିକାଶମୂଳକ ପ୍ରକ୍ରିୟାରେ ତଦାରଖ ବ୍ୟବସ୍ଥାକୁ ଉନ୍ନତ କରୁଛନ୍ତି। ଏ ଦିଗରେ ସ୍ୱେଚ୍ଛାସେବୀ ସଂସ୍ଥା, ନାଗରିକ ସମାଜ ଓ ସହଭାଗୀ ଅନୁଷ୍ଠାନଗୁଡ଼ିକ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ସଦୃଶ କାର୍ଯ୍ୟ କରି ଉଦ୍ଦିଷ୍ଟ ସେବା ଯୋଗାଇଦେଇପାରିବେ। ଉକ୍ତ କାର୍ଯ୍ୟକ୍ରମରେ ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିମ୍ନମାନର ଖାଦ୍ୟ ନେଇ ରୋଗୀ, ସମ୍ପର୍କୀୟ ଅସନ୍ତୋଷ

## ଏସ୍‌ସିବି ମେଡିକାଲ ଆହାରକେନ୍ଦ୍ର

**କଟକ, ୧୬।୧୨ (ଶିଳ୍ପା ପ୍ରିୟଦର୍ଶିନୀ)**




ଆହାର କେନ୍ଦ୍ରରେ ଦିଆଯାଇଥିବା ନିମ୍ନମାନର ଖାଦ୍ୟ । ରୋଗୀ ଓ ତାଙ୍କ ସମ୍ପର୍କୀୟ ଖାଉଛନ୍ତି ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ଆହାରକେନ୍ଦ୍ର ଉପରେ ଶତାଧିକ ରୋଗୀ ଓ ସମ୍ପର୍କୀୟ ନିର୍ଭର କରୁଛନ୍ତି। ହେଲେ ଏଠାରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ରୋଗୀ ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଏପରିକି ରୋଗୀ ଓ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର କରାଯାଉ ନ ଥିବା ସେମାନେ କହିଛନ୍ତି। ଏସ୍‌ସିବି ଭଳି ମେଡିକାଲର ଆହାରକେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ପ୍ରତି ସରକାର ଦୃଷ୍ଟି ଦେବାକୁ ରୋଗୀ ଓ ସମ୍ପର୍କୀୟ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲର ସୁପରସ୍ପେଶିଆଲିଟି ବହିର୍ବିଭାଗ ନିକଟରେ ଗୋଟିଏ ଆହାରକେନ୍ଦ୍ର ରହିଛି। ଏଠାରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ଓ ଶିଶୁଭବନ ଅପେକ୍ଷା ସର୍ବାଧିକ ମିଲ୍ ଦିଆଯାଇଥାଏ। ପୂର୍ବରୁ ଏସ୍‌ସିବିରେ ଦିନରେ ୧୩୦୦ ଓ ରାତିରେ ୮୦୦ ମିଲ୍ ଦିଆଯାଉଥିଲା। କିନ୍ତୁ ଗତ ଦେଢ଼ବର୍ଷ ହେବ ମିଲ୍ ସଂଖ୍ୟା ବୃଦ୍ଧି କରାଯାଇ ଦିନରେ ୨ ଶହ ଓ ରାତିରେ ୨ଶହ କରାଯାଇଥିଲା। ଫଳରେ ଏସ୍‌ସିବିରେ ଏବେ ଦିନରେ ୧୫୦୦ ଓ ରାତିରେ ୧୦୦୦ ମିଲ୍ ଦିଆଯାଉଛି। ଅର୍ଥାତ୍ ଏସ୍‌ସିବିରେ ଏବେ ଦିନକୁ ୨୫୦୦ ମିଲ୍ ଦିଆଯାଉଛି। ଏଠାରେ ଜଣେ ବ୍ୟକ୍ତି ଖାଦ୍ୟ ନେବା ପରେ ଆଉ ଥରେ ଆବଶ୍ୟକ ପଡିଲେ ଖାଦ୍ୟ ନେଇ ଖାଇପାରିବେ। ହେଲେ ଏଠାରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବାବେଳେ ଦ୍ୱିତୀୟଥର ଆବଶ୍ୟକ କରୁଥିବା ଲୋକଙ୍କୁ ଖାଦ୍ୟ ପାଇଁ କର୍ମଚାରୀମାନେ ମନାକରି ଦେଉଛନ୍ତି। ତେବେ ଏସ୍‌ସିବିରେ ଗୋଟିଏ ଆହାରକେନ୍ଦ୍ର ଥିବାବେଳେ ଆଉ ଗୋଟିଏ କେବଳ ସ୍ଥାନ ଚିହ୍ନଟରେ ଅଟକି ରହିଛି। ଏହି ଆହାରକେନ୍ଦ୍ରରେ କେବଳ ରୋଗୀ ଓ ସମ୍ପର୍କୀୟ ନୁହେଁ ବରଂ କର୍ମଚାରୀ ମଧ୍ୟ ନିର୍ଭର କରୁଥିବାବେଳେ ଏଠାରେ ଖାଦ୍ୟର ମାନ ଯାଞ୍ଚ ପ୍ରତିଦିନ କରାଯାଉ ବୋଲି ମେଡିକାଲକୁ ଆସିଥିବା ଆଠଗଡ଼ ଅଞ୍ଚଳର ପ୍ରସନ୍ନ ବାରିକ ଓ ବ୍ରହ୍ମପୁର ଅଞ୍ଚଳର ଟୁଟୁ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ଓଡ଼ିଆ ଗଳ୍ପର ଭବିଷ୍ୟତ ବହୁ ଉଜ୍ଜ୍ୱଳ

#### ଶିଶିର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

**କଟକ, ୧୬।୧୨ (କାର୍ତ୍ତିକ ସାହୁ)**

ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶ୍ରୀରାମଚନ୍ଦ୍ର ଭବନରେ ଚାଲିଥିବା ଶିଶିର ଉତ୍ସବର ମଙ୍ଗଳବାର ଦ୍ୱିତୀୟ ଦିବସରେ ଗଳ୍ପ ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ. ବିଜୟଲକ୍ଷ୍ମୀ ଦାଶ ଅଧ୍ୟକ୍ଷତା କରି ଆଧୁନିକ ଓଡ଼ିଆ ଗଳ୍ପର ଭବିଷ୍ୟତ ବହୁ ଉଜ୍ଜ୍ୱଳ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ କୃଷ୍ଣ ପ୍ରସାଦ ଦାସ ଓଡ଼ିଆ କଥା ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ନୂତନ ଗାଳ୍ପିକଙ୍କୁ ସରକାରୀ ସ୍ତରରେ ପ୍ରୋତ୍ସାହିତ କରାଯିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥି ବ୍ରହ୍ମାନନ୍ଦ ବିଶ୍ୱାଳ ଓ ସମ୍ମାନିତ ଅତିଥି ଶଶିକାନ୍ତ ରାଉତ ଓଡ଼ିଆ ଗଳ୍ପର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ନମିତା ମହାନ୍ତି ଓ ସୁରଜିତ ନାଥଙ୍କ ସଂଯୋଜନାରେ ଗାଳ୍ପିକମାନେ ଗଳ୍ପ ପାଠ କରିଥିଲେ। ଏହି ଅବସରରେ ଶ୍ରୀକାନ୍ତ ନାୟକ, ସୁଜାତା ମହାପାତ୍ର, ମନୋରଞ୍ଜନ ବେଉରା, ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ, ଶର୍ମିଷ୍ଠା ମହାପାତ୍ର ଓ ସୁରଭି ଦ୍ୱିବେଦୀଙ୍କୁ କଥା ଶିଳ୍ପୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଜିତ କୁମାର ମହାପାତ୍ର ଗଳ୍ପ ପାଠୋତ୍ସବ ପରିଚାଳନା କରିଥିଲେ। ବିଭୁଦତ୍ତ ଖଣ୍ଡାୟତ ରାୟ ଧନ୍ୟବାଦ ଦେଇଥିଲେ।

### ଫାଇନାଲରେ ଜଗା ୟୁନାଇଟେଡ

#### ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ

**ବାରଙ୍ଗ, ୧୬।୧୨ (ଲିଙ୍ଗରାଜ ରାଉତ):**

ବାରଙ୍ଗସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳ ବି ଡିଭିଜନର ପ୍ରଥମ ମ୍ୟାଚରେ ବାଞ୍ଚାମଣି କ୍ଲବ ଟାଙ୍ଗିବନ୍ତ ୪/୩ ଟାଇବ୍ରେକରରେ ୪୨ମୌଜାର ଦେଉଳି କ୍ଲବକୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚରେ ବୋଧପୁର ଫୁଟବଲ କ୍ଲବ ୫/୩ ଟାଇବ୍ରେକରରେ ଇସଲାମ ଚାନ୍ଦ କ୍ଲବକୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛି। ଗ୍ରାମାଞ୍ଚଳ ଏ ଡିଭିଜନର ପ୍ରଥମ ମ୍ୟାଚ୍‌ରେ ଜୟ ଜଗନ୍ନାଥ ମୁଣ୍ଡମୁହାଣ ୨/୦ଗୋଲରେ ପୁରଣ ଫୁଟବଲ କ୍ଲବକୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ୍ ପ୍ରତାପ କ୍ଲବ ପ୍ରତାପ ନଗରୀ ୩/୨ଗୋଲରେ ବେଲିସ୍ୱରି କ୍ଲବ ବେଲଗଛିଆକୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛି। ସେହିପରି ସହରାଞ୍ଚଳରେ ଜଗା ୟୁନାଇଟେଡ କ୍ଲବ ୭/୪ ଟାଇବ୍ରେକରରେ ଓଡ଼ିଶା ପୋଲିସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ଜଗା ୟୁନାଇଟେଡ ପକ୍ଷରୁ ୧୨ନମ୍ବର ଜର୍ସି ୩୪ତମ ମିନିଟରେ ଏକ ଗୋଲ କରିଥିଲା। ଦ୍ୱିତୀୟାର୍ଦ୍ଧର ୭୪ତମ ମିନିଟରେ ଏକ ଗୋଲରେ ଜର୍ସି ନମ୍ବର ୧୪ ଖେଳକୁ ସମାନ୍ତର କରିଥିଲେ। ଫଳରେ ଟାଇବ୍ରେକରରେ ନିଷ୍ପତ୍ତି ନିଆଯାଇଥିଲା।

# ବିନା ଅନୁମତିରେ ଶାଗୁଆନ ଗଛ କଟା

## ୨ ନୋଡାଲ ଉଚ୍ଚବିଦ୍ୟାଳୟ

**କଟକ ସଦର, ୧୬।୧୨ (ସୁଶାନ୍ତ କୁମାର ଜେନା)**



କଟକ ସଦର ବ୍ଲକ ଅନ୍ତର୍ଗତ ୨ଟି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରୁ ଶାଗୁଆନ ଗଛ ଜଙ୍ଗଲ ବିଭାଗର ବିନା ଅନୁମତିରେ କଟାଯାଇଥିବା ଅଭିଯୋଗ ହୋଇଛି। ପ୍ରଥମଟି ୪୨ ମୌଜା ଅନ୍ତର୍ଗତ ବେଷ୍ଟକାର ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ଅନ୍ୟଟି ନାନପୁରସ୍ଥିତ ସାଧୁଚରଣ ବିଦ୍ୟାପୀଠ। ସରକାରୀ ନିୟମ ମୁତାବକ ସରକାରୀ ଓ ବେସରକାରୀ ଜାଗାରୁ ନିର୍ଦ୍ଦିଷ୍ଟ ଶ୍ରେଣୀର ଗଛ କାଟିବା ପୂର୍ବରୁ ସ୍ଥାନୀୟ ଡିଏଫ୍‌ଓଙ୍କ ଅନୁମତି ନେବା ଆବଶ୍ୟକ। ଏହାଛଡା ସ୍ଥାନୀୟ ତହସିଲଦାର ମଧ୍ୟ ଗଛଟି ସରକାରୀ ଜାଗାରେ ଅଛି ବୋଲି ପ୍ରମାଣପତ୍ର ଦେବା ପରେ ଜଙ୍ଗଲ ବିଭାଗ ଅନୁମତି ପ୍ରଦାନ କରିବ। ଏଠାରେ କୌଣସି ଗୋଟିଏ ନିୟମକୁ ଉଭୟ ସ୍ଥାନରେ ଅନୁସରଣ କରାଯାଇ ନାହିଁ। ସାଧୁ ଚରଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସୂର୍ଯ୍ୟ ରଞ୍ଜନ ଦାସଙ୍କୁ ପଚାରିବାରୁ ଗଛ କଟା ସମ୍ପର୍କରେ ସନ୍ତୋଷ ଜନକ ଉତ୍ତର ଦେଇ ନ ପାରି ଉପରକୁ ଚିଠି ଲେଖି ଜଣାଇଛନ୍ତି ବୋଲି କହିଥିଲେ। ଅନ୍ୟପକ୍ଷରେ ବେଷ୍ଟକାର ନୋଡାଲ ଉଚ୍ଚ ବିଦ୍ୟାଳୟର କୌଣସି ଜଣେ ହେଲେ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ଏହା ଉପରେ ମତାମତ ଦେବାପାଇଁ ମନା କରିଥିଲେ। ମାତ୍ର ଜିଲା ଶିକ୍ଷା ଅଧିକାରୀଙ୍କ ମତାମତ ଭିନ୍ନ ଥିଲା। ଶିକ୍ଷା ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ, ମୋ ସ୍କୁଲ ଅଭିଯାନ କମିଟି ମଧ୍ୟରୁ କିଏ ଗଛ କାଟିବାକୁ କହିଥିଲା, ତାହା ବୁଝିବା ପରେ ଉତ୍ତର ଦେବି ବୋଲି ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ କହିଥିଲେ। ବିଦ୍ୟାଳୟଗୁଡ଼ିକ ଦ୍ୱୈତ ଶାସନ ମଧ୍ୟକୁ ଚାଲି ଆସିଛି ବୋଲି ଡିଇଓଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଯାଇଛି। କେତେବେଳେ ରାଜନେତା, କେତେବେଳେ ବିଦ୍ୟାଳୟ ପରିଚାଳନା କମିଟି ଇଙ୍ଗିତରେ ବିଦ୍ୟାଳୟ ଚାଲିବା ଦ୍ୱାରା ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା କୁହାଯାଉଛି।

# 'ଉତ୍ତମ ଶିକ୍ଷା ସହ ପ୍ରତିଦିନ କ୍ରୀଡ଼ାଭ୍ୟାସ କର'



ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

## ପିଏମ ଶ୍ରୀ ବରେନ୍ଦ୍ରକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ବାଙ୍କୀ, ୧୬।୧୨ (ଜ୍ଞାନେନ୍ଦ୍ରମୋହନମିଶ୍ର):**

ପିଏମ୍ ଶ୍ରୀ ବରେନ୍ଦ୍ରକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମଣ୍ଡଳ ଶିକ୍ଷାଧିକାରୀ କାମରାଜ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଉତ୍ସବ ପ୍ରାରମ୍ଭରୁ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ବରେନ୍ଦ୍ରକୃଷ୍ଣ ଦାସ ଅଧିକାରୀ, ପଣ୍ଡିତ ଗୋପବନ୍ଧୁ ଦାସ, ଶିକ୍ଷାବିତ୍ ନୃସିଂହ କାନୁନ୍‌ଗୋଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଶିକ୍ଷାଧିକାରୀ କାମରାଜ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ ଉତ୍ତମ ଶିକ୍ଷା ସହିତ ପ୍ରତିଦିନ କିଛି କ୍ରୀଡା ଅଭ୍ୟାସ କରିବା ଉଚିତ୍ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ପୂର୍ବତନ କ୍ରୀଡ଼ା ଶିକ୍ଷକ ଦୟାନିଧି ମହାପାତ୍ର, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷକ ମମତା ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାସ ସଭାରେ ସଭାପତିତ୍ୱ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସ୍କୁଲ ପରିଚାଳନା କମିଟି ତଥା ପଞ୍ଚସଖା କମିଟିର ସଭାପତି ଶ୍ରୀନିବାସ ବେହେରା ପରିଚାଳନା କରିଥିଲେ।

# ୧୦୨ ଛାତ୍ରୀଙ୍କୁ ସାଇକେଲ ବଣ୍ଟନ

**ବାଙ୍କୀ, ୧୬।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଅଧୀନ ସାଧବ ସମାଜ ବିଦ୍ୟାନିକେତନ ଓ ଜଗନ୍ନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟର ୧୦୨ଜଣ ଛାତ୍ରୀଙ୍କୁ ମଙ୍ଗଳବାର ସାଇକେଲ ବଣ୍ଟନ କରାଯାଇଛି। କଟକସ୍ଥିତ କାନାରା ରୋବେକୋ ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ଦ୍ୱାରା ସି.ଏସ.ଆର୍ ପ୍ରୟାସ ଆନୁକୂଲ୍ୟରେ ଅନାଥ, ଦୁର୍ବଳ ଓ ଅସହାୟ ବର୍ଗର ଛାତ୍ରୀମାନଙ୍କୁ ସାଇକେଲ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କାନାରା ରୋବେକୋ ମ୍ୟୁଚାଲ ଫଣ୍ଡ ମୁଖ୍ୟ ଶାନ୍ତି ସ୍ୱରୂପ ମିଶ୍ର, ପ୍ରଦୀପ୍ତ ଖୁଣ୍ଟିଆ, ସାଧବ ସମାଜ ବିଦ୍ୟାନିକେତନର ପ୍ରଧାନ ଶିକ୍ଷକ ରବିନାରାୟଣ ଦାସ, ଜଗନ୍ନାଥପୁର ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମାକାନ୍ତ ବେହେରା, ସହକାରୀ ବାଙ୍କୀ ବ୍ଲକ ଶିକ୍ଷା ଅଧିକାରୀ ଡ. ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ସାଇକେଲ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଜବରଦସ୍ତ ସ୍ମାର୍ଟ ମିଟର ବସାଯିବାକୁ ବିରୋଧ



ବୈଠକରେ ଯୋଗଦେଇଥିବା ବିଦ୍ୟୁତ ଉପଭୋକ୍ତା ସଂଘର ସଦସ୍ୟମାନେ ।

## ୨୨ରେ ଦାବିପତ୍ର ଦେବ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ

**ବଡମ୍ବା, ୧୬।୧୨ (ମାୟାଧର ମଲ୍ଲିକ):**

ବଡ଼ମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘ ତରଫରୁ ମଙ୍ଗଳବାର ଏକ ବୈଠକ ବଡ଼ମ୍ବା ହାଟ ସ୍ଥିତ ଆଡିଆ ମହାଦେବଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଟାଟା ପାୱାର ପକ୍ଷରୁ ଗ୍ରାହକଙ୍କୁ ଅତିରିକ୍ତ ସିକ୍ୟୁରିଟି ଟଙ୍କା ଜମା ଦେବା ଓ ଜୋର ଜବରଦସ୍ତ ସ୍ମାର୍ଟ ମିଟର ଲଗାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ମହାସଂଘ ସଭାପତି ଖବରଦାତା ଚିନ୍ମୟ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟୁତ ଉପଭୋକ୍ତାମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏସବୁ ସମସ୍ୟାର ସମାଧାନ ଦାବିରେ ଡିସେମ୍ବର ୨୨ରେ ଏକ ବିରାଟ ଶୋଭାଯାତ୍ରା କରାଯାଇ ଶକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ଏକ ଦାବିପତ୍ର ଦେବାକୁ ବୈଠକରେ ସ୍ଥିର କରାଯାଇଛି।

ଏହାସତ୍ତ୍ୱେ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବିଦ୍ୟୁତ ଉପଭୋକ୍ତା ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ଏହି ବୈଠକରେ ମହାସଂଘର ଉପସଭାପତି ଶିବ ନାରାୟଣ ମିଶ୍ର, ପଞ୍ଚାନନ ମଲ୍ଲିକ, ସାଧାରଣ ସମ୍ପାଦକ ନିଗମାନନ୍ଦ ନାୟକ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ମହାରଣା, ଉପଦେଷ୍ଟା ବିବେକାନନ୍ଦ ମଲ୍ଲିକ, ସନ୍ତୋଷ କୁମାର ଦେବତା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସାମିଲ ହୋଇଥିଲେ। ଉପଦେଷ୍ଟା ମନୋଜକୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଏ ସମ୍ପର୍କରେ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମୋବାଇଲ୍ ଫୋନ ନ ଲାଗିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ମଙ୍ଗୁଳି-ଜଗତପୁର, ୧୬।୧୨ (ମାନସ ସାମଲ):**



ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶଙ୍କରପୁର ଗ୍ରାମପଞ୍ଚାୟତସ୍ଥିତ ଗୋଖଲେ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷା ଗୀତାଞ୍ଜଳି ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଟାଙ୍ଗୀ-ଚୌଦ୍ୱାର ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ଡ. ନିର୍ମଳ ଚନ୍ଦ୍ର ସାହୁ ଯୋଗଦେଇ ପିଲାମାନେ ପାଠପଢା ସହିତ କ୍ରୀଡାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। କ୍ରୀଡା ଶିକ୍ଷାର ଏକ ଅଂଶ ଏବଂ ସୁସ୍ଥ ଜୀବନର ଏକ ମହୌଷଧି ବୋଲି କହିଥିଲେ। ପରେ ଅତିଥିବୃନ୍ଦ ବିଜୟୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତ ସ୍ୱାଗତ ଭାଷଣ ଓ ଅର୍ଥନୀତି ବିଭାଗର ଅଧ୍ୟାପକ ସୁନୀଲ କୁମାର ବରାଳ ବିଦାୟ ଭାଷଣ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ଅନିଲ କୁମାର ମହାନ୍ତି କ୍ରୀଡ଼ା ପରିଚାଳନା କରିଥିବା ବେଳେ ଅଧ୍ୟାପକ ବ୍ରହ୍ମାନନ୍ଦ ମହାରଣା, ଉତ୍ତମ କୁମାର ଦାସ, ହିମାଂଶୁ ଭୂଷଣ ସାହୁ, ସାରଦା ପ୍ରସାଦ ସାହୁ, ଅଧ୍ୟାପିକା ଦୀପ୍ତି ଚାନ୍ଦ, ସରୋଜିନୀ ମିଶ୍ର, ରାଜଶ୍ରୀ ମିଶ୍ର ଓ ସମସ୍ତ ଅଣକର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

# 'ଏ ହଳଦୀବସନ୍ତ ! ଆ ଡଙ୍ଗାରେ ବସିବୁ' ଗଳ୍ପ ଉନ୍ମୋଚିତ

**ବାଙ୍କୀ/ତାଳବସ୍ତ, ୧୬।୧୨ (ଶୁଭେନ୍ଦୁ ମହାପାତ୍ର/ସୁବ୍ରତ କୁମାର ନାୟକ):**

ବାଙ୍କୀ - ଡମପଡ଼ା ବ୍ଲକ ଅନ୍ତର୍ଗତ ଘାସିପୁଟ ମାଟିର କବି ଓ ଗାଳ୍ପିକ ସୁଧାକର ମହାନ୍ତିଙ୍କ ଦ୍ୱାରା ଗୋଟିଏ ଗଳ୍ପ ଓ କବିତା ସଂକଳନ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ସେ ବିଭିନ୍ନ ଗଳ୍ପ ଓ କବିତା ଲେଖି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଭୁବନେଶ୍ୱରରେ ଚାଲିଥିବା ସପ୍ତମ ରାଜ୍ୟ ପୁସ୍ତକ ମେଳା ମଞ୍ଚରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ କବିତା ସଂକଳନ ଟଗର ଫୁଲ, ତାରା ଓ ଜହ୍ନକୁ ଉନ୍ମୋଚନ କରାଯାଇଥିଲା। ଏହାକୁ ବିଶିଷ୍ଟ ସାହିତ୍ୟିକ ଯଥା ଚିନ୍ତକ ହରପ୍ରସାଦ ଦାସ, କବି ଆଶୁତୋଷ, ଶ୍ରୀମନ୍ଦିର ପୂର୍ବତନ ପ୍ରଶାସକ ରଞ୍ଜନ ଦାସ ପ୍ରମୁଖ ଉନ୍ମୋଚନ କରିଥିଲେ। ଏଥିରେ କବି ହରିହର ସ୍ୱାଇଁ, କବି କୌଶିକ ନାୟକ, କବି ରଞ୍ଜୀତ ସେନାପତି, ପ୍ରକାଶକ ବନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତଥିଲେ। ବର୍ଷା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଗାଳ୍ପିକ ସୁଧାକରଙ୍କ ସଂକଳନ ଏ ହଳଦୀବସନ୍ତ ! ଆ ଡଙ୍ଗାରେ ବସିବୁ ଗଳ୍ପକୁ ବିଶିଷ୍ଟ ଗାଳ୍ପିକ ଓ ଔପନ୍ୟାସିକ ଅଜୟ ସ୍ୱାଇଁ, ଭୀମ ପୃଷ୍ଟି ଉନ୍ମୋଚନ କରିଥିଲେ। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଗୀତିକାର ପଞ୍ଚାନନ ନାୟକ, କବି ବିପ୍ଳବ, ଗାଳ୍ପିକା ସୁପ୍ରଭା ସାମଲ, ଲକ୍ଷ୍ମୀ ପ୍ରସାଦ ରାଉତ, ଶ୍ରୀଗୋବିନ୍ଦ, ଦେବୀଦତ୍ତ ମହାନ୍ତି, ବାଦଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

# ନଡ଼ାପୋଡ଼ି ବଢ଼ାଉଛି ବାୟୁପ୍ରଦୂଷଣ

## ସଚେତନ ନୁହଁନ୍ତି ଚାଷୀ

## ସଚେତନ କଲା ବାଙ୍କୀ ପରିବେଶ ସୁରକ୍ଷା ସମିତି

**ବାଙ୍କୀ, ୧୬।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):**



ବିଲରେ ଚାଷୀମାନେ ପୋଡ଼ିଥିବା ନଡ଼ା ଓ ପାଳ ।

ବାଙ୍କୀର ବିଭିନ୍ନ ଗ୍ରାମାଞ୍ଚଳରେ ଧାନଅମଳ ପରେ ନଡା ଓ ପାଳ ଆଉ କାମରେ ଆସୁନାହିଁ। ଏହାକୁ ଚାଷୀମାନେ ବିଲରେ ପୋଡି ଦେଉଛନ୍ତି । ବିଲରେ ନଡ଼ା ଓ ପାଳ ପୋଡିବା ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ପାଉଛି। ଏଥିଯୋଗୁ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଏବେ ଗାଈ ଓ ବଳଦ ମାନଙ୍କର ସଂଖ୍ୟା ଆଶାତୀତ ଭାବରେ କମିଗଲାଣି । ଚାଷୀମାନେ ବିଲରେ ଟ୍ରାକ୍ଟର ସାହାଯ୍ୟରେ ଚାଷବାସ ଓ ମେଶିନ ସହାୟତାରେ ଧାନ ଅମଳ କରୁଛନ୍ତି। ଏହାଛଡ଼ା ଅଧିକାଂଶ ଲୋକଙ୍କ ଚାଳଘର ବଦଳରେ ଛାତଘର ହୋଇଗଲାଣି। ତେଣୁ ନଡା ଓ ପାଳ ଦରକାର ହେଉନାହିଁ । ସେଥିପାଇଁ ଚାଷୀମାନେ ସେଗୁଡ଼ିକୁ ନିଆଁ ଲଗାଇ ପୋଡି ଦେଉଛନ୍ତି। ଏଥିଯୋଗୁ ଅତ୍ୟଧିକ ଧୂଆଁ ବାହାରିବା ଯୋଗୁ ଜନସାଧାରଣ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି। ଏନେଇ ଏବେ ଠାରୁ ସଚେତନ ନ ହେଲେ ଦିଲ୍ଲୀ ଓ ହରିଆଣା ଭଳି ଅବସ୍ଥା ହୋଇପାରେ ବୋଲି ପରିବେଶବିତ୍ ପ୍ରକୃତିବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର କହିଛନ୍ତି । ଏହି ପରିପ୍ରେକ୍ଷୀରେ ବାଙ୍କୀ ପରିବେଶ ସୁରକ୍ଷା ସମିତିର ଆବାହକ ଦୀପକ କୁମାର ସାମନ୍ତରାଙ୍କ ନେତୃତ୍ୱରେ ମଙ୍ଗଳବାର ବାଙ୍କୀର ବିଭିନ୍ନ ଗ୍ରାମକୁ ଯାଇ ନଡ଼ା ଓ ପାଳ ନ ପୋଡିବା ପାଇଁ ପରାମର୍ଶ ଦିଆଯାଇଥିଲେ। ଏହି ନଡ଼ା ଓ ପାଳକୁ ଖତରେ ପରିଣତ କରି ଚାଷରେ ଉପଯୋଗୀ କରାଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

## ସଂକ୍ଷେପରେ

### ଜଗା ଦର୍ଶନ କଲେ ସାମରିକ, ଅର୍ଦ୍ଧସାମରିକ ବାହିନୀର ୧୩ ଯୁବତୀ, ଯୁବକ

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ଆଠଗଡ଼ ଠାରେ ଥିବା ସଉରୀ ଚରଣ ପି ଆଣ୍ଡ ଟି ପକ୍ଷରୁ ଗତ କିଛିମାସ ହେବ ଓଡ଼ିଶାର ବିଭିନ୍ନ ଶିକ୍ଷିତ ଯୁବତୀ, ଯୁବକଙ୍କୁ ନେଇ ନିଃଶୁଳ୍କ ସାମରିକ ଓ ଅର୍ଦ୍ଧସାମରିକ ବାହିନୀର ବିଭିନ୍ନ ପଦରେ ନିଯୁକ୍ତି ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ ଦିଆଯାଉଛି। ଉକ୍ତ ଟ୍ରଷ୍ଟରେ ପ୍ରାୟ ୧୦୦ର ଊର୍ଦ୍ଧ୍ୱ ଯୁବତୀ ଯୁବକ ପ୍ରଶିକ୍ଷଣ ନେଉଛନ୍ତି। ଏଥିମଧ୍ୟରୁ ୧୩ଜଣ ତାଲିମ୍‌ପ୍ରାପ୍ତ ଯୁବତୀ, ଯୁବକ ଭାରତ ସେନା ବାହିନୀରେ ନିଯୁକ୍ତି ହେବା ପାଇଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ୧୧ ଜଣ ଅଗ୍ନିବୀର ଓ ଜଣେ ଜୁନିୟର କମିଶନର ଅଫିସର୍ ଏବଂ ଜଣେ ଯୁବତୀ ସେନା ସୈନିକ ଭାବେ କୃତକାର୍ଯ୍ୟ ହୋଇଛନ୍ତି। ଏହାକୁ ନେଇ ଆଜି ଟ୍ରଷ୍ଟ ପକ୍ଷରୁ ୧୩ ଜଣ ଯୁବତୀ, ଯୁବକ ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଟ୍ରଷ୍ଟର ଶୁଭକାମନା କରିବା ସହ ସମସ୍ତଙ୍କର ମଙ୍ଗଳ କାମନା କରିଛନ୍ତି। ଟ୍ରଷ୍ଟର ସଭାପତି ସଉରି ଚରଣ ପ୍ରଧାନ, ସହ-ସମ୍ପାଦକ ପ୍ରଦୀପ କୁମାର ନାୟକ, ସକ୍ରିୟ ସଦସ୍ୟ କୈଳାଶ ଚନ୍ଦ୍ର ବେହେରା, ଧନଞ୍ଜୟ ମହାରଣା, ବିଷ୍ଣୁପ୍ରିୟା ନାୟକ, ତପନ କୁମାର ସାହୁ, ଶୁଭମ୍ ସାହୁ, ଶୁଭେନ୍ଦୁ ପରିଡ଼ା, ଗଣେଶ ପଣ୍ଡା ପ୍ରମୁଖ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସାହାର୍ଯ୍ୟ ଓ ସହଯୋଗରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି।

### ରକ୍ତଦାନ କଲେ କୋଟି ଜନ୍ମର ପୁଣ୍ୟ ମିଳେ

ସାକ୍ଷୀଗୋପାଳ,୧୬।୧୨(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଜୟପୁର ଗ୍ରାମର ସ୍ୱର୍ଗତ ବନୀଭୂଷଣ ସାମନ୍ତରାୟଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉତ୍ସବରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଓ ବିଭାଗ ଅଧ୍ୟକ୍ଷ କାର୍ଯ୍ୟାଳୟ ରକ୍ତ ସଞ୍ଚାର ବିଭାଗ, ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ କଟକ ଆନୁକୂଲ୍ୟରେ ସାକ୍ଷୀଗୋପାଳ, ଆର୍‌ଏମସି ପରିସରରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମିସ୍ ବ୍ରଦର୍ସ ଚାରିଟେବଲ୍ ଟ୍ରଷ୍ଟ, କଟକ ଦ୍ୱାରା ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ବ୍ରଦର୍ସ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ। ଶିବିରରେ ଆଖପାଖ ଅଞ୍ଚଳରୁ ଜନସାଧାରଣମାନେ ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ଏସ୍‌ସିବି ମେଡିକାଲ କଲେଜ ମ୍ୟାନେଜର୍ ସୌମ୍ୟରଞ୍ଜନ ସାହୁ, ଡ. ସବ୍ୟସାଚୀ ଆଚାର୍ଯ୍ୟ, ବିକ୍ରମ ବାରିକ ଓ ଅଜୟ କୁମାର ବେହେରା ପରିଚାଳନା କରିଥିଲେ। ଯେଉଁ ବ୍ୟକ୍ତି ରକ୍ତଦାନ କରନ୍ତି, ସେମାନେ କୋଟି ଜନ୍ମର ପୁଣ୍ୟ ଲାଭ କରିଥାନ୍ତି। ଯେଉଁମାନେ ରକ୍ତଦାନ କରିଥିଲେ ସେମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ କ୍ଲବର ସମ୍ପାଦକ ସମ୍ବୋଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବିନାଶ ସାମନ୍ତରାୟ, ନାଗାର୍ଜୁନ ସେନାପତି, ସସ୍ମିତ ପଣ୍ଡା, ସିଦ୍ଧାର୍ଥ ହରିଚନ୍ଦନ, ପ୍ରଦୀପ ଦଳାଇ ଓ ଅଭିମନ୍ୟୁ ବରାଳଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଏନ୍‌ସିସି ମେଜର୍ ବସନ୍ତ କୁମାର ନରେନ୍ଦ୍ରଙ୍କ ବିୟୋଗରେ ଶୋକସଭା

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଇତିହାସ ବିଭାଗର ପ୍ରାଧ୍ୟାପକ ତଥା ମେଜର୍ ବସନ୍ତ କୁମାର ନରେନ୍ଦ୍ରଙ୍କ ବିୟୋଗରେ ସ୍ମୃତିଚାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ରବୀନ୍ଦ୍ର ନାଥ ପାଢ଼ୀ, ପ୍ରବୀର କୁମାର ବେହେରା, ସ୍ୱପ୍ନାରାଣୀ ମିଶ୍ର, ବିଭୂତି ଭୂଷଣ ସାମନ୍ତସିଂହାର, ସୁଚରିତା ସାହୁ, ପ୍ରିୟଦର୍ଶିନୀ ସାହୁ, ସହଦେବ ପରିଡ଼ା, ଡ. ଉତ୍ତମ କୁମାର ମଣ୍ଡଳଙ୍କ ସମେତ ଅନେକ ଛାତ୍ରୀଛାତ୍ର ସ୍ୱର୍ଗତ ନରେନ୍ଦ୍ର ସାର୍‌ଙ୍କ ସ୍ମୃତିଚାରଣ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ସାହାସୀ, ବନ୍ଧୁବତ୍ସଳ ଓ ସୁଅଧ୍ୟାପକ ଭାବେ ବେଶ୍ ପରିଚିତ ଥିଲେ ବୋଲି ମତପ୍ରକାଶ ପାଇଥିଲା।

# ଚାଷୀଙ୍କ ପାଇଁ ରାତିସାରା ଥାନା ବାରଣ୍ଡାରେ ସଞ୍ଜୟ

## ହରିଦାସ ଗ୍ରାମବାସୀଙ୍କ ଗିରଫ ଘଟଣା

ବ୍ରହ୍ମଗିରି,୧୬।୧୨(ସ୍ୱାଧୀନ ଚମ୍ପତିରାୟ)


ବିଜେଡି ପକ୍ଷରୁ ବ୍ରହ୍ମଗିରି ଥାନା ସମ୍ମୁଖରେ ପ୍ରତିବାଦ କରାଯାଉଛି ।

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କୁଶୁବେଣ୍ଟି ପଞ୍ଚାୟତ ଅଧୀନ ହରିଦାସ ଓ କୁଶୁବେଣ୍ଟି ଗାଁ ନିକଟସ୍ଥ ଜାଡ଼ିନଦୀ କେନାଲଖୋଳାକୁ ନେଇ ସୋମବାର ପୋଲିସ ଓ ହରିଦାସ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏହି ବିବାଦରେ ଗ୍ରାମବାସୀ ପ୍ରଶାସନକୁ ବିରୋଧ କରିବା ସହିତ ପୋଲିସ ଉପରକୁ କାଦୁଅ ଫିଙ୍ଗିଥିଲେ। ଫଳରେ ପୋଲିସ ୭୦ରୁ ଊର୍ଦ୍ଧ୍ୱ ବିରୋଧକାରୀଙ୍କୁ ଗିରଫ କରିଥିଲା। ଚାଷୀମାନଙ୍କୁ ବେଆଇନ ଗିରଫ ପ୍ରତିବାଦରେ ପୂର୍ବତନ ମନ୍ତ୍ରୀ ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା ସୋମବାର ରାତିରେ ବ୍ରହ୍ମଗିରି ଥାନାକୁ ଆସି ପୋଲିସ ପ୍ରଶାସନ ସହ ଆଲୋଚନା କରିଥିଲେ। କୌଣସି ସୁଫଳ ନ ମିଳିବାରୁ ସାରାରାତି ଧାରଣା ଦେଇ ଥାନା ବାରଣ୍ଡାରେ ଶୋଇରହିବା ସହିତ ମଙ୍ଗଳବାର ବ୍ରହ୍ମଗିରି ବିଜେଡି ତରଫରୁ ବ୍ରହ୍ମଗିରି ଥାନା ସମ୍ମୁଖରେ ଧାରଣାରେ ବସିଥିଲେ।

ପ୍ରକାଶଥାଉ କି, କୁଶୁବେଣ୍ଟି ଓ ହରିଦାସ ମଧ୍ୟରେ ଦୀର୍ଘଦିନ ଧରି ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ଲାଗିରହିଛି। ଏନେଇ ସରକାରୀ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରୁନାହିଁ। କେନାଲ ଖନନ ବନ୍ଦ ରହିଥିଲା। ଉକ୍ତ କେନାଲ ଖୋଳାଗଲେ ସେମାନଙ୍କ ବ୍ୟକ୍ତିଗତ ଜମି, ଗ୍ରାମର ସରକାରୀ ଜମି କ୍ଷତିଗ୍ରସ୍ତ ହେବ। ଏଣୁ ଖୋଳାଯାଉଥିବା କେନାଲକୁ ହରିଦାସ ଗ୍ରାମବାସୀ ବିରୋଧ କରୁଛନ୍ତି। ଉପଯୁକ୍ତ ରାଜସ୍ୱ ଆଇନକୁ ପାଳନ ନ କରି ତରବରିଆ ଭାବେ ଜିଲା ପ୍ରଶାସନ ୧୬୩ ବିଏନ୍‌ଏସ୍ ଘୋଷଣା କରି କେନାଲ ଖୋଳିଥିଲେ। ଫଳରେ ହରିଦାସ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସଙ୍ଗିନ ଦଫା ଲଗାଇ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାକୁ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ବିରୋଧ କରିଥିଲେ। ଏହାକୁ ଶାନ୍ତିପୂର୍ଣ୍ଣ ଭାବେ ସମାଧାନ କରିବା ପାଇଁ ପୋଲିସ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ରାତିସାରା ତାଙ୍କ ସମର୍ଥକଙ୍କ ସହ ବ୍ରହ୍ମଗିରି ଥାନା ବାରଣ୍ଡାରେ ଧାରଣାରେ ବସିଥିଲେ। ମଙ୍ଗଳବାର ବ୍ରହ୍ମଗିରି ବିଜେଡି ତରଫରୁ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ସଞ୍ଜୟ କୁମାର ଦାସବର୍ମାଙ୍କ ସମେତ ଚାଷୀନେତା ଭଗବାନ୍ ନାୟକ, ବ୍ରହ୍ମଗିରି ବିଜେଡି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ, ରତ୍ନବାଳା ବେହେରା, ଯୁଧିଷ୍ଠିର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜବାବ ଦେଲେ ବିଧାୟିକା

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କୁଶୁବେଣ୍ଟି ପଞ୍ଚାୟତ ଅଧୀନ ହରିଦାସ ଓ କୁଶୁବେଣ୍ଟି ଗାଁ ନିକଟସ୍ଥ ଜାଡ଼ିନଦୀ କେନାଲଖୋଳାକୁ ନେଇ ବ୍ରହ୍ମଗିରି ରାଜନୀତି ଏବେ ସରଗରମ ହୋଇଛି। ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମାଙ୍କ ସହ ବର୍ତ୍ତମାନର ବିଧାୟିକା ଉପାସନା ମହାପାତ୍ରଙ୍କର ମୁହାଁମୁହିଁ ପରିସ୍ଥିତି ହୋଇଛି। ପୋଲିସର କାର୍ଯ୍ୟାନୁଷ୍ଠାନକୁ ବିରୋଧକରି ରାସ୍ତାକୁ ଓହ୍ଲାଇଛନ୍ତି ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା। ଥାନାରେ ଧାରଣାଦେବା ସହିତ ଡବଲ ଇଞ୍ଜିନ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରି ହରିଦାସ ଗ୍ରାମ ଉପରେ ହୋଇଥିବା ବର୍ବରୋଚିତ ଆକ୍ରମଣ ବ୍ରହ୍ମଗିରି ଇତିହାସରେ ନୂଆ । ରାଜନୈତିକ ଅଭିସନ୍ଧି ରଖି ସରକାରୀ କଳକୁ ଅପବ୍ୟବହାର କରାଯାଉଛି ବୋଲି ପୂର୍ବତନ ବିଧାୟକ କହିଛନ୍ତି। ଏହାର ଜବାବରେ ବିଧାୟିକା ଉପାସନା କହିଛନ୍ତି, ବ୍ରହ୍ମଗିରିର ଉନ୍ନତିମୂଳକ କାର୍ଯ୍ୟରେ ପୂର୍ବତନ ବିଧାୟକ ବାଧକ ସାଜୁଛନ୍ତି। ନିଜ ବିଫଳତାକୁ ଘଣ୍ଟ ଘୋଡ଼ାଇବାକୁ ଯାଇ ଏପରି କରୁଛନ୍ତି । ତାଙ୍କ ସମୟରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିପାରି ନ ଥିଲେ। କିନ୍ତୁ ଏହି ପ୍ରକଳ୍ପ ଚାଷୀମାନଙ୍କ ଅତ୍ୟନ୍ତ ଜରୁରୀ। ଏହା ସରକାରଙ୍କ କାର୍ଯ୍ୟ। ସରକାର ଏହାକୁ ହଜାର ହଜାର ଚାଷୀଙ୍କ ସ୍ୱାର୍ଥ ପାଇଁ ନିଶ୍ଚୟ କରିବେ ବୋଲି ସେ କହିଛନ୍ତି।

# ସାକ୍ଷୀଗୋପାଳ ମନ୍ଦିରରେ ପହିଲି ଭୋଗ ଆରମ୍ଭ

ସାକ୍ଷୀଗୋପାଳ,୧୬।୧୨(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପରମ୍ପରାକ୍ରମେ ଧନୁସଂକ୍ରାନ୍ତି ଠାରୁ ଏକମାସ ବ୍ୟାପୀ ସାକ୍ଷୀଗୋପାଳ ଠାକୁରଙ୍କ ପହିଲି ଭୋଗ ନୀତି ମଙ୍ଗଳବାର ଆରମ୍ଭ ହୋଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ନୀତି ନିର୍ଘଣ୍ଟ କ୍ରମେ ଭୋର ୪ଟାରୁ ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ ଓ ଘୋଡ଼ଲାଗି ବେଶ ସକାଳ ୬ଟାରେ ଶେଷ ହୋଇଥିଲା। ପରେ ପରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ପହିଲି ଭୋଗ ସହିତ ସକାଳଧୂପ, ମଦନମୋହନଙ୍କ ଭୋଗ ସମାପନ ହୋଇଥିଲା। ବୀରକେଶରୀ ବଲ୍ଲଭ ଶେଷ କରାଯାଇ ଦ୍ୱିପ୍ରହର ଧୂପରେ ସ୍ୱତନ୍ତ୍ର ଦୁଇଟି ଧନୁମୁଆଁ ଠାକୁରଙ୍କୁ ଅର୍ପଣ କରାଯାଇଥିଲା। ଏକମାସ ବ୍ୟାପୀ ପ୍ରତ୍ୟହ ଅପରାହ୍ନ ୧ଟାରେ ଠାକୁରଙ୍କ ପହୁଡ଼ ଅନୁଷ୍ଠିତ ହୋଇ ଅପରାହ୍ନ

## ଅପରାହ୍ନ ୧ଟାରୁ ୩ଟା ପହୁଡ଼

୩ଟାରେ ଦ୍ୱାର ଉନ୍ମୋଚନ କରାଯାଇ ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଥିଲା। ଗୋଧନ ବାହୁଡ଼ା ଭୋଗ, ସନ୍ଧ୍ୟା ଧୂପ ଓ ବଡ଼ସିଂହାର ପରେ ରାତି ୧୦ଟା ସୁଦ୍ଧା ଠାକୁରଙ୍କ ରାତ୍ର ପହୁଡ଼ କରାଯାଇଛି।

ଏହି ସମୟରେ ଠାକୁରଙ୍କର ଦୈନନ୍ଦିନ ଦେବନୀତି କରାଯିବା ସହ ପହିଲି ଭୋଗରେ ପୁରୀ, ମାଣ୍ଡୁଅ ପିଠା, କେଳୀ, ଖୁରୁମା, ଗଇଁଠା, ଖଇ କୋରା, ମୁଆଁ, କମଳା ଓ ଚୁଡ଼ାଭଜା ସହ ଖୁରୁଡ଼ି ନଡ଼ିଆ ପାତି ଭୋଗ ସ୍ୱତନ୍ତ୍ର ଲାଗି କରାଯାଇଛି। ଅନୁରୂପ ଭାବେ ବିଭିନ୍ନ ଗ୍ରାମର ଦେବଦେବୀ ମନ୍ଦିର ଓ ମଠବାଡ଼ିରେ ପହିଲି ଭୋଗଲାଗି କରାଯାଇଛି। ଧନୁସଂକ୍ରାନ୍ତି ଉପଲକ୍ଷେ ଶ୍ରଦ୍ଧାଳୁମାନେ ବିଭିନ୍ନ ମନ୍ଦିରରେ ଠାକୁରଙ୍କୁ ଧନୁମୁଆଁ ଭୋଗଲାଗି କରିଥିବା ଦେଖାଯାଇଛି।

# ୧୯୨ ଗ୍ରାମ୍ ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ

ନିମାପଡ଼ା,୧୬।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ମଙ୍ଗଳବାର କାକଟପୁର ଥାନା ଅନ୍ତର୍ଗତ ଖଣ୍ଡାସାହି ଦେବୀନଦୀ ବ୍ରିଜ୍ ନିକଟରେ ଅଚାନକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ଜଣେ ଚୋରା ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ବ୍ୟବସାୟୀଙ୍କ ଠାରୁ ୧୯୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୯ଲକ୍ଷ ୨୦ହଜାର ଟଙ୍କା ହେବବୋଲି ନିମାପଡ଼ା ଅବକାରୀ ରେଞ୍ଜ୍ ଇନ୍ସପେକ୍ଟର ପ୍ରଭାକର ସେଠୀ ସୂଚନା ଦେଇଛନ୍ତି। ବେପାରୀ ଜଣଙ୍କ କାକଟପୁର ଥାନା ଅନ୍ତର୍ଗତ ଖଣ୍ଡାସାହି ଗ୍ରାମର ପ୍ରତାପ ନାୟକ (୪୩)। ଏ ସମ୍ପର୍କରେ ଗିରଫ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କ ବିରୋଧରେ ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ କେସ୍ ନଂ ୭୯/୨୫-୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ପୁରୀ ଜିଲା ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ କଡ଼ା ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ, ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, ଏସ୍ କେ ୱାରିଶ, ତପନ ପ୍ରଧାନ, ଫିରୋଜ ମହାନନ୍ଦିଆ, ସ୍ୱାଗତିକା ଘଡ଼େଇ ପ୍ରମୁଖ ସଦଳବଳ ଏହି ଚଢ଼ାଉରେ ସାମିଲ୍ ହୋଇଥିଲେ। ନିମାପଡ଼ା ଅବକାରୀ ରେଞ୍ଜ ଅଞ୍ଚଳକୁ ଚୋରା ବ୍ରାଉନସୁଗାର ମୁକ୍ତ ଅଞ୍ଚଳ କରାଯିବାକୁ ରେଞ୍ଜ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ଇନ୍ସପେକ୍ଟର ପ୍ରଭାକର ସେଠୀ କହିଛନ୍ତି।

# ଚକ୍ରତୀର୍ଥ ଅଞ୍ଚଳ ବୁଲି ଦେଖିଲେ ଐତିହ୍ୟ ପଦଯାତ୍ରାର ସଦସ୍ୟ

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)




ପୁରୀ ଐତିହ୍ୟ ପଦଯାତ୍ରାର ସଦସ୍ୟମାନେ ଚକ୍ରତୀର୍ଥ ଅଞ୍ଚଳର ଐତିହ୍ୟସ୍ଥଳଗୁଡ଼ିକ ବୁଲି ଦେଖିଛନ୍ତି। ଏହି ପଦଯାତ୍ରାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୦ରୁ ଅଧିକ ଐତିହ୍ୟପ୍ରେମୀ ଅଂଶଗ୍ରହଣ କରିଥିଲେ। ପଦଯାତ୍ରାର ଉପଦେଷ୍ଟା ଦେବୀପ୍ରସନ୍ନ ନନ୍ଦ ଏହି ଭ୍ରମଣର ନେତୃତ୍ୱ ନେଇଥିଲେ। ପୁରୀର ଏକ ପ୍ରମୁଖ ଔପନିବେଶିକ ଯୁଗୀୟ ଐତିହ୍ୟ ଭବନ ଚାଣକ୍ୟ ବିଏନ୍‌ଆର୍ ହୋଟେଲ୍ ଦର୍ଶନ ସହ ପଦଯାତ୍ରା ଆରମ୍ଭ ହୋଇଥିଲା। ୧୯୨୨ ମସିହାରେ ଏହି ଭବନ ପ୍ରଥମେ ଅଶ୍ୱତ୍ଥ ଭିଲା ନାମରେ ପରିଚିତ ଥିଲା, ଯାହାକି ପରବର୍ତ୍ତୀ ସମୟ ୧୯୨୫ ମସିହାରେ ଭାରତୀୟ ରେଲ୍‌ୱେ ଦ୍ୱାରା କ୍ରୟ କରାଯାଇ ଏକ ରେଲ୍‌ୱେ ଗେଷ୍ଟହାଉସ୍ ହୋଇଥିଲା। ହୋଟେଲ୍‌ର ଐତିହ୍ୟ, ସ୍ଥାପତ୍ୟ, କଳା ଓ ବିଭିନ୍ନ ପର୍ଯ୍ୟାୟରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ସଦସ୍ୟମାନଙ୍କୁ ହୋଟେଲର ରିସୋର୍ଟ ମ୍ୟାନେଜର ପବିତ୍ର କୁମାର ସରକାରଙ୍କ ଦ୍ୱାରା ବିସ୍ତୃତ ତଥ୍ୟ ଦିଆଯାଇଥିଲା। ହୋଟେଲ୍ ସମ୍ମୁଖରେ ସ୍ଥାପିତ ଐତିହାସିକ ଷ୍ଟିମ୍ ରେଳ ଇଞ୍ଜିନ୍ ପିଏଲ ୬୯୨ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ଭାରତୀୟ ରେଳ ପରିବହନର ପ୍ରାରମ୍ଭିକ ଯୁଗର ଏକ ଅମୂଲ୍ୟ ଐତିହ୍ୟ ଭାବେ ଏହି ଇଞ୍ଜିନ୍ ସମ୍ପର୍କରେ ସଦସ୍ୟମାନେ ଆଗ୍ରହର ସହ ଜାଣିଥିଲେ। ପାରଳାଖେମୁଣ୍ଡି ଲାଇଟ୍ ରେଲ୍‌ୱେ ଅଧୀନରେ ନୂଆପଡ଼ା ଗୁଣପୁର ଲାଇନରେ ଏହି ନ୍ୟାରୋଗେଜ୍ ଇଞ୍ଜିନ୍‌ଟି ଚାଲୁଥିଲା। ବହୁ ପୁରାତନ ଐତିହ୍ୟସମ୍ପନ୍ନ ସାମଗ୍ରୀ ମଧ୍ୟ ଦେଖିଥିଲେ, ଯାହା ଗତଯୁଗର ଜୀବନଶୈଳୀ ଓ ରୁଚିକୁ ପ୍ରତିଫଳିତ କରେ। ଶେଷରେ ଐତିହ୍ୟ ପଦଯାତ୍ରାର ସଦସ୍ୟମାନେ ପାଠାଗାର ଦର୍ଶନ ସହିତ ଯେଉଁଠାରେ ସଦସ୍ୟମାନେ ଦିନଟିର ଅନୁଭୂତିକୁ ପରସ୍ପର ମଧ୍ୟରେ ବାଣ୍ଟିବା ସହିତ ପୁରୀର ଐତିହ୍ୟ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପଦଯାତ୍ରାଟି ଆବାହକ ବିଶ୍ୱରଞ୍ଜନ ଦେହୁରୀ, ଡାକ୍ତର କୁମାର ଅରୋଜ୍ୟୋତି ତଥା ସହ ଆବାହକ ଅଶୋକା ମଞ୍ଜରୀ ନାୟକ ଏବଂ ପଣ୍ଡିତ ସିଦ୍ଧାର୍ଥ ଆଚାର୍ଯ୍ୟଙ୍କ ସହାୟତାରେ ଶେଷ ହୋଇଥିଲା।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

ବଳଙ୍ଗା,୧୬।୧୨(କେଦାରେଶ୍ୱର ନନ୍ଦ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ନିମାପଡ଼ା ନିର୍ବାଚନମଣ୍ଡଳୀ ବଳଙ୍ଗା ୧୮ ନଂ ଜିଲା ପରିଷଦ ଜୋନ୍‌ର କୋଠକୁସାଙ୍ଗ ପଞ୍ଚାୟତ ଅଧୀନ ବାଲିପଦା ଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଚନ୍ଦନପୁର ଶାଖା କେନାଲର ବାମ ପାର୍ଶ୍ୱରେ ବଳଙ୍ଗାଠାରୁ ନାହାମଙ୍ଗ ପର୍ଯ୍ୟନ୍ତ କଂକ୍ରିଟ ସୁରକ୍ଷା କାନ୍ଥ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟପାଇଁ ୧କୋଟି ୪୧ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିବା ବିଭାଗୀୟ ଅଧିକାରୀ ନିକଟରୁ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଅମୀୟ ରଞ୍ଜନ ସେଠ୍, ନିମାପଡ଼ା ଉପଖଣ୍ଡ ଅଧିକାରୀ ଶକ୍ତିପ୍ରସାଦ ଦାଶ, ବଳଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ଜୟନ୍ତୀ ବିଶ୍ୱାଳ, କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ପ୍ରସନ୍ନ କୁମାର ଦାଶ, ସରୋଜ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ମୀନଳତା ମହାନ୍ତି, ସାମାଜିକ କର୍ମୀ ଯତିନ୍ଦ୍ର ସ୍ୱାଇଁ, ପଞ୍ଚାୟତ ସଭାପତି ପ୍ରଭାତ ବିଶ୍ୱାଳ, ସାଇପ୍ରୀତମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ପରିବାର ଆୱାର୍ଡ କାର୍ଯ୍ୟକ୍ରମ

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ଶ୍ରୀଧାମ କଲ୍‌ଚରାଲ ଏକାଡେମୀ ଓ ରୁଦ୍ରାଣୀ ପ୍ରଡକ୍ସନର ମିଳିତ ଆନୁକୂଲ୍ୟରେ ୨୦୨୫ ପାଇଁ 'ମୋ ପରିବାର ଆୱାର୍ଡ' ସେରିମନି ବେଶ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଉତ୍ସବରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସେବାୟତ ଗୋପାଳ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ ବଂଶୀଧର ରାଉତରାୟ, ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ବିମଳ କୃଷ୍ଣ ଦାସ, ସିବିଆଇର ପୂର୍ବାଞ୍ଚଳ ପୂର୍ବତନ ପରାମର୍ଶଦାତ୍ରୀ ରାଜଶ୍ରୀ ମହାପାତ୍ର, ଡୁଡନୁଫାଉଣ୍ଡେଶନର ଚେୟାରମ୍ୟାନ ବନ୍ଦନା ହରିଚନ୍ଦନ, ବରିଷ୍ଠ ସେବାୟତ ଭଗବାନ ସୁଆର, ଓଡ଼ିଶା ଜନତା ପାର୍ଟିର ଓଡ଼ିଶା ପ୍ରାନ୍ତ ଉପସଭାପତି ସଞ୍ଜୀବ ମହାପାତ୍ର, ଫ୍ୟାଶନ ଡିଜାଇନର୍ ଟି. ଏନ୍. ସଙ୍ଗୀତା, ଅନନ୍ଦା ଫାଉଣ୍ଡେଶନର ଚେୟାରମ୍ୟାନ ରୁଚିମିତ୍ରା ଜଗଦେବ ମହାପାତ୍ର ଓ ବରିଷ୍ଠ ଉପଦେଷ୍ଟା ଆଡ୍‌ଭୋକେଟ ଡ. ପ୍ରଧାନ ଧିରେନ ରାୟ ପ୍ରମୁଖ ଯୋଗଦାନ କରିଥିଲେ। ଲଲାଟେନ୍ଦୁ ମିଶ୍ର ଓ ରଶ୍ମିରେଖା ବାରିକଙ୍କ ମଞ୍ଚ ସଞ୍ଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଦର୍ଶିତ ହୋଇଥିଲା। ସାଂସ୍କୃତିକ ସମ୍ପାଦିକା ମାମାଲି ମିଶ୍ର ବାର୍ଷିକ ବିବରଣୀ ପଠନ କରିଥିଲେ। ଉପସଭାନେତ୍ରୀ ରିତୁ ମହାନ୍ତି, ସମ୍ପାଦିକା ବନିତା ବାରିକ ଅତିଥିଙ୍କର ପରିଚୟ ପ୍ରଦାନ କରି ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ ବିଭିନ୍ନ ପର୍ଯ୍ୟାୟ ପାଇଁ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁକ୍ତିଲାଭ ଅପେକ୍ଷାରେ ଥିବା ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ଶୁଭ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ରୀଧାମର ସଂଯୋଜକ ସନ୍ତୋଷ ବାରିକ ଉତ୍ସବକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲବମ ନାୟକ ବୁବୁନ ମିଶ୍ର, ସୁଚିତ୍ରା ବାରିକ, ସନ୍ତୋଷ ପ୍ରଧାନ, ନବୀନା ରାଓ, ସୁପ୍ରିୟା ବାରିକ ଆଦି ଅନେକ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସଭାନେତ୍ରୀ ରିତୁ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଲେବର ପ୍ରୋଗ୍ରେସିଭ ଫେଡେରେଶନର ବାର୍ଷିକୋତ୍ସବ

କୋଣାର୍କ,୧୬।୧୨(ଜ୍ୟୋତିରାଜ ମହାନ୍ତି)

ସର୍ବଭାରତୀୟ ଶ୍ରମିକ ସଂଗଠନ ଲେବର ପ୍ରୋଗ୍ରେସିଭ ଫେଡେରେଶନର ୪ର୍ଥ ବାର୍ଷିକ ଉତ୍ସବ କୋଣାର୍କ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଫେଡେରେଶନର ସର୍ବଭାରତୀୟ ସାଙ୍ଗଠନିକ ସମ୍ପାଦକ ଭି ଭେନୁ ସ୍ୱାମୀ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଫେଡେରେଶନର ପ୍ରାନ୍ତୀୟ ଉପସଭାପତି ତଥା ରାଜ୍ୟ ସଭାପତି ବୀରେନ୍ଦ୍ର ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନ୍ୟମାନଙ୍କ ମଧ୍ୟରେ ହିନ୍ଦ୍ ମଜଦୁର ସଂଘ ସଭାପତି ଭୁବନାନନ୍ଦ ମହାପାତ୍ର, ଏଆଇୟୁଟିୟୁସିର ନେତା ନିରଞ୍ଜନ ମହାନ୍ତି, ଏଆଇସିସିଟିୟୁର ନେତା ମହେନ୍ଦ୍ର ପରିଡ଼ା, ଟିୟୁସିସି ରାଜ୍ୟ ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଦେଶରେ ପ୍ରଚଳିତ ଶ୍ରମ ଆଇନକୁ ଉଚ୍ଛେଦ କରି ୪ଟି ଶ୍ରମ କୋର୍ଡ ପ୍ରଚଳନ କରିଛନ୍ତି, ଯାହାକି ଶ୍ରମିକଙ୍କ ସ୍ୱାର୍ଥ ବିରୋଧୀ ବୋଲି ଶ୍ରମିକ ନେତାମାନେ ମତବ୍ୟକ୍ତ କରିଥିଲେ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ସ୍ୱାର୍ଥ ବିରୋଧୀ ତଥା ପୁଞ୍ଜିପତି ସପକ୍ଷବାଦୀ ଆଇନ ସବୁସ୍ତରରୁ ବିରୋଧ କରାଯିବା ଆବଶ୍ୟକ। ଶ୍ରମିକଙ୍କ ଐକ୍ୟବଦ୍ଧ ଲଢ଼େଇ ହିଁ ଦେଶରେ ଶ୍ରମିକଙ୍କୁ ସୁରକ୍ଷା କରିପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଫେଡେରେଶନର ରାଜ୍ୟ କାର୍ଯ୍ୟକାରୀ ସଭାପତି ମଧୁସୂଦନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ ମାୟାଧର ନାୟକ ଧନ୍ୟବାଦ ଦେଇଥିଲେ।

# କ୍ରୀଡ଼ା ଛାତ୍ରୀଛାତ୍ରଙ୍କର ଏକ ଅବିଚ୍ଛେଦ୍ୟ ଅଙ୍ଗ

ନିମାପଡ଼ା,୧୬।୧୨(ବିଚିତ୍ରାନନ୍ଦ ସାହୁ)

## ପ୍ରାକ୍ଟିସିଂ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ


ଅତିଥିମାନଙ୍କ ଗହଣରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ର ବୃନ୍ଦ।

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ସରକାରୀ ପ୍ରାକ୍ଟିସିଂ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୩ ଦିନିଆ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଗୀତାଞ୍ଜଳି ନାୟକ, ପୁଷ୍ପମିତ୍ରା ମିଶ୍ର, ଅଭୟ କୁମାର ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ମିଶ୍ର, ସିଆର୍‌ସିସି ଲକ୍ଷ୍ମୀଧର ସେଠୀ ପ୍ରମୁଖ ଯୋଗଦେଇ କ୍ରୀଡ଼ା ହେଉଛି ଛାତ୍ରୀଛାତ୍ରଙ୍କର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆଜିର ସମାଜରେ କ୍ରୀଡ଼ାର ବିଶେଷ ଗୁରୁତ୍ୱ ଓ ଆବଶ୍ୟକତା ରହିଛି। କ୍ରୀଡ଼ା ଶାରୀରିକ ସୁସ୍ଥତା ଆଣିଦିଏ, କ୍ରୀଡ଼ାର ବିକାଶହିଁ ଏକାନ୍ତ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରୀଛାତ୍ର ସନ୍ତୋଷୀ ସାହୁ, ଧନଞ୍ଜୟ ସେଠୀ, ଶ୍ରଦ୍ଧାଞ୍ଜଳି ପ୍ରିୟଦର୍ଶିନୀ, ଅଲିଭା ପ୍ରିୟଦର୍ଶିନୀ, ପୂର୍ଣ୍ଣିମା ସାହୁ, ଆଶୁତୋଷ ସ୍ୱାଇଁ, ବିଭୁପ୍ରସାଦ ନାୟକ, ଶ୍ରଦ୍ଧା ମଲ୍ଲିକ, ଲୋଟସ ବସ୍ତିଆ ପ୍ରମୁଖଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ସମାରୋହରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ, ପରିଚାଳନା କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।


ମହାରାଷ୍ଟ୍ରରୁ ଆସିଥିବା ଜଣେ ଭକ୍ତ ମଙ୍ଗଳବାର ସିଂହଦ୍ୱାର ସମ୍ମୁଖରେ ପାରମ୍ପରିକ ତୁରୀ ବଜାଉଛନ୍ତି ।



ଏନ୍‌ଏଚ୍‌ଏଆଇ କାମରେ ଦୁର୍ନୀତି ଅଭିଯୋଗ କରି ଏଏପି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଉଛି ।


ନାଟକ 'ଗର ବନ୍ଧନ'ର ଏକ ଦୃଶ୍ୟ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ

## (ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)

## ଅଧିସୂଚନା

**ନମ୍ବର ୧୬୩୭୩** **ତାରିଖ ୨୮.୧୦.୨୦୨୫**

No.III-03: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଢେଙ୍କାନାଳ ଜିଲ୍ଲାର M/S ରୁଙ୍ଗଟା ମାଇନ୍ସ ଲିମିଟେଡ, ଢେଙ୍କାନାଳ ଇସ୍ପାତ କାରଖାନା ନିର୍ମାଣ ନିମନ୍ତେ ମୌଜା-ଉପର ବାଘଲୁଣ୍ଡା, ଥାନା-ମୋଟଙ୍ଗା, ନଂ-୩୫, ତହସିଲ-ଓଡାପଡା, ଜିଲ୍ଲା-ଢେଙ୍କାନାଳରେ ନିମ୍ନ ତଫସିଲମତେ ପ୍ରାୟ ଏ: ୧୭,୪୩୦୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-M/S ରୁଙ୍ଗଟା ମାଇନ୍ସ ଲିମିଟେଡ, ଢେଙ୍କାନାଳ ଇସ୍ପାତ କାରଖାନା ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଜମି ମୁଖ୍ୟ ଜେନେରାଲ ମ୍ୟାନେଜର

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- For Setting of Railway siding with approach road to NH-55, M/S ରୁଙ୍ଗଟା ମାଇନ୍ସ ଲିମିଟେଡ୍, ଢେଙ୍କାନାଳ ଇସ୍ପାତ କାରଖାନା ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଏଥିସହିତ ସଂଲଗ୍ନ କରାଯାଇଛି ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଢେଙ୍କାନାଳ।

୬. ଜମିର ବିବରଣୀ- ଏଥି ସହିତ ଜମି ସଂଲଗ୍ନ କରାଯାଇଛି ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, M/S ରୁଙ୍ଗଟା ମାଇନ୍ସ ଲିମିଟେଡ, ଢେଙ୍କାନାଳ ଇସ୍ପାତ କାରଖାନା, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
**ଜିଲ୍ଲାପାଳ, ଢେଙ୍କାନାଳ**

## ମୌଜା-ଉପର ବାଘଲୁଣ୍ଡା, ଥାନା-ମୋଟଙ୍ଗା-୪୭, ତହସିଲ-ଓଡାପଡା, ଜିଲ୍ଲା-ଢେଙ୍କାନାଳ, ମୋଟ ରକବା - ଏ. ୧୭.୪୩୦

| କ୍ରମିକ ସଂଖ୍ୟା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ଖାତା ନମ୍ବର | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜିତ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ଅର୍ଜୁନ ବେହେରା, ନକୁଳ ବେହେରା, ପି:ଗୋବିନ୍ଦ ବେହେରା, ଶିବରାମ ବେହେରା, କମଳା ବେହେରା, ବିମଳା ବେହେରା, ପି:ଭୀମ ବେହେରା, ଶଶିକା ବେହେରା, ସ୍ୱା:ଭୀମ ବେହେରା, ଜା: କେଉଟ, ବା:ନିଜଗାଁ | ୩ | ୮୩ | ଶାରଦ ତିନି | ୦.୦୬୦ | ୦.୦୬୦ | ଜବର ଦଖଲ, ଆତଙ୍ଗ ନାଏକ, ଅଚୁତ ନାଏକ, ପି.ଶତ୍ରୁଘନ ନାଏକ, ନେତ ନାଏକ, ସ୍ୱା.ଲୋକନାଥ ନାଏକ, ଜା.ପାଣ, ବା.ନିଜଗାଁ |
| ୨ | | | ୧୫୯ | ଶାରଦ ତିନି | ୦.୨୯୦ | ୦.୨୯୦ | |
| ୩ | | | ୧୫୭ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୪ | ଅର୍ଜୁନ ବେହେରା, ନକୁଳ ବେହେରା, ପି:ଗୋବିନ୍ଦ ବେହେରା, ଶିବରାମ ବେହେରା, କମଳା ବେହେରା, ବିମଳା ବେହେରା, ପି:ଭୀମ ବେହେରା, ଶଶିକା ବେହେରା, ସ୍ୱା:ଭୀମ ବେହେରା, ଜା: କେଉଟ, ବା:ନିଜଗାଁ | ୩ | ୧୫୬ | ଶାରଦ ତିନି | ୦.୦୨୦ | ୦.୦୨୦ | ଜବର ଦଖଲ, ତ୍ରିଲୋଚନ ସାହୁ, ପି.ବୃନ୍ଦାବନ ସାହୁ, ଜା.ଚଷା, ବା.ନିଜଗାଁ |
| ୫ | | | ୧୧୯ | ପତିତ | ୦.୦୭୦ | ୦.୦୭୦ | |
| | | | | | ମୋଟ | **୦.୫୪୦** | |
| ୬ | ଅଭିମନ୍ୟୁ ସାହୁ, ପି: କହ୍ନେଇ ସାହୁ, ନିରଞ୍ଜନ ସାହୁ, ନରୋତମ ସାହୁ, ଦମୟନ୍ତି ସାହୁ, ପି:ମାୟାଧର ସାହୁ, ଜାତକ ସାହୁ, ସ୍ୱା:ମାୟାଧର ସାହୁ, ଜା:ଚଷା, ବା:ନିଜଗାଁ | ୬ | ୩୭୭ | ପତିତ | ୦.୧୧୦ | ୦.୧୧୦ | ଅଭିମନ୍ୟୁ ସାହୁ ଅଂଶପକ୍ଷେ ଖରିଦ ସୂତ୍ରେ ଦଖଲ, ବସନ୍ତ କୁମାର ସାହୁ, ବିଜୟ କୁମାର ସାହୁ, ବ୍ରହ୍ମାନନ୍ଦ ସାହୁ, ପି.ପଦନ ସାହୁ, ଜା.ଚଷା, ବା.ତଲବା ଘଲୁଣ୍ଡା, ରେଜେଷ୍ଟ୍ରି ଦଲିଲ ନମ୍ବର ୩୦୨୫ ତା.୨୮. ୦୪. ୭୬ ଜର ସମନ ଟ. ୭୦୦.୦୦ |
| ୭ | ଅଭିମନ୍ୟୁ ସାହୁ, ପି: କହ୍ନେଇ ସାହୁ, ଗଙ୍ଗାଧର ସାହୁ, ପି:ଅନାଦି ସାହୁ, ନିରଞ୍ଜନ ସାହୁ, ନରୋତମ ସାହୁ, ଦମୟନ୍ତି ସାହୁ, ପି:ମାୟାଧର ସାହୁ, ଜାତକ ସାହୁ, ସ୍ୱା:ମାୟାଧର ସାହୁ, ଆଦିତ୍ୟ ପ୍ରସାଦ ସାହୁ, ଉମା ସାହୁ, ଭାମା ସାହୁ, ଶ୍ରୀମତୀ ସାହୁ, ପି:ବୈଷ୍ଣବ ସାହୁ, ଦୁର ସାହୁ, ସ୍ୱା: ବୈଷ୍ଣବ ସାହୁ, ଜା:ଚଷା, ବା:ନିଜଗାଁ | ୯ | ୬୧ | ଶାରଦ ଦୁଇ | ୦.୦୭୦ | ୦.୦୭୦ | ଜବର ଦଖଲ, ଚାନ୍ଦ ସାହୁ, ସ୍ୱା:କାଶି ସାହୁ, ଜା:ଚଷା, ବା:ନିଜଗାଁ |
| ୮ | | | ୧୧୩ | ଶାରଦ ତିନି | ୦.୦୪୦ | ୦.୦୪୦ | ଜବରଦଖଲ ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଜା.ଚଷା, ବା.ନିଜଗାଁ |
| ୯ | | | ୪୮ | ଶାରଦ ତିନି | ୦.୦୨୦ | ୦.୦୨୦ | ଜବରଦଖଲ ହରିହର ସାହୁ, ପି.କୁଳମଣି ସାହୁ, ଜା.ଚଷା, ବା.ନିଜଗାଁ |
| | | | | | ମୋଟ | **୦.୧୩୦** | |
| ୧୦ | ଆତଙ୍ଗ ନାଏକ, ଅଚ୍ୟୁତ ନାଏକ, ପି:ଶତ୍ରୁଘନ ନାଏକ, ନେତ ନାଏକ, ସ୍ୱା: ଲୋକନାଥ ନାଏକ, ଜା:ପାଣ, ବା:ନିଜଗାଁ | ୧୧ | ୮୮ | ଶାରଦ ତିନି | ୦.୦୭୦ | ୦.୦୭୦ | |
| ୧୧ | | | ୧୪୩ | ପତିତ | ୦.୦୬୦ | ୦.୦୬୦ | |
| | | | | | ମୋଟ | ୦.୧୩୦ | |
| ୧୨ | ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଜା:ଚଷା, ବା:ନିଜଗାଁ | ୧୫ | ୧୪୬(ସ୍ଲ) | ଶାରଦ ତିନି | ୦.୪୮୦ | ୦.୨୬୦ | |
| ୧୩ | | | ୧୧୫/ ୧୭୦୩ | ଶାରଦ ତିନି | ୦.୦୨୦ | ୦.୦୨୦ | ଜବର ଦଖଲ ଗଙ୍ଗାଧର ସାହୁ, ପି.ଅନାଦି ସାହୁ, ଜା.ଚଷା, ବା.ନିଜଗାଁ |
| | | | | | ମୋଟ | **୦.୨୮୦** | |
| ୧୪ | ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଶ୍ରୀନିବାସ ସାହୁ, ତ୍ରିଲୋଚନ ସାହୁ, ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ | ୧୬ | ୬୪ | ଶାରଦ ଦୁଇ | ୦.୦୩୦ | ୦.୦୩୦ | |
| ୧୫ | | | ୯୭ | ଶାରଦ ଦୁଇ | ୦.୨୬୦ | ୦.୨୬୦ | |
| ୧୬ | | | ୯୮ | ଶାରଦ ଦୁଇ | ୦.୨୬୦ | ୦.୨୬୦ | |
| ୧୭ | | | ୫୭ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୧୮ | | | ୫୮ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୧୯ | | | ୭୯ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୨୦ | | | ୮୨ | ଶାରଦ ତିନି | ୦.୧୨୦ | ୦.୧୨୦ | |
| ୨୧ | | | ୧୩୩ | ଶାରଦ ତିନି | ୦.୧୧୦ | ୦.୧୧୦ | |
| ୨୨ | | | ୧୩୪ | ଶାରଦ ତିନି | ୦.୦୯୦ | ୦.୦୯୦ | |
| ୨୩ | ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଶ୍ରୀନିବାସ ସାହୁ, ତ୍ରିଲୋଚନ ସାହୁ, ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ | ୧୬ | ୧୩୨ | ଶାରଦ ତିନି | ୦.୧୨୦ | ୦.୧୨୦ | |
| ୨୪ | | | ୧୩୧ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୨୫ | | | ୧୩୬ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୨୬ | | | ୧୩୭ | ଶାରଦ ତିନି | ୦.୧୨୦ | ୦.୧୨୦ | |
| ୨୭ | | | ୧୨୪ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୨୮ | | | ୧୨୫ | ଶାରଦ ତିନି | ୦.୦୯୦ | ୦.୦୯୦ | |
| ୨୯ | | | ୯୬(ସ୍ଲ) | ଶାରଦ ଦୁଇ | ୦.୨୬୦ | ୦.୨୦୦ | |
| ୩୦ | | | ୧୬୮ | ଶାରଦ ତିନି | ୦.୦୬୦ | ୦.୦୬୦ | |
| ୩୧ | | | ୧୯୫(ସ୍ଲ) | ଶାରଦ ତିନି | ୦.୧୧୦ | ୦.୦୭୦ | |
| ୩୨ | ଉମେଶ ପ୍ରସାଦ ସାହୁ, ପି:ଦୁର୍ଯ୍ୟୋଧନ ସାହୁ, ଶ୍ରୀନିବାସ ସାହୁ, ତ୍ରିଲୋଚନ ସାହୁ, ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ | ୧୬ | ୧୭୦ | ଶାରଦ ତିନି | ୦.୧୬୦ | ୦.୧୬୦ | |
| ୩୩ | | | ୩୮୦ | ଶାରଦ ଏକ | ୦.୦୪୦ | ୦.୦୪୦ | |
| ୩୪ | | | ୩୮୨ | ଟଇଲା ଏକ | ୦.୬୦୦ | ୦.୬୦୦ | |
| ୩୫ | | | ୩୮୩ | ଟଇଲା ଏକ | ୦.୧୩୦ | ୦.୧୩୦ | |
| ୩୬ | | | ୩୯୮(ସ୍ଲ) | ଶାରଦ ଏକ | ୦.୩୮୦ | ୦.୨୯୦ | |
| ୩୭ | | | ୪୦୦ | ଟଇଲା ଏକ | ୦.୦୩୦ | ୦.୦୩୦ | |
| ୩୮ | | | ୪୦୩(ସ୍ଲ) | ଶାରଦ ଏକ | ୦.୧୪୦ | ୦.୦୪୦ | |
| ୩୯ | | | ୪୦୨(ସ୍ଲ) | ଟଇଲା ଏକ | ୦.୧୨୦ | ୦.୦୮୦ | |
| | | | | | ମୋଟ | **୩.୪୦୦** | |
| ୪୦ | ଉମେଶ ପ୍ରସାଦ ସାହୁ, ପି: ଦୁର୍ଯ୍ୟୋଧନ ସାହୁ, ତ୍ରିଲୋଚନ ସାହୁ, ଶ୍ରୀନିବାସ ସାହୁ, ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ନଳିନୀ କୁମାର ସାହୁ, ବସନ୍ତ କୁମାର ସାହୁ, କୁଞ୍ଜ ସାହୁ, ଲତା ସାହୁ, ପି:ଦାମୋଦର ସାହୁ, ତିଳୋତ୍ତମା ସାହୁ, ସ୍ୱା:ଦାମୋଦର ସାହୁ, ଭୋଳେଶ୍ୱର ସାହୁ, ପି:ଉମାନାଥ ସାହୁ, ବିଶ୍ୱମ୍ବର ସାହୁ, ମହେଶ୍ୱର ସାହୁ, ପି:ଜଳଧର ସାହୁ, ଲୋକନାଥ ସାହୁ, ପି:ହାଡିବନ୍ଧୁ ସାହୁ, ଭୀମ ସାହୁ, ପି:ମହନ ସାହୁ, ରତ୍ନାକର ସାହୁ, ଦିବାକର ସାହୁ, ପି:ବିଦ୍ୟାଧର ସାହୁ,ରସାନନ୍ଦ ସାହୁ, ପି:ଉପେନ୍ଦ୍ର ସାହୁ, ବଂଶିଧର ସାହୁ, ଲିଙ୍ଗରାଜ ସାହୁ, ପି:ହୃଦାନନ୍ଦ ସାହୁ, ଦୟାନିଧି ସାହୁ, ଭାସ୍କର ସାହୁ, ହରିହର ସାହୁ, ଶିଦ୍ଧେଶ୍ୱର ସାହୁ, ପି:କୁଳମଣି ସାହୁ, ଜା:ଚଷା, ବା:ନିଜଗାଁ | ୧୮ | ୭୦ | ଆଡି | ୦.୨୪୦ | ୦.୨୪୦ | |
| ୪୧ | | | ୯୯ | ଆଡି | ୦.୨୩୦ | ୦.୨୩୦ | |
| ୪୨ | | | ୭୧ | ଜଳାଶୟ ଦୁଇ | ୧.୧୨୦ | ୧.୧୨୦ | |
| ୪୩ | | | ୭୨ | ଆଡି | ୦.୨୨୦ | ୦.୨୨୦ | |
| ୪୪ | | | ୮୯ | ଆଡି | ୦.୨୬୦ | ୦.୨୬୦ | |
| | | | | | ମୋଟ | **୨.୦୭୦** | |
| ୪୫ | ଗୁରୁବାରିଆ ସାହୁ, କାଳନ୍ଦି ସାହୁ,ଦୁର୍ଯ୍ୟୋଧନ ସାହୁ, ସର୍ବେଶ୍ୱର ସାହୁ, ପି:ନରହରି ସାହୁ, ଜା:ଚଷା, ବା:ନିଜଗାଁ | ୨୪ | ୧୧୮ | ପତିତ | ୦.୦୨୦ | ୦.୦୨୦ | |
| ୪୬ | ଜଦୁ ସାହୁ, ତ୍ରିନାଥ ସାହୁ, ପି:କାଶି ସାହୁ, ଜା:ଚଷା, ବା:ରାଣୀବଣିଆ | ୩୨ | ୧୨୯ | ଶାରଦ ତିନି | ୦.୧୦୦ | ୦.୧୦୦ | |
| ୪୭ | | | ୯୩(ସ୍ଲ) | ଶାରଦ ତିନି | ୦.୦୬୦ | ୦.୦୩୦ | |
| ୪୮ | | | ୪୪ | ପତିତ | ୦.୦୪୦ | ୦.୦୪୦ | |
| | | | | | ମୋଟ | **୦.୧୭୦** | |
| ୪୯ | ତ୍ରିଲୋଚନ ସାହୁ, ସଦାନନ୍ଦ ସାହୁ, ପି:ବୃନ୍ଦାବନ ସାହୁ, ଜା:ଚଷା, ବା:ନିଜଗାଁ | ୩୪ | ୩୭୯ | ଶାରଦ ଏକ/ ୩ | ୦.୨୩୦ | ୦.୨୩୦ | |
| ୫୦ | କାଳିଆ ନାୟକ, ଗୁଲି ନାୟକ, ରଇବାରୀ ନାୟକ, ପି:ଦ୍ୱାରୀ ନାୟକ, ଜା:ଚଷା, ବା:ନିଜଗାଁ | ୩୮ | ୧୪୧ | ଶାରଦ ତିନି | ୦.୧୬୦ | ୦.୧୬୦ | |
| ୫୧ | | | ୧୬୬ | ଶାରଦ ତିନି | ୦.୦୬୦ | ୦.୦୬୦ | |
| | | | | | ମୋଟ | **୦.୨୨୦** | |
| ୫୨ | ପଙ୍କଜ ଲୋଚନ ନନ୍ଦ, ପି:ଭାବଗ୍ରାହୀ ନନ୍ଦ, ଜା:ବ୍ରାହ୍ମଣ, ବା:ନୟାଭାଗିରଥିପୁର ପୂର୍ବବାଡ | ୪୬ | ୧୪୪ | ଶାରଦ ତିନି | ୦.୩୨୦ | ୦.୩୨୦ | |
| ୫୩ | ପ୍ରଫୁଲ୍ଲ କୁମାର ସାହୁ, ନଳିନି କୁମାର ସାହୁ, ବସନ୍ତ କୁମାର ସାହୁ, ଲତା ସାହୁ, କୁଞ୍ଜ ସାହୁ, ପି:ଦାମୋଦର ସାହୁ, ରଘୁନାଥ ସାହୁ, ପି:ଭୋଳେଶ୍ୱର ସାହୁ, ସୁଜିତ ସାହୁ, ସୁନିତା ସାହୁ, ପି:ସିତାନାଥ ସାହୁ, ସୁଭାଗିନି ସାହୁ, ସ୍ୱା:ସିତାନାଥ ସାହୁ, ରାଜବତି ସାହୁ, ସ୍ୱା:ଭୋଳେଶ୍ୱର ସାହୁ, ଜା:ଚଷା, ବା:ନିଜଗାଁ | ୪୯ | ୧୦୧ | ଶାରଦ ଦୁଇ | ୦.୧୯୦ | ୦.୧୯୦ | |
| ୫୪ | | | ୫୯ | ଶାରଦ ତିନି | ୦.୦୮୦ | ୦.୦୮୦ | |
| ୫୫ | | | ୮୫ | ଶାରଦ ତିନି | ୦.୦୭୦ | ୦.୦୭୦ | |
| ୫୬ | | | ୮୦ | ଶାରଦ ତିନି | ୦.୧୫୦ | ୦.୧୫୦ | |
| ୫୭ | | | ୧୭୧ | ଶାରଦ ତିନି | ୦.୨୧୦ | ୦.୨୧୦ | |
| ୫୮ | | | ୧୩୮ | ଶାରଦ ତିନି | ୦.୧୮୦ | ୦.୧୮୦ | |
| ୫୯ | ପ୍ରଫୁଲ୍ଲ କୁମାର ସାହୁ, ନଳିନି କୁମାର ସାହୁ, ବସନ୍ତ କୁମାର ସାହୁ, ଲତା ସାହୁ, କୁଞ୍ଜ ସାହୁ, ପି:ଦାମୋଦର ସାହୁ, ରଘୁନାଥ ସାହୁ, ପି:ଭୋଳେଶ୍ୱର ସାହୁ, ସୁଜିତ ସାହୁ, ସୁନିତା ସାହୁ, ପି:ସିତାନାଥ ସାହୁ, ସୁଭାଗିନି ସାହୁ, ସ୍ୱା:ସିତାନାଥ ସାହୁ, ରାଜବତି ସାହୁ, ସ୍ୱା:ଭୋଳେଶ୍ୱର ସାହୁ, ଜା:ଚଷା, ବା:ନିଜଗାଁ | ୪୯ | ୧୬୫ | ଶାରଦ ତିନି | ୦.୦୭୦ | ୦.୦୭୦ | |
| ୬୦ | | | ୩୮୪ | ଟଇଲା ଏକ | ୦.୧୨୦ | ୦.୧୨୦ | |
| ୬୧ | | | ୯୯/ ୧୬୭୭ | ଆଡି | ୦.୦୪୦ | ୦.୦୪୦ | |
| ୬୨ | | | ୧୬୯ | ଶାରଦ ତିନି | ୦.୨୧୦ | ୦.୨୧୦ | |
| ୬୩ | | | ୧୯୪(ସ୍ଲ) | ଶାରଦ ତିନି | ୦.୧୪୦ | ୦.୦୩୦ | |
| | | | | | ମୋଟ | **୧.୩୫୦** | |
| ୬୪ | ପ୍ରଫୁଲ୍ଲ କୁମାର ସାହୁ, ନଳିନି କୁମାର ସାହୁ, ବସନ୍ତ କୁମାର ସାହୁ, ଲତା ସାହୁ, କୁଞ୍ଜ ସାହୁ, ପି:ଦାମୋଦର ସାହୁ, ତିଳୋତ୍ତମା ସାହୁ, ସ୍ୱା:ଦାମୋଦର ସାହୁ, ରଘୁନାଥ ସାହୁ, ପି:ଭୋଳେଶ୍ୱର ସାହୁ, ସୁଜିତ ସାହୁ, ସୁନିତା ସାହୁ, ପି:ସିତାନାଥ ସାହୁ, ସୁଭାଗିନି ସାହୁ, ସ୍ୱା:ସିତାନାଥ ସାହୁ, ରାଜବତି ସାହୁ, ସ୍ୱା:ଭୋଳେଶ୍ୱର ସାହୁ, ଜା:ଚଷା, ବା:ନିଜଗାଁ | ୫୦ | ୬୪/ ୧୭୨୭ | ଶାରଦ ଦୁଇ | ୦.୦୩୦ | ୦.୦୩୦ | |
| ୬୫ | ବଳରାମ ନନ୍ଦ, ପି:ଯୋଗିନାଥ ନନ୍ଦ, ଦିଗମ୍ବର ନନ୍ଦ, ତାପସ କୁମାର ନନ୍ଦ, ଅନୁପମା ମହାପାତ୍ର, ଶଶିରେଖା ଦାଶ, ପି:ବଂଶୀଧର ନନ୍ଦ, କୁମୁଦିନୀ ନନ୍ଦ, ସ୍ୱା:ବଂଶିଧର ନନ୍ଦ, ଜା:ବ୍ରାହ୍ମଣ, ବା:କୁଞ୍ଜବିହାରୀପୁର | ୫୪ | ୧୩୦ | ଶାରଦ ତିନି | ୦.୦୫୦ | ୦.୦୫୦ | |
| ୬୬ | | | ୧୪୦ | ଶାରଦ ତିନି | ୦.୧୨୦ | ୦.୧୨୦ | |
| | | | | | ମୋଟ | **୦.୧୭୦** | |
| ୬୭ | ବସନ୍ତ ସାହୁ, ବିନୟ ସାହୁ, ବ୍ରହ୍ମାନନ୍ଦ ସାହୁ, ପି:ପଦନ ସାହୁ, ଜା:ଚଷା, ବା:ତଲବାଘଲୁଣ୍ଡା | ୫୫ | ୩୭୮ | ଶାରଦ ଏକ | ୦.୧୭୦ | ୦.୧୭୦ | |
| ୬୮ | ପ୍ରେମାନନ୍ଦ ସାହୁ, ଟଙ୍କଧର ସାହୁ, ଗୋଲାପ ସାହୁ, ମମତା ସାହୁ, ରିନାବାଳା ସାହୁ, ପି:ବଂଶିଧର ସାହୁ, ବିନୟ ସାହୁ, ବିମଳ କୁମାର ସାହୁ, ଦ୍ରୌପଦୀ ସାହୁ, ନିରୁପମା ସାହୁ, ପି:ଲିଙ୍ଗରାଜ ସାହୁ, ଜା:ଚଷା, ବା:ନିଜଗାଁ | ୫୬ | ୭୭ | ଶାରଦ ତିନି | ୦.୧୨୦ | ୦.୧୨୦ | ଦଖଲ ବଂଶିଧର ସାହୁ । |
| ୬୯ | | | ୫୨ | ଶାରଦ ଦୁଇ | ୦.୦୬୦ | ୦.୦୬୦ | ଦଖଲ ଲିଙ୍ଗରାଜ ସାହୁ |
| ୭୦ | | | ୧୦୬ | ପତିତ | ୦.୦୩୦ | ୦.୦୩୦ | ଦଖଲ ବଂଶିଧର ସାହୁ |
| ୭୧ | ପ୍ରେମାନନ୍ଦ ସାହୁ, ଟଙ୍କଧର ସାହୁ, ଗୋଲାପ ସାହୁ, ମମତା ସାହୁ, ରିନାବାଳା ସାହୁ, ପି:ବଂଶିଧର ସାହୁ, ବିନୟ ସାହୁ, ବିମଳ କୁମାର ସାହୁ, ଦ୍ରୌପଦୀ ସାହୁ, ନିରୁପମା ସାହୁ, ପି:ଲିଙ୍ଗରାଜ ସାହୁ, ଜା:ଚଷା, ବା:ନିଜଗାଁ | ୫୬ | ୯୧ | ଶାରଦ ତିନି | ୦.୦୭୦ | ୦.୦୭୦ | ଦଖଲ ଲିଙ୍ଗରାଜ ସାହୁ |
| ୭୨ | | | ୧୭୫ | ଶାରଦ ତିନି | ୦.୧୦୦ | ୦.୧୦୦ | ଦଖଲ ଲିଙ୍ଗରାଜ ସାହୁ |
| ୭୩ | | | ୧୭୨ | ଶାରଦ ତିନି | ୦.୧୦୦ | ୦.୧୦୦ | ଦଖଲ ବଂଶିଧର ସାହୁ |
| ୭୪ | | | ୩୮୫ | ଟଇଲା ଏକ | ୦.୦୫୦ | ୦.୦୫୦ | ଦଖଲ ଇଜିମାଲି |
| | | | | | ମୋଟ | **୦.୫୩୦** | |
୨୦୨୫ରେ ଢେଙ୍କାନାଳ ଜିଲାରେ ବଢ଼ିଥିଲା ହାତୀ ସଂଖ୍ୟା। ବୃଦ୍ଧି ପାଇଥିଲା ହାତୀ-ମଣିଷ ବିବାଦ। ବିଗତ କେଇବର୍ଷ ହେଲା ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ହାତୀଜନିତ ମୃତ୍ୟୁ ସଂଖ୍ୟା ଯେପରି ବଢ଼ିଚାଲିଛି ତାହା ପରିବେଶବିତ୍‌ଙ୍କ ଚିନ୍ତା ବଢ଼ାଇଦେଇଛି। କେତେବେଳେ ଗୋଟିଏ ଦିନରେ ୨ ଜଣ ତ ଆଉକେବେ କେଇ ଘଣ୍ଟା ମଧ୍ୟରେ ହାତୀ ୩ ଜଣଙ୍କୁ ଦଳିଦେବା ପରି ଘଟଣା ଦେଖିବାକୁ ମିଳିଥିବାରୁ ଏହା ବେଶ୍ ଉଦ୍‌ବେଗର କାରଣ ହୋଇଛି। ବିଦାୟୀ ବର୍ଷରେ ଅନୁଗୋଳ ଜିଲାରେ ୧୦ ମୁଣ୍ଡ ଗଡ଼ାଇଛି ଏହି ଐତିହ୍ୟ ପ୍ରାଣୀ। ତେବେ ଏହି ସଂଖ୍ୟା କ୍ଷେତ୍ରରେ ଢେଙ୍କାନାଳ ଜିଲା କେଇପାଦ ଆଗରେ ରହିଛି। ୨୦୨୫ରେ ଢେଙ୍କାନାଳ ଜିଲାରେ ୨୩ଜଣଙ୍କ ଜୀବନ ନେଇଛି ହାତୀ। ଏହି ଜିଲାରେ ହାତୀ ସଂଖ୍ୟା ରାଜ୍ୟର ସର୍ବାଧିକ। ଏଠାରେ ମୋଟ ୩୫୦ ହାତୀ ରହିଥିବା ଗଣନାରୁ ଜଣାପଡ଼ିଛି। ତେବେ ସେଥିରୁ ୨୧୫ ହାତୀ କେବଳ ହିନ୍ଦୋଳ ଉପଖଣ୍ଡରେ ଥିବାରୁ ଏଠାରେ ହାତୀ-ମଣିଷ ସଂଘର୍ଷ ଅଧିକମାତ୍ରାରେ ଦେଖିବାକୁ ମିଳୁଛି। ହିନ୍ଦୋଳ ରେଞ୍ଜର ରାସୋଳ, ଖଜୁରିଆକଟା ଆଦି ସେକ୍ସନରେ ହାତୀ ଉପଦ୍ରବ ସବୁଠାରୁ ଅଧିକ। ଗତ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ହାତୀ ଆକ୍ରମଣରେ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହିନ୍ଦୋଳ ଉପଖଣ୍ଡରେ ଘଟିଛି। ବାଘଧରିଆ ଗ୍ରାମରେ ଜୁଲାଇ ୩୧ ତାରିଖରେ ୩ ଜଣଙ୍କ ଜୀବନ ନେଇଥିଲା ହାତୀ। ଏହି ଘଟଣା ପରଠାରୁ ଏକପ୍ରକାର ଆତଙ୍କିତ ହୋଇ ଦିନ କାଟୁଛନ୍ତି ହିନ୍ଦୋଳ ଉପଖଣ୍ଡବାସୀ। ସେହିପରି ମଣିଷ ସହ ବିବାଦ ଯୋଗୁ ଢେଙ୍କାନାଳରେ ୬ଟି ହାତୀଙ୍କ ଅକାଳ ମୃତ୍ୟୁ ମଧ୍ୟ ଘଟିଛି। ତେବେ ସୋଲାର ଫେନସିଂ ତାର ହାତୀଙ୍କ ଜୀବନ ନେବା ବିଦାୟୀ ବର୍ଷରେ ଅନୁଗୋଳ ପାଇଁ ବେଶ୍ ଚର୍ଚ୍ଚିତ ଖବର ଥିଲା।

# ଉଦ୍‌ବେଗ

## ଚମକିଲେ ପ୍ରୀତିସ୍ମିତା, ବିଦ୍ୟୁସ୍ମିତା

୨୦୨୫ ବର୍ଷରେ କ୍ରୀଡ଼ାକ୍ଷେତ୍ରରେ ଢେଙ୍କାନାଳକୁ ମିଳିଥିଲା ଅନେକ ସଫଳତା। ଅନ୍ତର୍ଜାତୀୟ ଭାର ଉତ୍ତୋଳନରେ ସଫଳତା ସହ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ବିଜେତା ହୋଇପାରିଥିଲେ ଢେଙ୍କାନାଳର ପ୍ରୀତିସ୍ମିତା ଭୋଇ। ସେହିପରି ଅହମଦାବାଦଠାରେ ରାଜ୍ୟଗୋଷ୍ଠୀ ଭାର ଉତ୍ତୋଳନ ପ୍ରତିଯୋଗିତାରେ ୪୪ କେଜି କାଟେଗୋରିରେ ପ୍ରୀତିସ୍ମିତା ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।
ସେହିପରି ଜାତୀୟ ଅସ୍ମିତା ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ପାଇଥିଲେ ଢେଙ୍କାନାଳର ବିଦ୍ୟୁସ୍ମିତା ଭୋଇ। ଅହମଦାବାଦଠାରେ ରାଜ୍ୟଗୋଷ୍ଠୀ ଭାର ଉତ୍ତୋଳନ ପ୍ରତିଯୋଗିତାର ଜୁନିୟର ମହିଳା ବିଭାଗରେ ବିଦ୍ୟୁସ୍ମିତା ସ୍ୱର୍ଣ୍ଣ ପଦକ ହାସଲ କରିବା ସହିତ ନୂତନ ରେକର୍ଡ ସୃଷ୍ଟି କରିଥିଲେ। ସେହିପରି ପୂର୍ବାଞ୍ଚଳ ହକି ପ୍ରତିଯୋଗିତାରେ ଢେଙ୍କାନାଳ ବାଳିକା ଦଳ ଯାଜପୁରକୁ ହରାଇ ଚାମ୍ପିୟନ ହେବା ବିଦାୟୀ ବର୍ଷରେ ଜିଲା କ୍ରୀଡ଼ା ପାଇଁ ଉଲ୍ଲେଖନୀୟ ଘଟଣା ଥିଲା।



## ମେଡିକାଲ କଲେଜରେ ମୋହର

୨୦୧୪ରୁ ୨୦୨୫। ଦୀର୍ଘ ୧୧ ବର୍ଷର ପ୍ରତୀକ୍ଷା ପରେ ତାଳଚେର ମେଡିକାଲ କଲେଜ ବା ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବାଜିଲା ମୋହର। ୨ ସେପ୍ଟେମ୍ବର ୨୦୨୫ରେ ଜାତୀୟ ଭେଷଜ କମିଶନ(ଏନ୍‌ଏମ୍‌ସି) ପକ୍ଷରୁ ତାଳଚେର ମେଡିକାଲ କଲେଜକୁ ମିଳିଲା ବିଧିବଦ୍ଧ ଅନୁମତି। ଏହାପରେ ୧୦୦ ସିଟ୍‌ରେ ମେଡିକାଲ ଛାତ୍ରୀଛାତ୍ରଙ୍କ ନାମଲେଖା ସହ ଆରମ୍ଭ ହୋଇଥିଲା ପାଠପଢ଼ା। ୨୦୨୫ ବର୍ଷରେ ଅନୁଗୋଳ ଜିଲା ପାଇଁ ଏହାଥିଲା ସବୁଠୁ ବଡ଼ ସଫଳତା। ଏଥିସହ ଦୀର୍ଘବର୍ଷ ଧରି ଏହି ମେଡିକାଲ କଲେଜ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଚାଲିଥିବା ଆନ୍ଦୋଳନର ଏକପ୍ରକାର ପରିସମାପ୍ତି ଘଟିଥିଲା। ଏହି ମେଡିକାଲ କଲେଜର ଭିତ୍ତିଭୂମି ନିର୍ମାଣ ଏମ୍‌ସିଏଲ୍ ପକ୍ଷରୁ କରାଯାଇଥିବା ବେଳେ ଏଥିପାଇଁ ଖର୍ଚ୍ଚ କରାଯାଇଥିଲା ୫ଶହ କୋଟିରୁ ଅଧିକ ଟଙ୍କା। ୨୦୧୯ରେ ଏହି ମେଡିକାଲ କଲେଜ କୋଠାର ଉଦ୍‌ଘାଟନ କରାଯାଇଥିଲେ ହେଁ ଏମ୍‌ସିଏଲ୍ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଦାୟିତ୍ୱ ଠେଲାଠେଲି ପାଇଁ ଏହା କାର୍ଯ୍ୟକ୍ଷମ ହେବାକୁ ଦୀର୍ଘବର୍ଷ ଲାଗିଯାଇଥିଲା।





## ଶ୍ରେଷ୍ଠ ଫରେଷ୍ଟ ଗାର୍ଡଙ୍କୁ ଗୁଳି

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ନିଜିଗଡ ସେକ୍ସନର ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କୁ ୨୩ ମେ ୨୦୨୫ ରାତିରେ ବନ୍ୟପ୍ରାଣୀ ଶିକାରୀମାନେ ଗୁଳିକରି ହତ୍ୟା କରିବା ରାଜ୍ୟରେ ଚହଳ ପକାଇ ଦେଇଥିଲା। କୋଇ ସଂରକ୍ଷିତ ଜଙ୍ଗଲର ତଣ୍ଟିଚିରା ଗ୍ରାମ ପାଖରେ କେତେଜଣ ଶିକାରୀ ରାତିରେ ବନ୍ୟପ୍ରାଣୀ ଶିକାର ପାଇଁ ପ୍ରସ୍ତୁତ ହେଉଥିବା ଖବରପାଇ ପ୍ରହ୍ଲାଦ ସେଠାରେ ପହଞ୍ଚିଥିଲେ। ଏକ କାଜୁ ଜଙ୍ଗଲ ଭିତରେ ଥିବା ଚାଳଘରେ ଶିକାରୀ ଥିବା ଜାଣି ଚଢ଼ାଉ କରିବା ବେଳେ ତାଙ୍କୁ ଶିକାରୀମାନେ ଗୁଳି କରି ହତ୍ୟା କରିଥିଲେ। ହତ୍ୟାର ୨ମାସ ପୂର୍ବରୁ ପ୍ରହ୍ଲାଦ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କୃତ ହୋଇଥିଲେ।

## ନୀଳକଣ୍ଠପୁର 'ବରପୁତ୍ର ଆଦର୍ଶ ଗ୍ରାମ'




ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ଗାଁ ଢେଙ୍କାନାଳ ଜିଲା ଭୁବନ ବ୍ଲକ ମହୁଲପାଳ ସାମିଲକଣପାଳ ପଞ୍ଚାୟତସ୍ଥିତ ନୀଳକଣ୍ଠପୁରକୁ କେନ୍ଦ୍ର ସରକାର ଦେଇଥିଲେ 'ବରପୁତ୍ର ଆଦର୍ଶ ଗ୍ରାମ' ମାନ୍ୟତା। ୨୦୨୫ ଜୁନ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଏହା ଘୋଷଣା କରିବା ପରେ ଢେଙ୍କାନାଳ ଜିଲାବାସୀ ବେଶ୍ ଗର୍ବ ଅନୁଭବ କରିଥିଲେ। ଏପରି କି ନୀଳକଣ୍ଠପୁରସ୍ଥିତ ଶହୀଦ ପୀଠରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇ ଏହାକୁ ସ୍ୱାଗତ କରାଯାଇଥିଲା। ବରପୁତ୍ର ଆଦର୍ଶ ଗ୍ରାମ ଭାବେ ଘୋଷଣା ହୋଇଥିବାରୁ ଶହୀଦ ବାଜି ରାଉତଙ୍କ ସ୍ମୃତିରକ୍ଷା ପାଇଁ ନୀଳକଣ୍ଠପୁରରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯିବ ବୋଲି ଘୋଷଣା କରାଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ୫ ଅକ୍ଟୋବର ୨୦୨୫ରେ ନୀଳକଣ୍ଠପୁରରେ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ପାଳନ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

# ପର୍ଯ୍ୟଟନର ପରିବୃଦ୍ଧି



## ମନ୍ଦରଗିରି ପର୍ବତ



ଅନୁଗୋଳ ସହରଠାରୁ ୧୦ କିଲୋମିଟର ଦୂର ଚନ୍ଦ୍ରବାହାଳ ଗାଁରେ ଥିବା ମନ୍ଦରଗିରି ପର୍ବତକୁ ୨୦୨୫ରେ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ ରାଜ୍ୟ ସରକାର। ମନ୍ଦରଗିରି ପର୍ବତ ଉପରେ ପ୍ରାଚୀନ ଗୁମ୍ଫା ସହିତ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ମନ୍ଦିର ରହିଥିବାବେଳେ ପଶ୍ଚିମଭାଗରେ ଥିବା ପୁରୁଣାଗଡ଼, ବଡ଼କେରା, ଡୁମୁଣୀ ଆଦି ଅଞ୍ଚଳ ଗୋବର୍ଦ୍ଧନ ପର୍ବତ ଭାବେ ପରିଚିତ। ପ୍ରତିବର୍ଷ ମାଘ ମାସରେ ମନ୍ଦରଗିରି ଉପରେ ହେଉଥିବା ମାଘ ମେଳା ଓ ଯଜ୍ଞ ବେଶ୍ ପ୍ରସିଦ୍ଧ। ମନ୍ଦରଗିରି ପର୍ବତ ଔଷଧୀୟ ବୃକ୍ଷଲତାରେ ଭରପୂର। ଭାଦ୍ରବ ଓ ଆଶ୍ୱିନ ମାସରେ ସ୍ଥାନୀୟ ଅଞ୍ଚଳର ଲୋକେ ବନଦୁର୍ଗା, ଅନନ୍ତ ଗୁମ୍ଫା ଓ ଅନନ୍ତ ଶୟନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିଭିନ୍ନ ଔଷଧୀୟ ଗଛର ଡାଳ, ପତ୍ର ଓ ଚେର ସଂଗ୍ରହ କରିଥାନ୍ତି। ଟ୍ରେକିଂ କରିବାକୁ ଅନେକ ଯୁବପିଢ଼ି ଏହି ପର୍ବତକୁ ପସନ୍ଦ କରିଥାନ୍ତି।

## ନାରାୟଣ ସେବାଶ୍ରମ



୨୦୨୫ରେ ଅନୁଗୋଳ ଜିଲା ପର୍ଯ୍ୟଟନରେ ଘଟିଥିଲା ପରିବୃଦ୍ଧି। ଯୋଡ଼ିହୋଇଥିଲା ୩ଟି ନୂଆ ନାମ। ଜିଲାର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ବଅଁରପାଳ ବ୍ଲକ କୁକୁଡ଼ାଙ୍ଗସ୍ଥିତ ନାରାୟଣ ସେବାଶ୍ରମକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଥିଲା। ଏହା ବଅଁରପାଳ ବ୍ଲକ ଅଞ୍ଚଳ ପାଇଁ ଖୁସି ଆଣିଦେଇଥିବା ବେଳେ ଜିଲାର ପର୍ଯ୍ୟଟନ ମାନଚିତ୍ରରେ ନୂଆ ପଦଚିହ୍ନ ସୃଷ୍ଟି ହୋଇଥିଲା। ବଅଁରପାଳ ବ୍ଲକ ସଦର ମହକୁମାଠାରୁ ଅଳ୍ପ ଦୂର ନନ୍ଦିରା ନଦୀକୂଳ କୁକୁଡ଼ାଙ୍ଗ ନିକଟରେ ପୂର୍ବରୁ ଥିବା ଲଣ୍ଡା ପାହାଡ଼ରେ ସୃଷ୍ଟି କରାଯାଇଥିଲା ସବୁଜିମା। ଏହି ଉପବନରେ ତୁଳସୀ ବଣ, ବିଭିନ୍ନ ଔଷଧୀୟ ବୃକ୍ଷ, ଫୁଲ, ଫଳ ଗଛ, ଶୋ' ଗଛ ସହ କଂକ୍ରିଟ ପାଦଚଲା ରାସ୍ତା, ବିଭିନ୍ନ ଦେବଦେବୀ ଏବଂ ମହାପୁରୁଷଙ୍କ ପଥର ମୂର୍ତ୍ତି, ପର୍ଯ୍ୟଟକଙ୍କ ବସିବା ପାଇଁ ପକ୍କା ବେଞ୍ଚ ନିର୍ମାଣ କରାଯାଇଥିଲାବେଳେ ଧାର୍ମିକ ଅନୁଚିନ୍ତନ, ସଭା, ସତ୍‌ସଙ୍ଗ ଆଦି ପାଇଁ ବ୍ୟବସ୍ଥା ଥିବାରୁ ଏହି ସ୍ଥାନ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସିଥିଲା। ବିଶେଷକରି 'ମୁକ୍ତି ମାର୍ଗ' ଉଦ୍ୟାନରେ ଅନେକ ସମୟରେ ଜିଲା ପ୍ରଶସନ, ଲୋକ ପ୍ରତିନିଧିମାନେ ପହଞ୍ଚି ଚାରାରୋପଣ କରୁଥିବାରୁ ଏହା ରାଜ୍ୟ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲା।

## ଶୈବପୀଠ ଦେଉଳଝରି



କିଆବଣ ମଧ୍ୟରେ ପୂଜା ପାଉଛନ୍ତି ପ୍ରଭୁ ସିଦ୍ଧେଶ୍ୱର। ଏହି ପୀଠ ମଧ୍ୟ ଦେଇ ପ୍ରବାହିତ ହେଉଛି ୫ଟି କ୍ଷୁଦ୍ର ଚିରସ୍ରୋତା ଝରଣା। ଦେଉଳ ଓ ଝରର ଅପୂର୍ବ ସମନ୍ୱୟ ଯୋଗୁ ପୀଠର ନାମ ହୋଇଛି ଦେଉଳଝରି। ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ପ୍ରସିଦ୍ଧ ଶୈବପୀଠ ଦେଉଳଝରିକୁ ୨୦୨୫ରେ ରାଜ୍ୟ ସରକାର ଦେଇଥିଲେ ପର୍ଯ୍ୟଟନସ୍ଥଳୀର ମାନ୍ୟତା। ପ୍ରକୃତି ଓ ଶିବଙ୍କ ମିଳନ ସ୍ଥଳ ଭାବରେ ପରିଚିତ ଏହି ଦେଉଳଝରିର ଅଧିକାଂଶ ଭାଗ କିଆ, କେତକୀ ବଣରେ ପରିପୂର୍ଣ୍ଣ। ଏଠାରେ ଥିବା ଏହି ଲିଙ୍ଗର ନିମ୍ନଭାଗକୁ ଏକ ଉଷ୍ଣଝର ଅନବରତ ଧୋଇବାରେ ଲାଗିଛି। ଦେଉଳଝରି ପରିସରସ୍ଥ ମାହେଶ୍ୱରୀ ମନ୍ଦିର ସମ୍ମୁଖରେ ରହିଛି ଉଷ୍ମଜଳ କୁଣ୍ଡ। ଏଠାରେ ଥିବା କୁଣ୍ଡଗୁଡ଼ିକ ମଧ୍ୟରୁ ସବୁଠାରୁ ଉତ୍ତପ୍ତ ଜଳକୁଣ୍ଡର ଉତ୍ତାପ ହେଉଛି ୧୩୫ ଡିଗ୍ରୀ ସେଲ୍‌ସିୟସ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ............................


ଅନୁଷ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାର୍ଚ୍ଚ ୨୬ରୁ ମେ ୩୧ ମଧ୍ୟରେ ହେବ ଆଇପିଏଲ୍

**ମୁମ୍ବାଇ, ୧୬।୧୨ (ପି.ଟି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସଂସ୍କରଣ ମାର୍ଚ୍ଚ ୨୬ରୁ ମେ' ୩୧ ମଧ୍ୟରେ ଖେଳାଯିବ। ମାତ୍ର ଆର୍‌ସିବିର ଘରୋଇ ଗ୍ରାଉଣ୍ଡ ବେଙ୍ଗାଲୁରୁରେ ଓପନିଂ ମ୍ୟାଚ୍ ଖେଳାଯାଉଛି କି ନା ତାହା ଉପରେ ଅନେକେ ଲକ୍ଷ୍ୟ ରଖିଛନ୍ତି। ନିୟମାନୁସାରେ, ଆଇପିଏଲ୍ ୨୦୨୫ ଟାଇଟଲ ବିଜେତା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ହୋମ୍ ଗ୍ରାଉଣ୍ଡ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଓପନିଂ ମ୍ୟାଚ୍ ଖେଳାଯିବା ଉଚିତ। ମାତ୍ର ସେଠାରେ ହେବ କି ନା ତାହା ଲକ୍ଷ୍ୟ କରିବା କଥା। ଯଦିଓ ଏହି ଭେନ୍ୟୁ କର୍ଣ୍ଣାଟକ ରାଜ୍ୟ ସରକାରଙ୍କଠାରୁ ସର୍ତ୍ତମୂଳକ କ୍ଲିୟରାନ୍ସ ହାସଲ କରିଛି, ତଥାପି ଚଳିତବର୍ଷ ଜୁନ୍‌ରେ ଆର୍‌ସିବିର ବିଜୟ ଉତ୍ସବ ପାଳନ ବେଳେ ଏକ ଦଳାଚକଟା ଘଟଣାରେ ୧୧ଜଣ ଖେଳପ୍ରେମୀଙ୍କ ମୃତ୍ୟୁ ଘଟିଥିଲା।

# ମହିଳା ଫୁଟବଲ: ଓଡ଼ିଶା ପୋଲିସ ଚାମ୍ପିୟନ

**ଭୁବନେଶ୍ୱର, ୧୬।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ମହିଳା ଫୁଟବଲ ଲିଗ୍‌ରେ ଓଡ଼ିଶା ପୋଲିସ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ଓଡ଼ିଶା ପୋଲିସ ୫-୦ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି। ଫଳରେ ପଏଣ୍ଟ ଭିତ୍ତିରେ ଓଡ଼ିଶା ପୋଲିସ ଟାଇଟଲ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ପ୍ୟାରୀ ଖାଖା ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ଯଶୋଦା ମୁଣ୍ଡା ଓ ସତ୍ୟବତୀ ଖାଡ଼ିଆ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ୟାରୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୁଜିତ କୁମାର ପାତ୍ରୋ, ଶିବ ସାମନ୍ତରାୟ, ଶିବ ଦେହୁରି ଓ ସୋଭାଲିନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ସୁଦୀପ୍ତା ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।



ଚାମ୍ପିୟନ ଓଡ଼ିଶା ପୋଲିସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ସାବାଲେଙ୍କା ପୁଣି ପ୍ଲେୟର ଅଫ୍ ଦି ଇୟର

**ନ୍ୟୁୟର୍କ, ୧୬।୧୨ (ଏପି)**

ଆରିନା ସାବାଲେଙ୍କା ସୋମବାର କ୍ରମାଗତ ଦ୍ୱିତୀୟ ଥର ଡବ୍ଲ୍ୟୁଟିଏ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। ୟୁଏସ୍ ଓପନ ଜିତିବା ଏବଂ ଅନ୍ୟ ଦୁଇଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ଖେଳିବା ସହ ନମ୍ବର-୧ ଭାବେ ସିଜନ ଶେଷ କରିଥିଲେ। ଏଥିଯୋଗୁ ତାଙ୍କୁ ମିଡିଆ ପ୍ୟାନେଲରୁ ପାଖାପାଖି ୮୦% ଭୋଟ୍ ମିଳିଥିଲା। ଗତ ୨୫ ବର୍ଷ ମଧ୍ୟରେ ଲଗାତର ଏହି ପୁରସ୍କାର ପାଇବାରେ ସେ ସେରେନା ୱିଲିୟମ୍ସ ଓ ଇଗା ସ୍ୱିଟେକ୍‌ଙ୍କ ପରେ ତୃତୀୟ ଖେଳାଳି। ବେଲାରୁଷର ୨୭ ବର୍ଷୀୟା ସାବାଲେଙ୍କା ୨୦୨୫ରେ ୬୩ଟି ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ ୧୨ଟିରେ ପରାଜିତ ହୋଇଥିଲେ ଏବଂ ୯ଟିରେ ସେ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଥି ସହିତ ସେ ୧୫ ନିୟୁତ ଡଲାର ପୁରସ୍କାର ରାଶି ଲାଭ କରିଛନ୍ତି, ଯାହାକି ଏକ ଟୁର୍ ରେକର୍ଡ। ୨୦୨୫ରେ ସେ ବର୍ଷସାରା ନମ୍ବର-୧ ରହିଆସିଛନ୍ତି। ସୂଚନାଯୋଗ୍ୟ, ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନ ମାଡିସନ କିଜ୍‌ଙ୍କଠାରୁ ପରାଜିତ ହୋଇ ସେ ରନରଅପ୍ ହୋଇଥିଲେ। ଜୁନ୍‌ରେ ଫ୍ରେଞ୍ଚ ଓପନ ଫାଇନାଲରେ ସେ କୋକୋ ଗଫ୍‌ଙ୍କଠାରୁ ପରାଜିତ ହୋଇଥିଲେ। ଜୁଲାଇରେ ସେ ୱିମ୍ବଲଡନ ସେମିଫାଇନାଲରେ ପ୍ରବେଶ କରି ସେ ଆମାଣ୍ଡା ଆନିସିମୋଭାଙ୍କଠାରୁ ପରାଜିତ ହୋଇଥିଲେ। ଅନ୍ୟପକ୍ଷରେ ଆନିସିମୋଭା ମୋଷ୍ଟ ଇମ୍ପ୍ରୁଭ୍‌ଡ ପ୍ଲେୟର ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି।


## ଜନ୍ମଦିନ ଶୁଭେଚ୍ଛା



**ଅନୁଷ୍କା ପ୍ରିୟଦର୍ଶିନୀ(ଗୁନୁ)**
DOB:17.12.2012
**କୋରଙ୍ଗା, ତରବୋଇ, ଜଟଣୀ, ଖୋର୍ଦ୍ଧା**

ଆଜି ତୋର ତ୍ରୟୋଦଶତମ ଜନ୍ମବାର୍ଷିକ ଅବସରରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: ବାବା- ସୁକାନ୍ତ, ମାମା- ରାଜଶ୍ରୀ(ରିଙ୍କୁ), ମିମି, ବା, ମାମୁ, ମାଇଁ, ଜେଜେ, ଜେଜେମା, ବଡବୋଉ, ବଡବାପା, ଦାଦା, ଖୁଡ଼ୀ, ଭାଇ- ରିଶି, ଆଦି, ବୀର, ଚିନ୍ଟୁ, ପିଣ୍ଟୁ, ଗୁଲୁଲୁ, ରିତୁନ, ଭଉଣୀ- ଗେଲି, ଦୀୟା, ପ୍ରିୟା, ଗୁଗୁଲୁ, ବେବି, ଶ୍ରୀୟା, ମଉସା, ମାଉସୀ, ପିଉସା, ପିଉସୀ ଏବଂ ବନ୍ଧୁ ଓ ପରିବାରବର୍ଗ।


# ଫର୍ମୁଲା ୱାନ୍ କ୍ୟାଲେଣ୍ଡରକୁ ଫେରିବ ପର୍ତ୍ତୁଗାଲ

**ପ୍ୟାରିସ, ୧୬।୧୨ (ଏପି):** ଡଚ୍ ଗ୍ରାଁ ପ୍ରି ବଦଳରେ ୨୦୨୭ ଓ ୨୦୨୮ରେ ଫର୍ମୁଲା ୱାନ କ୍ୟାଲେଣ୍ଡରକୁ ଫେରିବ ପର୍ତ୍ତୁଗାଲ। ପୂର୍ବରୁ କରୋନା ଭାଇରସ ମହାମାରୀ ସମୟରେ ପୋର୍ଟିମାଓ ନିକଟବର୍ତ୍ତୀ ଅଲ୍ ଗାରେଭ ଇଣ୍ଟରନ୍ୟାଶନାଲରେ ସର୍କିଟରେ ୨୦୨୦ ଓ ୨୦୨୧ରେ ଫର୍ମୁଲା ୱାନ ଆୟୋଜିତ ହୋଇଥିଲା।

# କୁଚ୍ ବିହାର ଟ୍ରଫି : ହିମାଚଳ ପ୍ରଦେଶ ୧୮୧: ଓଡ଼ିଶା ୪୪/୦

**ବଲାଙ୍ଗୀର, ୧୬।୧୨**
**(ବୀରେନ୍ଦ୍ର କୁମାର ଝାଙ୍କର)**

ମଙ୍ଗଳବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ(୧୯ ବର୍ଷରୁ କମ୍) ମ୍ୟାଚ୍ ମଙ୍ଗଳବାର ଆରମ୍ଭ ହୋଇଛି। ଟସ୍ ଜିତି ହିମାଚଳ ପ୍ରଦେଶ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦବସରେ ସମସ୍ତ ଉଇକେଟ ହରାଇ ଦଳ ୧୮୧ ରନ୍ କରିଥିଲା। ହିମାଚଳ ପ୍ରଦେଶ ପକ୍ଷରୁ ଆଦିତ୍ୟ କଟାରିଆ ସର୍ବାଧିକ ୫୭, ଅର୍ପିତ୍ ସିଂ ୪୧, କବୀର ସିଂ ୩୭ ରନ୍ ସଂଗ୍ରହ କରିଥିଲେ। ଓଡ଼ିଶା ପକ୍ଷରୁ ସଫଳ ବୋଲର ଭାବେ ପ୍ରିୟାଂଶୁ ମହାନ୍ତି ସର୍ବାଧିକ ୭ଟି ଉଇକେଟ, ସମ୍ବିତ ବେଜ୍ ଓ ରାଜ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ତା'ର ପ୍ରଥମ ଇନିଂସ ଆରମ୍ଭକରି ମଙ୍ଗଳବାର ଖେଳ ଶେଷ ସୁଦ୍ଧା କୌଣସି ଉଇକେଟ ନ ହରାଇ ୪୪ ରନ୍ ସଂଗ୍ରହ କରିଛି। ସମ୍ବିତ ବେଜ୍ ୨୫ ଓ ଅଭିଜିତ ଦାସ ୧୮ ରନ କରି ଅପରାଜିତ ଅଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଏବଂ ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଯୋଗଦାନ କରିଥିଲେ। ଜିଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧକ୍ଷତା ଓ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେଉଛି।


ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ୍‌ରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।


# Classified Everyday
0674-2580101, 9692975378


**MATRIMONIAL**

**BRIDE WANTED**

Handsome Khandayat Boy 1997, 5'8" B-Tech Serving Accenture, Bhubaneswar, SUNASANSAR. 9937512659. D-2827

ଝିଅ ଆବଶ୍ୟକ: ଚାକିରି କରି ଏକାକୀ ରହୁଥିବା, 49-ବୟସ, Divorce ପୁଅପାଇଁ ଯେକୌଣସି ଜାତିର 30-45yrs ଝିଅ ଆବଶ୍ୟକ। Candidate: 9861141891. D-2826


**REAL ESTATE**

**SALE**

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452. D-227

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**CONSTRUCTION**

Construct Your Home With Tata Rod, Ultratech Cement, Colour Electrical, PHD, Door Complete 1350/-. 9827152441. D-2828




All types of physiotherapy with massage, Contact number 9556924059/ 7656969134. D-2766

**AFFIDAVIT**

I, Dhananjaya Behera, S/o. Pabitra Behera, Resident of Village- Brahmapur, P.O.- Bedapada, P.S.- Rasol, Dist.- Dhenkanal, Odisha- 759019 declare that I have changed my minor daughter's name from SOUNYASHREE BEHERA to SWAYAM SHREE BEHERA on dtd.16.12.2025 before Executive Magistrate, Hindol.
Dhananjaya Behera D-2839

By virtue of affidavit, No.- 4788, I, Pradeep Kumar Debta, S/o. Keshaba Debta, Resident of Debta Colony, W.D. No.- 13, Bargarh- 768028, I do here by declare that henceforth, I shall be known as Pradeep Debta for all purposes. D-2841

I, Jai Pattanayak, W/o. Chakradhar Pattanayak resident of Vill./P.O.- Nimabahali, P.S.-Balimi, Dist.- Dhenkanal, Odisha- 759121, declare that I have changed my name from JAITRI PATTANAYAK to JAI PATTANAYAK on dtd. 15.12.2025 before Executive Magistrate, Hindol.
Jai Pattanayak D-2840

By virtue of an affidavit sworn before the Executive Magistrate, Boudh, No.1688, Dtd.16.12.25, I, Nandini Sethy, W/o. Sanjit Kumar Sethy, R/o. Village- Palaspat, P.O.- Ramgarh, P.S./Dist.- Boudh (Odisha) PIN- 762013 declare that I have changed the name of my son from Sukant Sethi to Sukanta Sethy. Henceforth, he shall be known as Sukanta Sethy for all purposes.
Nandini Sethy D-2842

By virtue of an affidavit dtd.16.12.2025 sworn before Executive Magistrate, Bhadrak, I, Kaberi Patra, W/o.- Biswajit Mallick, Vill.- Samaraipur, P.O.- Gelpur, P.S.- Bhadrak (R), Dist.- Bhadrak, Odisha, PIN- 756181 declare that I have changed my son's name from Ayush Mallick to Ayushman Mallick. Henceforth, he shall be known as Ayushman Mallick for all purposes. D-2843

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

**ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ**
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



**୰ ଅନୁପମା ସାହୁ**
ସ୍ୱାମୀ - ୰ ମଦନମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୧୭.୧୨.୨୦୧୩
ମାଆ,
ଜୀବନର ଋଣ ଶୁଝି ଆରପାରିକୁ ଚାଲିଗଲ। ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଆମର ପାଥେୟ ହେଉ।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ପରିଜନ

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**୰ ଶଶାଙ୍କ ଶେଖର ସାମନ୍ତ**
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ, ଓଡ଼ିଶା
ଆବିର୍ଭାବ : ୩୦.୦୫.୧୯୪୨
ତିରୋଧାନ : ୧୫.୧୨.୨୦୧୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହିତ : ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ।

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଧଜେନ୍ଦ୍ର ବରିସଲ**
ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ: ୧୪।୦୩।୧୯୩୯
ତିରୋଧାନ: ୦୭।୧୨।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ-ବୋହୂ: ପ୍ରମୋଦ- ସୁଜାତା, ପ୍ରଦୀପ- ସ୍ମୃତିଶିଖା (19 No. WARD, CORPORATOR, BMC)
ଝିଅ-ଜ୍ୱାଇଁ: ଶ୍ୟାମସୁନ୍ଦର-ନିରୁପମା, ମିହିର- ମନୋରମା
ନାତି- ନାତୁଣୀ: ବିଶାଲ, ଭିପୁଲ, ତ୍ରୀଶା, ରାଜା, ରୋହନ ଏବଂ ପରିବାରବର୍ଗ।

**ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରମାମଣୀ ରାୟ(ରମାଦିଦି)**
ସ୍ଥାନ- ଶାଆଁଳପୁର, ଧୂଷୁରୀ
ଆବିର୍ଭାବ- ୦୭।୦୬।୧୯୪୩
ତିରୋଧାନ- ୧୭।୧୨।୨୪
ଚାହୁଁଚାହୁଁ ବରଷଟେ ବିତିଗଲାଣି। ପ୍ରତିଟି ମୁହୂର୍ତ୍ତରେ ଆମେ ତୁମର ଅନୁପସ୍ଥିତି ଉପଲବ୍ଧି କରୁଛୁ। ତୁମର ହସହସ ମୁହଁ, କର୍ତ୍ତବ୍ୟନିଷ୍ଠା, ଦାୟିତ୍ୱବୋଧ, ପରୋପକାରିତା କଥା ଆମମାନଙ୍କ ପ୍ରେରଣାର ଉତ୍ସ ହୋଇ ରହିଛି। ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁପରିଜନ ଓ ପରିବାରବର୍ଗ।



# LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର, (ଶ୍ରୀ ଆଶୁତୋଷ ସାମଲ, OAS (SAG)),
ଅତିରିକ୍ତ ରିଭିଜନ କୋର୍ଟ ନଂ. ୨ ଅଧିକାରୀଙ୍କ ନ୍ୟାୟାଳୟ
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ନଅ ମହଲା, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.୩୫୪/୨୦୨୪
(ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା - ୧୫(ବି) ଅନୁଯାୟୀ)

ଶ୍ରୀ ଅଜୟ କୁମାର ରାଉତ ....ବାଦୀ
ବନାମ
ତହସିଲଦାର, ଭୁବନେଶ୍ୱର ଓଗେର .... ପ୍ରତିବାଦୀମାନେ
ପ୍ରତିବାଦୀ ନଂ.୬, କରୁଣାକର ସାହୁ, ପି.- ୰ ଭାଗୁଳି ସାହୁ,
ସା/ ପୋ.ଅ./ ଥାନା- ମଂଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

ଦେୱାନୀ ଆଇନର ଅର୍ଡର- ୫ ରୁଲ୍-୨୦ ଅନୁଯାୟୀ ନୋଟିସ

ଏତଦ୍ୱାରା ଅତ୍ର ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି । ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି ।

ଜମିର ତଫସିଲ

ମୌଜା- ଭୁବନେଶ୍ୱର ସହର, ୟୁନଟ୍- ୩୯, ଗାଡକଣ, ଥାନା- ନିୟୁ କ୍ୟାପିଟାଲ ନଂ.୨୫, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.୨୧୦୫, ହାଲ୍ ପ୍ଲଟ ନଂ.୫୨୬୪ ଏ.୦.୧୩୦ଡି. ସ୍ୱଧରୁ ଏ.୦.୦୪୫ଡି., ସାବକ ମୌଜା- ଗାଡକଣ, ସାବକ ଖାତା ନଂ.୫୧୨, ସାବକ ପ୍ଲଟ୍ ନଂ.୨୬୫୭, ଏ.୦.୧୩୦ ଡି. କ୍ରୟବୃତ୍ତି ଏ.୦.୦୪୪୫ଡି., ମୌଜା- ଗାଡକଣ, ପ୍ରି- ସାବକ ଖାତା ନଂ.୫୨୬, ପ୍ରି- ସାବକ ପ୍ଲଟ ନଂ.୩୩୫୦, ଏ.୦.୧୪ ଡି.

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ବନ୍ଦୋବସ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.୨, ଓଡ଼ିଶା ଭୁବନେଶ୍ୱର ବିଭାଗୀୟ ମୁଖ୍ୟ ଦପ୍ତର, ୯ ମହଲାଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.୨୬.୧୨.୨୫ରିଖ ଦିବା ଘ୧୧:୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲ ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ନିୟମ ଅନୁଯାୟୀ ମୋକଦ୍ଦମା ଫଇସଲା କରାଯିବ ।

ତା.୦୮.୧୨.୨୦୨୫ ଅଦାଲତଙ୍କ ଆଦେଶକ୍ରମେ
ଭୁବନେଶ୍ୱର ସ୍ୱା/- କୋର୍ଟ ଅଫିସର
ଅତିରିକ୍ତ କମିଶନର,
ଅତିରିକ୍ତ ରିଭିଜନ କୋର୍ଟ ନଂ.୨, ଭୁବନେଶ୍ୱର
ଧ-୨୮୪୬

ମାନ୍ୟବର ଅତିରିକ୍ତ କମିଶନର, (ଶ୍ରୀ ଆଶୁତୋଷ ସାମଲ, OAS (SAG)),
ଅତିରିକ୍ତ ରିଭିଜନ କୋର୍ଟ ନଂ. ୨ ଅଧିକାରୀଙ୍କ ନ୍ୟାୟାଳୟ
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ନଅ ମହଲା, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.୩୮୪/୨୦୨୪
(ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା - ୧୫(ବି) ଅନୁଯାୟୀ)

ଶ୍ରୀମତୀ ସଂଯୁକ୍ତା ନନ୍ଦ ....ବାଦୀ
ବନାମ
ତହସିଲଦାର, ଭୁବନେଶ୍ୱର ଓଗେର ....ପ୍ରତିବାଦୀମାନେ
ପ୍ରତିବାଦୀ ନଂ. ୬, କରୁଣାକର ସାହୁ, ପି.- ୰ ଭାଗୁଳି ସାହୁ,
ସା/ପୋ.ଅ./ ଥାନା- ମଂଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଦେୱାନୀ ଆଇନର ଅର୍ଡର-୫ ରୁଲ୍-୨୦ ଅନୁଯାୟୀ ନୋଟିସ

ଏତଦ୍ୱାରା ଅତ୍ର ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି । ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି ।

ଜମିର ତଫସିଲ

ମୌଜା- ଭୁବନେଶ୍ୱର ସହର, ୟୁନିଟ୍- ୩୯, ଗାଡକଣ, ଥାନା- ନିୟୁ କ୍ୟାପିଟାଲ ନଂ.୨୫, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.୨୧୦୫, ହାଲ୍ ପ୍ଲଟ ନଂ.୫୨୬୪ ଏ.୦.୧୩୦ଡି. ସ୍ୱଧରୁ ଏ.୦.୦୪୪ଡି., ସାବକ ମୌଜା- ଗାଡକଣ, ସାବକ ଖାତା ନଂ.୫୧୨, ସାବକ ପ୍ଲଟ ନଂ.୨୬୫୭, ଏ.୦.୧୩୦ ଡି. କ୍ରୟବୃତ୍ତି ଏ.୦.୦୪୪ଡି., ମୌଜା- ଗାଡକଣ, ପ୍ରି- ସାବକ ଖାତା ନଂ.୫୨୬, ପ୍ରି- ସାବକ ପ୍ଲଟ୍ ନଂ.୩୩୫୦, ଏ.୦. ୧୪ ଡି.

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ବନ୍ଦୋବସ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.୨, ଓଡ଼ିଶା ଭୁବନେଶ୍ୱର ବିଭାଗୀୟ ମୁଖ୍ୟ ଦପ୍ତର, ୯ ମହଲାଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.୨୬.୧୨.୨୫ରିଖ ଦିବା ଘ୧୧:୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲ ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ନିୟମ ଅନୁଯାୟୀ ମୋକଦ୍ଦମା ଫଇସଲା କରାଯିବ ।

ତା.୦୮.୧୨.୨୦୨୫ ଅଦାଲତଙ୍କ ଆଦେଶକ୍ରମେ
ଭୁବନେଶ୍ୱର ସ୍ୱା/- କୋର୍ଟ ଅଫିସର
ଅତିରିକ୍ତ କମିଶନର,
ଅତିରିକ୍ତ ରିଭିଜନ କୋର୍ଟ ନଂ.୨, ଭୁବନେଶ୍ୱର
ଧ-୨୮୪୭

## ଫୁଲ ଚାଷ



**ଗୋ**ଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବୁ ଜ୍ୟାଣ୍ଟ ଅରେଞ୍ଜ୍, ଆଫ୍ରିକାନ୍ ଡବୁ ଜ୍ୟାଣ୍ଟ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡ଼ିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

## ପନିପରିବା ଚାଷ



**ବି**ଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶୁଁବାଳୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ। ଚିନାବାଦମ ବୁଣିବାର ଦୁଇତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆ ଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ସମ୍ବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ଫ୍ଲୁବେଣ୍ଡିଆମାଇଡ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

# ପ୍ରାଣୀଙ୍କୁ ଫାଟୁଆ ରୋଗ



ଡା.ବୀରକିଶୋର ପରିଡ଼ା

"ଫାଟୁଆ ପ୍ରାଣୀମାନଙ୍କର ଏକ ସବୁଠାରୁ ବଡ଼ ଅନିଷ୍ଟକାରୀ ଏବଂ ଉଚ୍ଚ ସଂକ୍ରମିତ ରୋଗ ରୂପେ ଦେଖାଦେଇଥାଏ । ଏହି ରୋଗ ଖୁବ୍‌ଶୀଘ୍ର ଗୋଟିଏ ପ୍ରାଣୀରୁ ଆଉ ଗୋଟିଏ ପ୍ରାଣୀକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବ୍ୟାପି ଯାଇଥାଏ । ଭୂତାଣୁଗୁଡ଼ିକ ପାଟିର ଆବରଣ, ନାକ, ଆଖି କିମ୍ବା ଚର୍ମର ଖଣ୍ଡିଆ ବା କ୍ଷତର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ଶରୀରରେ ସହଜରେ ପ୍ରବେଶ କରି ରୋଗ ସୃଷ୍ଟି କରିଥାଏ ।"

**ଫା**ଟୁଆ ରୋଗ ଏକ ମାରାତ୍ମକ ଭୂତାଣୁଜନିତ ସଂକ୍ରାମକ ରୋଗ । ଏହି ଭାଇରସ୍ ପିକର୍ଣ୍ଣା ପରିବାର ଏବଂ ଆପ୍‌ଥୋ ଭୂତାଣୁ ଜାତିର ଅନ୍ତର୍ଭୁକ୍ତ । ୧୯୯୨ ମସିହାରେ ପ୍ରସିଦ୍ଧ ବୈଜ୍ଞାନିକ ଲଫଲର୍ ଏହି ପ୍ରସ୍ତୁତ ଭୂତାଣୁକୁ ସବୁଠାରୁ ପ୍ରଥମ କ୍ଷୁଦ୍ର ଭୂତାଣୁ ରୂପରେ ଚିହ୍ନଟ କରିଥିଲେ । ୧୮୩୯ ମସିହାରେ ଇଂଲଣ୍ଡର ଷ୍ଟ୍ରାଟ୍‌ଫୋର୍ଡଠାରେ ଏହି ଭୂତାଣୁ ସର୍ବପ୍ରଥମେ ଦେଖାଦେଇଥିଲା । ତା'ପରେ ଏହା ସ୍କଟଲାଣ୍ଡ, ଆୟରଲାଣ୍ଡ ଭଳି ଦେଶରେ ବ୍ୟାପି ଯାଇଥିଲା । ବର୍ତ୍ତମାନ ପୃଥିବୀର ସବୁ ଦେଶରେ ଏହା ଏକ ମାରାତ୍ମକ ସଂକ୍ରାମକ ରୋଗ ରୂପେ ଦେଖାଦେଇ ଡାଏରୀ ଶିଳ୍ପରେ ଏକ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଅଛି । ଏହା ଏକ ଗୋଟିକିଆ ସୂତାକୃତିର ଆର୍.ଏନ୍.ଏ. ଭୂତାଣୁ। ଏଥିରେ ସାଧାରଣତଃ ଗାଇଗୋରୁ ସବୁଠାରୁ ବେଶି ଆକ୍ରାନ୍ତ ହୋଇଥାନ୍ତି। ଆମ ଦେଶ ଭାରତ ଓ ଏସିଆ ମହାଦେଶରେ ସାଧାରଣତଃ ପାଞ୍ଚ ପ୍ରକାରର ଫାଟୁଆ ଭୂତାଣୁ ଦେଖିବାକୁ ମିଳେ । ସେଗୁଡ଼ିକ ହେଲା – ଓ, ଏ, ସି, ଏସିଆଟିକ୍ –୧ ଏବଂ ଏ –୨୨। ଏପର୍ଯ୍ୟନ୍ତ ମୋଟ ୭୪ ପ୍ରକାରରୁ ଊର୍ଦ୍ଧ୍ୱ ଫାଟୁଆ ଉପଜାତିର ଭୂତାଣୁ ପୃଥିବୀର ବିଭିନ୍ନ ସ୍ଥାନରେ ଚିହ୍ନଟ କରାଯାଇଅଛି।

ଏହି ଭୂତାଣୁ ଗୁହାଳର ଚଟାଣ, କାନ୍ଥ, ବ୍ୟବହୃତ ଲୁଗାପଟା, ଖାଦ୍ୟପାତ୍ରରେ ଗରମ ଦିନରେ ୧ମାସ ଏବଂ ଶୀତଦିନରେ ୨ମାସ ପର୍ଯ୍ୟନ୍ତ ସଂକ୍ରମିତ ଅବସ୍ଥାରେ ବଞ୍ଚିରହିଥାନ୍ତି । ଏହି ଭୂତାଣୁ ୩୭ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପରେ ଦୁଇଦିନ ବଞ୍ଚିଥାନ୍ତି। ପାଣି ଓ ପବନ ଦ୍ୱାରା ଏମାନେ ଖୁବ୍ ଶୀଘ୍ର ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ମାଡ଼ି ଯାଆନ୍ତି ଏବଂ ଖୁବ୍ ଶୀଘ୍ର ସେମାନଙ୍କର ରୂପ ଓ ଗୁଣ ବଦଳାନ୍ତି । ଫାଟୁଆ ରୋଗର ଭୂତାଣୁ ମଧ୍ୟ ଗାଇଗୋରୁଙ୍କ ଶରୀରରେ ରୋଗର ଲକ୍ଷଣ ନ ଦେଖାଇ ବାହକ ଅବସ୍ଥାରେ ବହୁଦିନ ପର୍ଯ୍ୟନ୍ତ ରହିଥାଆନ୍ତି ଏବଂ ଅନ୍ୟ ଏକ ସୁସ୍ଥ ଗୋରୁର ସଂସ୍ପର୍ଶରେ ଆସିଲେ ଭୂତାଣୁ ରୋଗ ସୃଷ୍ଟି କରାନ୍ତି ।

**ରୋଗ ବ୍ୟାପେ କିପରି:** ଫାଟୁଆ ପ୍ରାଣୀମାନଙ୍କର ଏକ ସବୁଠାରୁ ବଡ଼ ଅନିଷ୍ଟକାରୀ ଏବଂ ଉଚ୍ଚ ସଂକ୍ରମିତ ରୋଗ ରୂପେ ଦେଖାଦେଇଥାଏ । ଏହି ରୋଗ ଖୁବ୍‌ଶୀଘ୍ର ଗୋଟିଏ ପ୍ରାଣୀରୁ ଆଉ ଗୋଟିଏ ପ୍ରାଣୀକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସହଜରେ ବ୍ୟାପି ଯାଇଥାଏ। ଭୂତାଣୁଗୁଡ଼ିକ ପାଟିର ଆବରଣ, ନାକ, ଆଖି କିମ୍ବା ଚର୍ମର ଖଣ୍ଡିଆ ବା କ୍ଷତର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ଶରୀରରେ ସହଜରେ ପ୍ରବେଶ କରି ରୋଗ ସୃଷ୍ଟି କରିଥାଏ । ରୋଗାକ୍ରାନ୍ତ ପ୍ରାଣୀଙ୍କ ଦେହର ଫୋଟକା, ପାଟିର ଲାଳ, ଦୁଗ୍ଧ, ଝାଡ଼ା, ପରିସ୍ରା ଓ ଗୋଡ଼ ଖୁରାର ବକଳାରେ ଏହି ରୋଗର ଭୂତାଣୁ ଭରପୂର ଥାଆନ୍ତି । ତେଣୁ ସୁସ୍ଥ ଗାଇଗୋରୁ ସଂକ୍ରମିତ ଗାଇଗୋରୁର ଉପରୋକ୍ତ ନିଷ୍କାସିତ ସଂସ୍ପର୍ଶରେ ପ୍ରତ୍ୟକ୍ଷ ଭାବେ ଆସିଲେ ଏହି ରୋଗ ସହଜରେ ବ୍ୟାପିଥାଏ । ଏହାକୁ ଡ୍ରପ୍‌ଲେଟ୍ ସଂକ୍ରମଣ କହନ୍ତି । ଏହି ରୋଗରୁ ଆରୋଗ୍ୟ ହେବା ପରେ ମଧ୍ୟ ଗାଇଗୋରୁ ଓ ମେଣ୍ଢାମାନଙ୍କର ଅଧିଜିହ୍ୱା, ପାଟିର ଉପର ତାଳୁ ଏବଂ ପାଟି ଭିତର ଫାରିଙ୍ଗସ୍ ବା ଅଧିଜିହ୍ୱାରେ ରୋଗର ଭୂତାଣୁମାନେ ବହୁଦିନ ପର୍ଯ୍ୟନ୍ତ ଶରୀରରେ ବାହକ ଅବସ୍ଥାରେ ରହିଥାନ୍ତି ଏବଂ ସୁସ୍ଥ ପ୍ରାଣୀମାନେ ଏହି ବାହକ ପ୍ରାଣୀମାନଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ଏହି ରୋଗ ବ୍ୟାପିବାର ସମ୍ଭାବନା ଥାଏ ।

**ପରୋକ୍ଷ ସଂସ୍ପର୍ଶ ଦ୍ୱାରା :** ଫାଟୁଆ ରୋଗ ବ୍ୟାପିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସୁସ୍ଥ ଗାଇଗୋରୁ ସଂକ୍ରମିତ ଗୋଚର ବା ଚାରଣ ଭୂମିରେ ଚରି ବୁଲିଲେ କିମ୍ବା ସଂକ୍ରମିତ ଖାଦ୍ୟପାଣି ସଂସ୍ପର୍ଶରେ ଆସିଲେ ଏହି ଭୂତାଣୁ ସହଜରେ ଶରୀରରେ ପ୍ରବେଶ କରି ରୋଗ ସୃଷ୍ଟିକରିଥାନ୍ତି। ପରୀକ୍ଷା କରି ଦେଖାଯାଇଛି ଯେ ଏହି ଭୂତାଣୁ ଗୁହାଳରେ ବ୍ୟବହୃତ ଜୋତା, ଦଉଡ଼ି, ଲୁଗାପଟା, ନଡ଼ା ବା କୁଟା, ଘାସ, ପ୍ରାଣୀମାନଙ୍କର ପଶମ ଓ ଲୋମ, ପକ୍ଷୀ ପରରେ ଅନେକ ଦିନ ଧରି ବଞ୍ଚି ରହିଥାନ୍ତି । ଉପଯୁକ୍ତ ଅନୁକୂଳ ଅବସ୍ଥାରେ ଏହି ଭୂତାଣୁଗୁଡ଼ିକ ବାୟୁ ବା ପବନ ସାହାଯ୍ୟରେ ସଂକ୍ରମିତ ସ୍ଥାନରୁ ୬୦ମାଇଲ୍‌ରୁ ଊର୍ଦ୍ଧ୍ୱ ଦୂରତା ପର୍ଯ୍ୟନ୍ତ ବ୍ୟାପି ଯାଇଥାଏ। ସର୍କସ ବା ଚିଡ଼ିଆଖାନାରେ ଖେଳ ପାଇଁ ବାହାରୁ ଆସିଥିବା ବିଭିନ୍ନ ବନ୍ୟଜନ୍ତୁଙ୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିବାରେ ଅନେକ ସହାୟତା କରିଥାଏ । ମୁଖ୍ୟତଃ ଏହି ଭୂତାଣୁମାନେ ଖାଦ୍ୟପେୟ କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ବାୟୁ ମାଧ୍ୟମରେ ଶରୀରରେ ପ୍ରବେଶ କରିଥାନ୍ତି ।



**ରୋଗ କିପରି ସୃଷ୍ଟି ହୁଏ :** ଭୂତାଣୁମାନେ ପ୍ରାଣୀଙ୍କ ଶରୀରରେ ବିଭିନ୍ନ ବାଟ ମାଧ୍ୟମ ଦେଇ ପ୍ରବେଶ କଲା ପରେ ଲସିକା ଗ୍ରନ୍ଥିରେ ବଂଶବୃଦ୍ଧି କରନ୍ତି । ତା'ପରେ ଭୂତାଣୁ ଲସିକା ଗ୍ରନ୍ଥିରୁ ଲସିକା ନଳୀ ଦେଇ ରକ୍ତରେ ମିଶି 'ଭାଇରେସିଆ' ଅବସ୍ଥା ସୃଷ୍ଟି କରେ । ଫଳରେ ଶରୀରର ଉତ୍ତାପ ବୃଦ୍ଧି ପାଏ । ରକ୍ତରୁ ଏହି ଭୂତାଣୁ ଶରୀରର ବିଭିନ୍ନ ଜୀବକୋଷରେ ପହଞ୍ଚି ବଂଶବୃଦ୍ଧି କରିବା ସଙ୍ଗେ ସଙ୍ଗେ ପାଟି ଭିତର, ପହ୍ନା ବା ଚିରର ଉପରିଭାଗ କିମ୍ବା ଖୁରାର ଲୋମବିହୀନ ମଝି ଅଂଶରେ ଲାଲ କ୍ଷୁଦ୍ର ଫୋଟକା ଧୀରେ ଧୀରେ ବଡ଼ ହୋଇ ଦୁଇ ତିନିଦିନ ମଧ୍ୟରେ ଫାଟିଯାଇ ପାଣି ବାହାରେ ଏବଂ ପରେ ଘା' ସୃଷ୍ଟି ହୁଏ । ପାଟିରେ ଘା' ବା କ୍ଷତ ସୃଷ୍ଟି ହେବା ପୂର୍ବରୁ ଲାଳଗ୍ରନ୍ଥିରେ ଭୂତାଣୁର ବଂଶ ବୃଦ୍ଧି ଘଟିଥାଏ । ଜିଭର ସଂକ୍ରମିତ ଉପର ସ୍ତର, ପାଟିର ଫୋଟକାରେ ଥିବା ପାଣି, ଲାଳ କିମ୍ବା ଖୁରାର ବକଳାରେ ପ୍ରତି ଏକ ମିଲିମିଟରରେ ଲକ୍ଷାଧିକ ଭୂତାଣୁ ଦେଖିବାକୁ ମିଳେ ।

**ଲକ୍ଷଣ :** ଏହି ରୋଗ ଆରମ୍ଭ ହେବାର ପ୍ରଥମ ଲକ୍ଷଣ ହେଉଛି – ଶାରୀରିକ ଉତ୍ତାପ ୧୦୪–୧୦୬ ଡିଗ୍ରୀ ଫାରେନ୍‌ହିଟ୍‌କୁ ବୃଦ୍ଧି ପାଇଥାଏ । ଗୋରୁମାନେ ଦୁର୍ବଳ ଦେଖାଯାଆନ୍ତି । ମୁହଁର ଥୋମଣି ଶୁଖିଲା ଦେଖାଯାଏ। ଖାଇବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ହଠାତ୍ ଗାଈଙ୍କର କ୍ଷୀର ଦେବା ବନ୍ଦ ହୋଇଯାଏ। ଖୁରା, ପାଟି, ପହ୍ନା ବା ଚିରରେ ବିଭିନ୍ନ ଆକୃତିର ଫୋଟକାମାନ ବାହାରିଥାଏ । ପାଟିର ବିଭିନ୍ନ ଅଂଶ ଯଥା – ଜିଭର ଉପରିଭାଗ, ଗାଲର ଭିତର ପଟ, ମାଢ଼ି ଓ ଓଠର ଭିତର ଅଂଶ ଏବଂ ଖୁରାର ମଝି ଅଂଶ ବିଶେଷଭାବେ ସଂକ୍ରମିତ ହୋଇ ଘା' ସୃଷ୍ଟି ହୁଏ । ଦୁଇ ବା ତିନିଦିନ ମଧ୍ୟରେ ଫୋଟକାଗୁଡ଼ିକ ଫାଟିଯାଇ ଘା'ରେ ପରିଣତ ହୁଏ । ପାଟିରୁ ଅତିମାତ୍ରାରେ ଲାଳ ବୋହିବାର ଦେଖାଯାଏ । ଖୁରା ଫୁଲିଯାଇ ଗରମ ଲାଗେ ଓ ଯନ୍ତ୍ରଣାଦାୟକ ହୁଏ । ଗାଇଗୋରୁ ଛୋଟାନ୍ତି ରୋଗର ଉତ୍କଟ ଅବସ୍ଥାରେ ୪ଦିନ ଏବଂ ମଧ୍ୟମ ଅବସ୍ଥାରେ ୭–୧୦ ଦିନ ପର୍ଯ୍ୟନ୍ତ ଲକ୍ଷଣ ପ୍ରକାଶ ପାଇଥାଏ । କିନ୍ତୁ ଉପଯୁକ୍ତ ଯତ୍ନର ଅଭାବ ଏବଂ ରୋଗର ଶିଥିଳ ଅବସ୍ଥାରେ ଫାଟୁଆ ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ମାସ ମାସ ଧରି ସମୟ ଲାଗେ ଓ ଘା'ରେ ପୋକ ସୃଷ୍ଟି ହୁଏ । (କ୍ରମଶଃ...)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ମୋ : ୯୪୩୭୬୦୭୩୧୨

## ଅଳ୍ପରେ



**ଲଙ୍କା :** ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।



**ଫୁଲକୋବି :** ଫୁଲକୋବି ଫସଲରେ ଶୁଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ଏକ ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।



**ସୋରିଷ:** ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିଷାନ୍, ପୁଷା ମସ୍ତାର୍ଡ–୨୫ ଓ ୨୭, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନ କରି ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗ କରି କୋଡ଼ାଖୁସା କରନ୍ତୁ ।

## ମାଛ ଯାଆଁଳଙ୍କ ପାଇଁ ଖାଦ୍ୟ



ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀରେ ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ। ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ । ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏ ରଖନ୍ତୁ । ଏପରି ଦୁଇରୁ ତିନିଦିନ କରିବେ। ପଚା ଘା' ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।

# ଆଖୁ କିଆରିରେ ଅଗବିନ୍ଧା ପୋକ ଦମନ



**ଆ**ଖୁ କିଆରିରେ ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩–୪ ଥର ଛାଡନ୍ତୁ । ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କ୍ୱିନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ। ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଲିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।

## ଡାଲିଜାତୀୟ ଫସଲ ଚାଷ କରୁଥିଲେ...



ଏକ କି.ଗ୍ରା. ଡାଲିଜାତୀୟ ବିହନ ପିଛା କାର୍ବୋକ୍ସିନ୍ ୩୭.୫% ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ଔଷଧ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।



# ଖରିଫ ଧାନ ଅମଳ ସମୟରେ...

**ଖ**ରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩–୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ୍।

ଅନ୍ୟପକ୍ଷରେ ଡାଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ସଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଢା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

**ବିହନ କିସମ :** ସହଳ – ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ –ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଳିବା ନିମନ୍ତେ ନାଳିମାନ ରଖନ୍ତୁ । ଏହାଦ୍ୱାରା ମଧ୍ୟ ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।

ଧରିତ୍ରୀ 52 Years

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୭/୨୦୨୫ Bhubaneswar, Wednesday, December 17/ 2025


# ସୂର୍ଯ୍ୟକୁମାର, ଗିଲ୍‌ଙ୍କ ଉପରେ ନଜର

**ଲକ୍ଷ୍ନୌ,୧୬।୧୨(ପି.ଟି.)**

ବୁଧବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଖେଳାଯିବ। ସିରିଜ୍‌ରେ ୨-୧ରେ ଆଗୁଆ ଥିବା ଭାରତୀୟ ଦଳ ଏହି ମ୍ୟାଚ୍‌କୁ ଜିତି ସିରିଜ୍ ଜିତିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଅନ୍ୟପକ୍ଷରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଚତୁର୍ଥ ମ୍ୟାଚ୍‌କୁ ଜିତି ସିରିଜ୍‌କୁ ବରାବର କରିବା ଲକ୍ଷ୍ୟରେ ରହିଛି। ଗତ ସିରିଜ୍‌ରେ ଶୁବମନ ଗିଲ୍ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଖରାପ ପ୍ରଦର୍ଶନ ଚର୍ଚ୍ଚାରେ ବିଷୟ ପାଲଟିଛି। ଏଣୁ ଏହି ଦୁଇଜଣଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ।

ତୃତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଦ୍ୱାରା ଧାର୍ଯ୍ୟ ୧୧୮ ରନ୍ ଟାର୍ଗେଟ୍‌ର ପିଛା କରୁଥିବା ବେଳେ ସୂର୍ଯ୍ୟଙ୍କ ନିକଟରେ ଫର୍ମକୁ ଫେରିବାର ସୁଯୋଗ ଥିଲା। ହେଲେ ସେ ବିଫଳ ହୋଇଥିଲେ। ଏପରିକି ସେ ଫାଇନ୍ ଲେଗ୍ ଅଞ୍ଚଳରେ ତାଙ୍କର ଟ୍ରେଡ୍‌ମାର୍କ ଶଟ୍ ମାରିବାରେ ମଧ୍ୟ ବିଫଳ ହୋଇଥିଲେ। ଖରାପ ଫର୍ମ ସମ୍ପର୍କରେ ସୂର୍ଯ୍ୟ କହିଛନ୍ତି, ମୁଁ ନେଟ୍ସରେ ଖୁବ୍ ସୁନ୍ଦର ବ୍ୟାଟିଂ କରୁଛି। ମୋ ନିୟନ୍ତ୍ରଣରେ ଯାହା ଅଛି, ମୁଁ ତାହା କରିବାକୁ ଉଦ୍ୟମ କରୁଛି। ଯେତେବେଳେ ରନ୍ ଆସିବାର ଥିବ ନିଶ୍ଚିତ ଆସିବ। ମୁଁ ଖରାପ ଫର୍ମରେ ନାହିଁ। କିନ୍ତୁ ମୁଁ ରନ୍ କରିପାରୁନାହିଁ। ତେବେ ଗତ ଏକବର୍ଷ ହେଲା ତାଙ୍କ ପ୍ରଦର୍ଶନ ଚିନ୍ତାଜନକ ରହିଛି। ଚଳିତ ସିଜନରେ ଟି୨୦ ଫର୍ମାଟ୍‌ରେ ଭାରତୀୟ ଅଧିନାୟକଙ୍କ ଆଭରେଜ୍ ୧୫ରୁ କମ୍ ରହିଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ସେ ଗୋଟିଏହେଲେ ଅର୍ଦ୍ଧଶତକ କରିନାହାନ୍ତି। ୧୨ ମାସ ମଧ୍ୟରେ ସେ କେବଳ ୨ଥର ୨୦ରୁ ଅଧିକ ବଲ୍ ଖେଳିପାରିଛନ୍ତି। ଟି୨୦ ବିଶ୍ୱକପ୍‌କୁ ଦୁଇମାସରୁ କମ୍ ସମୟ ରହିଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଟିମ୍ ଇଣ୍ଡିଆ ପାଇଁ ଅଧିନାୟକ ଓ ମୁଖ୍ୟ ବ୍ୟାଟର ଗିଲ୍ ଫର୍ମକୁ ଫେରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଉପଅଧିନାୟକ ଗିଲ୍ ଖରାପ ଫର୍ମ ସହ ସଂଘର୍ଷ କରୁଛନ୍ତି। ତାଙ୍କ ଉପସ୍ଥିତି ଯୋଗୁ ଟପ୍ ଅର୍ଡର ଅସ୍ଥିର ହୋଇପଡ଼ିଛି। ଗିଲ୍ ଓପ୍‌ନର ଭାବେ ନିଜ ସ୍ଥାନ ପକ୍କା କରିଥିବା ସଞ୍ଜୁ ସାମ୍‌ସନଙ୍କ ବଦଳରେ ଖେଳୁଛନ୍ତି। ପ୍ରଥମେ ସାମ୍‌ସନଙ୍କୁ ମିଡଲ ଅର୍ଡରରେ ଖେଳାଯିବା ପରେ ଏବେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଉନାହିଁ। ଗିଲ୍ ଟେଷ୍ଟ ଓ ଦିନିକିଆରେ ଜବରଦସ୍ତ ପ୍ରଦର୍ଶନ କରିଥିବା ବେଳେ ଅନ୍ତର୍ଜାତୀୟ ଟି୨୦ରେ ତାଙ୍କ ପ୍ରଦର୍ଶନ ଭଲ ନାହିଁ। ଧର୍ମଶାଳାର ଲୋ ସ୍କୋରିଂ ମ୍ୟାଚ୍‌ରେ ସେ ୨୮ ବଲ୍‌ରେ ୨୮ ରନ୍ କରିବାକୁ ସକ୍ଷମ ହୋଇଥିଲେ।



କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ।

**ଆଜି ଭାରତ-ଦକ୍ଷିଣ ଆଫ୍ରିକା ଚତୁର୍ଥ ଟି୨୦**

ଅକ୍ଷର ପଟେଲଙ୍କ ଅସୁସ୍ଥତା ଯୋଗୁ ସାହବାଜ ନଦିମ୍‌ଙ୍କୁ ଦଳରେ ସାମିଲ କରାଯାଇଛି। କିନ୍ତୁ ନଦିମ୍‌ଙ୍କ ଉପସ୍ଥିତି ସତ୍ତ୍ୱେ କୁଲଦୀପ ଯାଦବଙ୍କୁ ଖେଳିବା ସୁଯୋଗ ମିଳିବାର ବିଶେଷ ସମ୍ଭାବନା ରହିଛି। ବ୍ୟକ୍ତିଗତ କାରଣରୁ ଗତ ମ୍ୟାଚ୍‌ରେ ଖେଳି ନ ଥିବା ଯଶପ୍ରୀତ ବୁମ୍‌ରାଙ୍କ ଉପଲବ୍ଧତାକୁ ନେଇ ଅନିଶ୍ଚିତତା ରହିଛି। ତାଙ୍କ ଅନୁପସ୍ଥିତିରେ ଅର୍ଶଦୀପ ସିଂ ଓ ହର୍ଷିତ ରାଣା ନୂଆ ବଲରେ ଭଲ ବୋଲିଂ କରିଥିଲେ।

ଅନ୍ୟପକ୍ଷରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳକୁ ଜିତିବା ପାଇଁ ଖେଳାଳିଙ୍କଠାରୁ ସ୍ଥିର ପ୍ରଦର୍ଶନର ଆବଶ୍ୟକତା ରହିଛି। ଗତବର୍ଷ ଜୁନ୍‌ରେ ଟି୨୦ ବିଶ୍ୱକପ୍ ଫାଇନାଲ ପରଠାରୁ ଦକ୍ଷିଣ ଆଫ୍ରିକା ୨୮ରୁ ୧୮ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ପରାଜିତ ହୋଇଛି, ଯାହାକି ଦଳର ଅସ୍ଥିର ପ୍ରଦର୍ଶନକୁ ଦର୍ଶାଉଛି। ଦଳରେ ଲଗାତର ପରିବର୍ତ୍ତନ କାରଣରୁ ଖେଳାଳିଙ୍କୁ ରିଦିମ୍ ଫେରିପାଇବାକୁ ସମୟ ଲାଗୁଛି। ଗତ ସଂସ୍କରଣର ରନରଅପ୍ ପାଖରେ ଟି୨୦ ବିଶ୍ୱକପ୍ ପାଇଁ ଚୂଡ଼ାନ୍ତ ଏକାଦଶ ନିର୍ଣ୍ଣୟ କରିବା ଲାଗି ଆଉ ୫ଟି ମ୍ୟାଚ୍ ରହିଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ତିଲକ ବର୍ମା, ହାର୍ଦ୍ଦିକ୍ ପାଣ୍ଡ୍ୟା, ଶିବମ ଦୁବେ, ଜିତେଶ ଶର୍ମା(ଉଇକେଟ୍‌କିପର), ହର୍ଷିତ ରାଣା, ଅର୍ଶଦୀପ ସିଂ, ବରୁନ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରମ(ଅଧିନାୟକ), କ୍ୱିଣ୍ଟନ ଡି କକ୍(ଉଇକେଟ୍‌କିପର), ରିଜା ହେଣ୍ଡରିକ୍ସ, ଡେୱାଲ୍ଡ ବ୍ରେଭିସ, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ୍ ମିଲର, ମାର୍କୋ ଜାନସେନ, କର୍ବିନ ବୋଷ୍ଟ, ଲୁଙ୍ଗି ଏନ୍‌ଗିଡି, କେଶବ ମହାରାଜ, ଓଟନିଲ ବାର୍ଟମାନ/ଅନ୍‌ରିଚ ନର୍କିଆ।

# ବିଜୟ ସହ ଓଡ଼ିଶାର ଅଭିଯାନ



ଅତିଥିଙ୍କ ଗହଣରେ ଓଡ଼ିଶା ଜୁନିୟର ଭଲିବଲ ଦଳ।

**ଜାତୀୟ ଜୁନିୟର ଭଲିବଲ**

**ଭୁବନେଶ୍ୱର, ୧୬।୧୨ (ତପନ ସ୍ୱାଇଁ)**

ରାଜସ୍ଥାନର ଝୁନଝୁନୁଠାରେ ୪୯ତମ ଜାତୀୟ ଜୁନିୟର ଭଲିବଲ ଚାମ୍ପିୟନଶିପ୍ ମଙ୍ଗଳବାର ଆରମ୍ଭ ହୋଇଛି। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ବାଳିକା ଓ ବାଳକ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ବାଳିକା ବର୍ଗରେ ଓଡ଼ିଶା ଦଳ ୩-୦ (୨୫-୧୩, ୨୫-୬, ୨୫-୩)ରେ ଲଦାଖକୁ ପରାସ୍ତ କରିଛି। ସେହିପରି ଓଡ଼ିଶା ବାଳକ ଦଳ ୩-୦ (୨୫-୧୮, ୨୫-୧୫, ୨୫-୧୪)ରେ ଦାଦ୍ରା ଆଣ୍ଡ ନଗର ହାଭେଲିକୁ ହରାଇଛି। ପ୍ରଭାବୀ ପ୍ରଦର୍ଶନ ସହ ବିଜୟ ଅଭିଯାନ ଆରମ୍ଭ କରିଥିବାରୁ ବାଳିକା ଓ ବାଳକ ଦଳକୁ ଓଡ଼ିଶା ଭଲିବଲ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

ଓଡ଼ିଶା ବାଳିକା ଦଳ: ଶ୍ରୀବିଦ୍ୟା ଦାଶ (ଅଧିନାୟିକା), ଲିମା ସାହୁ, ଦେବସ୍ମିତା ଭଞ୍ଜ, ତୃପ୍ତିରେଖା ସାହୁ, ଅର୍ପିତା ଅପରାଜିତ ସାହୁ, ମାମି ଗୋଛାୟତ, ଦିବାନୀ ମାଝି, ତ୍ରିପୁରା ମାଝି, ପ୍ରଞ୍ଜଲ ରାଉତରାୟ, ଦୀପାଞ୍ଜଳି ସାହୁଆ, ସ୍ୱପ୍ନା ଦାସ, ପ୍ରିୟଙ୍କା ଜେନା। ମୁଖ୍ୟ କୋଚ୍: ବିଶ୍ୱଜିତ ଦାସ, ସହକାରୀ କୋଚ୍: ମଧୁସ୍ମିତା ସାହୁ। ଓଡ଼ିଶା ବାଳକ ଦଳ: ମନୋଜ ଦାସ (ଅଧିନାୟକ), ମୃତ୍ୟୁଞ୍ଜୟ ସାହୁ, ଦେବାଶିଷ ଜେନା, ଆୟୁଷ୍ମାନ ମହାପାତ୍ର, କାହ୍ନା ନାଏକ, ତୋଫାନ କିସାନ, ଚନ୍ଦନ ନାୟକ, ବିଜୟ ସୋରି, ଶାନ୍ତନୁ ବେହେରା, ମୋସେ ଖରା, ଆଲୋକ ରଞ୍ଜନ ନାଏକ, ଚନ୍ଦନ ରାଉତ। ମୁଖ୍ୟ କୋଚ୍ ରମେଶ ଚନ୍ଦ୍ର ଓଝା।

# ପଦକ ବିଜେତା କିଟ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା




ଅଚ୍ୟୁତ ସାମନ୍ତଙ୍କ ସହ ସମ୍ବର୍ଦ୍ଧିତ କିଟ୍ କ୍ରୀଡ଼ାବିତ୍।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

**ଭୁବନେଶ୍ୱର, ୧୬।୧୨(ତପନ ସ୍ୱାଇଁ)**

ରାଜସ୍ଥାନରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କ୍ରୀଡ଼ା ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୮ ବ୍ରୋଞ୍ଜ୍ ସମେତ ମୋଟ ୨୧ଟି ପଦକ ହାସଲ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ ଏବଂ ଦଳଗତ ସ୍ୱର୍ଣ୍ଣ ବିଜେତାଙ୍କୁ ୧ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୭୫ ହଜାର ଏବଂ ବ୍ରୋଞ୍ଜ୍ ପଦକ ବିଜେତାଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। "ଏହା କେବଳ କିଟ୍ ଓ କିସ୍ ପାଇଁ ନୁହେଁ, ସମଗ୍ର ଓଡ଼ିଶା ଲାଗି ଗର୍ବ ଓ ଗୌରବର ବିଷୟ। କିଟ୍ ସର୍ବଦା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଦେଇଆସୁଛି। ଆଗାମୀ ଦିନରେ କିଟ୍ ଓ କିସ୍‌ର କ୍ରୀଡ଼ାବିତ୍‌ମାନେ ଅଲିମ୍ପିକ୍ସରେ ପଦକ ହାସଲ କରିବେ" ବୋଲି ଅଚ୍ୟୁତ ଏହି ଅବସରରେ ପ୍ରକାଶ କରିଛନ୍ତି। ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ମୋଟ୍ ୩ଟି ମିଟ୍ ରେକର୍ଡ ସହ କିଟ୍ ଭାରତର ୨୨୨ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୭ମ ସ୍ଥାନରେ ରହିପାରିଛି। ଏହି ପ୍ରତିଯୋଗିତାରେ କିଟ୍ ପୁରୁଷ ଟେନିସ୍ ଦଳ, ପୁରୁଷ ଓ ମହିଳା ରଗ୍‌ବୀ ଦଳ, ମହିଳା ହକି ଦଳ, ପୁରୁଷ ୪x୧୦୦ ମିଟର ରିଲେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ମହିଳା ସନ୍ତରଣରେ କିଟ୍ ବିଶ୍ୱବିଦ୍ୟାଳୟ ଦଳଗତ ଭାବେ ୧୦ଟି ପଦକ ସହ ପ୍ରଥମ ରନରଅପ୍ ହୋଇଛି। ସେହିପରି ମହିଳା ଭାରୋତ୍ତୋଳନରେ କିଟ୍ ଛାତ୍ରୀ ମାଗାନ୍ତି କୀର୍ତ୍ତି, ପୁରୁଷ ଶଟ୍‌ପୁଟ୍‌ରେ ସନ୍ଦୀପ୍ ସିଂ ଗିଲ, ମହିଳା ହେପ୍ଟାଥଲନ୍‌ରେ ଇଶା ନେଗି, ମହିଳା ସାଇକ୍ଲିଂରେ ଖୁଇରାମ ରେଜିଆ ଦେବୀ, ମହିଳା ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ରିଦ୍ଧିକା ମିତାପଲ୍ଲୀ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲକରି ଗୌରବ ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଓ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ନର୍ଥ ଆମେରିକା ଓପନ୍ ଚେସ୍‌ରେ ଭାଗନେବେ ସୌମ୍ୟ

**ଭୁବନେଶ୍ୱର, ୧୬।୧୨(ତପନ ସ୍ୱାଇଁ)**



ଲସ୍‌ଭେଗାସ୍‌ଠାରେ ୩୫ତମ ନର୍ଥ ଆମେରିକା ଓପନ୍ ଚେସ୍ ଚାମ୍ପିୟନଶିପ୍ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟ ପୂର୍ବରୁ ସୌମ୍ୟ କାଲିଫର୍ନିଆର ସାକ୍ରାମେଣ୍ଟୋଠାରେ ଏକ ଅନ୍ତର୍ଜାତୀୟ ରେଟିଂ ଟୁର୍ନାମେଣ୍ଟରେ ଖେଳିବା କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତା ଚଳିତ ମାସ ୧୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଦୁଇ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସମର୍ଥନ କରିଥିବାରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ତାଙ୍କ ନିଯୁକ୍ତି ସଂସ୍ଥା ପୋଷ୍ଟାଲ ବିଭାଗକୁ ସୌମ୍ୟ ଧନ୍ୟବାଦ ଜଣାଇଛନ୍ତି।

# ସପ୍ନା ଗିଲ୍‌ଙ୍କ ନିର୍ଯାତନା ଅଭିଯୋଗକୁ ଶ'ଙ୍କ ଖଣ୍ଡନ

**ମୁମ୍ବାଇ,୧୬।୧୨(ପି.ଟି.)**

ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସପ୍ନା ଗିଲ୍ ଆଣିଥିବା ନିର୍ଯାତନା ଅଭିଯୋଗକୁ ଭାରତୀୟ କ୍ରିକେଟର ପୃଥ୍ୱୀ ଶ' ମଙ୍ଗଳବାର ଖଣ୍ଡନ କରିବା ସହ ଭିତ୍ତିହୀନ କହିଛନ୍ତି। ଏପରିକି ସର୍ବସାଧାରଣରେ ତାଙ୍କ ଛବିକୁ ମଳିନ କରିବା ଓ ଶସ୍ତା ଲୋକପ୍ରିୟତା ହାସଲ ଉଦ୍ଦେଶ୍ୟ ସହିତ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ଦାବି କରିଛନ୍ତି।

ଏକ ସବ୍‌ର୍ବନ ହୋଟେଲରେ ସେଲ୍‌ଫି ଉଠାଇବାକୁ ନେଇ ଶ'ଙ୍କ ସହ ଯୁକ୍ତିତର୍କ ଓ ପରେ ତାଙ୍କୁ ଆକ୍ରମଣ କରିବା ଘଟଣାରେ ସପ୍ନାଙ୍କୁ ୨୦୨୩ ଫେବୃଆରୀରେ ଗିରଫ କରାଯାଇଥିଲା। ଜାମିନ ପାଇବା ପରେ ସପ୍ନା ଅନ୍ଧେରୀସ୍ଥିତ ଏୟାରପୋର୍ଟ ଥାନାରେ ଶ', ତାଙ୍କ ବନ୍ଧୁ ଆଶିଷ ଯାଦବ ଓ ଅନ୍ୟମାନଙ୍କ ନାମରେ ନିର୍ଯାତନା ଓ ମର୍ଯ୍ୟାଦାହାନି ଭଳି ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଏଫ୍ଆଇଆର୍ ରୁଜୁ କରି ନ ଥିଲା। ଏଥିଯୋଗୁ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶ ଲାଗି ସପ୍ନା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାଜିଷ୍ଟ୍ରେଟ୍ ଫୌଜଦାରି କାର୍ଯ୍ୟବିଧି ସଂହିତାର ୨୦୨ ଧାରା ଅଧୀନରେ ପୋଲିସକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ଗିଲ ସେସନ୍ସ କୋର୍ଟରେ ୨୦୨୪ ଏପ୍ରିଲରେ ଓକିଲ ଅଲୀ କାଶିଫ ଖାନ୍‌ଙ୍କ ଜରିଆରେ ଏକ ଆବେଦନ କରିଥିଲେ। ଅନେକଥର ବିଫଳ ହେବା ପରେ ଶ' ମଙ୍ଗଳବାର ନିଜ ପକ୍ଷ ରଖିଛନ୍ତି। ସେ ଉତ୍ତରରେ ଦର୍ଶାଇଛନ୍ତି, ୨୦୨୩ରେ ଏକ ପବ୍‌ରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବା ପରେ ବ୍ୟକ୍ତିଗତ ପ୍ରତିଶୋଧ ଉଦ୍ଦେଶ୍ୟ ସହିତ ସପ୍ନା ମହିଳା କାର୍ଡ ଖେଳୁଛନ୍ତି। ବର୍ତ୍ତମାନ କରାଯାଇଥିବା ଆପରାଧିକ ଆବେଦନ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଏଥିରେ କୌଣସି ସତ୍ୟତା ନାହିଁ। ମୋତେ ବଦ୍‌ନାମ କରିବା ଉଦ୍ଦେଶ୍ୟରେ ଏହି ମାମଲା ଦାଏର କରାଯାଇଛି।

# ଓଡ଼ିଶା ଜୁନିୟର ଫେନ୍‌ସିଂ ଦଳର ପ୍ରଶିକ୍ଷଣ ଆରମ୍ଭ

**ଭୁବନେଶ୍ୱର, ୧୬।୧୨(ତପନ ସ୍ୱାଇଁ)**

ଜାତୀୟ ଜୁନିୟର ଫେନ୍‌ସିଂ ପ୍ରତିଯୋଗିତା ଆସନ୍ତା ଜାନୁଆରୀ ୫ରୁ ୧୦ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଫେନ୍‌ସିଂ ହଲ୍‌ଠାରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୬ ଦିନ ଧରି ଚାଲିବ। ମୋଟ ୩୦ ଖେଳାଳି ଏହି ଶିବିରରେ ରହିବେ ଏବଂ ୭ ଜଣ କୋଚ୍ ତାଲିମ୍ ପ୍ରଦାନ କରିବେ। ପ୍ରଦର୍ଶନ ଭିତ୍ତିରେ ୨୪ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ କରାଯିବ ବୋଲି ସଂଘ ରାଜ୍ୟ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି । ବଲାଙ୍ଗୀର ଅତିରିକ୍ତ ଏସ୍.ପି. ଗୁଣନିଧି ମଲିକ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଫେନ୍‌ସିଂ କୋଚ୍ ଅନ୍ୱେଷା ରାଉତ, ରୋଶନ ସାହୁ, ଜ୍ୟୋତିରଞ୍ଜନ ଠାକୁର, ସୁକାନ୍ତ ସେଠ୍, କରିଷ୍ମା ରାଉତ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସୁଭଦ୍ରା ବେହେରା, ବୁଦ୍ଧିରାଜ ବିଶ୍ୱାଳ, ସସ୍ମିତା ଗଡ଼ତିଆ, ଜିତେନ୍ଦ୍ର ନାଏକ, କରୁଣାକର ନାଏକ, ବିଭୂତି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ପୁରୁଷ ହ୍ୟାଣ୍ଡବଲ ଦଳ ବିଜୟୀ

**ଭୁବନେଶ୍ୱର, ୧୬।୧୨(ତପନ ସ୍ୱାଇଁ)**

ପଶ୍ଚିମବଙ୍ଗ ହୁଗୁଳି ଜିଲା ଚିନସୁରାଠାରେ ଚାଲିଥିବା ୫୪ତମ ଜାତୀୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଓଡ଼ିଶା ବିଜୟ ସହ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ହିମାଞ୍ଚଳ ପ୍ରଦେଶକୁ ୨୮-୨୦ ଗୋଲରେ ପରାସ୍ତ କରିଛି। ଓଡ଼ିଶା ଏହାର ପରବର୍ତ୍ତୀ ୨ ମ୍ୟାଚ୍ ଝାଡ଼ଖଣ୍ଡ ଓ ଛତିଶଗଡ଼ ସହିତ ଖେଳିବ।

# ମାଲେସିଆକୁ ୩୧୫ ରନରେ ହରାଇଲା ଭାରତ

**ଅଭିଜ୍ଞାନଙ୍କ ଦ୍ୱିଶତକ**

**ଦୁବାଇ, ୧୬।୧୨ (ପି.ଟି.)**

ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚରେ ମାଲେସିଆକୁ ୩୧୫ରନରେ ପରାସ୍ତ କରିଛି। ଅଭିଜ୍ଞାନ କୁଣ୍ଡୁ (୨୦୯*)ଙ୍କ ଅପରାଜିତ ଦ୍ୱିଶତକ ଏବଂ ଦୀପେଶ ଦେବେନ୍ଦ୍ରନ (୫/୨୨)ଙ୍କ ୫ ଉଇକେଟ ସଫଳତାକୁ ପାଥେୟ କରି ଭାରତ ଏହି ବଡ଼ ବିଜୟ ହାସଲ କରିଛି। ୟୁଥ୍ ଅନ୍ତର୍ଜାତୀୟ ଦିନିକିଆରେ ଭାରତର ଏହା ହେଉଛି ଦ୍ୱିତୀୟ ବୃହତ୍ ବିଜୟ। ପୂର୍ବରୁ ୨୦୨୨ରେ ଭାରତ ୩୨୬ରନରେ ଉଗାଣ୍ଡାକୁ ପରାସ୍ତ କରିଥିଲା। କୁଣ୍ଡୁ ୟୁଥ୍ ଅନ୍ତର୍ଜାତୀୟ ଦିନିକିଆରେ ଜଣେ ଭାରତୀୟ ଖେଳାଳି ହିସାବରେ ପ୍ରଥମ ଦ୍ୱିଶତକ ହାସଲ କରି ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ତାଙ୍କ ବିସ୍ଫୋରକ ଦ୍ୱିଶତକୀୟ ଇନିଂସରେ ୧୨୫ ବଲ୍‌ର ସମ୍ମୁଖୀନ ହୋଇ ୧୭ ଚୌକା ଓ ୯ ଛକା ଲଗାଇଥିଲେ। ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟରେ ବିପୁଳ ୪୦୮ ରନ ସଂଗ୍ରହ କରିଥିଲା। ଭାରତର ଦୁଇ ବୋଲର କିଶାନ ସିଂ ଓ ଉଦ୍ଧବ ମୋହନ ଗୋଟିଏ ଲେଖାଏଁ ଉଇକେଟ ନେଇ ମାଲେସିଆକୁ ପ୍ରାରମ୍ଭିକ ଧକ୍କା ଦେଇଥିଲେ। ହାମ୍‌ଜା ପାଙ୍ଗି (୩୫)ଙ୍କ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ମାଲେସିଆ ୩୨.୧ଓଭରରେ ୯୩ ରନରେ ଅଲଆଉଟ ହୋଇଯାଇଥିଲା।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ